

## ବାପା ହେଲେ ସୂର୍ଯ୍ୟ କୁମାର

▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-309 ♦FRIDAY ♦08 MAY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୦୯ ♦ଶୁକ୍ରବାର ♦୦୮ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




# ଆଇନକୁ ଡର ନାହିଁ

## ରାଜରାସ୍ତାରେ ଯୁବତୀଙ୍କୁ ବିବସ୍ତ୍ର ଉଦ୍ୟମ

# କନେଷ୍ଟବଲଙ୍କୁ ପିଟିପିଟି ହତ୍ୟା

■ ଭୁବନେଶ୍ୱର, ୭।୫(ସମିସ): ଗାଡ଼ି ଧକ୍କା ପରେ ରାଜରାସ୍ତାରେ ଜଣେ ଯୁବତୀଙ୍କୁ ବିବସ୍ତ୍ର କରିବାକୁ ଉଦ୍ୟମକୁ ନେଇ ଉତ୍ତ୍ୟକ୍ତ ଲୋକଙ୍କ ନିସ୍ତୁକ ମାଡ଼ରେ ଜଣେ ଜିଆରପି କନେଷ୍ଟବଲଙ୍କ ମୃତ୍ୟୁ ଘଟଣା ରାଜଧାନୀକୁ ସ୍ତମ୍ଭୀଭୂତ କରିଛି। କଣାସରେ ମାଛକଟା ପନିକିରେ ଜଣେ ଯୁବକଙ୍କୁ ହାଣି ତାଙ୍କ ଉପରେ ଗାଡ଼ି ମଡ଼ାଇଦେବା, ନ୍ୟାୟ ପାଇଁ ସ୍ୱାମୀ ଘର ଦୁଆରେ ଧାରଣା ଦେଇଥିବା ଜଣେ ଗର୍ଭବତୀଙ୍କୁ ତାଙ୍କର ୩ ବର୍ଷର ଛୁଆ ଆଗରେ ନିର୍ମମ ହତ୍ୟା ଓ ଆଜି ରାଜଧାନୀ ଉପାନ୍ତରେ ଘଟିଥିବା ଏହି ଘଟଣା ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ସୃଷ୍ଟି କରିଛି ପ୍ରଶ୍ନବାଚୀ । ଗୋଟିଏ ସପ୍ତାହ ମଧ୍ୟରେ ତିନି ତିନିଟି ଜଘନ୍ୟ ଘଟଣା ଲୋକଙ୍କ ମନରେ ଆଇନ ଓ ପୁଲିସ ପ୍ରତି ଭୟ ନ ଥିବା ପ୍ରମାଣିତ କରିଛି। ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର



**ଚାରି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ**

**ଆଇନ ବ୍ୟବସ୍ଥାକୁ ଉପହାସ; ୭ ଦିନରେ ତିନିଟି ଘଟଣା**

**ଡିଜିଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ରାମଚନ୍ଦ୍ରପୁର ବ୍ରିଜ ନିକଟରେ ରାସ୍ତାରେ ଏକ ସ୍କୁଟିରେ ଯାଉଥିବା ଦୁଇ ଯୁବତୀଙ୍କୁ ଧକ୍କା ଦେବା ପରେ ସେମାନଙ୍କୁ ନିସ୍ତୁକ ପିଟିବା ଓ ରାସ୍ତା ଉପରେ ଜଣେ ଯୁବତୀଙ୍କୁ ବିବସ୍ତ୍ର କରିବାକୁ ଉଦ୍ୟମ କରିବା ଯେତିକି ସ୍ପର୍ଶକାତର; ଉତ୍ତ୍ୟକ୍ତ ଲୋକମାନେ ସମ୍ପୃକ୍ତ ଦୁଇ ଯୁବକଙ୍କୁ ବାଉଁଶରେ ଝୁଲାଇ ନିସ୍ତୁକ ପିଟିବା ଅନୁରୂପ ବର୍ବରତା ବୋଲି କୁହାଯାଉଛି। ଯୁବକଜଣକ ଜିଆର୍‌ପି କନେଷ୍ଟବଲ ସୌମ୍ୟରଞ୍ଜନ ସ୍ୱାଇଁ ଓ ସେ ଏକ ଜିମ୍ ଚଳାଉଥିଲେ। ଲୋକଙ୍କ ମାଡ଼ରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି ଓ ସେ କ୍ୟାପିଟାଲ ଡାକ୍ତରଖାନାରେ ▸ପୃଷ୍ଠା-୭

## ସରକାର ଅସହାୟ କାହିଁକି: ନବୀନ



**ଅପରାଧୀଙ୍କ ଆଗରେ ପୁଲିସ ପ୍ରଶାସନ ଏତେ ବିବଶ କାହିଁକି**

**ବଡ଼ ବଡ଼ ଭାଷଣ ଓ ମିଛ ବାହାସ୍ଫୋଟରେ ସରକାର ଚାଲେନି**

■ ଭୁବନେଶ୍ୱର, ୭।୫ (ସମିସ): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଜଣେ ଯୁବକକୁ ପିଟିପିଟି ସର୍ବସମ୍ମୁଖରେ ହତ୍ୟା କରାଯିବା ଘଟଣା ଅତ୍ୟନ୍ତ ବର୍ବର। ରାଜ୍ୟ ରାଜଧାନୀ ନିକଟରେ ଏପରି ଜଘନ୍ୟ ଘଟଣା ଘଟୁଥିଲେ ବି ସରକାରଙ୍କ ଅସମ୍ଭବ ନୀରବତା ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି କହିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ।

ସାମାଜିକ ଗଣମାଧ୍ୟମ ଏକ୍ସରେ କ୍ଷୋଭ ପ୍ରକାଶ କରି ନବୀନ କହିଛନ୍ତି ଯେ ପୁଲିସ ଉପସ୍ଥିତିରେ ଯଦି ଏପରି ଘଟଣା ଘଟୁଛି, ତେବେ ଲୋକେ କାହାକୁ ସୁରକ୍ଷା ମାଗିବେ? ଅପରାଧୀଙ୍କ ଆଗରେ ପୁଲିସ ▸ପୃଷ୍ଠା-୭

## ୧୧ ସୁଦ୍ଧା ଲଘୁଚାପ

### ଗୋଟିଏ ମଡେଲରେ ବାତ୍ୟା ପୂର୍ବାନୁମାନ

■ ଭୁବନେଶ୍ୱର, ୭।୫ (ସମିସ): ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ୧୧ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବ। ମାତ୍ର ଲଘୁଚାପ ଓ ବାତ୍ୟାକୁ ନେଇ ବିଭିନ୍ନ ପାଣିପାଗ ସଂସ୍ଥା ଓ ପାଣିପାଗ ବିଜ୍ଞାନୀମାନେ ଭିନ୍ନଭିନ୍ନ ଆକଳନ କରିଛନ୍ତି। ଇସିଏମଡବ୍ଲ୍ୟୁଏଫ୍ ମଡେଲ ଅନୁସାରେ ଆସନ୍ତା ୧୦ କିମ୍ବା ୧୧ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମରୁ ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଦୁର୍ବଳରୁ ମଧ୍ୟମ ଧରଣର ଲଘୁଚାପ ସୃଷ୍ଟି ହେବାର ସଙ୍କେତ ମିଳୁଛି। ସେହିପରି ଅନ୍ୟ ପାଣିପାଗ ବିଜ୍ଞାନୀମାନେ ଲଘୁଚାପ ଜନିତ ବାତ୍ୟା ଆସିପାରେ ବୋଲି ଆକଳନ କରିଛନ୍ତି। ମାତ୍ର ଏଯାଏ ଏହି ପ୍ରସଙ୍ଗରେ ଆଇଏମ୍‌ଡ଼ି ବା ଭାରତୀୟ ପାଣିପାଗ ବିଭାଗ କୌଣସି ସ୍ପଷ୍ଟ ସୂଚନା ଜାରି କରିନାହିଁ।

**ଏବେ ସୁଦ୍ଧା ସୂଚନା ଜାରି କରିନାହିଁ ଆଇଏମ୍‌ଡି**

ବିଶିଷ୍ଟ ପାଣିପାଗ ଗବେଷକ ତଥା ବୈଜ୍ଞାନିକ ଡ. ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଦକ୍ଷିଣ ପଶ୍ଚିମରୁ ଦକ୍ଷିଣ କେନ୍ଦ୍ରୀୟ ବଙ୍ଗୋପସାଗରରେ ସମ୍ଭାବ୍ୟ ଲଘୁଚାପ ଏଯାଏ ସ୍ପଷ୍ଟ ଦୃଶ୍ୟମାନ ହୋଇନାହିଁ। ଏହି ସିଷ୍ଟମ୍ ବର୍ତ୍ତମାନ ଏକ ବିସ୍ତୃତ ଏବଂ ଜଳୀୟବାଷ୍ପପୂର୍ଣ୍ଣ କ୍ଷେତ୍ର ଭାବେ ▸ପୃଷ୍ଠା-୭

## ପ.ବଙ୍ଗ ବିଧାନସଭା ଭଙ୍ଗ

### ମମତା ମନ୍ତ୍ରିମଣ୍ଡଳ ବରଖାସ୍ତ

■ କୋଲକାତା, ୭।୫ (ଏଜେନ୍ସି): ପଶ୍ଚିମ ବଙ୍ଗ ନିର୍ବାଚନରେ ପରାଜୟ ସତ୍ତ୍ୱେ ଇସ୍ତଫା ଦେବାକୁ ମନାକରିଥିବା ମମତା ବାନାର୍ଜୀଙ୍କ ମନ୍ତ୍ରିମଣ୍ଡଳକୁ ଆଜି ବରଖାସ୍ତ କରିଛନ୍ତି ରାଜ୍ୟପାଳ ଆରଏନ୍ ରବି। ଏହାସହିତ ରାଜ୍ୟ ବିଧାନସଭାକୁ ମଧ୍ୟ ଭଙ୍ଗ କରିଛନ୍ତି। ରାଜ୍ୟ ବିଧାନସଭାର କାର୍ଯ୍ୟକାଳ ଗତକାଲି ୬ ତାରିଖରେ ଶେଷ ହୋଇଯାଇଥିବାରୁ ସମ୍ବିଧାନର ଧାରା ୧୭୪(୨)(ବି) ଅନୁଯାୟୀ ରାଜ୍ୟପାଳ ଏହି ପଦକ୍ଷେପ ନେଇଥିବା ଜଣାଇଛନ୍ତି। ଆସନ୍ତା ୯ ତାରିଖରେ ବିଜେପି ସରକାର ଶପଥ ଗ୍ରହଣ କରିବା ପର୍ଯ୍ୟନ୍ତ କାମଚଳା ସରକାରର ଦାୟିତ୍ୱ ତୁଲାଇବେ ରାଜ୍ୟପାଳ। ପରମ୍ପରା ▸ପୃଷ୍ଠା-୭

### ବିଜୟଙ୍କୁ ପୁଣି ଫେରାଇଦେଲେ

## ତାମିଲନାଡୁ ରାଜ୍ୟପାଳଙ୍କୁ ନେଇ ବଢ଼ିଲା ବିବାଦ

■ ଚେନ୍ନାଇ, ୭।୫ (ଏଜେନ୍ସି): ତାମିଲନାଡୁ ବିଧାନସଭା ନିର୍ବାଚନରେ ସର୍ବାଧିକ ଆସନ ପାଇଥିବା ଟିଭିକେ ମୁଖ୍ୟ ବିଜୟଙ୍କୁ ସରକାର ଗଠନ ପାଇଁ ରାଜ୍ୟପାଳ ସୁଯୋଗ ଦେଉ ନାହାନ୍ତି। ବିଜୟ ଆଜି ଦ୍ୱିତୀୟ ଥର ଲାଗି ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଥିଲେ। ରାଜ୍ୟପାଳ ପୁଣି ଥରେ ତାଙ୍କୁ ଫେରାଇଦେଇଛନ୍ତି। ଆବଶ୍ୟକ ସଂଖ୍ୟକ ବିଧାୟକଙ୍କ ସମର୍ଥନ ତାଲିକା ନମିଳିଲେ ସେ ସରକାର ଗଠନ ପାଇଁ ସୁଯୋଗ ଦେବେନାହିଁ ବୋଲି କହିଛନ୍ତି। ରାଜ୍ୟପାଳଙ୍କର ଏଭଳି ଜିଦଖୋର ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି ଡିଏମକେ, କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳ। ସେମାନେ ଅଭିଯୋଗ କରିଛନ୍ତି ଯେ ବିଜେପି କଥାରେ ପଡ଼ି ରାଜ୍ୟପାଳ ସାମ୍ବିଧାନିକ ପରମ୍ପରାକୁ ଅସମ୍ମାନ କରୁଛନ୍ତି। ସର୍ବବୃହତ ଦଳ ଭାବେ ବିଜୟଙ୍କୁ ▸ପୃଷ୍ଠା-୭

**ଟିଭିକେ ପାଇଁ ଅଣ୍ଟା ଭିଡ଼ିଲେ ଡିଏମ୍‌କେ, କମ୍ୟୁନିଷ୍ଟ**

**ବିଜୟଙ୍କ ପାଇଁ ଆନ୍ନାଡିଏମକେରେ ବିଦ୍ରୋହ !**




## ବାଲି ବୋଝେଇ ଟ୍ରାକ୍ଟର ଜବତ



ପାଣିକୋଇଲି, ୭।୫ (ସମିସ): ପୁଲିସ ଓ ଖଣି ବିଭାଗର ମିଳିତ ଚଢ଼ଉ ଫଳରେ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରି ପାଣିକୋଇଲି ଥାନା ଜିମା ଦିଆଯାଇଛି। ପ୍ରକାଶ ଯେ ବେଆଇନ ଭାବେ ବାଲି ଚାଲାଣ ଅଭିଯୋଗକ୍ରମେ ମିଳିତ ଚଢ଼ଉ କରାଯାଇଥିଲା। ଏକ ଟ୍ରାକ୍ଟର ବାଲି ନେଇ ଯାଉଥିବା ବେଳେ କାଗଜାତି ନ ଦେଖାଇ ପାରିବାରୁ ତାକୁ ଜବତ କରାଯାଇଛି।

## ଚୋରି ବୋଲେରୋ ଉଦ୍ଧାର; ୨ ଗିରଫ

ଦାନଗଦି, ୭।୫(ସମିସ): ଗତ ମଙ୍ଗଳବାର କଳିଙ୍ଗନଗର ଥାନା ବାଘଡାହାଳି ଅଞ୍ଚଳରୁ ଏକ ବୋଲେରୋ ଚୋରି ହୋଇଥିଲା। ଏ ନେଇ ଗାଡ଼ି ମାଲିକ ଭବାନୀ ଦେବୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ୧୨୩/୨୦୨୬ ରେ ଏକ ମାମଲା



ରୁଜୁକରି ଚୋରି ବୋଲେରୋ ଗାଡ଼ିକୁ ଧରିବା ପାଇଁ ଏକ ଟିମ ଗଠନ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ବେଳେ ଗତକାଲି ଚୋରର ମୋବାଇଲ ଟ୍ରାକିଂ କରି ଝାଡ଼ଖଣ୍ଡ ଅଞ୍ଚଳରେ ଗାଡ଼ିଟି ଥିବାର ଜାଣିବାକୁ ପାଇଥିଲେ। ସେଠାରେ ପହଞ୍ଚି ଦୁଇଜଣଙ୍କୁ ଗିରଫ କରିବା ସହ ଚୋରି ବୋଲେରୋକୁ ଉଦ୍ଧାର କରିଥିଲେ। ଜବତ ଗାଡ଼ିଟି ହେଲା ଓଡି ୦୪ [illegible] ଏଥିସହିତ ଗୋଟିଏ ମୋବାଇଲ ଫୋନକୁ ମଧ୍ୟ ଜବତ କରିଛି ପୁଲିସ। ଗିରଫ ଦୁଇ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡ ରାଜ୍ୟ ସାରଦା ହାଇସ୍କୁଲ ଗାଁର ରବି ଓରଫ ରବୀନ୍ଦ୍ର କାଲୁଆ (୩୩) ଏବଂ କଳିଙ୍ଗନଗର ଥାନା ବାଘବାହାଲି (ନିମାପାଲି) ଗାଁର ଘନ ମୁଣ୍ଡା (୩୨)। ଉଭୟଙ୍କୁ ଆଜି କୋର୍ଟ ଚାଲାଣ କଟାଯାଇଛି।

## ସିମିଳିଆ ଗାଁରେ ଲଙ୍କାକାଣ୍ଡ; ଗାଡ଼ି ଭଙ୍ଗାରୁଜା



ଯାଜପୁର, ୭।୫(ସମିସ): ଯାଜପୁର ସଦର ଥାନା ସିମିଳିଆ ଗାଁରେ ଗତକାଲି ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ପଶି ବିଜୟଧଳଙ୍କ ବୋଲେରୋ, ସ୍କୁଟି ଭଙ୍ଗାରୁଜା କରିବା ସହିତ ଗାଡ଼ିରୁ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗତକାଲି ବିଳମ୍ବିତ ରାତିରେ ସମସ୍ତେ ଶୋଇଥିବା ବେଳେ ଗ୍ରାମର ରୋହିତ ବେହୁରିଆ, ଆଦିତ୍ୟ ବେହୁରିଆଙ୍କ ସମେତ ଅନ୍ୟ କେତେକ ଦୁର୍ବୃତ୍ତ ହାତରେ ମାରଣାସ୍ତ୍ର ଧରି ଏଭଳି ଭଙ୍ଗାରୁଜା କରିଥିଲେ। ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ଏଭଳି ଆକ୍ରମଣର କାରଣ ଏକ ଦୁର୍ଘଟଣା କୁହାଯାଉଛି। ଏକ ଗାଡ଼ି ଆକ୍ରମଣକାରୀଙ୍କ ପରିବାର ଲୋକଙ୍କୁ ଧକ୍କା ଦେଇ ପଳାଇଥିଲା। ଏହି ରାଗରେ ଆକ୍ରମଣକାରୀ ମାନେ ଗାଁରେ ପଶି ଏଭଳି ଆକ୍ରମଣ କରିବା ସହିତ ଦୁର୍ଘଟଣା ଘଟାଇଥିବା ଯୁବକଙ୍କୁ ଗାଡ଼ ମାରି ତାଙ୍କ ହାତ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଯାଜପୁର ସଦର ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

### ନିଶ୍ଚିନ୍ତା ଜଙ୍ଗଲରେ ବେଆଇନ କ୍ରସରକୁ ନେଇ ଏନ୍‌ଜିଟିରେ ମାମଲା

## ୨ ଜିଲ୍ଲାପାଳ ଓ ଡିଏଫ୍‌ଓ ବ୍ୟକ୍ତିଗତ ହାଜର ପାଇଁ ନିର୍ଦ୍ଦେଶ

ଯାଜପୁର, ୭।୫(ସମିସ): ଯାଜପୁର ଓ ଢେଙ୍କାନାଳ ସୀମାରେ ଥିବା ନିଶ୍ଚିନ୍ତା ଗ୍ରାମ୍ୟ ଜଙ୍ଗଲରେ ଚାଲିଥିବା ବେଆଇନ କ୍ରସରକୁ ନେଇ ମାମଲା ଏନ୍‌ଜିଟିରେ ପହଞ୍ଚିଛି। ଏହି ଜଙ୍ଗଲରେ ବେଆଇନ ଭାବେ କ୍ରସର ଚାଲିବା ଫଳରେ ବ୍ୟାପକ ପରିମାଣରେ ପରିବେଶ ନଷ୍ଟ ହେବା ସହିତ ସ୍ଥାନୀୟ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି ହେଉଥିବା ଅଭିଯୋଗ କରାଯାଇଥିଲା। ଏ ସଂକ୍ରାନ୍ତରେ ଯୁଥ ଫର ସୋସିଆଲ ଡେଭେଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ ଏନ୍‌ଜିଟିରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୋଗ ମୁତାବକ ଏହି ନିଶ୍ଚିନ୍ତା ଫରେଷ୍ଟ ଓ ଗ୍ରାମ୍ୟ ଜଙ୍ଗଲ ମଧ୍ୟରେ ପିଆରଏମ୍‌ଏମ୍ କ୍ରସର, ମା' ତାରିଣୀ ଷ୍ଟୋନ କ୍ରସର, ଅରୁଣୀ ଷ୍ଟୋନ କ୍ରସର, ସାଇ ଷ୍ଟୋନ କ୍ରସର ବେଆଇନ ଭାବେ କାର୍ଯ୍ୟକରୁଛି। ଫଳରେ ସମସ୍ତ କ୍ରସରରୁ ପ୍ରତିଦିନ ଶହଶହ ଟ୍ରିପ ପଥର ଚୋରା ଚାଲାଣ କରାଯିବା ଫଳରେ ଉଭୟ ଯାଜପୁର ଓ ଢେଙ୍କାନାଳ ଜିଲ୍ଲାରେ ପ୍ରଦୂଷଣ ବୃଦ୍ଧି ପାଇବା ସହିତ ପରିବେଶ ନଷ୍ଟ ହେଉଛି। ଏହି ମାମଲାର ଶୁଣାଣି କରି ଏନ୍‌ଜିଟି ଗତ ୮ ତାରିଖ ଦିନ ନିଜ ରାୟରେ ଯାଜପୁର, ଢେଙ୍କାନାଳ ଜିଲ୍ଲାପାଳଙ୍କ ସମେତ ଡିଏଫ୍‌ଓମାନେ ଆସନ୍ତା ଅଗଷ୍ଟ ୩ ତାରିଖ ଦିନ କୋର୍ଟରେ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏଭଳି ବେଆଇନ ଚୋରା ଚାଲାଣ ନେଇ ବାରମ୍ବାର ଚଢ଼ଉ କରାଯାଇଛି। କିନ୍ତୁ ଆଖିଦୃଶିଆ ସଫଳତା ମିଳୁନଥିବା କୋର୍ଟଙ୍କୁ ଅବଗତ କରାଯାଇଥିଲା। ଯାହାକୁ ନେଇ ଅଦାଲତ ସନ୍ତୁଷ୍ଟ ନଥିବା ଜଣାପଡ଼ିଛି। ଏହି ମାମଲାକୁ ଆଇନଜୀବୀ ଶଙ୍କର ପାଣି ପରିଚାଳନା କରିଥିଲେ।

## ଦାନଗଦିରେ କଂଗ୍ରେସର ସାଙ୍ଗଠନିକ ବୈଠକ

ଦାନଗଦି, ୭।୫(ସମିସ): ଆଜି ଦାନଗଦି କଂଗ୍ରେସ ଭବନ ଠାରେ ବ୍ଲକର ସାଙ୍ଗଠନିକ ବୈଠକ ଓ ସମ୍ବର୍ଦ୍ଧନା ସଭା ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ନବନିଯୁକ୍ତ ସଭାପତି ଦୟାନିଧି ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରାର୍ଥୀ ଙ୍କ ବିଜୁ ଭୂଷଣ ରାଉତ ଅନ୍ୟତମ ଅତିଥି ଭାବେ ମହେନ୍ଦ୍ର କୁମାର ଦାଶ, ସୁକିନ୍ଦା ବ୍ଲକ କଂଗ୍ରେସ ସଭାପତି ମଦନ ମୋହନ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି ଦୁର୍ଯ୍ୟୋଧନ ମହାନ୍ତ, କବିର ଯେନା, ଜୟଦେବ ସେଠୀ, ରମାକାନ୍ତ ଦାସ ସାଧାରଣ ସମ୍ପାଦକ ଭାବେ ଉମାକାନ୍ତ ଜେନାମଣି, ତ୍ରିନାଥ ମହାରଣା, ପବିତ୍ର ଯେନା, ରାଜକିଶୋର ମାଝୀ, ବାବୁଲା ଯେନା, ଅମିତାଭ ମହାନ୍ତି, କୋଷାଧ୍ୟକ୍ଷ ନରେନ୍ଦ୍ର ପଣ୍ଡା, ସାମାଜିକ ଗଣମାଧ୍ୟମ ସମୀର କୁମାର ପାତ୍ର ଏବଂ ସମ୍ପାଦକ ଭାବେ ବିଭିନ୍ନ ପଞ୍ଚାୟତ ବିଭିନ୍ନ ବର୍ଗରୁ ୧୫ ଜଣଙ୍କୁ ମନୋନୀତ କରାଯାଇଥିଲା। ଆଜିର ବୈଠକରେ ସମସ୍ତ ପଞ୍ଚାୟତ ସଂଯୋଜକ [illegible] ଉପସ୍ଥିତ ଥିଲେ।

### ଧର୍ମଶାଳାରେ କାଳବୈଶାଖୀ

# ଉପୁଡ଼ିଲା ଗଛ, ଭାଙ୍ଗିଲା ଘର

ଧର୍ମଶାଳା, ୭।୫(ସମିସ)



ଧର୍ମଶାଳା ଅଞ୍ଚଳରେ ଆଜି ଅପରାହ୍ଣ ସମୟରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ଓ ଘୂର୍ଣ୍ଣିଝଡ଼ ହୋଇଛି। ଏଥିରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ିପଡ଼ିଥିବାବେଳେ କେତେକ ଚାଳ ଛପର ଘର ଭାଙ୍ଗିଯାଇଛି। ଗତ ୩ ଦିନ ତଳେ ଘୂର୍ଣ୍ଣିଝଡରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଆଜି ପୁଣି ସମାନ ଅବସ୍ଥା ଉପୁଜିଛି। ସେହିପରି କେତେକ ସ୍ଥାନରେ ଚାଳଛପର ଘର ଭାଙ୍ଗିପଡ଼ିଥିବା ବେଳେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। କାଏମା ଶେରପୁର ଗ୍ରାମର ସନାତନ ସେଠୀଙ୍କ ଟିଣ ଛପର ଘର ସମ୍ପୂର୍ଣ୍ଣ ଭାବେ ଉଡ଼ିଯାଇଛି। ସେହିପରି ତାଙ୍କ ପଡ଼ୋଶୀ ମନୋଜ ସେଠୀଙ୍କ ଚାଳଛପର ଘର ମଧ୍ୟ ସମ୍ପୂର୍ଣ୍ଣ ଭାବେ ଉଡ଼ିଯାଇଛି। ଫଳରେ ଉକ୍ତ ଘରେ ରହିବା ବିପଜ୍ଜନକ ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନ ପକ୍ଷରୁ ଉଭୟ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଆଜିର ଏହି ଘୂର୍ଣ୍ଣିଝଡ଼ରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ଆସନ୍ତାକାଲି ତହସିଲ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯିବ ବୋଲି ତହସିଲ ପକ୍ଷରୁ ଜଣାପଡ଼ିଛି। ତେବେ ଏହି ଝଡ଼ ତୋଫାନରେ ବିଦ୍ୟୁତ ସଂଯୋଗ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ୩ ଦିନ ତଳେ ଘଟିଥିବା ଘୂର୍ଣ୍ଣିଝଡରେ ୨ ଦିନ ପରେ ବିଦ୍ୟୁତ ସରବରାହ ଠିକ ହୋଇଥିବା ବେଳେ ଆଜିର ଘୂର୍ଣ୍ଣିଝଡ଼ ପ୍ରଭାବରେ କେବେ ବିଦ୍ୟୁତ ସଂଯୋଗ ଦିଆଯାଉଛି ତାହା ଦେଖିବାର କଥା।

## ବାଳକର ଅସ୍ୱାଭାବିକ ମୃତ୍ୟୁ; ସର୍ପାଘାତ ସନ୍ଦେହ

ବରୀ, ୭।୫(ସମିସ) : ବରୀ ରାମଚନ୍ଦ୍ରପୁର ଥାନା ଅଟିରା ପଞ୍ଚାୟତ ଅନ୍ତର୍ଗତ ଅରୁଆଳ ସଂଖ୍ୟାଲଘୁ ବସ୍ତିର ସେକ୍ ଆୟୁସୁଦିନଙ୍କ ୧୪ ବର୍ଷୀୟ ପୁଅ ସେକ୍ ଆତେସାମ ଗ୍ରାମ ନିକଟ ପଡ଼ିଆରେ ଖେଳୁଥିବା ସମୟରେ ଦେହ ଅସୁସ୍ଥ ଲାଗିବାରୁ ପରିବାର ପକ୍ଷରୁ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ବରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ମୃତ ବାଳକ ଜଣଙ୍କ ନବମ ଶ୍ରେଣୀର ଛାତ୍ର ବୋଲି ଜଣାପଡ଼ିଛି। ଖବର ଅନୁଯାୟୀ ବାଳକ ଜଣକ ପାଖରେ ଥିବା ସପୁରୀ ବଣ ଭିତରକୁ ଯାଇଥିଲେ। ଏହାର ପରେ ପରେ ଅସୁସ୍ଥ ହୋଇଥିଲେ। ତେଣୁ ସନ୍ଦେହ କରାଯାଉଛି କି ସର୍ପଘାତ ହୋଇଥାଇପାରେ।

## ଲାୟନ୍ସ କ୍ଲବ୍ ପକ୍ଷରୁ ଆଦର୍ଶ ମହିଳା ସରପଞ୍ଚ ସମ୍ମାନିତ




କୁଆଖିଆ, ୭।୫(ସମିସ): ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକ ଭୋଟକା ଓ ମୁଗୁପାଳ ଗ୍ରାମପଞ୍ଚାୟତର ସରପଞ୍ଚ ସ୍ମୃତିରେଖା ରାଉତ ଓ ପ୍ରଜ୍ଞା ପରମିତା ମଲ୍ଲିକଙ୍କୁ ଲାୟନ୍ସ କ୍ଲବ୍ ପକ୍ଷରୁ ସମ୍ମାନିତ କରାଯାଇଛି। ଉଭୟ ସରପଞ୍ଚ ସେମାନଙ୍କ ପଞ୍ଚାୟତରେ ସରକାରୀ ଯୋଜନା କାର୍ଯ୍ୟକାରୀ କରିବା, ପଞ୍ଚାୟତର ନିଜସ୍ୱ ଆୟ ବୃଦ୍ଧି, ଗ୍ରାମୀଣ ବିକାଶ, ମହିଳାଙ୍କ ସାମାଜିକ ସୁରକ୍ଷା ଓ ସ୍ୱାବଲମ୍ବୀ କରିବା, ସ୍ୱାଧୀନ ଭାବେ ନିଜର କାର୍ଯ୍ୟ ସମ୍ପାଦନ କରିବା, ପଞ୍ଚାୟତରେ ଗ୍ରାମ ସଭା, ପଲ୍ଲୀ ସଭା, ଗ୍ରାମୀଣ ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ ଭଳି କେତେକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରି ଜାତୀୟ ପଞ୍ଚାୟତରାଜ ଦିବସ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ପଞ୍ଚାୟତ ଗୌରବ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେମାନଙ୍କ କାର୍ଯ୍ୟ ଦକ୍ଷତା ଓ ପଞ୍ଚାୟତରେ ସରକାରୀ ଯୋଜନାକୁ ସଫଳ ରୂପାୟନ କରିଥିବାରୁ ରାଜ୍ୟ ଓ ଜାତୀୟସ୍ତରୀୟ ପଞ୍ଚାୟତରାଜ ଗବେଷଣା ସଂସ୍ଥା ସମୂହ ପକ୍ଷରୁ ଉଭୟ ସରପଞ୍ଚଙ୍କୁ ସମ୍ମାନିତ କରାଯାଇଥିଲା। ଦୁଇଜଣ ମହିଳା ସରପଞ୍ଚ ଏହିଭଳି ସଫଳତା ପାଇ ରସୁଲପୁର ବ୍ଲକ ଓ ସେମାନଙ୍କ ପଞ୍ଚାୟତ ପାଇଁ ସୁନାମ ଆଣିଛନ୍ତି। ଏହିକ୍ରମେ ସେମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଉଭୟ ସରପଞ୍ଚଙ୍କୁ ଲାୟନ୍ସ କ୍ଲବ୍‌ର ସଭାପତି ଜନ୍ମେଜୟ ସାହୁ ଓ କାର୍ଯ୍ୟକର୍ତ୍ତାମାନେ ସେମାନଙ୍କ ନିକଟରେ ପହଞ୍ଚି ସମ୍ମାନିତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ପଞ୍ଚାୟତରାଜ ପ୍ରଶିକ୍ଷକ ତଥା ସାମାଜିକ କର୍ମୀ ଦେବବ୍ରତ ରାଉତ, କୃଷକ ଏକତା ମଞ୍ଚ ରସୁଲପୁରର ସଭାପତି ଦେବାଶିଷ ନାୟକ, ବିଶ୍ୱ ହିନ୍ଦୁ ପରିଷଦ ଯାଜପୁର ଜିଲ୍ଲା କୋଷାଧ୍ୟକ୍ଷ ଯଶୋବନ୍ତ ଦାସ ଓ ରସୁଲପୁର ଯୁବ-ଛାତ୍ର ସଂଗଠନ ଆବାହକ ମାନସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚଙ୍କ ସଫଳତା ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

## ୨ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ; ଜଣେ ଅଟକ

ପାଣିକୋଇଲି, ୭।୫(ସମିସ): ପାଣିକୋଇଲି ଥାନା ତଥା ପାଣିକୋଇଲି ପାଟସାହିରେ ଜଣେ ୭ବର୍ଷୀୟା ନାବଳିକାକୁ ଅସଦାଚରଣ ହୋଇଥିବା ଅଭିଯୋଗ ଥାନାରେ କରାଯାଇଛି। ଏ ନେଇ ଏକ ମାମଲା ୧୫୬/୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ହେଲେ ଫେରାର ହୋଇଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରିବାକୁ ପ୍ରୟାସ ଜାରି ରଖିଥିବାବେଳେ ଆଜି ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାଶ ତାକୁ ଗିରଫ କରିଛନ୍ତି। ପ୍ରକଶ ଯେ ପାଣିକୋଇଲି ପାଟସାହିର ଝୁମ୍ପୁରୀ ମୁଣ୍ଡାଙ୍କ ଅଭିଯୋଗ ମୁତାବକ ତାଙ୍କର ଝିଅର ଝିଅ ଅର୍ଥାତ୍ ନାତୁଣୀ ଘରେ ଥିବାବେଳେ ସେ ପାଣିପାଇଁ ବାହାରକୁ ଯାଇଥିଲେ। ଏହାର ସୁଯୋଗରେ ଅଲତିରି ଗ୍ରାମର ବଟିଆ ମାଝୀ ଘରେ ପଶି ତାଙ୍କ ନାତୁଣୀକୁ ଅସଦାଚରଣ କରିଥିଲା। ଝୁମ୍ପୁରୀ ଘରେ ପହଞ୍ଚିବାରୁ ନାତୁଣୀ କାନ୍ଦି କାନ୍ଦି ସବୁ କଥା କହିଥିଲା। ଏ ବିଷୟରେ ଝୁମ୍ପୁରୀ ତା'ର ଝିଅ ଜ୍ୱାଇଁଙ୍କୁ ଜଣାଇପରେ ସେମାନେ ବଟିଆ ଘରକୁ ଯାଇଥିଲେ। ମାତ୍ର ବଟିଆଙ୍କ ସ୍ତ୍ରୀ ସେମାନଙ୍କୁ ଗାଳିଗୁଲଜ କରିବା ସହ ଛାଞ୍ଚୁଣୀରେ ପିଟି ଥିଲା। ଫଳରେ ଝୁମ୍ପୁରୀ ଥାନାରେ ଲିଖିତ ଅଭିଯୋଗ କରିଥିଲା।

ସେହିପରି ଅନ୍ୟଏକ ଘଟଣାକ୍ରମରେ ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଖମଣ ପଞ୍ଚାୟତର ଗୋଡ଼ିପାଟଣା ଗ୍ରାମରେ ଜନୈକ ତେଜରାତି ଦୋକାନୀ ଦୋକନକୁ ଯାଇଥିବା ଜଣେ ନାବାଳିକାକୁ ଅସଦାଚରଣ କରିଥିବା ଅଭିଯୋଗ ଥାନାରେ ହୋଇଛି। ପୁଲିସ ଘଟଣାକୁ ଗୁରୁତ୍ୱ ଦେଇ ଅଭିଯୁକ୍ତ ପାଖରେ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତ ଫେରାର ହୋଇଯାଇଛି। ଖୁବ୍‌ଶୀଘ୍ର ପୀଡ଼ିତାକୁ ନ୍ୟାୟ ଦେବା ପାଇଁ ଅଭିଯୁକ୍ତକୁ ପୁଲିସ ଗିରଫ କରିବ ବୋଲି ପୁଲିସ ଦୃଢ଼ୋକ୍ତି ପ୍ରକାଶ କରିଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର; ୧୦୧ ୟୁନିଟ୍ ସଂଗ୍ରହ

ଯାଜପୁର, ୭।୫(ସମିସ): ବିରଜା କଲ୍ୟାଣ ମଣ୍ଡପ ରେ ସଂଗ୍ରାମ ସେନା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜେପି ନେତା ତଥା ଯୁବ ସମାଜସେବୀ ସଂଗ୍ରାମ କେଶରୀ ପାତ୍ରଙ୍କ ୪୦ତମ ଜନ୍ମଦିନ ପାଇଁ ଏହି ଶିବିରକୁ ସଂଗ୍ରାମ ସେନା ଆୟୋଜିତ କରାଯାଇଥିଲା। ରକ୍ତର ଅଭାବରେ କେହି ଜୀବନ ନ ହରାଉନ୍ତୁ ବୋଲି ଉଦ୍ୟମ ନିଆଯାଇ ଏହି ଶିବିର ର ଆୟୋଜନ ହୋଇଥିଲା। ଏଥିରେ ସହର ବହୁ ଯୁବକ




ବୁଦ୍ଧିଜୀବୀ ମାନେ ଏକତ୍ରିତ ହୋଇ ରକ୍ତଦାନ କରିବା ସହ ପ୍ରତ୍ୟେକ ରକ୍ତଦାତା ଜଣେ ଜୀବନଦାତା ବୋଲି ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗ୍ରାମ ମଧ୍ୟ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ସଂଗଠନ ପକ୍ଷରୁ ସୁଦାମ ଚରଣ ପରିଡ଼ା, ମାନସ ତ୍ରିପାଠୀ, ବବଲୁ, ଅବିନାଶ ନାୟକ, ଅଭୟ ରାଉତ ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିର ପରିଚାଳନା ରେ ସକ୍ରିୟ ସହଯୋଗ କରିଥିଲେ। ଯାଜପୁର ରେଡକ୍ରସ ସହାୟତାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୧୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## କୃତୀ ବିଦ୍ୟାର୍ଥୀଙ୍କୁ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧନା

ଯାଜପୁର, ୭।୫(ସମିସ): ଚଳିତ ମାଟ୍ରିକ ପରୀକ୍ଷାରେ ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ ପିଏମଶ୍ରୀ ଶେଷଦେବ ବାସନ୍ତୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱର୍ଣ୍ଣଶ୍ରୀ ମହାପାତ୍ର ଏ୧ ଗ୍ରେଡରେ ପାସ କରି ସୁନାମ ଅର୍ଜନ କରିଛନ୍ତି। ଏହି ଅବସରରେ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି। ଫାଉଣ୍ଡେସନର ମହାସଚିବ ଭବ ପ୍ରସାଦ ଦାସ ସ୍ୱର୍ଣ୍ଣଶ୍ରୀଙ୍କ ଘରେ ପହଞ୍ଚି



ତାଙ୍କୁ ଆର୍ଶିବାଦ ପ୍ରଦାନ କରିବା ସହିତ ପାଠପଢ଼ା ପାଇଁ ଏକ ଲାପଟପ ଏବଂ ଅନ୍ୟାନ୍ୟ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ଏବଂ ତାଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ।

## ଲୁନାରେ ବିରଜା କ୍ଷେତ୍ରରୁ କେଦାରନାଥ ଯାତ୍ରା

ଯାଜପୁର, ୭।୫(ସମିସ): ଯାଜପୁରର ଜଣେ ଯୁବକ ସାଧାରଣ ଲୁନା ସାହାଯ୍ୟରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା କ୍ଷେତ୍ରରୁ ବାହାରି କେଦାରନାଥ ପର୍ଯ୍ୟନ୍ତ ଯାତ୍ରା କରି ନିଜ ଜନ୍ମମାଟିକୁ ଫେରିଛନ୍ତି। ସେ ହେଲେ ଯାଜପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତ ଗୋପୀନାଥପୁର ଗାଁର ଜଗନ୍ନାଥ ଦାସଙ୍କ ପୁଅ ଚନ୍ଦନ। ଚନ୍ଦନଙ୍କ ୨୮ ଦିନର ଏହି ଯାତ୍ରା ମଧ୍ୟରେ ସେ ୫ ଟି ରାଜ୍ୟର ୫୦୦୦ କିଲୋମିଟର ଯାତ୍ରା କରି ଫେରିଛନ୍ତି। ଏହି ଅବସରରେ ତାଙ୍କୁ ଆଜି ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ତାଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଚନ୍ଦନଙ୍କ ଏଭଳି ନିଆରା ପଦକ୍ଷେପ ଯୁବକଙ୍କ ପାଇଁ ପ୍ରେରଣା ଦେବ ବୋଲି



ସାଂସଦ କହିଥିଲେ। ଚନ୍ଦନ ମଧ୍ୟ ତାଙ୍କର ଏହି ଯାତ୍ରା ସମୟରେ ମା' ବିରଜାଙ୍କ ମହିମା ପ୍ରଚାର ପ୍ରସାର କରିବା ସହିତ ଯାଜପୁର ନାଁକୁ ଉଚ୍ଚା କରିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଗୌତମଙ୍କ ପରିବର୍ତ୍ତେ ସଂଗ୍ରାମ ପାଳିଲେ ବିଜୟ ପର୍ବ

ଯାଜପୁର, ୭।୫(ସମିସ): ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀର ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ଉଲ୍ଲେଖନୀୟ ସଫଳତା ପରେ ଯାଜପୁର ସହରରେ ଯୁବନେତା ସଂଗ୍ରାମ କେଶରୀ ପାତ୍ରଙ୍କ ନେତୃତ୍ୱରେ ବିଜୟ ପର୍ବ ପାଳନ କରାଯାଇଛି। ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ନେତା ଗୌତମ ରାୟ ହୋଇଥିବାବେଳେ ଏହି ବିଜୟ ପର୍ବ ସଂଗ୍ରାମ ପାତ୍ରଙ୍କ ଦ୍ୱାରା ଆୟୋଜନ ଘଟଣାକୁ ନେଇ ନାନା ଚର୍ଚ୍ଚା ଜୋର ଧରିଛି। ଯାଜପୁର ରାଜନୀତିରେ ସଂଗ୍ରାମଙ୍କ ଏଣ୍ଟ୍ରି କି ନୂଆ ସମୀକରଣ ତିଆରି କରିବ? ଏନ୍‌ସି କଲେଜ ନିକଟରୁ ଆରମ୍ଭ ହୋଇଥିବା ଏହି ରାଲି ମେଡିକାଲ ଛକ, ଗାନ୍ଧୀ ଛକ, ବଡ଼ବଜାର, ଗରିଆପୁର, ଯୋଡ଼ିକୂଅ ଦେଇ କୁସୁମା ପର୍ଯ୍ୟନ୍ତ ଯାଇଥିଲା। କୁସୁମା ନିକଟସ୍ଥ ପଡ଼ିଆରେ ସାଧାରଣ ସଭାର ଆୟୋଜନ ହୋଇଥିଲା, ଯେଉଁଠାରେ ସଂଗ୍ରାମ ପାତ୍ର କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ରାଲିରେ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ, ଜିଲ୍ଲା



ଉପସଭାପତି ସୁଶାନ୍ତ ସାହୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅବିନାଶ ନାୟକଙ୍କ ସହ ବହୁ ଜିଲ୍ଲା ଓ ସହର ନେତୃତ୍ୱ ଉପସ୍ଥିତ ଥିଲେ। ସଂଗ୍ରାମ ନିଜ ଭାଷଣରେ ପରୋକ୍ଷରେ ଗୌତମଙ୍କୁ ଟାର୍ଗେଟ କରିଥିବା ଚର୍ଚ୍ଚା ହେଉଛି।

# ସିଏମ୍ ଟ୍ରଫି ଅଣ୍ଡର ୧୪ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ






ଦାନଗଦି, ୭।୫(ସମିସ)

ଓଡ଼ିଶା ସରକାରଙ୍କ ଦ୍ୱାରା ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଏଫ୍‌ଏଓ) ଏବଂ ଯାଜପୁର ଆଥଲେଟିକ୍ ଆସୋସିଏସନ୍‌ର ମିଳିତ ସହଯୋଗରେ ଆୟୋଜିତ 'ସିଏମ୍ ଟ୍ରଫି ଅଣ୍ଡର-୧୪' ଫୁଟବଲ ଟୁର୍ଣ୍ଣାମେଣ୍ଟ ନିକଟରେ ଯାଜପୁର ରୋଡ୍ ସ୍ଥିତ ବ୍ୟାସନଗର ଷ୍ଟାଡିୟମଠାରେ ସମ୍ପନ୍ନ ହୋଇଛି। ତୃଣମୂଳସ୍ତରରେ ଫୁଟବଲର ପ୍ରସାର, ନୂତନ ପ୍ରତିଭା ଅନ୍ୱେଷଣ ଏବଂ ଜିଲ୍ଲାର ୧୪ ବର୍ଷରୁ କମ୍ ବୟସର ବାଳକ ଓ ବାଳିକାମାନଙ୍କୁ ପ୍ରତିଯୋଗିତାମୂଳକ ସୁଯୋଗ ଯୋଗାଇଦେବା କ୍ଷେତ୍ରରେ ଏହି ଟୁର୍ଣ୍ଣାମେଣ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ସାଜିଛି। ଏହି ଟୁର୍ଣ୍ଣାମେଣ୍ଟକୁ କୋରେଇ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ବ୍ୟାସନଗର ପୌରପାଳିକା ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ବଳ, ଯାଜପୁର ଆଥଲେଟିକ୍ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ଏବଂ ସମ୍ପାଦକ ସମ୍ବିତ ମହାନ୍ତି ପ୍ରମୁଖ ଉଦ୍‌ଘାଟନ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ କଳିଙ୍ଗନଗରର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ରନର୍ସଅପ୍ ଦଳଗୁଡ଼ିକୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଏଫଏଓର ବିଶିଷ୍ଟ ଚୟନକର୍ତ୍ତା ସଞ୍ଜୀବ ପାଟଶାଣୀ, ପୂର୍ବତନ ଖେଳାଳି ସୁନୀଲ ସର୍ଦ୍ଦାର ଓ ଚନ୍ଦ୍ର ମୁଦୁଲି ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ୟୁଥ୍ ଡେଭଲପମେଣ୍ଟ କୋଚ୍ ନାରାୟଣ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏହାର କଳିଙ୍ଗନଗର ପରିସଂସ୍ଥା ଅନ୍ତର୍ଗତ କଳିଙ୍ଗନଗର, ସୁକିନ୍ଦା ଏବଂ ବ୍ରାହ୍ମଣୀପାଳସ୍ଥିତ କେନ୍ଦ୍ରଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ତୃଣମୂଳସ୍ତରର କ୍ରୀଡ଼ା ବିକାଶ ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ପ୍ରତିଯୋଗିତାରେ ସର୍ବମୋଟ ୧୪୧ ଜଣ ଖେଳାଳି ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଫାଉଣ୍ଡେସନ୍‌ର ବିଭିନ୍ନ କେନ୍ଦ୍ରରୁ ପ୍ରଶିକ୍ଷଣ ପାଇଛନ୍ତି। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ପ୍ରଶିକ୍ଷାର୍ଥୀଙ୍କୁ ନେଇ ଗଠିତ ଦଳଗୁଡ଼ିକ ଉଭୟ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ବାଳକ ବର୍ଗରେ କଳିଙ୍ଗନଗର ଏସ୍‌ଏ ଚାମ୍ପିଅନ୍ ହୋଇଥିବା ବେଳେ କ୍ରୋମ୍ ଏଫ୍‌ସି ରନର୍ସଅପ୍ ହୋଇଛି। ସେହିପରି ବାଳିକା ବର୍ଗରେ ନାକାଡାଇ ଏଫ୍‌ସି ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିବାବେଳେ ଦକ୍ଷିଣପାଶି ଏଫ୍‌ସି ରନର୍ସଅପ୍ ଘୋଷିତ ହୋଇଛି। ଫାଇନାଲରେ ଫାଉଣ୍ଡେସନ୍ ପ୍ରଶିକ୍ଷାର୍ଥୀମାନଙ୍କର ଏହି ଦୃଢ଼ ଉପସ୍ଥିତି ସୁବ୍ୟବସ୍ଥିତ ପ୍ରଶିକ୍ଷଣ, ନିରନ୍ତର ମାର୍ଗଦର୍ଶନ ଏବଂ ଦୀର୍ଘକାଳୀନ ବିକାଶମୂଳକ ପ୍ରୟାସର ପ୍ରଭାବକୁ ପ୍ରଦର୍ଶିତ କରୁଛି। ନିରନ୍ତର କୋଚିଂ ସହାୟତା ଏବଂ ସ୍ଥାନୀୟ ଲୋକଙ୍କ ସହ ସହଭାଗିତା ମାଧ୍ୟମରେ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଗ୍ରାମାଞ୍ଚଳ ଓ ଜନଜାତିର ଯୁବବର୍ଗଙ୍କୁ ଫୁଟବଲରେ ଅଂଶଗ୍ରହଣ କରିବା, ଜିଲ୍ଲାସ୍ତରରେ ପ୍ରତିଯୋଗିତା କରିବା ଏବଂ କ୍ରୀଡ଼ା କ୍ଷେତ୍ରରେ ଉନ୍ନତି କରିବାରେ ସହାୟତା ଜାରି ରଖିଛି।



# ଦୋକାନ ଗୃହ ବଣ୍ଟନରେ ଅନିୟମିତତା ଅଭିଯୋଗ



ଖଇରପୁଟ,୭।୫(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପଲ୍ଲୀ ଗ୍ରାମରେ ପଞ୍ଚାୟତ ପକ୍ଷରୁ ନିର୍ମାଣ କରାଯାଇଥିବା ଦୋକାନ ଗୃହ ବା ଷ୍ଟଲ୍ ବଣ୍ଟନକୁ ନେଇ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବିନା ଟେଣ୍ଡର ଓ ସଠିକ୍ ପ୍ରକ୍ରିୟା ଅନୁସରଣ ନକରି ଏହି ବଣ୍ଟନ କରାଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ମୁତାବକ, ଅନେକ ଲୋକଙ୍କୁ ପଞ୍ଚାୟତ ତରଫରୁ ବେଆଇନ ଭାବେ ଷ୍ଟଲ୍ ତଥା ଦୋକାନ ଗୃହ ବଣ୍ଟନ କରାଯାଇଛି। କେବଳ ସେତିକି ନୁହେଁ, କିଛି ବ୍ୟକ୍ତି ଷ୍ଟଲ୍ ପାଇ ନିଜେ ବ୍ୟବସାୟ ନ କରି ଅନ୍ୟ ବ୍ୟବସାୟୀଙ୍କୁ ଏହାକୁ ଭଡ଼ାରେ ଦେଇଥିବା ମଧ୍ୟ

### ଆବଣ୍ଟନ ପ୍ରକ୍ରିୟାକୁ ବାତିଲ ଦାବି

ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ "ରାଷ୍ଟ୍ରୀୟ ବିକାଶ ସେନା' ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସଂଗଠନ ପକ୍ଷରୁ ଦାବି କରାଯାଇଛି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁ ପ୍ରକ୍ରିୟାରେ ଷ୍ଟଲ୍ ବଣ୍ଟନ କରାଯାଇଛି, ସେହି ସମସ୍ତ ପ୍ରକ୍ରିୟାକୁ ତୁରନ୍ତ ରଦ୍ଦ ବା ବାତିଲ କରାଯାଉ। ଯୋଗ୍ୟତା ଆଧାରରେ ସ୍ଥାନୀୟ ଗରିବ, ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ଯୋଗ୍ୟ ହିତାଧିକାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ୱଳ୍ପ ମୂଲ୍ୟରେ ଷ୍ଟଲ୍ ବଣ୍ଟନ କରାଯାଉ ବୋଲି ସଂଗଠନ ଦାବି କରିଛି। ଏହି ସମ୍ପୂର୍ଣ୍ଣ ଘଟଣାର ସଠିକ୍ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନ ନିକଟରେ ଆହ୍ୱାନ ଦେଇ ଆଜି ରାଷ୍ଟ୍ରୀୟ ବିକାଶ ସେନାର ରାଜ୍ୟ ସଭାପତି କେ ବାଲାରାଜୁ ଆଚାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖଇରପୁଟ ବିଡିଓ ଅର୍ପିତା ମହାନ୍ତିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ପ୍ରଶାସନ ଏଦିଗରେ ତୁରନ୍ତ ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବାର ସମ୍ଭାବନା ରହିଛି।

● ନାହିଁ ସତର୍କତା ସୂଚନା

# ନିର୍ମାଣାଧୀନ ପୋଲରୁ ଖସିପଡି ବାଇକ୍ ଚାଳକ ଗୁରୁତର

କୋରାପୁଟ,୭।୫(ସମିସ): ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଦାୟିତ୍ୱହୀନତା ଯୋଗୁଁ ନିର୍ମାଣାଧୀନ ପୋଲ ତଳକୁ ବାଇକ୍ ଖସି ପଡ଼ିବା ଯୋଗୁଁ ବାଇକ ଚାଳକ ଗୁରୁତର ଆହତ ହୋଇ ବିଶାଖାପାଟଣାରେ ଚିକିତ୍ସିତ ହେଉଛନ୍ତି। ପୁରୁଣା ପୋଲ ଭାଙ୍ଗି ନୂଆ ପୋଲ କାମ ଚାଲି ଥିବା ବେଳେ କାମର ଉଭୟ ପାଶ୍ୱର୍ରେ ସତର୍କତା ସୂଚନା ବୋର୍ଡ ଓ ବେରିକେଟ କରା ନଯିବା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ସୂଚନା ଅନୁଯାୟୀ ଉପର କୋଲାବ ଜଳ ବିଦ୍ୟୁତ୍ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମାଣ ଚାଲିଥିବା ସଲମନଗୁଡ଼ା-ବଡ଼ନାଇକଗୁଡ଼ା ରାସ୍ତା କାମ ସହ ମଝିରେ ଥିବା ପୁରୁଣା ପୋଲ ଭାଙ୍ଗି ନୂଆ ପୋଲ ତିଆରି ସ୍ଥାନରେ ମାଟି ଖୋଳା ଯାଇଛି। ତେବେ ଯାତ୍ରୀ ମାନଙ୍କ ସୁରକ୍ଷା ପାଇଁ ଉଭୟ ପାଶ୍ୱର୍ରେ ସତର୍କତା ସୂଚନା ବୋର୍ଡ କିମ୍ବା ବେରିକେଟ୍ ଦିଆ ନଯାଇ ଖୋଲା ରଖାଯାଇଛି। ଦୁଇଦିନ ପୂର୍ବରୁ ଅବିନାଶ କୁମାର ନାମକ ୨୦ ବର୍ଷୀୟ ଯୁବକ ରାତିରେ ବାଇକ୍‌ରେ ଜୟପୁର ଠାରୁ କୋଲାବ ନଗର ଯାଉଥିଲେ। ପୋଲ ନିର୍ମାଣ ସ୍ଥାନରେ କୌଣସି ସୂଚନା ବୋର୍ଡ କିମ୍ବା ବେରିକେଟ ନଥିବାରୁ ସେ ବେଳେ ସିଧାରେ ଚାଲିଯାଇ ଅଚାନକ ପୋଲ ନିର୍ମାଣ ପାଇଁ ଖୋଳା ଯାଇଥିବା ପ୍ରାୟ ୨୦ ଫୁଟ ତଳକୁ ବାଇକ ସହ ଖସି ପଡ଼ିଥିଲେ। ଫଳରେ ଅବିନାଶ କୁମାରଙ୍କ ଉପରେ ବାଇକ ପଡ଼ିବା ଯୋଗୁଁ ତାଙ୍କର ପଞ୍ଜରା ହାଡ଼ ଓ ମେରୁଦଣ୍ଡ ଭାଙ୍ଗି ଯାଇଥିବା ଜଣା ପଡ଼ିଛି। ଗୁରୁତର ଅବସ୍ଥାରେ ଅବିନାଶଙ୍କୁ କୋରାପୁଟର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଅବସ୍ଥା ସଙ୍କଟାପନ୍ନ ହେବାରୁ ଗୁରୁବାର ବିଶାଖାପାଟଣା ସ୍ଥାନାନ୍ତର



କରାଯାଇଛି। ତାଙ୍କ ପୁଅର ସମସ୍ତ ଚିକିତ୍ସା ଖର୍ଚ୍ଚ ଉପର କୋଲାବ ପ୍ରକଳ୍ପ କର୍ତ୍ତୃପକ୍ଷ ଗ୍ରହଣ କରିବା ସହ କ୍ଷତିପୂରଣ ଦେବାକୁ ଅବିନାଶ କୁମାରଙ୍କ ବାପା ଧର୍ମେନ୍ଦ୍ର କୁମାର ଦାବି କରିଛନ୍ତି। ଯଦି କର୍ତ୍ତୃପକ୍ଷ କୌଣସି ସହଯୋଗ ନକରନ୍ତି ତାହା ହେଲେ ସେ ଅଦାଲତର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ମାର୍‌ପିଟ ମାମଲାର ଅଭିଯୁକ୍ତ ଗିରଫ

ଜୟପୁର, ୭।୫(ସମିସ): ଜୟପୁର ସହରର ସୌରା ସାହି ମହାପାତ୍ରଲାଇନ ଗଳିରେ ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବରୁ ହୋଇଥିବା ଗଣ୍ଡଗୋଳ ମାମଲାରେ ଆଜି ଜୟପୁର ଟାଉନ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ସ୍ଥାନୀୟ ନୂଆସାହିର ପିଣ୍ଟୁ ହିଆଲ। ପୁଲିସ ସୂଚନା ଅନୁଯାୟୀ ଗତ ୨୦୨୫ ମସିହା ଡିସେମ୍ବର ୧୮ ତାରିଖରେ ମହାପାତ୍ର ଗଳିରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ମାମଲାରେ ପୁଲିସ ପୂର୍ବରୁ ଉଭୟ ପକ୍ଷରୁ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିବା ବେଳେ ଆଜି ଗିରଫ ଅଭିଯୁକ୍ତ ଫେରାର ରହିଥିଲା। କିନ୍ତୁ ଆଜି ଫେରାର ଅଭିଯୁକ୍ତ ନିଜ ଘରକୁ ଆସିଥିବା ସୂଚନା ପାଇବା ପରେ ପୁଲିସ ଚଢ଼ଉ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ବୋଲି ତଦନ୍ତ ଅଧିକାରୀ ଏଏସଆଇ ସୁବାସ ଷଡଙ୍ଗୀ ପ୍ରକାଶ କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

ପଡିଆ,୭।୫(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ଶିମିଳିବାଞ୍ଛା ଗ୍ରାମ ଠାରୁ ଏମଭି ୬୦ ଗ୍ରାମ ମଝିରେ ଥିବା ବୁଲାଣୀରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଶିଙ୍ଗା ମାଡକାମି କୌଣଷି କାମରେ ଏମଭି ୬୦ ଗ୍ରାମରୁ ଶିମିଳିବାଞ୍ଛା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ବେଳେ ଶିମିଳିବାଞ୍ଛା ଗ୍ରାମ ପୂର୍ବରୁ ରହିଥିବା ମୋଡ଼ରେ ଭାରସାମ୍ୟ ହରାଇ ଘୋଷାରି ହୋଇ ପଡ଼ି ଯାଇଥିଲେ। ଯାହାଫଳରେ ଯୁବକ ଜଣଙ୍କ ଗୁରୁତର ଭାବେ ଆଘାତ ପାଇ ରକ୍ତାକ୍ତ ଅବସ୍ଥାରେ ରାସ୍ତା କଡରେ ପଡି ଥିଲେ। ଏ ବାବଦରେ ସୂଚନା ପାଇବା ପରେ ପଡିଆ ଅଗ୍ନିଶମ ଅଧିକାରୀ ବିରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଯୁବକଙ୍କ ଅବସ୍ଥା ଠିକ୍ ଥିବା ଜଣାପଡ଼ିଛି।

# ସବୁ ଥାନାରେ ହେବ 'ଜୁଭେନଟିକା.. ଆଉଟରିଚ୍' କାର୍ଯ୍ୟକ୍ରମ

ରାୟଗଡ,୭।୫(ସମିସ):

ରାୟଗଡ଼ ଜିଲ୍ଲାର ୧୭ଗୋଟି ଥାନାରେ ଶୁକ୍ରବାର ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ "ଜୁଭେନଟିକା- ସିଡବ୍ଲ୍ୟୁପିଓ ଆଉଟରିଚ ୱିଥ୍ ଆଡଲସ୍କାଂଟସ୍' କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଥିବା ନେଇ ଆଜି ସଂଧ୍ୟାରେ ରାୟଗଡ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତୀ ଏସ.କୁମାର ସୂଚନା ପ୍ରଦାନ କରିଛନ୍ତି। ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଅପରାହ୍ନରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏହି ଆଉଟରିଚ କାର୍ଯ୍ୟକ୍ରମ ଭୁବନେଶ୍ୱର ଠାରେ ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିବା ପରେ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଏସ୍‌ପି କହିଛନ୍ତି। ଏହି ଆଉଟ୍‌ରିଚ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି



କିଶୋରକିଶୋରୀମାନେ ଥାନାକୁ ଆସିବା, ସହଜଗମ୍ୟତା ତଥା ଥାନାକୁ ଆସିବା ଭୟ ଦୂର କରି ସହଜରେ ଆସିବା ଏବଂ କିଶୋରକିଶୋରୀମାନଙ୍କ ସୁରକ୍ଷା କେମିତି ହୋଇପାରିବ ସେ ନେଇ ସଚେତନ କରାଯିବା। ଆଜିକାଲି ଦୁନିଆରେ କିଶୋରକିଶୋରୀମାନଙ୍କ କ୍ଷେତ୍ରରେ ଡିଜିଟାଲ ଚ୍ୟାଲେଞ୍ଜ ବହୁତ ରହୁଥିବା ବେଳେ ସେମାନଙ୍କ ମାନସିକ ସମସ୍ୟା ଅତ୍ୟଧିକ ଭାବେ ବୃଦ୍ଧି ପାଉଛି । ଫଳରେ ଆତ୍ମହତ୍ୟା ଭଳି ମାମଲାର ବୃଦ୍ଧି ଘଟୁଥିବାରୁ ଉକ୍ତ ବିଷୟକୁ ଅଗ୍ରାହ୍ୟ କରି ପୋଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଥିବା ଏସ୍‌ପି ସୁଶ୍ରୀ ସ୍ୱାତୀ କହିଛନ୍ତି। ଜିଲ୍ଲାର ୧୭ ଥାନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରତିଟି ଥାନା ଅଞ୍ଚଳର ୫ଟି ଲେଖାଁଏ ଅଙ୍ଗନବାଡି କେନ୍ଦ୍ର ସହାୟତାରେ ୨୫ ଜଣ ଲେଖାଁଏ ପିଲା ପ୍ରତିଟି ଥାନାକୁ ଆସିବେ ଏବଂ ସେମାନଙ୍କୁ ଥାନାରେ ପରିଚୟ କରାଯିବ। ଶିଶୁ କଲ୍ୟାଣ ସୁରକ୍ଷା ଅଧିକାରୀଙ୍କ ଭୂମିକା, ଥାନା ଆରକ୍ଷୀ ନିରୀକ୍ଷକ(ଆଇଆଇସି)ଙ୍କ ଭୂମିକା, ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କର ଭୂମିକା ବିଷୟରେ ଅବଗତ କରାଯିବ। ଥାନାର ଆଇଆଇସିମାନେ ଉକ୍ତ କାର୍ଯ୍ୟକ୍ରମ ବିଷୟରେ ଅଧିକ ତଥ୍ୟ ପ୍ରଦାନ କରିବେ ବୋଲି ଏସପି ସୁଶ୍ରୀ ସ୍ୱାତୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନୂତନ ଭାବେ ରାୟଗଡ଼ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରୂପେ ଯୋଗ ଦେଇଥିବା ଏଏସପି ରାମେନ୍ଦ୍ର ପ୍ରସାଦ ଉପସ୍ଥିତ ରହିଥିଲେ।

# ଶେଷ ହେଲା ମା' ଅଗ୍ନି କୁମାରୀ ଠାକୁରାଣୀ ଯାତ୍ରା



ଟିକିରି,୭।୫(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ସ୍ଥିତ ଦୋରା ସାହିରେ ଥିବା ମା' ଅଗ୍ନି କୁମାରୀ ଦେବୀ ଠାକୁରାଣୀ ଯାତ୍ରା ଆସନ୍ତାକାଲି ଶେଷ ହୋଇଛି। ଏହି ଯାତ୍ରା ୩ ବର୍ଷକୁ ଥରେ ହୋଇଥାଏ। ଏହି ଯାତ୍ରା ୯ଦିନ ଧରି ଚାଲି ଆସୁଥିଲା। ଏହି ୯ ଦିନ ଗ୍ରାମର ସବୁ ସାହି ସହ ଟିକିରି ଅଞ୍ଚଳ ପରିକ୍ରମା କରିଥାନ୍ତି। ଏହା ସହ ସୋମବାର ରାତିରେ କଣ୍ଟା ଦୋଳିରେ ବସିବା ସହିତ ଲୁହାର ସାବଳ ଗରମ କରି ସେହି ସାବଳକୁ ହାତରେ ଧରିଥାନ୍ତି। ସେହିପରି ନିଆଁ ମଧ୍ୟ ଚାଲିଥାନ୍ତି। ପୂର୍ବରୁ ପୁରୁଷ ଏହି ପୂଜା କରିଆସୁଛନ୍ତି । ମାଁ ପାଖରେ ଯିଏ ଯାହା ମାନସିକ କରନ୍ତି, ସେହି ମାନସିକ ପୂର୍ଣ୍ଣ ହେଲେ, ଶେଷ ଦିନରେ ମାଁ ନିକଟରେ କୁକୁଡା, ଛେଳି ବଳି ଦିଆଯାଏ। ଶେଷ ଦୁଇ ଦିନ ମନୋରଞ୍ଜନ ପାଇଁ କୋରାପୁଟ ଜିଲ୍ଲା ବୈପାରିଗୁଡାର ଏକ ନାଟକ ଦଳ ପରିବେଷଣ କରିଥିଲେ। ଏହା ସହ ମଙ୍ଗଳବାର ଦିନ କଳାହାଣ୍ଡି ଜିଲ୍ଲାର ଏକ ମେଲୋଡ଼ି ପ୍ରୋଗ୍ରାମ ଅନୁଷ୍ଠିତ ହୋଇଥିଲା।

# ଭୂମିହୀନଙ୍କୁ ପଞ୍ଚାୟତରାଜ ମନ୍ତ୍ରୀଙ୍କ ପଟ୍ଟା ବଣ୍ଟନ





ରାମନାଗୁଡ଼ା,୭।୫(ସମିସ):

ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକର କୁଜେନ୍ଦ୍ରି ଓ ଗୋସେଇଁ ଗୁଲୁମୁଣ୍ଡା ଗ୍ରାମର ୨୫ ଜଣ ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ବଣ୍ଟନ କରିଛନ୍ତି। ଦୀର୍ଘ ଦିନ ଧରି ଭୂମିହୀନ ଭାବେ ରହି ଆସୁଥିବା ଗରିବ ପରିବାର ପଟ୍ଟା ପାଇବା ପରେ ସେମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ପଟ୍ଟା ବଣ୍ଟନ ଦ୍ୱାରା ସେମାନେ ନିଜର ବାସଗୃହ ଓ ଅନ୍ୟାନ୍ୟ ସରକାରୀ ସୁବିଧା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ପଟ୍ଟା ବଣ୍ଟନ ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ପ୍ରତ୍ୟେକ ଗରିବ ଓ ନିଷ୍ପେସିତ ପରିବାରକୁ ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ଭୂମିହୀନଙ୍କୁ ଜମିର ଅଧିକାର ଦେବା ଆମର ପ୍ରାଥମିକତା। ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଦ୍ୟାଧର ଶବର, ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ, ଉପ ଜିଲ୍ଲାପାଳ ଅଭିଷେକ ଦୁଧାଲ୍ ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ସହ ରାଜସ୍ୱ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ ପ୍ରକ୍ରିୟାକୁ ସ୍ୱଚ୍ଛତାର ସହ ସମ୍ପାଦନ କରିଥିବାରୁ ମନ୍ତ୍ରୀ ସ୍ଥାନୀୟ ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଜନସାଧାରଣ ଓ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ। ପଟ୍ଟା ପାଇଥିବା ହିତାଧିକାରୀମାନେ ସରକାରଙ୍କ ଏହି ଜନହିତକର ପଦକ୍ଷେପ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ମାଲକାନଗିରିରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଶିବିର ପ୍ରସ୍ତୁତି ବୈଠକ

ମାଲକାନଗିରି, ୭।୫(ସମିସ): ଆସନ୍ତା ୧୨ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହେବାକୁ ଥିବା ବେଳେ ଏନେଇ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଅଧିକାରୀ ଡ.ଚୌଧୁରୀ ନିହାର ରଞ୍ଜନ ପ୍ରହରାଜ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ବରିଷ୍ଠ ଡାକ୍ତରଙ୍କ ସହ ଡାକ୍ତରଖାନା ପରିଚାଳକ ଏବଂ ବରିଷ୍ଠ ସେବିକାଗଣ ଉପସ୍ଥିତ ରହିଥିଲେ। ଏହି ଶିବିରରେ ରାଜ୍ୟସ୍ତରୀୟ ବିଶେଷଜ୍ଞ ଡାକ୍ତର ଯଥା ସ୍ନାୟୁ ରୋଗ ବିଶେଷଜ୍ଞ, ହୃଦ୍‌ରୋଗ ବିଶେଷଜ୍ଞ, ବୃକକ ରୋଗ ବିଶେଷଜ୍ଞ, ପାଚନତନ୍ତ୍ର ରୋଗ ବିଶେଷଜ୍ଞ, ଅନ୍ତଃସ୍ରାବୀ ରୋଗ ବିଶେଷଜ୍ଞ, ଲାପାରୋସ୍କୋପି ଏବଂଶଲ୍ୟ ବିଶେଷଜ୍ଞ ପ୍ରମୁଖ ଡାକ୍ତରୀଦଳ ଯୋଗଦେଇ ଚିକିତ୍ସା ସେବା ସହ ଅସ୍ତ୍ରୋପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଜିଲ୍ଲାବାସୀଙ୍କୁ ସଚେତନତା ସହ ଶିବିରରେ ଆସୁଥିବା ବିଶେଷଜ୍ଞ ଡାକ୍ତର ସମ୍ପର୍କିତ ବାର୍ତ୍ତା ଦେବା ନିମନ୍ତେ ୭ଟି ବ୍ଲକ ଓ ମାଲକାନଗିରି ସହରାଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରାଯିବା ବ୍ୟବସ୍ଥା କରାଯାଇଛି। ଏହି ଶିବିରକୁ ଅଧିକରୁ ଅଧିକ ରୋଗୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚିକିତ୍ସା ସେବାର ଲାଭ ଉଠାଇବା ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା।



## ଜିଲ୍ଲାସ୍ତରୀୟ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମର ସମୀକ୍ଷା

# ୩ ମାସରେ ୨୯ ବାଲ୍ୟ ବିବାହ ବନ୍ଦ

କୋରାପୁଟ,୭।୫(ସମିସ): କୋରାପୁଟ ଜିଲ୍ଲାରେ ବାଲ୍ୟ ବିବାହ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଗତ ୩ ମାସ ମଧ୍ୟରେ ଜିଲ୍ଲାରେ ୨୯ଟି ବାଲ୍ୟ ବିବାହ ସଫଳତାର ସହ ବନ୍ଦ କରାଯାଇଛି। ଏହି ସାମାଜିକ କୁସଂସ୍କାରକୁ ଦୂର କରିବା ପାଇଁ ସମାଜର ସହଯୋଗ ଆବଶ୍ୟକତା ରହିଛି। ଜିଲାସ୍ତରୀୟ ଶିଶୁ ପାଇଁ ଦିନଟିଏ ଏବଂ ଶିଶୁ ସୁରକ୍ଷା କମିଟି ଓ ଟାସ୍କ ଫୋର୍ସର ବୈଠକରେ ଯୋଗଦେଇ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏହା କହିଛନ୍ତି। ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ତରଫରୁ ଶିଶୁ ସୁରକ୍ଷା ଓ ଅଧିକାର ପାଇଁ ରହିଥିବା ଯୋଜନାର କାର୍ଯ୍ୟକାରୀ ଉପରେ ଆଲୋଚନା କରାଯାଇଥିଲା। ଏଥି ନିମନ୍ତେ ଏକ ସଚେତନତା ପୁସ୍ତିକା ପ୍ରକାଶନ କରାଯିବ। ଏହି ପୁସ୍ତିକା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯିବ। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ




ସୁନୀଲ କୁମାର ତାଣ୍ଡି, ଜିଲ୍ଲା ଶିଶୁ କଲ୍ୟାଣ କମିଟି ଅଧକ୍ଷା ବି. ଗାୟିତ୍ରୀ ଦେବୀ, ଡିଏସପି ପୁଷ୍ପାଞ୍ଜଳୀ ନିଙ୍ଗୀ, ଜିଲ୍ଲା ଶ୍ରମ ଅଧିକାରୀ ସବିତା କୁମାରୀ ନାୟକ, ଜିଲ୍ଲା ନିୟୋଜନ ଅଧିକାରୀ ଶୁଭେନ୍ଦୁ ମିଶ୍ର, ସମଗ୍ର ଶିକ୍ଷା ଅଭିଯାନର ଗୁଣା।କ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତୀ ପ୍ରମୁଖଙ୍କ ସହ ଜିଲ୍ଲାର ବାଲ୍ୟ ବିବାହ ସୁରକ୍ଷା ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ପାଢ଼ୀ ଯୋଗଦେଇ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀ ସବିତା ସମାଦର ଧନ୍ୟବାଦ ଅର୍ପଣ କରିଥିଲେ।

# କଟକ ସିଟି





## ସତୀଚୌରା ଶ୍ମଶାନର ହେବ ନବୀକରଣ



**୭ କୋଟିର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମେୟର**

**କଟକ,୭।୫(ସମିସ):** କଟକର ଐତିହାସିକ ସତୀଚୌରା ଶ୍ମଶାନର ଆଧୁନିକୀକରଣ ଓ ନବୀକରଣ କାର୍ଯ୍ୟ ପାଇଁ ଆଜି ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଆଜି ସକାଳ ୧୦ ଘଟିକା ସମୟରେ କଟକ ମେୟର ସୁବାସ ସିଂହ କଟକ ମହାନଗର ନିଗମ ୱାର୍ଡ ନମ୍ବର ୬ ସ୍ଥିତ ସତୀଚୌରା ଶ୍ମଶାନରେ ପହଞ୍ଚି ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କଟକ ମହାନଗର ନିଗମ ପକ୍ଷରୁ ପ୍ରାୟ ୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଶ୍ମଶାନର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ ଗେଲ୍ ଇଣ୍ଡିଆ ପକ୍ଷରୁ ପରିବେଶ ଅନୁକୂଳ ଗ୍ୟାସ ଚୁଲା ସ୍ଥାପନ ପାଇଁ ଅତିରିକ୍ତ ୧.୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ନବୀକରଣ ଯୋଜନାରେ ପରିଦର୍ଶକ ଓ ପରିବାର ସଦସ୍ୟଙ୍କ ସୁବିଧା ପାଇଁ ଦୁଇଟି ପ୍ରତୀକ୍ଷା ହଲ୍ (ବଡ଼ ଓ ଛୋଟ), ପୁରୁଷ ଓ ମହିଳାଙ୍କ ନିମନ୍ତେ ପୃଥକ ତଥା ଆଧୁନିକ ଶୌଚାଳୟ ଏବଂ ଗାଧୋଇବା ସ୍ଥାନର ବ୍ୟବସ୍ଥା କରାଯିବ। ଶବଦାହ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ପାରମ୍ପରିକ ଜାଳେଣି କାଠର ନିରାପଦ ଷ୍ଟୋରେଜ୍ ଏବଂ ଏକ ଆଧୁନିକ ପରିବେଶ ଅନୁକୂଳ ଶବଦାହ ବର୍ଣ୍ଣର ସିଷ୍ଟମ ସ୍ଥାପନ କରାଯିବାର ଯୋଜନା ରହିଛି। ଶ୍ମଶାନର ସୌନ୍ଦର୍ଯ୍ୟକରଣ ସହ ଆଧ୍ୟାତ୍ମିକ ବାତାବରଣ ବୃଦ୍ଧି ପାଇଁ ଭଗବାନ ଶିବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଏବଂ ଐତିହାସିକ ଗୁରୁତ୍ୱ ରଖୁଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ନାମ ସମ୍ମାନର ସହ ସଂରକ୍ଷଣ କରିବା ପାଇଁ ଏକ ସ୍ମାରକୀ ପ୍ରାଚୀର ମଧ୍ୟ ନିର୍ମାଣ କରାଯିବ। ପୁରୁଣା ସମାଧି ପଥରଗୁଡ଼ିକର ଉପଯୁକ୍ତ ସଂରକ୍ଷଣ ସହ ସୁରକ୍ଷା ପାଇଁ କମ୍ପାଉଣ୍ଡ ପ୍ରାଚୀର, ନୂତନ ପ୍ରବେଶ ଦ୍ୱାର, ଗାର୍ଡ ରୁମ୍ ଏବଂ ଉପଯୁକ୍ତ ଡ୍ରେନେଜ୍ ସିଷ୍ଟମ୍ ନିର୍ମାଣ କରାଯିବା ନେଇ ମେୟର ସୂଚନା ଦେଇଛନ୍ତି। ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମେୟରଙ୍କ ସହିତ ସ୍ଥାନୀୟ ବିଧାୟିକା ଇଂ ସୋଫିଆ ଫିରଦୋସ, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଦୀପ୍ତିମୟୀ ମୂଳିଆ, ମୋନାଲିସା ଦାସ, କର୍ପୋରେଟର ରିତାଞ୍ଜଳି ବେହେରା ଏବଂ ସିଟି ଇଞ୍ଜିନିୟର ଅତନୁ ସାମନ୍ତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଜନସାଧାରଣ ଉପସ୍ଥିତ ଥିଲେ।

## ୯ ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୭।୫(ସମିସ):** କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ ସେବା କମିଟି ପରିସରରେ ଆସନ୍ତା ୯ ତାରିଖ ଶନିବାର ପୂର୍ବାହ୍ନ ସମୟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମକଦ୍ଦମା ଯଥା ସମାଧାନ ଯୋଗ୍ୟ ଟ୍ରାଫିକ୍ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ଆଦି ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଲୋକ ଅଦାଲତରେ ମକଦ୍ଦମା, ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ।

## ୩୦ ନମ୍ବର ୱାର୍ଡରେ ବିଧାୟିକାଙ୍କ ଜନସମ୍ପର୍କ ପଦଯାତ୍ରା



**କଟକ,୭।୫(ସମିସ):** କଟକ ମହାନଗର ନିଗମ ଅନ୍ତର୍ଗତ ୩୦ ନମ୍ବର ୱାର୍ଡରେ ବିଧାୟିକା ସୋଫିଆ ଫିରଦୋସଙ୍କ ପକ୍ଷରୁ ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ନରେ ରାଜାବଗିଚା ଦୁର୍ଗାମଣ୍ଡପ ସମ୍ମୁଖରୁ ଏହି ପଦଯାତ୍ରା ବାହାରି ତେଲେଙ୍ଗାବଜାରର ବୃନ୍ଦାବତୀ ଛକ, ବଙ୍ଗାଳିସାହି ଏବଂ ଭଗତପୁର ହନୁମାନ ଛକ ଦେଇ ଯାଇଥିଲା। ପରେ ଏହା କୁମ୍ଭାରସାହି ହୋଇ ବାଙ୍କିସାହି ମହାଦେବ ମନ୍ଦିର ନିକଟରେ ପହଞ୍ଚିବା ପରେ ସମାପ୍ତ ହୋଇଥିଲା। ଏହି ପଦଯାତ୍ରା କାଳରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ବିଧାୟିକାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇବା ସହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ପଦଯାତ୍ରା ସମୟରେ ବିଧାୟିକା ୱାର୍ଡବାସୀଙ୍କ ସହ ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ସିଧାସଳଖ ଆଲୋଚନା କରିଥିଲେ। ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଏହି ପଦଯାତ୍ରାରେ ସାମିଲ ହୋଇ ସ୍ଥାନୀୟ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ବିଜୟ କେତନ ନାୟକ, ବିଶ୍ୱରଞ୍ଜନ ଘଡେଇ, ସଚ୍ଚିଦାନନ୍ଦ ଦାସ, ନରୋତ୍ତମ ଦାସ, ଶୈଳେନ ଧଳ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଏହି ପଦଯାତ୍ରାରେ ବିଧାୟିକାଙ୍କ ସହ ବହୁ ସଂଖ୍ୟାରେ ଅଞ୍ଚଳବାସୀ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

## କଟକ ସହର ସମସ୍ୟା ଶୁଣାଣି

# ସରକାରୀ ବିଭାଗର କାର୍ଯ୍ୟଶୈଳୀକୁ ନେଇ ହାଇକୋର୍ଟ କ୍ଷୁବ୍ଧ

### ସିଏମ୍‌ସି ଓ ସିଡିଏ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ

କଟକ,୭।୫(ସମିସ): କଟକ ସହରର ବିଭିନ୍ନ ସାର୍ବଜନୀନ ସମସ୍ୟା ଓ ଏସସିବି ମେଡିକାଲର ଉନ୍ନତୀକରଣ ପ୍ରସଙ୍ଗରେ ଚାଲିଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ବିଭିନ୍ନ ସରକାରୀ ବିଭାଗର ମନ୍ଥର କାର୍ଯ୍ୟଶୈଳୀକୁ ନେଇ ତୀବ୍ର ଭର୍ତ୍ସନା କରିଛନ୍ତି। ଜଷ୍ଟିସ କେ.ଆର. ମହାପାତ୍ର ଏବଂ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଶୁଣାଣି ସମୟରେ ସ୍ପଷ୍ଟ କରିଛନ୍ତି ଯେ କୋର୍ଟଙ୍କ ନିର୍ଦ୍ଦେଶ ପାଳନରେ ଅବହେଳା କଲେ ସମ୍ପୃକ୍ତ ଅଧିକାରୀ ବ୍ୟକ୍ତିଗତ ଭାବେ ହାଜର ହେବେ।

### ଅଧିକାରୀଙ୍କ ଅବହେଳା ନେଇ କ୍ଷୋଭ

କୋର୍ଟ ପୂର୍ବରୁ ଦେଇଥିବା ନିର୍ଦ୍ଦେଶ ଗୁଡ଼ିକର ଅନୁପାଳନ ରିପୋର୍ଟ ଠିକ୍ ସମୟରେ ଦାଖଲ ନ ହେବା କାରଣରୁ କୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶୁଣାଣି ଦିନ ହିଁ ଜବାବ ଦାଖଲ କରାଯାଉଥିବାରୁ ମାମଲାଗୁଡ଼ିକ ଅଯଥାରେ ବିଳମ୍ବ ହେଉଛି। ଏଣିକି ସମୟସୀମା ମଧ୍ୟରେ ସତ୍ୟପାଠ ଦାଖଲ ନ କଲେ ସମ୍ପୃକ୍ତ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମାକୁ ରାଜ୍ୟ ମୁଖ୍ୟ ଶାସନ ସଚିବ, ସିଏମସି କମିଶନର ଏବଂ ସିଡିଏ ଉପାଧ୍ୟକ୍ଷଙ୍କୁ ମଧ୍ୟ ପ୍ରଦାନ କରିବାକୁ କୁହାଯାଇଛି।

### ଏସ୍‌ସିବି ମେଡିକାଲ ଉନ୍ନତୀକରଣ ପ୍ରସଙ୍ଗ

ମେଡିକାଲରେ ଡିଜିଟାଲ୍ ଡିସପ୍ଲେ ବୋର୍ଡ ଲଗାଇବା କାର୍ଯ୍ୟ ଆୟୁଷ୍ମାନ ଭାରତ ମିଶନର ଅଂଶବିଶେଷ ବୋଲି ସ୍ୱାସ୍ଥ୍ୟ ସଚିବ ଜଣାଇଛନ୍ତି। ଏଥିପାଇଁ ଆବଶ୍ୟକ କର୍ମଚାରୀ ନିଯୁକ୍ତି ନିମନ୍ତେ ଅର୍ଥ ବିଭାଗକୁ ପ୍ରସ୍ତାବ ଦିଆଯାଇଛି, ଯାହା ୧୦ ଦିନ ମଧ୍ୟରେ ମଞ୍ଜୁର ହେବ ବୋଲି ଆଶା କରାଯାଉଛି। ସେହିଭଳି ସିଟିଭିଏସ ବିଭାଗ ପାଇଁ ଅତ୍ୟାଧୁନିକ ଉପକରଣ କିଣିବା ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ମଇ ୨୫ ସୁଦ୍ଧା ପର୍ଚ୍ଚେଜ୍ ଅର୍ଡର ଦିଆଯିବ। ଯକୃତ ପ୍ରତିରୋପଣ ପାଇଁ ଚେନ୍ନାଇର ଏମଜିଏମ ହସ୍ପିଟାଲ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି ଏବଂ ଚଳିତ ମାସ ଶେଷ ସପ୍ତାହରେ ପ୍ରଥମ ଅସ୍ତ୍ରୋପଚାର ହେବାର ସମ୍ଭାବନା ଅଛି। ଏସସିବିର ପୁନଃ ବିକାଶ ପ୍ରକଳ୍ପ ଅଧୀନରେ ଫେବୃଆରୀ ୨୦୨୭ ସୁଦ୍ଧା ୪ଟି ଅତ୍ୟାଧୁନିକ ମଡ୍ୟୁଲାର୍ ଅପରେସନ୍ ଥିଏଟର କାର୍ଯ୍ୟକ୍ଷମ ହେବ।

### ଶିଶୁ ଭବନର ଖୋଲା ଡ୍ରେନ୍ ସମସ୍ୟା

ଶିଶୁ ଭବନ ପରିସରରେ ଥିବା ଖୋଲା ଡ୍ରେନର ସମସ୍ୟା ଅନୁଧ୍ୟାନ ପାଇଁ ଆସନ୍ତା ମଇ ୧୬ ତାରିଖରେ ଆଡଭୋକେଟ୍ କମିଟି ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରିବେ। ସିଏମସି ସିଟି ଇଞ୍ଜିନିୟର ସେମାନଙ୍କୁ ସହଯୋଗ କରିବେ। ଶିଶୁ ଭବନ ଚାରିପାଖରେ ଉଚ୍ଚ ପାଚେରୀ ନିର୍ମାଣ କାର୍ଯ୍ୟ ଚାଲିଛି ଏବଂ ଏହା ଜୁନ୍ ଶେଷ ସୁଦ୍ଧା ସରିବ ବୋଲି କୋର୍ଟଙ୍କୁ ଅବଗତ କରାଯାଇଛି।

### ଶୋଚନୀୟ ପାର୍କ, ବିପଦପୂର୍ଣ୍ଣ କୋଠା

କଟକ ସହରର ବିଭିନ୍ନ ପାର୍କର ଶୋଚନୀୟ ଅବସ୍ଥାକୁ ନେଇ କୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଏଥିପାଇଁ ଆସନ୍ତା ମଇ ୨୧ ତାରିଖରେ ସିଏମସି କମିସନରଙ୍କ ସମେତ ସମସ୍ତ ଦାୟିତ୍ୱ ସମ୍ପନ୍ନ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ମିଶନ୍ ରୋଡ୍‌ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର କୋଠା ବିପଦପୂର୍ଣ୍ଣ ଥିବାରୁ ଏହାର ସ୍ଥାୟିତ୍ୱ ଯାଞ୍ଚ ପାଇଁ ଆଇଆଇଟି ଭୁବନେଶ୍ୱର ସହ ଯୋଗାଯୋଗ କରାଯାଇଛି। ଏହି ବିଷୟରେ ମଇ ୧୨ ତାରିଖରେ ଏଡିଏମଙ୍କ ସହ ଆଲୋଚନା କରି କାଗଜପତ୍ର ଦାଖଲ କରିବାକୁ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଏହି ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ପରବର୍ତ୍ତୀ ଶୁଣାଣି ଜୁନ୍ ଏବଂ ଜୁଲାଇ ମାସରେ ବିଭିନ୍ନ ତାରିଖରେ ଅନୁଷ୍ଠିତ ହେବ ବୋଲି କୋର୍ଟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଓଡ଼ିଶାରେ ଭାରତର ପ୍ରଥମ 'ଟିଜେକେ ସୁପରଫ୍ଲେକ୍ସ ୱେଲ୍ଡମେସ' ଲାଇନର ଶୁଭାରମ୍ଭ




**କଟକ,୭।୫(ସମିସ):** ଇସ୍ପାତ ପ୍ରକ୍ରିୟାକରଣ ଓ ଆଧୁନିକ ନିର୍ମାଣଶୈଳୀ କ୍ଷେତ୍ରରେ ଓଡ଼ିଶା ଆଜି ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଟାଟା ଷ୍ଟିଲ ସହ ସହଭାଗିତାରେ ସାଗର ବିଜନେସ୍ ଭେଂଚର୍ସ ଲିମିଟେଡ ପକ୍ଷରୁ ଟାଙ୍ଗୀସ୍ଥିତ

- ଟାଟା ଷ୍ଟିଲ ଓ ସାଗର ବିଜନେସ୍ ଭେଞ୍ଚର୍ସର ମିଳିତ ସହଭାଗିତା
- ତାର ଜାଲି ନିର୍ମାଣ କ୍ଷେତ୍ରରେ ଆସିବ ବୈପ୍ଳବିକ ପରିବର୍ତ୍ତନ

କାରଖାନା ପରିସରରେ ଭାରତର ପ୍ରଥମ "ଟିଜେକେ ସୁପରଫ୍ଲେକ୍ସ ୱେଲ୍ଡମେସ' (ତାର ଜାଲି) ମାନୁଫ୍ୟାକ୍ଚରିଂ ଲାଇନର ଉଦ୍‌ଘାଟନ କରାଯାଇଛି। ଅନ୍ତର୍ଜାତୀୟ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ଏହି ପ୍ରକଳ୍ପ ଭାରତର ଭିତ୍ତିଭୂମି ଓ ବୃହତ ନିର୍ମାଣ କାର୍ଯ୍ୟରେ ଦକ୍ଷତା ବୃଦ୍ଧି କରିବା ସହ ଏକ ନୂତନ ଯୁଗର ସୂତ୍ରପାତ କରିଛି। ଏହି ନୂତନ ସୁପରଫ୍ଲେକ୍ସ ୱେଲ୍ଡମେସ ଲାଇନ ୩.୩ ମିଟର ପର୍ଯ୍ୟନ୍ତ ଚଉଡାର ତାର ଜାଲି ଉତ୍ପାଦନ କରିବାକୁ ସକ୍ଷମ, ଯାହା ପୂର୍ବରୁ ମାତ୍ର ୨.୪ ମିଟର ମଧ୍ୟରେ ସୀମିତ ଥିଲା। ଏହି ଜ୍ଞାନକୌଶଳ ଦ୍ୱାରା ଆବାସିକ ଓ ବାଣିଜ୍ୟିକ ପ୍ରକଳ୍ପଗୁଡ଼ିକରେ ଆରସିସି ୱାଲ୍ ନିର୍ମାଣ କାର୍ଯ୍ୟ ଅଧିକ ସହଜ ହେବ। ଏହି ଫ୍ୟାସିଲିଟିର ମାସିକ ଉତ୍ପାଦନ କ୍ଷମତା ୧୦୦୦ ଏମ୍‌ଟି ରହିଛି, ଯାହା ଶ୍ରମ ନିର୍ଭରତା ହ୍ରାସ କରିବା ସହ ସୁଉଚ୍ଚ ଅଟ୍ଟାଳିକା ନିର୍ମାଣରେ ସଠିକତା ପ୍ରଦାନ କରିବ। ଉଦ୍‌ଘାଟନୀ ଉତ୍ସବରେ ଟାଟା ଷ୍ଟିଲର ମାର୍କେଟିଂ ଓ ସେଲ୍‌ସ ବିଭାଗର ଉପାଧ୍ୟକ୍ଷ ଆଶିଷ ଅନୁପମ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେହିପରି ସାଗର ବିଜନେସ୍ ଭେଂଚର୍ସର ନିର୍ଦ୍ଦେଶକ ଶ୍ରୀୟଶ କିଶୋରପୁରିଆ, ଟିଜେକେ ଓ ଶିଳ୍ପ ଜଗତର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ କଷ୍ଟମର୍ ଏକ୍ସପିରିଏନ୍ସ ଜୋନ୍, ରିଟେଲ୍ ଡିଷ୍ଟ୍ରିବ୍ୟୁସନ୍ ସେଣ୍ଟର ଏବଂ କନଷ୍ଟ୍ରକ୍ସନ୍ ସୋଲ୍ୟୁସନ୍ ସେଣ୍ଟରର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ସାଗର ବିଜନେସ୍ ଭେଂଚର୍ସର ପରିଚାଳନା ନିର୍ଦ୍ଦେଶକ ସୁନୀଲ କିଶୋରପୁରିଆ ନିଜ ପ୍ରତିକ୍ରିୟାରେ କହିଛନ୍ତି, "୧୫ ବର୍ଷ ତଳେ ଏକ ସାଧାରଣ ଡିଷ୍ଟ୍ରିବ୍ୟୁଟର ଭାବେ ଆରମ୍ଭ ହୋଇଥିବା ଆମର ଯାତ୍ରା ଆଜି ଭାରତର ପ୍ରଥମ ସୁପରଫ୍ଲେକ୍ସ ୱେଲ୍ଡେଡ ୱାୟାରମେସ ଲାଇନ ପର୍ଯ୍ୟନ୍ତ ପହଞ୍ଚିଛି।" ଏକାଡେମୀର ଲକ୍ଷ୍ୟ ଅନୁଯାୟୀ, ୨୦୩୦ ସୁଦ୍ଧା ଏହାକୁ ୧୫୦୦ କୋଟି ଟଙ୍କାର ଏକ ବିଶାଳ ଉଦ୍ୟୋଗରେ ପରିଣତ କରିବା ସହ ପୂର୍ବ ଭାରତର ସର୍ବବୃହତ ଷ୍ଟିଲ ଡାଉନଷ୍ଟ୍ରିମ ହବ୍ ଭାବେ ଗଢ଼ିତୋଳିବାକୁ ୧୦୦ କୋଟି ଟଙ୍କାର ନିବେଶ କରାଯିବ। ଆଗାମୀ ଦିନରେ ଏହି ସେଣ୍ଟର ମାଧ୍ୟମରେ ସୋଲାର ଷ୍ଟ୍ରକ୍‌ଚର, ସିପିଙ୍ଗ କଣ୍ଟେନର ଏବଂ ଫାୟାର ସେଫ୍ଟି ସିଷ୍ଟମ ଭଳି ଅତ୍ୟାଧୁନିକ ସାମଗ୍ରୀ ଉତ୍ପାଦନ କରାଯିବ ବୋଲି ନିର୍ଦ୍ଦେଶକ ଶ୍ରୀୟଶ କିଶୋରପୁରିଆ ସୂଚନା ଦେଇଛନ୍ତି।

## ମା' ନଲ୍ଲାରାମା ଠାକୁରାଣୀଙ୍କ ବାର୍ଷିକ ଯାତ୍ରା



**ଚୌଦ୍ୱାର,୭।୫(ସମିସ):** ତେଲୁଗୁ ସମ୍ପ୍ରଦାୟର ଆରାଧ୍ୟା ଦେବୀ ନଲ୍ଲାରାମା ଠାକୁରାଣୀଙ୍କ ବାର୍ଷିକୋତ୍ସବ ଓ ଯାତ୍ରା ଚୌଦ୍ୱାରରେ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଆୟୋଜିତ ଏହି ଉତ୍ସବରେ ଚୌଦ୍ୱାର ଅଞ୍ଚଳରେ ବସବାସ କରୁଥିବା ତେଲୁଗୁ ସମ୍ପ୍ରଦାୟର ମହିଳା, ଯୁବକ, ଯୁବତୀ, ପିଲା ଓ ବରିଷ୍ଠ ନାଗରିକମାନେ ରବିବାର ଦିନ ହଳଦୀ ପାଣି ଭର୍ତ୍ତି କଳସ ମୁଣ୍ଡାଇ ଓଟିଏମ୍ କଲୋନୀସ୍ଥିତ ତେଲୁଗୁ କ୍ଲବ୍ ପରିସରରୁ ବାହାରି ଶୋଭାଯାତ୍ରାରେ ଯାଇ ୧୨ ନମ୍ବର ୱାଡର୍ ଅନ୍ତର୍ଗତ ବାଟବୁଢ଼ୀ କଲୋନୀସ୍ଥିତ ମା' ବାଟବୁଢ଼ୀ ଠାକୁରାଣୀଙ୍କୁ ପବିତ୍ର ସ୍ନାନ କରାଇଥିଲେ। ପରେ ପରେ ମା'ଙ୍କର ପୂଜାର୍ଚ୍ଚନା ସହିତ ଘଟ ସ୍ଥାପନ କରାଯାଇ ଠାକୁରାଣୀଙ୍କୁ ଆବାହନ କରି ଶୋଭାଯାତ୍ରାରେ ନିଆଯାଇ ତେଲୁଗୁ କ୍ଲବ୍‌ସ୍ଥିତ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ଅବସରରେ ମା'ଙ୍କ ନିକଟରେ ଏକ ହଜାର ଆଠ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ମା'ଙ୍କୁ ପୁଷ୍ପାଞ୍ଜଳି ଓ ପ୍ରସାଦ ପ୍ରଦାନ କରାଯାଇ ବାଜା, ରୋଶଣି, ବାଘ, କାଳୀ ଓ ଭାଲୁ ନୃତ୍ୟ ସହିତ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯାଇ ବିଦାୟ ଦିଆଯାଇଥିଲା। ସମ୍ପ୍ରଦାୟର ଝିଅମାନଙ୍କ ଦ୍ୱାରା ପରିବେଷିତ ଦାଣ୍ଡିଆ ନୃତ୍ୟ ବେଶ ଅକର୍ଷଣୀୟ ହୋଇଥିଲା। ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଯୁବନେତା ବିଷ୍ଣୁ ଚରଣ ପରିଡ଼ା, କାଉନସିଲର ଦିଲ୍ଲୀପ ସାହୁ, ସୁବ୍ରତ ସାମଲ, କଲ୍ୟାଣୀ ସାହୁ ପ୍ରମୁଖ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ତେଲୁଗୁ ସମ୍ପ୍ରଦାୟର ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇଥିଲେ।

## ମ୍ୟାଟ୍ରିକ୍ ପରୀକ୍ଷାରେ କଳିଙ୍ଗ ପବ୍ଲିକ ହାଇସ୍କୁଲର ଶତ ପ୍ରତିଶତ ପାସ୍ ହାର



**ଚୌଦ୍ୱାର,୭।୫(ସମିସ):** ଅଞ୍ଚଳର ଏକମାତ୍ର ସରକାରୀ ଇଂରାଜୀ ମାଧ୍ୟମ ଉଚ୍ଚ ବିଦ୍ୟାଳୟ କଳିଙ୍ଗ ପବ୍ଲିକ ହାଇସ୍କୁଲର ପିଲାମାନେ ଗତ ମ୍ୟାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ପରୀକ୍ଷା ଦେଇଥିବା ବିଦ୍ୟାଳୟର ମୋଟ ୬୧ ଜଣ ଛାତ୍ରଛାତ୍ରଙ୍କ ମଧ୍ୟରୁ ଜିତୁ ବେରା ଓ ସୌମ୍ୟା ଦେବତା ଏ-୧ ଗ୍ରେଡ଼ରେ ପାସ୍ କରିଥିବାବେଳେ ଏ-୨ ଗ୍ରେଡ଼ରେ ଜଣେ ଦିବ୍ୟାଙ୍ଗ ଛାତ୍ର, ବି-୧ରେ ୯ଜଣ, ବି-୨ରେ ୯ଜଣ ଛାତ୍ରଛାତ୍ର ପାସ୍ କରି ବିଦ୍ୟାଳୟର ଗୌରବ ଆଣିଥିବା ଜଣାପଡ଼ିଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପତିଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶ୍ରୀକାନ୍ତ ସୁବୁଦ୍ଧିରାୟ ଓ ରହିମ୍ ଖାନ ଅତିଥି ଭାବେ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟବୃନ୍ଦ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବହୁ ଅଭିଭାବକ ଉପସ୍ଥିତ ଥିଲେ।

## ଓଡ଼ିଶୀ ସଂଗୀତ ଗୁରୁ ଗୋପୀନାଥ ମହାନ୍ତିଙ୍କ ପରଲୋକ



**କଟକ,୭।୫(ସମିସ):** ଜଣାଶୁଣା ଓଡ଼ିଶୀ ସଂଗୀତ ଗୁରୁ ଗୋପୀନାଥ ମହାନ୍ତିଙ୍କର ଗୁରୁବାର ଭୋର ସମୟରେ କଟକ ବଡ଼ ଡାକ୍ତରଖାନାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଓଡ଼ିଶୀ ସଂଗୀତ ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସଂଗୀତ ଶିଳ୍ପୀ ଓ ପ୍ରଶଂସକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ବିଡ଼ାନାସୀ ବସୁନ୍ଧରା ଲେନସ୍ଥିତ ବାସଭବନରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ଅନ୍ତିମ ଶଯ୍ୟା ନିକଟରେ ପତ୍ନୀ ମୀରାରାଣୀ ମହାନ୍ତି, ପୁଅ ରଶିକାନ୍ତ ମହାନ୍ତି, ବୋହୂ ଅନିତା କର, ଝିଅ ତଥା ବିଶିଷ୍ଟ ଉପସ୍ଥାପିକା ଲୋରିଆ ମହାନ୍ତି, ଭଉଣୀ ଲୋଭା ମହାନ୍ତି ଓ ଶୁଭଲକ୍ଷ୍ମୀ ଦାସଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗୁରୁ ଧ୍ରୁବଚରଣ କଣ୍ଟ, ନୀଳଚକ୍ର ସିଡିଏ ଶାଖା ସଦସ୍ୟ ମୁରଲୀଧର ଶତପଥୀ, ନିରଞ୍ଜନ ମହାନ୍ତି, ଗୁରୁ ତୀର୍ଥାନନ୍ଦ ମହାନ୍ତି, ଗୁରୁ ତ୍ରିଲୋଚନ ସାହାଣୀ, ଗୁରୁ ଯୋଗେନ୍ଦ୍ର ସ୍ୱାଇଁ, ଲିଟୁ ସାମନ୍ତରାୟ, ଦୀପକ କୁମାର ଏବଂ ସଂଗୀତ ଶିଳ୍ପୀ ସୌଦାମିନୀ ତ୍ରିପାଠୀ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଟକ ସତୀଚୌରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ରଶିକାନ୍ତ ମୁଖାଗ୍ନି ଦେଇଥିଲେ।

## କେନ୍ଦ୍ରୀୟ ହାରରେ ଦରମା ପାଇଁ ଗୁହାରି

# ସ୍ୱାସ୍ଥ୍ୟସେବାର ଅଗ୍ରଣୀ ଯୋଦ୍ଧାଙ୍କୁ ଅବହେଳା

କଟକ,୭।୫(ସମିସ):



- ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ଫାର୍ମାସୀ ସଂଘର ଦାବିପତ୍ର
- ପିବି-୨ ପେ-ବ୍ୟାଣ୍ଡ ପାଇଁ 'ଓଡ଼ିଶା ଫାର୍ମାସୀ ଅଧିକାରୀ ସେବା ସଂଘର ଦାବି

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସେବାର ଅନ୍ୟତମ ଶକ୍ତିଶାଳୀ ସ୍ତମ୍ଭ ସାଜିଥିବା ଫାର୍ମାସୀ ଅଧିକାରୀମାନେ ନିଜର ଦୀର୍ଘ ଦିନର ନ୍ୟାଯ୍ୟ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଛନ୍ତି। ଭାରତବର୍ଷର ଅନ୍ୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମାନ ହାରରେ ମୂଳ ଦରମା ପ୍ରଦାନ ସହ ଓଏସଆରପି-୨୦୧୭ ଅନୁଯାୟୀ ପିବି-୨ (ପେ-ବ୍ୟାଣ୍ଡ) ଲାଗୁ କରିବାକୁ ସଂଘ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଜନହିତକର ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଉଥିଲେ ହେଁ, ଦରମା କ୍ଷେତ୍ରରେ ଓଡ଼ିଶାର ଫାର୍ମାସୀ ଅଧିକାରୀମାନେ ଚରମ ଅବହେଳାର ଶିକାର ହେଉଥିବା ସଂଘ ଅଭିଯୋଗ କରିଛି।

ସରକାରଙ୍କ ସବୁଠାରୁ ପ୍ରଭାବଶାଳୀ "ନିରାମୟ' ଯୋଜନାକୁ ରାଜ୍ୟର କୋଣ ଅନୁକୋଣରେ ପହଞ୍ଚାଇବାରେ ଫାର୍ମାସୀ ଅଧିକାରୀଙ୍କ ଭୂମିକା ଅତୁଳନୀୟ। ରୋଗୀଙ୍କୁ ସଠିକ୍ ଔଷଧ ବିତରଣ କରିବା ସହ ସେବନ ପ୍ରଣାଳୀ ଓ ପାର୍ଶ୍ୱପ୍ରତିକ୍ରିୟା ସମ୍ପର୍କରେ ପରାମର୍ଶ ଦେବା, ଔଷଧ ଭଣ୍ଡାରର ସୁପରିଚାଳନା, ବାର୍ଷିକ ଔଷଧ ଇଣ୍ଡେଣ୍ଟ ପ୍ରସ୍ତୁତ କରିବା ଭଳି ପ୍ରାୟ ୧୫ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସେମାନେ ନିୟମିତ ଭାବେ ତୁଲାଇ ଆସୁଛନ୍ତି। ଏପରିକି ଡାକ୍ତରଙ୍କ ଅନୁପସ୍ଥିତିରେ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇବା ଓ ଜରୁରୀକାଳୀନ ସେବା ସମୟରେ ଆମ୍ବୁଲାନ୍ସ ଦାୟିତ୍ୱ ନେବା କ୍ଷେତ୍ରରେ ମଧ୍ୟ ସେମାନେ ପଛଘୁଞ୍ଚା ଦେଇନାହାନ୍ତି। ସଂଘ ପକ୍ଷରୁ ଦର୍ଶାଯାଇଛି ଯେ, ବିଗତ କରୋନା ମହାମାରୀ ସମୟରେ ପ୍ରତ୍ୟକ୍ଷ ରୋଗୀ ସେବା କରି ରାଜ୍ୟର ୧୨ ଜଣ ଫାର୍ମାସୀ ଅଧିକାରୀ ଶହୀଦ ହୋଇଥିଲେ। ଜୀବନକୁ ପାଣି ଛଡ଼ାଇ କାର୍ଯ୍ୟ କରୁଥିବା ଏହି ବର୍ଗର ଅଧିକାରୀମାନେ ଅନ୍ୟ ରାଜ୍ୟ ତୁଳନାରେ କମ୍ ଦରମା ପାଉଥିବାରୁ ସେମାନଙ୍କ ମଧ୍ୟରେ ମାନସିକ ଅସନ୍ତୋଷ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାର ଓ ଭାରତୀୟ ଫାର୍ମାସୀ କାଉନସିଲର ପ୍ରସ୍ତାବିତ ନିୟମ ଅନୁଯାୟୀ ଓଡ଼ିଶାରେ ପାରିଶ୍ରମିକ ମିଳୁ ନ ଥିବାରୁ ଏହା ସେମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଉଛି। ବର୍ତ୍ତମାନର ସରକାର ସମସ୍ତ ବର୍ଗର କର୍ମଚାରୀଙ୍କ ସ୍ୱାର୍ଥ ରକ୍ଷା କରୁଥିବାରୁ, ଫାର୍ମାସୀ ଅଧିକାରୀମାନେ ସେମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ହେବା ନେଇ ଆଶାବାଦୀ ଅଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୀତାଞ୍ଜଳି ରଥଙ୍କ ଜରିଆରେ ପ୍ରଦାନ କରାଯାଇଥିବା ଏହି ଦାବି ପତ୍ରରେ ପେ-ବ୍ୟାଣ୍ଡ ପରିବର୍ତ୍ତନ ସହ ଦରମା ଢାଞ୍ଚାରେ ସଂସ୍କାର ଆଣିବାକୁ ନିବେଦନ କରାଯାଇଛି। ଦାବି ପତ୍ର ପ୍ରଦାନ ବେଳେ ସଂଘର କଟକ ଜିଲ୍ଲା ଶାଖା ସଭାପତି ସୁବ୍ରତ କୁମାର ଶତପଥୀ, ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, ଯୁଗ୍ମ ସମ୍ପାଦକ ରିଆଜୁଦ୍ଦିନ ଅହମ୍ମଦ ଖାନ, କୋଷାଧ୍ୟକ୍ଷ ନାରାୟଣ ପ୍ରସାଦ ତିୱାରୀ, ରଞ୍ଜିତ କୁମାର ସାହୁ, ନାରାୟଣ ପ୍ରସାଦ ସାହୁ, ଅଭିଷେକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯଥାଶୀଘ୍ର ଏହି ଦାବି ପୂରଣ ହେଲେ ରାଜ୍ୟର ହଜାର ହଜାର ଫାର୍ମାସୀ ଅଧିକାରୀଙ୍କ ମନୋବଳ ବୃଦ୍ଧି ପାଇବ ଏବଂ ସେମାନେ ଅଧିକ ଉତ୍ସାହର ସହ ସ୍ୱାସ୍ଥ୍ୟ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିବେ ବୋଲି ସଂଘ ସ୍ପଷ୍ଟ କରିଛି।

### ବଦଳି ନିର୍ଦ୍ଦେଶନାମାକୁ ଫୁ'...

# ୨୫ ଦିନ ପରେ ବି ଥାନା ଛାଡୁନାହାଁନ୍ତି ଅଧିକାରୀ

ରାଉରକେଲା,୭।୫(ସମିସ)

ବଦଳି ନିର୍ଦ୍ଦେଶନାମାର ୨୫ ଦିନ ପରେ ବି ଗାଦି ଛାଡୁ ନାହାଁନ୍ତି ବାବୁ। ସେପଟେ ଥାନା ବାବୁ ବି ବଦଳି ହୋଇଥିବା ଏଏସ୍‌ଆଇଙ୍କୁ ରିଲିଭ କରୁନାହାଁନ୍ତି। ଛୁଟିରେ ରହି ବଦଳି ବାତିଲ ପାଇଁ ଲବି କରୁଛନ୍ତି ସମ୍ପୃକ୍ତ ଏଏସ୍‌ଆଇ। ଏସ୍‌ପିଙ୍କର ବଦଳି ନିର୍ଦ୍ଦେଶନାମାକୁ ଏଭଳି ଅବମାନନା କରିବା ଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ପୁଲିସ ଜିଲ୍ଲା ଅଧୀନ ହାତୀବାରୀ ଥାନା ଓ ନୂଆଗାଁ ଫାଣ୍ଡିରେ। ଯାହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

ସୂଚନାଯୋଗ୍ୟ ଯେ ଏପ୍ରିଲ ୧୩ ତାରିଖ ସୁନ୍ଦରଗଡ଼ ଜିଲ୍ଲା ପୁଲିସ ମୁଖ୍ୟାଳୟର ଚିଠି ନମ୍ବର ୯୦୮ ଅନୁଯାୟୀ ଆଇଆଇସି, ଏଏସ୍‌ଆଇ ଏବଂ ଏସ୍‌ଆଇମାନଙ୍କ ଏକ ୩୨ ଜଣିଆ ବଦଳି ତାଲିକା ପ୍ରକାଶ ପାଇଥିଲା। ଉକ୍ତ ବଦଳି ତାଲିକାରେ ଜିଲ୍ଲା ଏସ୍‌ପିଙ୍କର ସ୍ପଷ୍ଟ ନିର୍ଦ୍ଦେଶ ଥିଲା ଯେ ୧୪ ମେ' ସୁଦ୍ଧା ବଦଳି ହୋଇଥିବା ସମସ୍ତ ଅଧିକାରୀମାନେ ନିଜନିଜ ନୂତନ ସ୍ଥାନରେ ଯୋଗଦାନ କରିବେ। ହେଲେ ହାତୀବାରୀ ଥାନା ଓ ନୂଆଗାଁ ଫାଣ୍ଡିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଯାହାକି ଏସ୍‌ପିଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଇଥିବା କୁହାଯାଉଛି। ପ୍ରକାଶ ଯେ, ହାତିବାରୀ ଥାନାରୁ ପ୍ରଥମେ ଗତ ମେ' ୧୩ ତାରିଖରେ ସୁନ୍ଦରଗଡ଼ ଜିଲ୍ଲା ପୁଲିସ ମୁଖ୍ୟାଳୟର ଆଦେଶ ମୁତାବକ ହାତୀବାରୀ ଥାନାର ଦୁଇ ଜଣ ଏଏସ୍‌ଆଇ ସୁବାସ ଚନ୍ଦ୍ର ଜେନାଙ୍କର ଲେଫ୍ରିପଡା ଥାନା ଓ ଏଏସ୍‌ଆଇ ପଦ୍ମାବତୀ ମୋଦୀଙ୍କ ରାଜଗାଙ୍ଗପୁର କୋର୍ଟକୁ ବଦଳି ହୋଇଥିବା ବେଳେ ନୂଆଗାଁ ଫାଣ୍ଡିର ଏଏସ୍‌ଆଇ ସୁଶାନ୍ତ କୁମାର ପାତ୍ରଙ୍କ ହାତୀବାରୀ ଥାନାକୁ ବଦଳି ହୋଇଥିଲା। ତେବେ ସୁଶାନ୍ତ କୁମାର ପାତ୍ରଙ୍କ ନାଁରେ ହାତୀବାରୀ ଥାନା ଅଞ୍ଚଳରେ ପୂର୍ବରୁ ଏକାଧିକ ଅଭିଯୋଗ ତଥା ଜନଅସନ୍ତୋଷ ରହିଥିବାବେଳେ ଏବେ ତାଙ୍କ ବଦଳିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ତାଙ୍କୁ ପୁନର୍ବାର ହାତୀବାଡ଼ି ଥାନାରେ ଅବସ୍ଥାପିତ ନ କରିବା ପାଇଁ ବହୁ ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ।

ଏହାକୁ ଆଧାର କରି ଗତ ୧୭ ଏପ୍ରିଲରେ ଚିଠି ନମ୍ବର ୯୫୨ ଅନୁଯାୟୀ ହାତୀବାରୀ ଥାନାକୁ ହୋଇଥିବା ତାଙ୍କ ବଦଳିକୁ ବାତିଲ କରାଯାଇ ତାଙ୍କୁ ରାଜଗାଙ୍ଗପୁର ଥାନାକୁ ବଦଳି କରାଯାଇଥିଲା। ଏପ୍ରିଲ ମାସ ସୁଦ୍ଧା ରିଲିଭ ହୋଇ ନୂତନ ସ୍ଥାନରେ ଯୋଗ ଦେବାକୁ କୁହାଯାଇଥିଲା। ହେଲେ ଦୁର୍ଭାଗ୍ୟର ବିଷୟ ଏଏସଆଇ ସୁଶାନ୍ତ କୁମାର ପାତ୍ରଙ୍କୁ ଏ ପର୍ଯ୍ୟନ୍ତ ହାତୀବାରୀ ଥାନା ଅଧିକାରୀ ରିଲିଫ୍ କରି ନାହାଁନ୍ତି। ଗୋଟିଏ ପଟେ ହାତୀବାରୀ ଥାନାରୁ ବଦଳି ହୋଇଥିବା ୩ ଜଣ ଏଏସ୍‌ଆଇଙ୍କ ମଧ୍ୟରୁ କେବଳ ସୁବାସ ଚନ୍ଦ୍ର ଜେନାଙ୍କୁ ରିଲିଫ୍ କରି ଦିଆ ଯାଇଥିବାବେଳେ ସୁଶାନ୍ତ କୁମାର ପାତ୍ର ଓ ପଦ୍ମାବତୀ ମୋଦୀଙ୍କୁ ରିଲିଫ୍ ନ କରିବା ପଛରେ କେଉଁ ଅଦୃଶ୍ୟ ଶକ୍ତିର ଚାପ ପ୍ରୟୋଗ କରାଯାଉଛି ତାହା ତଦନ୍ତ ସାପେକ୍ଷ। ଯେହେତୁ ୨୦୨୨-୨୩ରେ ଏଏସ୍‌ଆଇ ସୁଶାନ୍ତ କୁମାର ପାତ୍ର ହାତୀବାରୀ ଥାନାରେ ଥିବା ସମୟରେ ଏକ ମାର୍‌ପିଟ ଘଟଣାକୁ କେନ୍ଦ୍ରକରି ତାଙ୍କୁ ରାତାରାତି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ତତ୍କାଳୀନ ଏସ୍‌ପି ବଦଳି କରିଥିଲେ। ଏପରି ଜଣେ ବିବାଦୀୟ ପୁଲିସଙ୍କୁ ପୁଣି କିଭଳି ନୂଆଗାଁ ଫାଣ୍ଡି ଏବଂ ପରେ ହାତୀବାରୀ ଥାନାକୁ ବଦଳି କରାଯାଇଥିଲା ତାକୁ ନେଇ ଉଠିଛି ପ୍ରଶ୍ନ। ପୁନଶ୍ଚ ବଦଳି ପରେ ମଧ୍ୟ ରିଲିଫ୍ ମଧ୍ୟ କରାଯାଉ ନାହିଁ। ସେହିଭଳି ସୁବାସ ଚନ୍ଦ୍ର ଜେନାଙ୍କ ଲେଫ୍ରିପଡ଼ା ଥାନାକୁ ବଦଳି ହୋଇଥିବାବେଳେ ସେ କୁଆଡେ ନୂଆଗାଁ ଫାଣ୍ଡି କିମ୍ବା ଆଖପାଖ ଥାନାରେ ଆସିବାକୁ କିଛି ନେତାଙ୍କୁ ଧରି ଲବି କରୁଥିବା ଚର୍ଚ୍ଚା ହେଉଛି। ଗୋଟିଏ ପଟେ ସରକାର କୌଣସି ବଦଳି କ୍ଷେତ୍ରରେ ଲବି କାମ କରିବ ନାହିଁ ବୋଲି ଘୋଷଣା କରିଥିବାବେଳେ ହାତୀବାରୀ ଥାନାର ୩ ଜଣ ଏଏସ୍‌ଆଇଙ୍କ ନେତାଙ୍କୁ ଧରି ନିଜ ବଦଳିକୁ ବାତିଲ କିମ୍ବା ଭଲ ଥାନା ବା ଫାଣ୍ଡିକୁ ନିଯୁକ୍ତି ଉଦ୍ୟମ କରିବା ନିଶ୍ଚିନ୍ତ ଭାବେ ଦୁର୍ଭାଗ୍ୟଜନକ। ଏଥିପ୍ରତି ଜିଲ୍ଲା ଏସ୍‌ପି ଦୃଷ୍ଟିଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ବିଜେଡିର ନୂଆ ଦାୟିତ୍ୱ

## ପିଙ୍କୁ ଯୁବ ଓ ସଞ୍ଜିତ ଛାତ୍ର ସଭାପତି

ରାଉରକେଲା, ୭।୫(ସମିସ): ରାଜ୍ୟରେ ବିଜେଡିର ବିଭିନ୍ନ ଜିଲ୍ଲାର ବିଭିନ୍ନ ପଦବୀରେ ନୂଆ ଦାୟିତ୍ୱ ବଣ୍ଟନ କରାଯାଇଛି। ଏହି କ୍ରମରେ ରାଉରକେଲା ଯୁବ ସଭାପତି ଭାବେ ପିଙ୍କୁ ଜୟସ୍ୱାଲଙ୍କୁ ଦାୟିତ୍ୱ ମିଳିଥିବାବେଳେ ଛାତ୍ର ସଭାପତି ଭାବେ ସଞ୍ଜିତ ଛୋଟରାୟଙ୍କୁ ଦାୟିତ୍ୱ ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ଦୁହିଁଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ସେମାନଙ୍କୁ ଦଳର ସଭାପତି ନବୀନ ପଟ୍ଟନାୟକ ଏହି ଦାୟିତ୍ୱ ଦେଇଥିବାରୁ ଅଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହାସହ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ସମେତ ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ଦଳର ପ୍ରଗତି ପଥରେ ଦୁହେଁ କାମ କରିବେ ବୋଲି ଦଳ ଆଶା କରିଛି।



## ଦୋକାନ ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

କୋଇଡ଼ା,୭।୫(ସମିସ): କୋଇଡ଼ା ଥାନା କାଶୀରା ପଞ୍ଚାୟତ ଭଞ୍ଜପାଲି ମୁଖ୍ୟ ରାସ୍ତା କଡ଼ରେ ଥିବା ଦୋକାନ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁବକ ଜଣଙ୍କ କାଶିରା ଗ୍ରାମର ଜଜାତି କେଶରୀ ଚୌଧୁରୀ (୪୫) ବୋଲି ଜଣାପଡ଼ିଛି। ଘରେ ବାପା ମାଆ ଚାଲିଯିବା ପରଠାରୁ ମୃତ ଜଜାତି ଏଠିସେଠି କାମ କରି ଚଳନ୍ତି। ଆଜି ତାଙ୍କ ଭାଇ ଥାନାରେ ଲିଖିତ ଅଭିଯୋଗ କଲା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପରେ ପରିବର୍ଗଙ୍କୁ ହସ୍ତାନ୍ତର କରିଥିଲା।

## ସ୍କୁଲ ଅଫ୍ ଫାଇନ୍ ଆର୍ଟସର ବାର୍ଷିକ ସମାବର୍ତ୍ତନ ଓ ପୁରସ୍କାର ବିତରଣ

ରାଉରକେଲା, ୭।୫(ସମିସ): ସ୍ଥାନୀୟ ସେକ୍ଟର - ୫ ସ୍ଥିତ କଲଚରାଲ ଏକାଡେମୀ ପରିଚାଳିତ ସ୍କୁଲ ଅଫ୍ ଫାଇନ୍ ଆର୍ଟସ୍ ତରଫରୁ ବାର୍ଷିକ ସମାବର୍ତ୍ତନ ଏବଂ ପୁରସ୍କାର ବିତରଣ ଉତ୍ସବ କଲଚରାଲ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଚିତ୍ରକଳାର ପଦର୍ଶନୀକୁ ମୁଖ୍ୟଅତିଥି ମାଲବାର ଅଳଙ୍କାରର ରାଉରକେଲା ମୁଖ୍ୟ ତାପସ କୁମାର ପାଢ଼ୀ ଉଦ୍‌ଘାଟନ କରିଥିଲେ।




ଅନୁଷ୍ଠାନର ସଭାପତି ପଶୁପତି ନାଥ ଚାଟାର୍ଜୀ ଏହି ସଭାର ଅଧ୍ୟକ୍ଷତା କରିଥିଲେ। ଏହି ସମାବର୍ତ୍ତନ ତଥା ପୁରସ୍କାର ବିତରଣ ଉତ୍ସବରେ ସାଧାରଣ ସମ୍ପାଦକ କାଶୀନାଥ ପାତ୍ର କୃତୀ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ଚିତ୍ରକଳା ପିଲାମାନଙ୍କର ଏକଗ୍ରତା ବଢ଼ାଏ ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କ ଭବିଷ୍ୟତରେ ନିଜ କ୍ୟାରିୟର ଗଢ଼ିବାରେ ସହାୟକ ହୋଇଥାଏ। ମୁଖ୍ୟ ଅତିଥି ତାପସ କୁମାର ପାଢ଼ୀ କହିଲେ ଯେ, ଚିତ୍ରକଳା ଏପରି ଏକ କଳା ଯାହା କି ସବୁ ବ୍ୟବସାୟରେ ମଧ୍ୟ ଦରକାର ପଡିଥାଏ, ଯେପରିକି କୌଣସି ବସ୍ତୁର ବିଜ୍ଞାପନରେ ତଥା ଗହଣା ଇତ୍ୟାଦିର ଡିଜାଇନ୍‌ରେ ମଧ୍ୟ ଦରକାର ପଡ଼ିଥାଏ। ଏଣୁ ଏହାକୁ ନେଇ ମଧ୍ୟ ଭବିଷ୍ୟତରେ କ୍ୟାରିୟର କରାଯାଇପାରେ। ଅଧ୍ୟକ୍ଷ ଶ୍ରୀ ଚାଟାର୍ଜୀ ସ୍ୱାଗତଭାଷଣ ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କୁ ଚିତ୍ରକଳା ଜାରି ରଖିବାକୁ ଉଦ୍‌ବୋଧନ ଦେଇଥିଲେ। ଏହାପରେ ବିଦ୍ୟାଳୟ ଅଧ୍ୟକ୍ଷ ଏବଂ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା।

ବିଦ୍ୟାଳୟର ଶିକ୍ଷକ ମସୃଣ ମହନ୍ତ ୪ର୍ଥ ବର୍ଷ ଏବଂ ୫ ବର୍ଷର ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଚାରୁକଳା ବିଦ୍ୟାଳୟର ସମ୍ପାଦକ ଅକ୍ଷୟ ସାମଲ ପରିଚାଳନା କରିଥିଲେ। ଏହି ଅବସରରେ ୫୨ ତମ ଶିଳ୍ପୀଗୁରୁ ବିମ୍ବାଧର ବର୍ମା ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରାଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ସଦସ୍ୟ ଡ. କୃପାସିନ୍ଧୁ ନାୟକ, ବିଜୟ ରାୟ, ଆଲୋକ ବୋଷ, ପରେଶ ବିଶ୍ୱାଳ, ସୁକାନ୍ତ ମହାପାତ୍ର, ସୁଜିତ ନାୟକ, କିଶୋର ବେହେରା, ଡ. ନଗେନ ଦାସ, ଅକ୍ଷୟ ପଣ୍ଡା, ବଳରାମ ରାଉଳ, ମସୃଣ ମହନ୍ତ, ସୀମାଞ୍ଚଳ ପଣ୍ଡା, ରୀନୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସ୍କୁଲ ଅଫ୍ ଫାଇନ୍ ଆର୍ଟସ୍‌ର ଅଧ୍ୟକ୍ଷ ଗୋକୁଳାନନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁଜିଆଇ ଆଲୁମ୍‌ନି ଆସୋସିଏସନର ବାର୍ଷିକ ସାଧାରଣ ପରିଷଦ ବୈଠକ

### ୨୦୨୬-୨୮ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ

ରାଉରକେଲା, ୭।୫(ସମିସ): ୟୁଜିଆଇ ଆଲୁମିନି ଆସୋସିଏସନର ସାଧାରଣ ପରିଷଦ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଇଂ ଆଦିତ୍ୟ କୁମାର ମହାପାତ୍ର ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଧାରଣ ପରିଷଦ ବୈଠକରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଇଂ ଶୁଭେନ୍ଦୁ ପଣ୍ଡା ବାର୍ଷିକ ବିବରଣୀ ପାଠ କରି ୨୦୨୫-୨୬ରେ ଉକ୍ତ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର, ୟୁଜିଆଇର ସ୍ଥାପନା ଦିବସ, ୟୁଜିଆଇର ବିକାଶମୂଳକ କାର୍ଯ୍ୟ ଯଥା ନୂତନ ମୁଖ୍ୟ ଦ୍ୱାର 'ଜ୍ଞାନ ଦ୍ୱାର' ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଛି ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ୨୦୨୬-୨୭ ପାଇଁ ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଏହାପରେ ଅନୁଷ୍ଠାନର କୋଷାଧ୍ୟକ୍ଷ ଇଂ ପ୍ରଭାତ ରଞ୍ଜନ ତ୍ରିପାଠୀ ତାଙ୍କର ବାର୍ଷିକ ଆୟ ଓ ବ୍ୟୟ ହିସାବ ପରିବେଷଣ କରିଥିଲେ। ଏହି ସମସ୍ତ ପ୍ରସ୍ତାବକୁ ସମସ୍ତ କାର୍ଯ୍ୟକର୍ତ୍ତାମାନେ ସର୍ବସମ୍ମତି କ୍ରମେ ଗ୍ରହଣ କରିଥିଲେ। ଇଂ ବୈଲୋଚନ ସାମଲ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆସୋସିଏସନର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିବାବେଳେ ନିର୍ବାଚନ ଅଧିକାରୀ ଆଡ୍‌ଭୋକେଟ ବୁଦ୍ଧିରାମ ସ୍ୱାଇଁ ନିର୍ବାଚନ ପରିଚାଳନା କରିଥିଲେ। ଆସୋସିଏସନର ଅଧିନିୟମ ଅନୁସାରେ ମୁଖ୍ୟ ପୃଷ୍ଠପୋଷକ ଭାବେ ୟୁଜିଆଇର ଅଧ୍ୟାପକ ଶରତ କୁମାର ମୁଦୁଲି, ଇଂ ପ୍ରଭାତ ମହାପାତ୍ର, ଇଂ ସାରଦା ପ୍ରସାଦ ନାୟକ, ଇଂ ଜୁଏଲ ଓରାମ, ଇଂ ବିଶେଶ୍ୱର ଟୁଡୁ ମନୋନୀତ ହୋଇଥିଲେ।



ସେହିପରି ଇଂ ଆଦିତ୍ୟ କୁମାର ମହାପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ଇଂ ବୈଲୋଚନ ସାମଲ କାର୍ଯ୍ୟକାରୀ ସଭାପତି, ଇଂ ପ୍ରଶାନ୍ତ କୁମାର ବେହେରା, ଉପସଭାପତି, ଇଂ ଅବନୀ ଭୂଷଣ ଦେଓ, ଇଂ ଲଳିତେନ୍ଦୁ ମିଶ୍ର, ଇଂ ସାଜଳ ବାନେର୍ଜୀ, ଇଂ ଅନାଦି ଚରଣ ବିଶ୍ୱାଳ, ଇଂ ଚିତ୍ତ ରଞ୍ଜନ ମିଶ୍ର ନିର୍ବାଚିତ ହୋଇଥିଲେ। ସେହିପରି ସାଧାରଣ ସମ୍ପାଦକ ଭାବେ ଇଂ ଶୁଭେନ୍ଦୁ ପଣ୍ଡା, ସାଂସ୍କୃତିକ ସମ୍ପାଦକ ଇଂ ତାପସ କୁମାର ଜେନା, ସାଂଗଠନିକ ସମ୍ପାଦକ ଇଂ ନୀଳାମ୍ବର ମହାଳିକ, ସମ୍ପାଦକ (ୱାଲଫେର) ଇଂ ସଞ୍ଜୀବ ପୌଲ, ସମ୍ପାଦକ (ଲିଆସନ ଓ ଡେଭଲପମେଣ୍ଟ) ଇଂ ପ୍ରଦୀପ କୁମାର ସାହୁ, ଲୋକସମ୍ପର୍କ ସମ୍ପାଦକ ଇଂ ଜୟନ୍ତ କୁମାର ରାଉତରାୟ, କୋଷାଧ୍ୟକ୍ଷ ଇଂ ପ୍ରଭାତ ରଞ୍ଜନ ତ୍ରିପାଠୀ, ସହ କୋଷାଧ୍ୟକ୍ଷ ଇଂ ମନୋଜ କୁମାର ମହନ୍ତ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ କମିଟିରେ ଇଂ ହିମାଂଶୁ ଶେଖର ପ୍ରଧାନ, ଇଂ କୌସ୍ତୁବ ଭୂଷଣ ପଣ୍ଡିତ, ଇଂ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଇଂ ସରୋଜ ସାହୁ, ଇଂ ରଞ୍ଜିତ ଦାସ, ଇଂ ପଙ୍କଜ କୁମାର ସାମନ୍ତ, ଇଂ ଜିତେନ୍ଦ୍ର ଶତପଥୀ, ଡ. ସୁଭାଷିନୀ ଜେନା, ଇଂ ଶଶିକାନ୍ତ ବେହେରା ଓ ଇଂ ଅମର ସାହୁ ରହିଥିବାବେଳେ ପରାମର୍ଶଦାତା ଭାବେ ମେଜର ଚକ୍ରଧର ପରିଡ଼ା, ଇଂ ଡ. ସମୀର କୁମାର ଆଚାର୍ଯ୍ୟ, ଇଂ ବସନ୍ତ ସେନାପତି, ଇଂ ଡ. ଯତୀନ୍ଦ୍ର ନାୟକ, ଇଂ ପଞ୍ଚାନନ ବେହେରା ସର୍ବସମ୍ମତି କ୍ରମେ ଆଗାମୀ ଦୁଇ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନ ପ୍ରକ୍ରିୟା ସୁଚାରୁ ରୂପେ ଓ ସମସ୍ତଙ୍କ ସହମତି କ୍ରମେ ସୁରୁଖୁରୁରେ ପାଳନ କରାଯାଇଥିଲା। ନିର୍ବାଚନ ଅଧିକାରୀ ବୁଦ୍ଧିରାମ ସ୍ୱାଇଁ ସମସ୍ତଙ୍କୁ ହୃଦୟସହରେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଏହି ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ନୂତନ ପଦାଧିକାରୀ ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁ ରୂପେ ସମ୍ପାଦନ କରିବାରେ ଇଂ ଧନେଶ୍ୱର ନନ୍ଦ, ଇଂ କେ ନରେନ୍ଦ୍ର ପାତ୍ର, ଇଂ ରତ୍ନାକର ଖଣ୍ଡୁଆଳ, ଇଂ ଶିବ ପ୍ରସାଦ ସାହୁ, ଇଂ ଜଗନ୍ନାଥ ଜେନା, ଇଂ ଶ୍ରୀନିବାସ ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ହମିରପୁର ଉନ୍ନୟନ ପରିଷଦ ତରଫରୁ ବୈଠକ

ରାଉରକେଲା,୭।୫(ସମିସ): ହମିରପୁର ଉନ୍ନୟନ ପରିଷଦ ତରଫରୁ ସଭାପତି ଡ. ସୁମନ ଦତ୍ତଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ରଘୁନାଥପାଲି ବିଧାୟକ ତଥା ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡର ଚେୟାରମ୍ୟାନ ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାୟକ ଆଦିବାସୀ ଅଧ୍ୟୁଷିତ ହମିରପୁର ପଞ୍ଚାୟତ ରାସ୍ତା, ଆଲୋକ, ସ୍ୱାସ୍ଥ୍ୟସେବା, ସରକାରୀ ମୌଳିକ ସେବା ପାଇବାରୁ କେଉଁଭଳି ଅବହେଳିତ ସେ ବିଷୟରେ ଆଲୋକପାତ କରି ସମାଧାନ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିସ୍ତୃତ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଧାୟକ ଶ୍ରୀ ତନ୍ତୀ ଏ ବିଷୟରେ ଅତି ଶୀଘ୍ର ବିଭିନ୍ନ ବିଭାଗ ସହ ଯୋଗାଯୋଗ କରି ଅଞ୍ଚଳର ଉନ୍ନତି ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉନ୍ନୟନ ପରିଷଦ ତରଫରୁ ତାଙ୍କୁ 'ବିଶିଷ୍ଟ ନାଗରିକ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ଗତ ହାଇସ୍କୁଲ ପରୀକ୍ଷାରେ ହମିରପୁରର ଅଶୋକ ପଣ୍ଡିତଙ୍କ ପୁଅ ସତ୍ୟମ ପଣ୍ଡିତ ୯୯.୯୯ ପ୍ରତିଶତ ମାର୍କ ରଖିଥିବାରୁ ବିଧାୟକ ଶ୍ରୀ ତନ୍ତୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରିଷଦର ଉପଦେଷ୍ଟା କବି କୁଞ୍ଜବିହାରୀ ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଅଞ୍ଚଳର ଉନ୍ନତି ପାଇଁ ଐକବଦ୍ଧ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ। ସଭାରେ ଭୁବନେଶ୍ୱର ଆଚାର୍ଯ୍ୟ, ଡ. ଗୋପାଳ ଚନ୍ଦ୍ର ରାୟ, ଡ. କାଳୀକୃଷ୍ଣ ଷଡ଼ଙ୍ଗୀ, ପ୍ରଶାନ୍ତ ସୋମ, ବିଷ୍ଣୁଚରଣ ନାୟକ, ଅକ୍ଷୟ ପୁହାଣ, ମହେଶ୍ୱର ସାହୁ, ଅଗସ୍ତି ଦାସ, ସନ୍ତୋଷ କୁମାର ରାୟଗୁରୁ, ନିରଞ୍ଜନ ସାମନ୍ତରାୟ, ରାଜେନ୍ଦ୍ର ଜୟସ୍ୱାଲ, ପ୍ରଫୁଲ୍ଲ ଦାସ, ପ୍ରଶାନ୍ତ ଦାସ, ସୁକାନ୍ତି ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



## କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଉପରେ ପ୍ରତିଯୋଗିତା

ରାଉରକେଲା, ୭।୫(ସମିସ): ଆଗ୍ରହକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ, ଭଞ୍ଜ ସାଂସ୍କୃତିକ ନ୍ୟାସ, ରାଉରକେଲା ଏବଂ ସେଲ୍, ରାଉରକେଲା ଇସ୍ପାତ କାରଖାନାର ମିଳିତ ଆନୁକୂଲ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସୃଜନଶୀଳ କୃତୀ ଉପରେ ରାଉରକେଲାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରତିଯୋଗିତାର କୃତୀ ବିଜେତାମାନଙ୍କୁ ୧୭ ତାରିଖରେ ଭଞ୍ଜ ଭବନ ପ୍ରେକ୍ଷାଳୟରେ ଆୟୋଜିତ ହେବାକୁ ଥିବା କବି ସମ୍ରାଟଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ସମ୍ମାନିତ କରାଯିବ ବୋଲି ସୂଚନା ମିଳିଛି।

ଏଥି ନିମନ୍ତେ, ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଏହି ପ୍ରେରଣାଦାୟୀ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିବା ସହ ଏହାକୁ ସଫଳ କରିବା ନିମନ୍ତେ ଅନୁରୋଧ କରାଯାଇଛି। ସମସ୍ତ ପ୍ରତିଯୋଗିତା ଏବଂ ଏଥି ନିମନ୍ତେ ପଞ୍ଜୀକରଣ ସେକ୍ଟର-୫ ସ୍ଥିତ ଭଞ୍ଜ ସାଂସ୍କୃତିକ ପରିସରରେ ପ୍ରତିଯୋଗିତା ସମୟରେ ହିଁ କରାଯିବ ବୋଲି ସୂଚନା ମିଳିଛି। କାର୍ଯ୍ୟସୂଚୀ ଅନୁଯାୟୀ, ମେ' ୧୦ ତାରିଖ ଦିନ ସକାଳ ୮ରେ ଚିତ୍ରାଙ୍କନ ପ୍ରତିଯୋଗିତା ଆରମ୍ଭ ହେବ। କନିଷ୍ଠ ବର୍ଗରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଚିତ୍ର ଆଙ୍କିବାକୁ ଥିବାବେଳେ ବରିଷ୍ଠ ବର୍ଗର ଛାତ୍ରଛାତ୍ରୀଙ୍କୁ ଉପେନ୍ଦ୍ର ଭଞ୍ଜଙ୍କ ଯେକୌଣସି ସାହିତ୍ୟିକ କୃତୀ ଉପରେ ଆଧାରିତ ଏକ ଚିତ୍ର ଆଙ୍କିବାକୁ ପଡ଼ିବ। ଅଂଶଗ୍ରହଣକାରୀମାନଙ୍କୁ ନିଜ ସାଥୀରେ ରଙ୍ଗ ଆଣିବାକୁ ପଡ଼ିବ ଏବଂ ଚିତ୍ରାଙ୍କନ ପତ୍ର ଅନୁଷ୍ଠାନ ତରଫରୁ ଯୋଗାଇ ଦିଆଯିବ। ଉକ୍ତ ଦିନ ସକାଳ ୧୦ଟାରେ ଏକ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା ଉଭୟ ବରିଷ୍ଠ ଏବଂ କନିଷ୍ଠବର୍ଗ ନିମନ୍ତେ ଅନୁଷ୍ଠିତ ହେବ। ଉଲ୍ଲେଖଯୋଗ୍ୟ ଯେ କନିଷ୍ଠ ବଭାଗ ନିମନ୍ତେ "ଓଡ଼ିଆ ଭାଷା ଓ କବି ସମ୍ରାଟ' ଥିବାବେଳେ ବରିଷ୍ଠ ବିଭାଗ ନିମନ୍ତେ "କବି ସାମ୍ରାଟଙ୍କ ଲେଖନୀରେ ଶବ୍ଦାଳଙ୍କାରର ଯାଦୁ' ବିଷୟ ରହିଛି। ସେହିପରି, ଉପେନ୍ଦ୍ର ଭଞ୍ଜଙ୍କ ରଚିତ କବିତା/ଛାନ୍ଦ ଆଧାରିତ ସଂଗୀତ ପ୍ରତିଯୋଗିତା ମେ' ୧୧ ତାରିଖ ସନ୍ଧ୍ୟା ୫ରେ ଅନୁଷ୍ଠିତ ହେବାକୁ ଥିବାବେଳେ ୧୨ ତାରିଖ ସନ୍ଧ୍ୟା ୫ରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ। ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବିଭାଗର ବିଷୟ "ଓଡ଼ିଶାର ସଂସ୍କୃତିରେ କବି ସମ୍ରାଟଙ୍କ ସ୍ଥାନ' ଥିବାବେଳେ ବରିଷ୍ଠ ବିଭାଗ ନିମନ୍ତେ "ଓଡ଼ିଆ ଜାତିର ଅସ୍ମିତା ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ' ବିଷୟ ରହିଛି। ୧୩ ତାରିଖ ସନ୍ଧ୍ୟା ୫ରେ କବି ସମ୍ରାଟଙ୍କ ରଚନା ପର୍ଯ୍ୟବେଶିତ ଏକ କବିତା ପାଠୋତ୍ସବ ଆୟୋଜିତ ହେବାସହ ଶେଷ ପ୍ରତିଯୋଗିତା ଭାବେ୧୭ ତାରିଖ ସକାଳ ୮ରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚିତ କବିତା/ଛାନ୍ଦକୁ ନେଇ ଏକକ ଓଡ଼ିଶୀ ନୃତ୍ୟ ଅନୁଷ୍ଠିତ ହେବବୋଲି ସୂଚନା ମିଳିଛି।

## ଗ୍ରୀଷ୍ମକାଳୀନ ଶିବିରର ଉଦ୍‌ଯାପିତ





ରାଉରକେଲା,୭।୫(ସମିସ): ସ୍ଥାନୀୟ ବାସନ୍ତୀ କଲୋନୀସ୍ଥିତ ଡ. ଏଏନ୍‌କେ ଡିଏଭି ପବ୍ଲିକ ସ୍କୁଲରେ ଏପ୍ରିଲ ୨୫ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୧୧ଦିନ ଧରି ଗ୍ରୀଷ୍ମକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨୦ ଜଣ ଛାତ୍ରଛାତ୍ରୀ କଳା କୁଶଳତା ଏବଂ କ୍ରୀଡ଼ାକୌଶଳ ଶିକ୍ଷାଲାଭ କରିଥିଲେ। ଉଦ୍‌ଯାପନୀ ଦିବସରେ ବିଭିନ୍ନ ପ୍ରକାର ଖେଳ, ଚିତ୍ରକଳା, ନୃତ୍ୟ, ବିଦେଶୀ ଭାଷା ଶିକ୍ଷା (ସ୍ପେନିସ), ରୋବୋଟିକ, ବିଜ୍ଞାନ କୌତୁକ ଇତ୍ୟାଦି ଉପରେ ଶିକ୍ଷାଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଉତ୍ତମ କଳା କୌଶଳ ପ୍ରଦର୍ଶନ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲର ଅଧ୍ୟକ୍ଷ ଲୋକନାଥ ପ୍ରଧାନ ତଥା ସମସ୍ତ ଅତିଥି ପୁରସ୍କୃତ କରିଥିଲେ। ଏହି ଅବସରରେ ଶିବିରରେ ଅଂଶଗ୍ରହଣ କରି ତାଲିମ ପ୍ରଦାନ କରିଥିବା ସମସ୍ତ ପ୍ରଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସହ ସଂଯୋଜକ ବିଜୟ କୁମାର ମିଶ୍ର, ଖେଳଶିକ୍ଷକ ଦୁଷ୍ମନ୍ତ ବେହେରା ଏବଂ ବରିଷ୍ଠ ଶିକ୍ଷକ ପ୍ରବୀର କୁମାର ମିଶ୍ର, ଜ୍ୟୋସ୍ନା ମିଶ୍ର, ଅରିଜିତା ଦାଶଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ।

## ଆର୍‌ଏସ୍‌ପି ଦ୍ୱାରା ୨୦୨୫-୨୬ରେ ଟେକ୍ନୋ-ଅର୍ଥନୈତିକ ମାଇଲଖୁଣ୍ଟ ହାସଲ

ରାଉରକେଲା, ୭।୫(ସମିସ)

ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍)ର ଏକ ପ୍ରମୁଖ ୟୁନିଟ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)୨୦୨୫-୨୬ ଆର୍ଥିକ ବର୍ଷରେ ଟେକ୍ନୋ-ଅର୍ଥନୈତିକ ମାନଦଣ୍ଡରେ ଏକ ପ୍ରଭାବଶାଳୀ ରେକର୍ଡ ହାସଲ କରିଛି। ଏହି ସଫଳତା କାରଖାନାର କାର୍ଯ୍ୟ ଉତ୍କର୍ଷ ଏବଂ ସମ୍ବଳ ନିପୁଣତା ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଉଲ୍ଲେଖଯୋଗ୍ୟ ଯେ, କାରଖାନା ଏହାର ବ୍ଲାଷ୍ଟ ଫର୍ଣ୍ଣେସ୍ କାର୍ଯ୍ୟରେ ସର୍ବୋତ୍ତମ ଟେକ୍ନୋ-ଅର୍ଥନୈତିକ ଦକ୍ଷତା ହାସଲ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ୍-୫ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ ସମୁଚ୍ଚୟରେ କୋକ୍ ହାର ଯଥାକ୍ରମେ ଉତ୍ତପ୍ତ ଧାତୁ ଟନ୍ ପିଛା ୩୬୯ କିଲୋଗ୍ରାମ ଏବଂ ୩୮୬ କିଲୋଗ୍ରାମ ଥିଲା, ଯାହା ଦ୍ୱାରା ପୂର୍ବ ସର୍ବୋତ୍ତମ ସଂଖ୍ୟା ୩୭୧ କିଲୋଗ୍ରାମ ଏବଂ ୩୯୧ କିଲୋଗ୍ରାମକୁ ସଫଳତାର ସହିତ ଅତିକ୍ରମ କରିଛି। ସେହିପରି, ଉତ୍ପାଦକତା ମାପଦଣ୍ଡ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ହାସଲ କରିଛି, ବ୍ଲାଷ୍ଟ ଫର୍ଣ୍ଣେସ୍ -୧ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍-୫ ସର୍ବକାଳୀନ ସର୍ବୋତ୍ତମ ଉତ୍ପାଦନ ରେକର୍ଡ ଦୈନିକ ଯଥାକ୍ରମେ ୨.୦୧ ଟନ୍ ପ୍ରତି ଘନ ମିଟର ଏବଂ ୨.୬୫ ଟନ୍ ପ୍ରତି ଘନ ମିଟର ହାସଲ କରିଛି, ଯାହା ପୂର୍ବବର୍ଷର ରେକର୍ଡ ଦୈନିକ ୧.୮୯ ଘନ ମିଟର ଏବଂ ୨.୫୭ ଟନ୍ ପ୍ରତି ଘନ ମିଟର ତୁଳନାରେ ଯଥେଷ୍ଟ ଉନ୍ନତ। ଉଲ୍ଲେଖନୀୟଯେ, ସମୁଚ୍ଚୟବ୍ଲାଷ୍ଟ ଫର୍ଣ୍ଣେସ୍ ସସ୍ପର ଉତ୍ପାଦକତା ସର୍ବକାଳୀନ ସର୍ବୋତ୍ତମ ଦୈନିକ ୨.୪୬ ଟନ୍ ପ୍ରତି ଘନ ମିଟର ହାସଲ କରିଛି, ଯାହା କାରଖାନା ସ୍ଥାପନା ପରବର୍ତ୍ତୀ ସର୍ବୋତ୍ତମ ଅଟେ। ଅନୁରୂପ ଭାବେ, ସମ୍ବଳ ପରିଚାଳନା ରଣନୀତିଗୁଡ଼ିକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ପ୍ରଦାନ କରିଛି, କୋଇଲାରୁ ଉତ୍ତପ୍ତ ଧାତୁ ଅନୁପାତ ୦.୮୮୩ କୁ ଉନ୍ନତ ହୋଇଛି, ଯାହା ପୂର୍ବ ସର୍ବୋତ୍ତମ ୦.୮୯୬ କୁ ଅତିକ୍ରମ କରିଛି। ଷ୍ଟିଲ ମେଲ୍ଟିଂ ସପ୍-୨ (ଏସଏମଏସ-୨) ରେ ମଧ୍ୟ, ସମୁଦାୟ ଧାତୁ ବ୍ୟବହାର କ୍ଷେତ୍ରରେ ପ୍ଲାଣ୍ଟ ପୂର୍ବ ସର୍ବୋତ୍ତମ ଟନ୍ ପିଛା ୧,୧୦୩ କିଲୋଗ୍ରାମ ଧାତବ ବ୍ୟବହାରକୁ କମ କରି ଟନ୍ ପିଛା ୧,୦୯୯ କିଲୋଗ୍ରାମର ରେକର୍ଡ ହାସଲ କରିଛି। ଏହା ବ୍ୟତୀତ, କାରଖାନା ପ୍ରତି ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ପାଇଁ ପ୍ରତି ଘଣ୍ଟା ୪୩୮ କିଲୋୱାଟ୍ ଘଣ୍ଟା ଶକ୍ତିବ୍ୟୟ କରି ପୂର୍ବ ରେକର୍ଡକୁ ଅତିକ୍ରମ କରି ପାରିଛି, ଅଧିକନ୍ତୁ ଅଶୋଧିତ ଇସ୍ପାତ ଉତ୍ପାଦନ ପିଛା ଜଳ ବ୍ୟବହାରରେ ଉଲ୍ଲେଖନୀୟ ଉନ୍ନତି ଅଣି କାରଖାନା ଅଭୁତପୂର୍ବ ସଫଳତା ହାସଲ କରିଛି। ଏହା ପୂର୍ବ ରେକର୍ଡ ପରିମାଣ ୨.୯୭ ଘନମିଟରରୁ ହ୍ରାସ ପାଇ ୨.୯୪ ଘନମିଟରରେ ପହଞ୍ଚିଛି। ଏହି ଉଲ୍ଲେଖନୀୟ ସଫଳତା କାରଖାନାର ସ୍ଥାୟୀ ଅଭିବୃଦ୍ଧି ଏବଂ ସାମଗ୍ରିକ ଉତ୍ପାଦକତା ବୃଦ୍ଧି ଉପରେ ରଣନୈତିକ ଧ୍ୟାନକୁ ସ୍ପଷ୍ଟ କରୁଛି।



# ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥ ସମ୍ପ୍ରସାରଣ ପାଇଁ ୧୮୪ କୋଟି ୯୭ ଲକ୍ଷ ମଞ୍ଜୁର

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୭।୫(ସମିସ)

ଭୋଗରାଇବାସୀଙ୍କ ଜୀବନରେଖା କୁହା ଯାଉଥିବା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥର ସମ୍ପ୍ରସାରଣ ପାଇଁ ସି ଆର ଆଇ ଏଫ ପାଣ୍ଠିରୁ ପ୍ରଥମ ପର୍ଯ୍ୟାୟରେ ୧୮୪କୋଟି ୯୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିପାଇଁ ସମ୍ବାଦିକ ସମ୍ମିଳନୀ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନିର୍ମାଣ

## ମୁଖ୍ୟମନ୍ତ୍ରୀ ଓ ନିର୍ମାଣ ବିଭାଗ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଭୋଗରାଇ ବିଧାୟକ

ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ କୃତଜ୍ଞତା ଜଣାଇଛନ୍ତି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ। ଆଜି ଦେହୁର୍ଦ୍ଦା ସ୍ଥିତ ବିଜେଡି ପାର୍ଟି କାର୍ଯ୍ୟାଳୟ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ ସୂଚନା ଦେଇଛନ୍ତି ଯେ ବର୍ଷା ଋତୁ ଶେଷ ପୂର୍ବରୁ ଏହି କାର୍ଯ୍ୟ ର ଟେଣ୍ଡର ପ୍ରକ୍ରିୟା ଶେଷ ହେବ। ପ୍ରଥମ ପର୍ଯ୍ୟାୟରେ ଜଳେଶ୍ୱର ରୁ ଦାରୁହା ଛକ ପର୍ଯ୍ୟନ୍ତ ୨୪ କିମି ରାସ୍ତା କାର୍ଯ୍ୟ ଆରମ୍ଭ ହେବ। ତେବେ ଦଳମତ ନିର୍ବିଶେଷରେ ଉନ୍ନୟନ ମୂଳକ କାର୍ଯ୍ୟକୁ ଆଗେଇ ନେବାକୁ ସେ ନିବେଦନ କରିଛନ୍ତି।

ପ୍ରକାଶ ଯେ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥକୁ ଜାତୀୟ ରାଜପଥରେ ପରିଣତ କରିବା ପାଇଁ ବିଧାୟକ ଶ୍ରୀ ଦାସ ଗତ ୨୦୨୫



ସେପ୍ଟେମ୍ବର ୨୫ ତାରିଖରେ ନିର୍ମାଣ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଚିଠି ଲେଖିଥିଲେ। ବ୍ୟସ୍ତ ବହୁଳ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା, ଉଭୟ ପଟେ ସଂକୁଚିତ ହେଉଥିବାରୁ ବହୁ ସମସ୍ୟା ଉପୁଜୁଥିବା କଥା ସେ ଦର୍ଶାଇ ଥିଲେ। ସମସ୍ୟାକୁ ଗୁରୁତ୍ୱ ଦେଇ ମନ୍ତ୍ରୀ ସପ୍ତାହକ ଭିତରେ ସର୍ଭେ ପାଇଁ ଏକ ଟିମ ପଠାଇଥିଲେ। ଏହାର ରିପୋର୍ଟ ସେଣ୍ଟ୍ରାଲ ରୋଡ ଇନଫ୍ରାଷ୍ଟ୍ରକଚାର ବିଭାଗକୁ ପଠା ଯାଇଥିଲା। ପରେ ଉକ୍ତ ରାସ୍ତାକୁ ୪ଲେନ ବିଶିଷ୍ଟ କରିବା ପାଇଁ ଅନୁମୋଦନ ମିଳିଥିଲା। ପରବର୍ତ୍ତୀ ସମୟରେ ନିର୍ମାଣ ବିଭାଗ ପକ୍ଷରୁ ଡି ପି ଆର ପ୍ରସ୍ତୁତ କରାଯାଇ କେନ୍ଦ୍ର ସରକାରଙ୍କ ନିକଟକୁ ପଠା ଯାଇଥିଲା। ତଦନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଜଳେଶ୍ୱରରୁ ଦାରୁହା ପର୍ଯ୍ୟନ୍ତ ୨୪କି.ମି ପାଇଁ (ସିଆଇଆଇଏଫ) ପକ୍ଷରୁ ଅର୍ଥ ମଞ୍ଜୁର ହୋଇଛି। ବର୍ଷା ଋତୁ ଭିତରେ ଟେଣ୍ଡର ହୋଇ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହେବ। ଏହାଛଡା ଅବଶିଷ୍ଟ ଦାରୁହାରୁ ଚନ୍ଦନେଶ୍ୱର ୧୨ କି.ମି ରାସ୍ତା ପାଇଁ ପୂର୍ବରୁ ୧ ୨କୋଟି ୩୦ଲକ୍ଷ ମଞ୍ଜୁର ହୋଇଥିଲା। ମାତ୍ର ଠିକାଦାର ନିଯୁକ୍ତିରେ ବିବାଦ କାରଣରୁ କାର୍ଯ୍ୟ ଅଟକି ରହିଛି। ଏବେ ତାର ସମାଧାନ ହୋଇଛି ଓ ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ମୋଟ ୩୬କି.ମି ରାସ୍ତା ସମ୍ପୂର୍ଣ୍ଣ ହେବ। ତେବେ ପ୍ରାୟ ୨୦ମିଟର ପ୍ରସ୍ଥ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଠାରୁ ଆରମ୍ଭ କରି ଡ୍ରେନ, ବାଇପାସ ଏବଂ କମର୍ଦ୍ଦା, ଥାନାଛକ, ଚୌକି ବଜାର ନିକଟରେ ସମସ୍ୟା ଉପୁଜିପାରେ ବୋଲି ବିଧାୟକ କହିଥିଲେ। ଏଥିପାଇଁ ଏହି ସବୁ ସ୍ଥାନ ମାନଙ୍କରେ ଓଭର ବ୍ରିଜର ଆବଶ୍ୟକତା ହୋଇପାରେ। ଆହୁରି ଅର୍ଥର ଆବଶ୍ୟକତା ଥିବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଥ ମଞ୍ଜୁର ହେବ ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ। ଆୟୋଜିତ ଏହି ସମ୍ବାଦିକ ସମ୍ମିଳନୀରେ ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ, ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲା ଉପସଭାପତି ତପନ କୁମାର ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି, ଜଳେଶ୍ୱରପୁର ସରପଞ୍ଚ ବିରୁପାକ୍ଷ୍ୟ ଜେନା, ସମାଜସେବୀ ହେମନ୍ତ କୁମାର ପ୍ରଧାନ, ଉମାକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ସମ୍ପ୍ରସାରଣ କାର୍ଯ୍ୟକୁ ରାଜନୀତିକରଣ କରା ନ ଯାଉ : ଗୌତମବୁଦ୍ଧ

ଜଳେଶ୍ୱର-ଚନ୍ଦନେଶ୍ୱର ରାଜ୍ୟ ରାଜପଥ ପ୍ରଶସ୍ତି କରଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବା ଠାରୁ ଆରମ୍ଭ କରି ଏ ବାବଦରେ ବିଧାନସଭାରେ ଦାବି ଉପସ୍ଥାପନ କରିବା ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ ଯୋଗାଯୋଗ ରକ୍ଷା କରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ଭୂମିକା ରହିଥିଲା ବେଳେ ଏବେ ଅର୍ଥ ମଞ୍ଜୁର ହେବା ପରେ ତା'ର ଶ୍ରେୟ ନେବା ପାଇଁ ବାଲେଶ୍ୱର ସାଂସଦ ଏବଂ ସ୍ଥାନୀୟ ବିଜେପି ନେତା ମାନେ ବିଭିନ୍ନ ସୋସିଆଲ ମିଡିଆ ଏବଂ ଗଣମାଧ୍ୟମ ଜରିଆରେ ବିବୃତି ଦେବା ହାସ୍ୟାସ୍ପଦ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ପ୍ରଥମରୁ ବିଧାୟକ ଏହି ପ୍ରକଳ୍ପ କୁ ନେଇ ତଥ୍ୟ ସହ ସମସ୍ତ ସୂଚନା ଗଣମାଧ୍ୟମ ଜରିଆରେ ଦେଇ ସାରିଛନ୍ତି। ଯଦି ବାଲେଶ୍ୱର ସାଂସଦ ଏହି ପ୍ରକଳ୍ପ ବାବଦରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ କିମ୍ବା ସଂସଦରେ ଦାବୀ ଉପସ୍ଥାପନ କରିଥିଲେ ତେବେ ତାହାର ତଥ୍ୟ ଦିଅନ୍ତୁ ବୋଲି ବିଧାୟକ ଶ୍ରୀ ଦାସ କହିଛନ୍ତି। କିଛି ନ କରି ଏଭଳି ଶସ୍ତା ମନ୍ତବ୍ୟ ଦେବାରୁ କ୍ଷାନ୍ତ ହୁଅନ୍ତୁ।

● ସମର କୋର୍ସ ପାଇଁ ଆସିଥିଲେ

## ପୋଖରୀରେ ଗାଧୋଇବା ବେଳେ ବୁଡ଼ି ଦୁଇ ଛାତ୍ର ମୃତ

ବାଲେଶ୍ୱର, ୭।୫(ସମିସ): ବାଲେଶ୍ୱର ସହରର ମାନସିଂ ବଜାରରେ ଏକ ଦୁଃଖଦ ଘଟଣା ଘଟିଛି। ଏହି ଅଞ୍ଚଳର ଏକ ଘରୋଇ ମେସ୍‌ରେ ରହୁଥିବା ଦୁଇ ଜଣ ଛାତ୍ର ପାଣିରେ ବଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ଦୁଇ ଛାତ୍ର ହେଲେ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ସ୍ମୃତି ରଞ୍ଜନ ମହାଭୋଇ ଓ ପ୍ରତ୍ୟୁଷ କୁମାର ମଲ୍ଲିକ୍। ଏମାନଙ୍କର ବୟସ ୧୬ ବର୍ଷ ବୋଲି ଜଣା ପଡ଼ିଛି। ସୂଚନା ଅନୁସାରେ, ମାଟ୍ରିକ ପାସ୍ କରିବା ପରେ ସମରକୋର୍ସ କରିବା ପଇଁ ଗତକାଲି ସେମାନଙ୍କର ଅଭିଭାବକ ମାନେ ମାନସିଂ ବଜାର ଅଞ୍ଚଳର ଏକ ଟ୍ୟୁଟୋରିଆଲ୍ କେନ୍ଦ୍ରରେ ନାମ ଲେଖାଇଥିଲେ ଓ ଉଭୟ ଏକ ଘରୋଇ ମେସ୍‌ରେ ରହୁଥିଲେ। ଉଭୟ ଆଜି ଅପରାହ୍ଣରେ ସ୍ଥାନୀୟ ହରିଚନ୍ଦନ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଉଥିବା ବେଳେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ସେମାନେ ପାଣିରେ ବୁଡ଼ି ଯାଇଥିଲେ। ମେସ୍ କର୍ତ୍ତୃପକ୍ଷ ସେମାନଙ୍କୁ ଖୋଜାଖୋଜି କରି ନ ପାଇ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ତେବେ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଖରୀରୁ ଛାତ୍ର ଦୁହିଁଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପାଇ ଟାଉନ୍ ଥାନା ପୁଲିସ୍ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ୍ କରି ବ୍ୟବଛେଦ ପାଇଁ ପଠାଇବା ସହ ଘରଲୋକଙ୍କୁ ଖବର ଦେଇଛି।

## ନାବାଳକ ଓ ନାବାଳିକାଙ୍କୁ ଉଦ୍ଧାର କଲା ଚାଇଲ୍ଡ ହେଲ୍ପଲାଇନ

ସୋର, ୭।୫ (ସମିସ): ସୋର ଥାନା ମାଣତ୍ରୀ ଅଞ୍ଚଳରୁ ଜଣେ ନାବାଳକ ଏବଂ ନାବାଳିକାଙ୍କୁ ଚାଇଲଡ ଲାଇନ ଉଦ୍ଧାର କରି ବାଲେଶ୍ୱର ନେଇଯାଇଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗ କାନ୍ଥ ଅଞ୍ଚଳର ଏହି ନାବାଳକ ନାବାଳିକା ଦ୍ୱୟ ଉଭୟଙ୍କୁ ଭଲ ପାଇ ଘରୁ ପଳାଇ ଆସି ମାଣତ୍ରୀ ଅଞ୍ଚଳରେ ରହୁଥିଲେ। ଏ ବାବଦରେ ଗ୍ରାମବାସୀମାନେ ଜାଣି ପରି ହେଲ୍ପ ଲାଇନ ନମ୍ବର ୧୦୯୮ କୁ ଫୋନ କରିଥିଲେ। ଅଭିଯୋଗ ପାଇ ଚାଇଲଡ ହେଲ୍ପ ଲାଇନର ସଦସ୍ୟ ପଞ୍ଚାନନ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ ସୋର ପୁଲିସ ସହାୟତାରେ ଗ୍ରାମରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବାଲେଶ୍ୱର ନେଇଯାଇଥିବା ଜଣାପଡ଼ିଛି। ଆସନ୍ତାକାଲି ଉଭୟଙ୍କୁ ସିଡବ୍ଲୁସିରେ ହାଜର କରାଯିବ ବୋଲି ସୂଚନା ମିଳିଛି।

## ଦୁର୍ଦ୍ଦଶାରେ ଉପେନ୍ଦ୍ର, ବାଟବଣା 'ଆବାସ'

ଦୋଳସାହି, ୭।୫(ସମିସ): ସରକାରଙ୍କ ତରଫରୁ ଚୟନ କରାଯାଉଥିବା ଆବାସ ଯୋଜନାର ହିତାଧିକାରୀଙ୍କ ମଧ୍ୟରୁ ଅଧିକାଂଶ ହିତାଧିକାରୀଙ୍କୁ ବେଆଇନ ଭାବେ ପ୍ରଦାନ କରାଯାଉଛି। ବହୁ ବାସ୍ତବ ହିତାଧିକାରୀ ଆବାସ ଯୋଜନାରେ ସାମିଲ ହୋଇପାରୁ ନଥିବାରୁ ସାଧାରଣ ଅସନ୍ତୋଷ ପ୍ରକାଶ ପାଇବା ସହ ବାଟବଣା ଆବାସ ଯୋଜନା ବୋଲି ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ ଅଧିନ ଗୁଆମାଳ ପଞ୍ଚାୟତର ଇଶାଣପୁର ଗ୍ରାମର ଉପେନ୍ଦ୍ର



ଜେନା(୭୫)ଙ୍କ ପରିବାର ଅତି ଦୟନୀୟ ଓ ବିପଦପୂର୍ଣ୍ଣ ଅବସ୍ଥାରେ ବସବାସ କରୁଥିବା ଦେଖିବାକୁ ମିଳୁଛି। ଏହି ପଞ୍ଚାୟତରେ ବେଆଇନ ଭାବେ ବହୁ ମୁଷ୍ଟିମେୟ ବ୍ୟକ୍ତିଙ୍କୁ ଏହି ଆବାସ ଯୋଜନାରେ ସାମିଲ କରାଇବା ନେଇ ବାସ୍ତବ ହୀତାଧିକାରୀ ବଳି ପଡୁଥିବା ଅଭିଯୋଗ ହୋଇଆସୁଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉପେନ୍ଦ୍ର ଜେନାଙ୍କୁ ଏକ ଆବାସ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ଦେବ ପୂଜକଙ୍କୁ ଶ୍ରଦ୍ଧାଞ୍ଜଳି



ବାରିକପୁର, ୭।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ଗ୍ରାମର ବରିଷ୍ଠ ଦେବ ପୂଜକ ସ୍ୱର୍ଗତ ମାଗୁଣି ଦାଶଙ୍କୁ ବିଭିନ୍ନ ବ୍ୟକ୍ତି ବିଶେଷ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଦ୍ୱାଦଶ ଦିବସରେ ଜିଲ୍ଲା ପରିଷଦ ସଭ୍ୟ ଉତ୍କଳକେଶରୀ ମହାନ୍ତି, ଶିକ୍ଷାବିତ ରାମଚନ୍ଦ୍ର ମହାନ୍ତି, ସଞ୍ଜିତ ସାମଲ, ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା, ଯୁବନେତା ପ୍ରତ୍ୟୁଷ ସାମଲ, ଭାଗୀରଥି ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଚରଣ ଦାସ, ବରିଷ୍ଠ ନାଗରିକ କ୍ଷୀରୋଦ ଦାସ, ଧରଣୀଧର ଦାସ, ନିରଞ୍ଜନ ଦାସ ପ୍ରମୁଖ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାଛଡା ଆଖପାଖ ଅଞ୍ଚଳର ବହୁ ଜନସାଧାରଣ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମହେନ୍ଦ୍ର ଦାସ ଓ ସୁରେନ୍ଦ୍ର ଦାସ ସମସ୍ତ ନିମନ୍ତ୍ରିତ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।

● କଲଭର୍ଟ ନିର୍ମାଣରେ ବ୍ୟାପକ ଅନିୟମିତତା

## ଆପ୍ରୋଚ୍ ରୋଡ୍‌ର ସ୍ଥାୟିତ୍ୱକୁ ନେଇ ଉଠିଲା ପ୍ରଶ୍ନ

ଅସୁରାଳି, ୭।୫ (ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀରୁ ପଙ୍ଗଟା ଛକ ଦେଇ ହସନାବାଦ ଯାଇଥିବା ମୁଖ୍ୟରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ବିଶେଷ କରି ଏହି ବ୍ୟସ୍ତବହୁଳ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ନିର୍ମାଣାଧୀନ 'ବାଲିଘାଇ ଚତର କଲଭର୍ଟ'ର କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ କଲଭର୍ଟର ଆପ୍ରୋଚ୍ ରୋଡ୍‌ର ସ୍ଥାୟିତ୍ୱ ଏବେ ବିପଦରେ। ଆପ୍ରୋଚ୍ ରୋଡ୍ ନିର୍ମାଣରେ ବାଲି, ମୋରମ କିମ୍ବା ପଥର ଗୁଣ୍ଡ ବଦଳରେ କେବଳ ପଙ୍କ ମିଶା କେଲୁ ମାଟି ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ମାଟି ପକାଇବା ପରେ କୌଣସି ପ୍ରକାର ରୋଲର୍ ବ୍ୟବହାର କରାଯାଇ ନାହିଁ। ଏଥିସହିତ କଂକ୍ରିଟ୍ ଢଳେଇ ପରେ ଆବଶ୍ୟକ ପାଣି ଦିଆଯାଉ ନଥିବା ଦେଖିବାକୁ ମିଳିଛି। ନିର୍ମାଣାଧୀନ ପାଚେରି ମଝିରେ ଏକ ବଡ଼ ଗଛକୁ ନକାଟି ସେମିତି ରଖି କାର୍ଯ୍ୟ କରାଯାଇଛି। ଏହା ଗଛର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରିବା ସହ ଭବିଷ୍ୟତରେ କାନ୍ଥଟି ଭୁଶୁଡ଼ିବା ଆଶଙ୍କା ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଠିକାଦାର କଲଭର୍ଟର ଦୁଇ ମୁଣ୍ଡରେ କଂକ୍ରିଟ୍ ଢଳେଇ କରି କାର୍ଯ୍ୟ ଅଧପନ୍ତରିଆ ଭାବେ ଛାଡ଼ି ଦେଇଛନ୍ତି। କୌଣସି ନିୟମ ପାଳନ କରାଯାଉ ନଥିବା ବେଳେ ଏଥିରେ ବିଭାଗୀୟ ଆନ୍ତରିକତାର ଅଭାବ ଥିବା ସ୍ପଷ୍ଟ ଜଣାପଡୁଛି। ରାସ୍ତାଟି ସମ୍ପୂର୍ଣ୍ଣ ହେବା ପୂର୍ବରୁ ଏଭଳି ଦୁର୍ନୀତିକୁ ନେଇ ଜନସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। କଲଭର୍ଟ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି। ଏହାର ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏ ସମ୍ପର୍କରେ ଯନ୍ତ୍ରୀ ଅରୂପ ମୁଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଖୁବଶୀଘ୍ର କ୍ଷେତ୍ର ପରିଦର୍ଶନ କରାଯାଇ କାର୍ଯ୍ୟର ତଦାରଖ କରାଯିବ। ଯଦି କୌଣସି ତ୍ରୁଟି ମିଳେ, ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଛାତ୍ର ଓମ୍ ପ୍ରକାଶ ଓ ଛାତ୍ରୀ ଶର୍ମିଷ୍ଠାଙ୍କୁ ସମ୍ବର୍ଦ୍ଧନା

ଦୋଳସାହି, ୭।୫(ସମିସ): ତିହିଡ଼ି ବ୍ଲକ ଦୋଳସାହି ପଞ୍ଚାୟତ ରାଢଙ୍ଗସ୍ଥିତ ବାସୁଦେବ ମନ୍ଦିରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ



ସର୍ବୋଚ୍ଚ ମାର୍କ ରଖିଥିବା ଦୁଇ ଏ-ୱାନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତିହିଡ଼ି ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ଶର୍ମିଷ୍ଠା ଦାସ ଓ ଦୋଳସାହି ପିଏମଶ୍ରୀ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ର ଓମ୍ ପ୍ରକାଶ ଦୀକ୍ଷିତଙ୍କୁ ବାସୁଦେବ ମନ୍ଦିର ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ସମାଜସେବୀ ଡାକ୍ତର ସଞ୍ଜୟ ଦାସ, ଦୋଳସାହି ସରପଞ୍ଚ ଗୌରିଶଙ୍କର ଜେନା, ନାୟବ ସରପଞ୍ଚଙ୍କ ପ୍ରତିନିଧି ହିମାଂଶୁ ବଳ, ବିଜେଡିନେତା ଅଶୋକ ନାୟକ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ଜେନା, ଅମର ସେନାପତି, ରବୀନ୍ଦ୍ର ଯେନା, ସମାଜସେବୀ ଅର୍ଜୁନ ଭଞ୍ଜରୟ, ଶିକ୍ଷାବିତ୍ ପ୍ରତାପ ବିଶ୍ୱାଳ, ଶିକ୍ଷାବିତ୍ ସନ୍ତୋଷ ପାଣିଗ୍ରାହୀ, ସମାଜସେବୀ ଚିତ ଦୀକ୍ଷିତ, ରବୀନ୍ଦ୍ର ପାଣିଗ୍ରାହୀ, ଦିବାକର କୁଅଁର, ଭାସ୍କର ବେହେରା, ରତିକାନ୍ତ ବେହେରା, ବିପ୍ଳବ ପାଣିଗ୍ରାହୀ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ମାଟ୍ରିକ ବ୍ଲକ ଟପ୍ପର ଅଭିଜିତଙ୍କୁ ସମ୍ବର୍ଦ୍ଧନା

ବନ୍ତ/ଆଗରପଡ଼ା, ୭।୫(ସମିସ): ଚଳିତ ଶିକ୍ଷାବର୍ଷ ମାଟ୍ରିକ ପରୀକ୍ଷାରେ ଆଗରପଡ଼ା ନିକଟସ୍ଥ ମହାନ୍ତିପଡ଼ା ଆଶାମଣୀ ଉଚ୍ଚ ବିଦ୍ୟାପୀଠ ଛାତ୍ର ଅଭିଜିତ ସାହୁ ୫୫୮ ନମ୍ବର ରଖି ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହେବା ସହ ବ୍ଲକ ଟପ୍ପର ହୋଇଛନ୍ତି। ଉକ୍ତ




ବିଦ୍ୟାପୀଠ ଅନ୍ୟତମ ଛାତ୍ର ରାହୁଲ ଗୁପ୍ତା ମଧ୍ୟ ୫୪୦ ନମ୍ବର ରଖି ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବୁଧବାର ବିଦ୍ୟାଳୟ ପକ୍ଷରୁ ଏହି ଛାତ୍ରଦ୍ୱୟଙ୍କୁ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ପ୍ରଭାତ ସାହୁ, ତାଙ୍କ ସହଧର୍ମିଣୀ ମମତା ସାହୁ, ସମାଜସେବୀ କମଳାକାନ୍ତ ସାହୁ, ବିଦ୍ୟାପୀଠ ପ୍ରଧାନଶିକ୍ଷକ ଗଙ୍ଗାଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାପୀଠ ଶିକ୍ଷକ ତାପସ ନନ୍ଦ, ପରେଶ ବାରିକ, ସଞ୍ଜୟ କୃଷ୍ଣ ମହାପାତ୍ର, ଧିରେନ୍ଦ୍ର ଷଡଙ୍ଗୀ, ନିରଞ୍ଜନ ବେହେରା, ଶରତ ସାହୁ, ଦେବେନ୍ଦ୍ର ଶତପଥୀ, ଭରତ ସେଠୀ, ଶିକ୍ଷୟିତ୍ରୀ ଭଗବତୀ ସାହୁ, ମିନାକ୍ଷୀ ଉଦଗାତାଙ୍କ ସହ ଅଭିଭାବକ, ଅଭିଭାବିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବାହାଘର ଶୋଭାଯାତ୍ରାରେ ଗଣ୍ଡଗୋଳ, ବାଇକ ପୋଡ଼ି

ସୋର, ୭।୫(ସମିସ): ସୋର ଥାନା ତଳନଗର ଗ୍ରାମ ନିକଟରେ ଗତକାଲି ବିଳମ୍ବିତ ରାତିରେ ବରଯାତ୍ରୀ ଶୋଭାଯାତ୍ରା ସମୟରେ ଗଣ୍ଡଗୋଳ ହେବା ଫଳରେ ଏକ ବାଇକ ପୋଡି ଯାଇଥିବା ଜଣାପଡ଼ିଛି। ଗତକାଲି ରାତିରେ ସବିରା ଅଞ୍ଚଳରୁ ଏକ ବରଯାତ୍ରୀ ଦଳ ଶୋଭାଯାତ୍ରାରେ ତଳନଗର ଗ୍ରାମକୁ ଆସିଥିଲେ। ତଳନଗର ଗ୍ରାମ ନିକଟରେ ଶୋଭାଯାତ୍ରା ପହଞ୍ଚିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର କିଛି ଯୁବକଙ୍କ ସହ ବରଯାତ୍ରୀରେ ଆସିଥିବା କିଛି ଯୁବକଙ୍କ ଗଣ୍ଡଗୋଳ ହୋଇଥିଲା। ଏଥିରେ ଶଙ୍କର୍ଷଣ ପଲେଇ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ବେଳେ ଉତ୍ତ୍ୟକ୍ତ ଯୁବକ ମାନେ ଏକ ବାଇକକୁ ପୋଡି ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିବା ସହିତ ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୋର ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ପୁଲିସ ପୋଡି ଯାଇଥିବା ବାଇକଟିକୁ ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ମଙ୍ଗଳପୁରରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ସହିଦନଗର, ୭।୫(ସମିସ): ଧାମନଗର ବ୍ଲକ ଖପରାପଡ଼ା ପଞ୍ଚାୟତର ମଙ୍ଗଳପୁର ଗାଁରେ ହନୁମାନଙ୍କ ମନ୍ଦିରର ପ୍ରତିଷ୍ଠା ତଥା ବାର୍ଷିକ ଉତ୍ସବ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଭୁ ବଜରଙ୍ଗବଲୀଙ୍କ ପୂଜାର୍ଚ୍ଚନା, ଭଜନ-କୀର୍ତ୍ତନ ଓ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍ସବରେ ସରପଞ୍ଚଙ୍କ ପ୍ରତିନିଧି ରମାକାନ୍ତ ସାହୁଙ୍କ ମୁଖ୍ୟ ଭୂମିକା ନେଇଥିଲେ। ତାଙ୍କ ସହ ଅନ୍ୟାନ୍ୟ ସ୍ଥାନୀୟ ନେତୃତ୍ୱ ମଧ୍ୟ ସକ୍ରିୟ ଭାବେ ଯୋଗଦେଇ ଉତ୍ସବକୁ ଅଧିକ ଉଜ୍ଜ୍ୱଳ କରିଥିଲେ। ଗ୍ରାମବାସୀଙ୍କ ଏକତା ଓ ସହଯୋଗରେ ଏହି ଧାର୍ମିକ ଅନୁଷ୍ଠାନ ସଫଳ ଭାବେ ସମ୍ପନ୍ନ ହୋଇଥିବା ବେଳେ, ଶ୍ରଦ୍ଧାଳୁମାନଙ୍କ ଭିଡ଼ ଓ ଭକ୍ତିର ମାହୋଲ ଉତ୍ସବକୁ ଅଧିକ ଆନନ୍ଦମୟ କରିଥିଲା। ପ୍ରଭୁ ବଜରଙ୍ଗବଲୀଙ୍କ ଆଶୀର୍ବାଦ ପାଇଁ ସମସ୍ତେ ପ୍ରାର୍ଥନା କରିଥିଲେ। ଏହି ପର୍ବ ଗ୍ରାମର ସାମୂହିକ ଏକତା ଓ ଧାର୍ମିକ ଭାବନାର ଜୀବନ୍ତ ଦୃଷ୍ଟାନ୍ତ ଭାବେ ପ୍ରକାଶ ପାଇଛି।

## ସତ୍ୟାବ୍ରତୀ ସାହୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ



ବନ୍ତ/ଆଗରପଡ଼ା, ୭।୫(ସମିସ): ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ବାଲୁଙ୍କେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟରେ ଛାତ୍ରୀ ସତ୍ୟାବ୍ରତୀ ସାହୁଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ମେଟ୍ରିକ୍ ପରୀକ୍ଷାରେ ଉକ୍ତ ବିଦ୍ୟାଳୟର ୪୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସର୍ବାଧିକ ୫୦୫ ନମ୍ବର୍ ରଖି ଉତ୍ତୀର୍ଣ୍ଣ ହୋଇଥିବା ସତ୍ୟାବ୍ରତୀ ସାହୁଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ମଲ୍ଲିକ, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ନାଥ, ଶିକ୍ଷକ ରାଜେନ୍ଦ୍ର କୁମାର ବାରିକ୍, ବାବାଜୀ ଚରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ସତ୍ୟାବ୍ରତୀ ସାହୁଙ୍କୁ ଉପଢୌକନ ଓ ପୁଷ୍ପଗୋଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଭବିଷ୍ୟତରେ ଭଲ ପାଠ ପଢ଼ି ଭଲ ମଣିଷ ହେବା ସହିତ ବିଦ୍ୟାଳୟର ନାମ ଟେକରଖିବା ପାଇଁ ଅଶୀର୍ବାଦ ପ୍ରଦାନ କରିଥିଲେ। କୃତୀ ଛାତ୍ରୀ ସତ୍ୟାବ୍ରତୀ ସାହୁଙ୍କ ଘର ଗଣିଜାଙ୍ଗ ପଞ୍ଚାୟତ ନାରାୟଣପୁର ଗ୍ରାମର ଭଗବାନ ସାହୁଙ୍କ ନାତୁଣୀ ତଥା ନିରାକାର ସାହୁ ଓ ରଙ୍ଗଲତା ସାହୁଙ୍କ ସାନ ଝିଅ ଅଟନ୍ତି। ସତ୍ୟାବ୍ରତୀ ସାହୁ ଭବିଷ୍ୟତରେ ଡାକ୍ତର ହୋଇ ଗରିବ ଲୋକଙ୍କ ସେବା କରିବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି।

# ବାଲେଶ୍ୱରରେ ବହୁମୁଖୀ ପ୍ରକଳ୍ପ ଆଇଆଇସି କମ୍ପ୍ଲେକ୍ସ ନିର୍ମାଣରେ ଅନିଶ୍ଚିତତା

ବାଲେଶ୍ୱର, ୭।୫(ସମିସ)

ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ନୃତ୍ୟସଙ୍ଗୀତ କଳାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଦାମୋଦର ନାୟକ ଆଲୋଚନାର ବିଷୟ ଓ ଆୟବ୍ୟୟର ବିବରଣୀ ଉପସ୍ଥାପିତ କରିଥିଲେ। ବାଲେଶ୍ୱରରେ ଜରାନିବାସ ଓ ପୁନର୍ବାସ କେନ୍ଦ୍ର ବା ଇଣ୍ଟିଗ୍ରେଟେଡ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର କମ୍ପ୍ଲେକ୍ସ ପାଇଁ ନିର୍ଦ୍ଧାରିତ ସ୍ଥାନକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁପଯୁକ୍ତ ଆଳରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନାମରେ ଦିଆଯାଇଥିବା ୨୦ ଏକର ଜମିର ପଟ୍ଟାକୁ ସରକାର ରଦ୍ଦ କରିଥିବାର ଶ୍ରୀ ନାୟକ ଜଣାଇଥିଲେ। ରେମୁଣା ତହସିଲ ଅଧୀନ ଦହପଡ଼ା ମୌଜାରେ ଉନ୍ନତ ଯୋଜନାଯୋଗ୍ୟ ଜମିକୁ ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଏହି ଜମିକୁ ଉପଯୁକ୍ତ ଦର୍ଶାଇ ଗତ ୨୦୨୧ ମସିହାରୁ ପଟ୍ଟା ପ୍ରଦାନ କରିଥିଲେ। ଏହି ବହୁମୁଖୀ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲ୍ଲାର ଅସହାୟ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ, ତୃତୀୟ ଲିଙ୍ଗୀ ଓ ମାନସିକ ବିକୃତମାନେ ଏଠାରେ ଆଶ୍ରୟ ନେବେ ଏବଂ ସେମାନଙ୍କୁ ସରକାର ସହାୟତା କରିବେ। ଏହି ପ୍ରକଳ୍ପ ଅନ୍ୟ ଜିଲ୍ଲାମାନଙ୍କରେ କାର୍ଯ୍ୟକ୍ଷମ ହୋଇସାରିଥିବାବେଳେ ବାଲେଶ୍ୱରରେ ଉକ୍ତ ପ୍ରକଳ୍ପ ନିର୍ମାଣ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଥିବାର ଜଣା ପଡ଼ିଥିଲା। ଉପରୋକ୍ତ ଆଲୋଚନାରେ ଅଂଶଗ୍ରହଣ କରି ପ୍ରଦୀପ ଚାଟାର୍ଜୀ, ବିଷ୍ଣୁ ମହାନ୍ତି, କହ୍ନେଇ ପ୍ରଧାନ, ପୁଷ୍ପଲତା ମହାନ୍ତି, ମଧୁସୂଦନ ଜେନା, ଅଜୟ ନାୟକ, ପୁରୁଷୋତ୍ତମ କମିଳା, ରେଣୁବାଳା ଦାସ, ଅନୁସୟା ନାୟକ, ପ୍ରଫୁଲ୍ଲ ଦାସ, ଗୌରସାଧନ ମିଶ୍ର, ସଞ୍ଜୟ ପଣ୍ଡା, ଭବେଶ ପଣ୍ଡା, ଗୋପୀନାଥ ଦାସ, ସୁରେନ୍ଦ୍ର ନାୟକ, ରବିନାରାୟଣ ଭୋଳ, ଗୋବିନ୍ଦ ମାଝୀ, ଅକ୍ଷୟ ତ୍ରିପାଠୀ, ସନ୍ତୋଷ ବେହେରା, ଦେବବ୍ରତ ପାଣିଗ୍ରାହୀ, ବିପ୍ଳବ କୁମାର ମହାନ୍ତି, ସନ୍ତୋଷ ସାହୁ, ସତ୍ୟାନନ୍ଦ ପାତ୍ର, ଗୌରପ୍ରିୟ ମିଶ୍ର, ଅର୍ଜନା ନନ୍ଦୀ ଓ ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ ପ୍ରମୁଖ ଜିଲ୍ଲା ପ୍ରଶାସନର ମନମୁଖୀ କାର୍ଯ୍ୟକୁ ଦୃଢ଼ ସମାଲୋଚନା କରିଥିଲେ। ବାଲେଶ୍ୱରର ସାଂସଦ ଓ ସ୍ଥାନୀୟ ବିଧାୟକମାନଙ୍କୁ ବରିଷ୍ଠ ନାଗରିକମାନଙ୍କର ଏହି ଉଦ୍‌ବେଗ ସମ୍ପର୍କରେ ଜଣାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମଞ୍ଚର ବରିଷ୍ଠ ଉପଦେଷ୍ଟା କମଳାକାନ୍ତ ବେହେରା ଓ ଗିରୀଶ ଚନ୍ଦ୍ର ଦାଶ ମଞ୍ଚର ଏହି ଅଭିଯୋଗ ସମ୍ପର୍କରେ ବାଲେଶ୍ୱର ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ପୂର୍ବନିର୍ଦ୍ଧାରିତ ସ୍ଥାନରେ ଆଇଆଇସି ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଦେବାକୁ ମତାମତ ଦେଇଥିଲେ। ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ଆସନ୍ତା ତିନିବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ବରିଷ୍ଠ ଉପସଭାପତି ସୀତାରାମ ପ୍ରଧାନ ଆଗତ କରିବାପରେ ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ସଭାକାର୍ଯ୍ୟ ଆରମ୍ଭରେ ଗୌରାଙ୍ଗ ପାଣିଗ୍ରାହୀ ଉପସ୍ଥିତମାନଙ୍କୁ ସ୍ୱାଗତ ଜଣାଇଥିଲେ। ମଞ୍ଚର ବରିଷ୍ଠ ସଦସ୍ୟ ଭଗବାନ ରାଉତଙ୍କ ବିୟୋଗରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ମଞ୍ଚର କୋଷାଧକ୍ଷ ଲକ୍ଷ୍ମୀନାରାୟଣ ଘୋଷ ଧନ୍ୟବାଦ ଦେଇଥିଲେ।




### ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉଦ୍‌ବେଗ

# ଚୋରା ମଦ ସହ ବୋଲେରୋ ଜବତ; ୨ ଗିରଫ



ହାଟଡ଼ିହୀ, ୭।୫(ସମିସ): ହାଟଡିହୀ ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନାର ଷ୍ଟାଫ୍‌ଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ନନ୍ଦିପଦା ଓ ସୋସୋ ଥାନା ଅନ୍ତର୍ଗତ ପୁରୁଣାପାଣି, ଷଡ଼ଙ୍ଗ, ଜାବିନପୁର, ସଡ଼ଙ୍ଗା ଅଞ୍ଚଳରେ ଚଢ଼ଉ କରାଯାଇଛି। ଏଥିରେ ୨୫୦ ଲିଟର ଦେଶୀମହୁଲି ମଦ, ୩୨୦୦ ଲିଟର ମହୁଲ ପୋଚ ଓ ୬୨ଲିଟର ୪୦୦ ମି.ଲି ବିୟର ଓ ୧୭ ଲିଟର ୨୮୦ ମିଲିଲିଟର ବିଦେଶୀ ମଦ ସହ ଏକ ୪ଚକିଆ ବୋଲେରୋ ଜବତ କରାଯାଇଛି। ଏହି ବେଆଇନ ମଦ କାରବାରରେ କୈଳାସଚନ୍ଦ୍ର ରାଉତ ଓରଫ୍ ଚକରା ଓ ବୈଷ୍ଣବ ବେହେରାଙ୍କୁ ଗିରଫ କରିଛି ଅବକାରୀ ପୁଲିସ୍। ହାଟଡ଼ିହୀ ଅବକାରୀ ଥାନା ପକ୍ଷରୁ ୨ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ଚଢ଼ଉରେ ହାଟଡ଼ିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ ଷ୍ଟାଫ୍ ସାମିଲ ଥିଲେ।

# ଦୋକାନ ଭାଙ୍ଗି ମୋବାଇଲ ଚୋରି: ୨ ଗିରଫ



ତୁରୁମୁଙ୍ଗା, ୭।୫(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ କ୍ଷୀରେଇଟାଙ୍ଗିରୀ ବଜାରରେ ଥିବା ଏକ ମୋବାଇଲ ଦୋକାନକୁ ଭାଙ୍ଗି ଫୋନ୍ ଚୋରି ହୋଇଥିଲା। ଗତ ୩ ତାରିଖ ରାତିରେ ସଂଘଟିତ ଏହି ଘଟଣାରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲା ବେଳେ ପୁଲିସ ଏହି ମାମଲାରେ ସମ୍ପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦୋକାନର ତାଲା ଭାଙ୍ଗି ଏକାଧିକ ମୋବାଇଲ ଫୋନ ଚୋରି କରି ନେଇଥିଲେ। ଏନେଇ ଦୋକାନ ମାଲିକ ଡଳଙ୍ଗ ଗ୍ରାମର କ୍ଷେତ୍ରବାସୀ ପାଲ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ପୁଲିସ କ୍ଷୀରେଇଟାଙ୍ଗିରୀ ଗ୍ରାମର ସୁରେଶ ପାତ୍ର(୨୮) ଓ ରବି ମୁଣ୍ଡା(୨୨)ଙ୍କୁ ଗିରଫ କରିଥିଲା। ଗିରଫ ଦୁଇ ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ୬ଟି ମୋବାଇଲ ଫୋନ ମଧ୍ୟ ଉଦ୍ଧାର ହୋଇଛି। ଏନେଇ ତୁରୁମୁଙ୍ଗା ଥାନାରେ ୧୧୨/୨୬ ନମ୍ବର ମାମଲା ରୁଜୁ ହୋଇଥିବା ବେଳେ ଏଏସଆଇ ଦେବେନ୍ଦ୍ର ମୁର୍ମୁ ଘଟଣାର ତଦନ୍ତ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

ତୁରୁମୁଙ୍ଗା, ୭।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଞ୍ଚଳରେ କାଳବୈଶାଖୀର ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ସନ୍ଧ୍ୟାରେ ପ୍ରବଳ ବର୍ଷା ଓ ପବନ ଯୋଗୁଁ ମୁଷାଖରୀ ପଞ୍ଚାୟତର ଧନୁର୍ଜୟପୁର, ବିଜାନାଳୀ, ଘଟଗାଁ ବ୍ଲକ ମାଛଭଣ୍ଡା ସମେତ ବିଭିନ୍ନ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି। ପବନରେ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡି ପଡିଥିବା ବେଳେ କିଛି ଘରର ଆଜବେଷ୍ଟସ ଛପର ଉଡ଼ିଯାଇଛି। କେତେକ ସ୍ଥାନରେ ଗଛ ପଡି ଯାନବାହନ କ୍ଷତିଗ୍ରସ୍ତ ହୋଇଛି। ଏହାସହ ରାସ୍ତା ଉପରେ ଗଛ ପଡି ରହିଛି।



ଅନ୍ୟପଟେ ବିଦ୍ୟୁତ ଖୁଣ୍ଟ ଉପୁଡିବା ସହ ବିଦ୍ୟୁତ ତାର କ୍ଷତିଗ୍ରସ୍ତ ହେବା ଫଳରେ ଅଞ୍ଚଳରେ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ଗତମାସ ଠିକ ଆଜିର ଦିନରେ ପାଟଣା ଅଞ୍ଚଳରେ କାଳବୈଶାଖୀ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ହଜାର ହଜାର ଲୋକ ବାସହୀନ ହୋଇ ରହିଥିଲେ। ସେ ଦୁଃଖ ଲୋକଙ୍କ ମନରୁ ଯାଇ ନଥିବା ବେଳେ ପୁଣି ଏକ ମାସ ପରେ ଆଜିର ଦିନରେ କାଳବୈଶାଖୀ କ୍ଷୟକ୍ଷତି ଯୋଗୁଁ ଲୋକେ ଚିନ୍ତାରେ ପଡିଛନ୍ତି। ସ୍ଥାନୀୟ ଲୋକେ ପ୍ରଶାସନ ପକ୍ଷରୁ ଶୀଘ୍ର ରାସ୍ତା ସଫା, ବିଦ୍ୟୁତ ସେବା ସ୍ୱାଭାବିକ ଓ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।

# ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ବୈଠକ




ଆନନ୍ଦପୁର, ୭।୫ (ସମିସ): ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି ରମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ପରିଷଦର କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭରେ ସ୍ଥାୟୀ ସଦସ୍ୟ ଡ. ବିଷ୍ଣୁନାରାୟଣ ପାତ୍ରଙ୍କ ବିୟୋଗରେ ସମସ୍ତେ ଶୋକ ବ୍ୟକ୍ତ କରିଥିଲେ। ତାଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ପାଦକ ଅଶୋକ କୁମାର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଉପଦେଷ୍ଟା ଅରୁଣ କୁମାର ମହାନ୍ତି, ନିରାକାର ଦଳେଇ, ବିନୋଦ ମିଶ୍ର, କୀର୍ତ୍ତନ ସାହୁ ପ୍ରମୁଖ ଆନନ୍ଦପୁରର କେତେକ ସମସ୍ୟା ଓ ତାହାର ସମାଧାନ ପାଇଁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ଆନନ୍ଦପୁରର ଇଷ୍ଟଦେବତା ଦଧିବାମନଜୀଉଙ୍କ ମନ୍ଦିରର ସୁରକ୍ଷା, ମନ୍ଦିରର ପ୍ରାଚୀର ନିର୍ମାଣ, ବିଭିନ୍ନ ପୂଜାପାର୍ବଣ ଓ ବିବାହ ବ୍ରତ ସମୟରେ ଉଚ୍ଚଶକ୍ତି ସମ୍ପନ୍ନ ଡିଜେ ବ୍ୟବହାର ଓ ପ୍ରବଳ ନିଶା କାରବାରର ନିୟନ୍ତ୍ରଣ ପ୍ରଭୃତି ସମ୍ବନ୍ଧରେ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନା କରାଯିବାକୁ ନିଷ୍ପତ୍ତି ହୋଇଛି। ପରିଷଦରେ ନୂତନ କରି ଯୋଗଦେଇଥିବା ନିତ୍ୟାନନ୍ଦ ନାହାକଙ୍କୁ ସ୍ୱାଗତ କରାଯାଇଥିଲା। ଉପସଭାପତି ସୁଦର୍ଶନ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କୀର୍ତ୍ତନ ବିହାରୀ ସାହୁ, ଦିଲ୍ଲୀପ ସିଂ, କୈଳାଶ ନାହାକ, ସତ୍ୟାନନ୍ଦ ମିଶ୍ର, ନଗେନ ଚାନ୍ଦ, ମଦନ ହୋତା, ସହଦେବ ସାହୁ, ରମେଶ ସିଂ ପ୍ରମୁଖ ଯୋଗ ଦେଇଥିଲେ।

## ଆନନ୍ଦପୁର ଡାକ୍ତରଖାନାରେ ରୋଗୀଙ୍କ ଧାଡ଼ି ଯନ୍ତ୍ରଣା

# ୪୫ ଡାକ୍ତର ପରିବର୍ତ୍ତେ ଅଛନ୍ତି ୧୫

ଆନନ୍ଦପୁର, ୭।୫(ସମିସ)



କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଉତ୍ତମ ଚିକିତ୍ସାସେବା ନପାଇ ରୋଗୀ କଲବଲ ହେଉଛନ୍ତି। ୪୫ ଜଣ ଡାକ୍ତରଙ୍କ ସ୍ଥାନରେ ମାତ୍ର ୧୫ ଜଣ ଡାକ୍ତରଙ୍କୁ ନେଇ ରୋଗୀ ଚିକିତ୍ସା କେବଳ କାମଚଳା ନୀତିରେ ଚାଲିଛି। ପ୍ରତିଦିନ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାର ଆଉଟ୍‌ଡୋରକୁ ୬୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି। ଅସ୍ଥିଶଲ୍ୟ, କର୍ଣ୍ଣ, ନାଶା ଓ ଗଳା (ଇଏନ୍‌ଟି), ନିଶ୍ଚେତକ ଡାକ୍ତର ପଦ ଖାଲି ପଡ଼ିଛି। ସାମାନ୍ୟ ରୋଗର ଚିକିତ୍ସା ପାଇଁ ଆସି ଲୋକଙ୍କୁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଟିକେଟ୍ କାଉଣ୍ଟର, ଆଉଟ୍‌ଡୋର, ପରୀକ୍ଷାଗାର, ଏକ୍ସ-ରେ କେନ୍ଦ୍ର, ଔଷଧ କାଉଣ୍ଟରରେ ଲମ୍ବାଧାଡ଼ି ଲାଗୁଛି। କର୍ମଚାରୀ ଅଭାବ ଯୋଗୁଁ ଔଷଧ ବଣ୍ଟନରେ ସମସ୍ୟା ହେଉଛି। ଔଷଧ ନେବାକୁ ଲୋକେ ଖରାରେ ଲମ୍ବାଧାଡ଼ି ଲଗାଉଛନ୍ତି। ଆବଶ୍ୟକ କର୍ମଚାରୀ ନଥିବାରୁ ୨୪ ଘଣ୍ଟିଆ ଔଷଧ ବିତରଣ ବାଧାପ୍ରାପ୍ତ ହେଉଛି। ରାତିରେ ରୋଗୀଙ୍କୁ ଔଷଧ ମିଳୁନଥିବା ଜଣାପଡ଼ିଛି। ସେହିପରି ଗୁରୁତର ରୋଗୀ ଓ ଆଉଟଡୋର୍‌କୁ ଆସୁଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଡାକ୍ତରମାନେ ଗୋଟିଏ ସ୍ଥାନରେ କରୁଥିବାରୁ ଗୁରୁତର ରୋଗୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ସମ୍ପର୍କରେ ଡାକ୍ତରଖାନାର ପରିଚାଳକ ଅବିନାଶ ଧଳ କହିଛନ୍ତି, ଡାକ୍ତର ଓ କର୍ମଚାରୀ ଅଭାବରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏ ବିଷୟରେ କେନ୍ଦୁଝରର ସିଡିଏମ୍‌ଓଙ୍କୁ ଅବଗତ କରାଯାଇଛି। ଅଧିକ ବିଶେଷଜ୍ଞ ଡାକ୍ତର ଓ କର୍ମଚାରୀ ନିଯୁକ୍ତ କରାଗଲେ ସ୍ୱାସ୍ଥ୍ୟସେବାରେ ସୁଧାର ଆସିପାରିବ।

ଏହି ଡାକ୍ତରଖାନା ଉପରେ କେନ୍ଦୁଝର ଜିଲ୍ଲା ସମେତ ପଡ଼ୋଶୀ ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାର ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। ଗ୍ରାମାଞ୍ଚଳର ଲୋକେ ସରକାରୀ ଡାକ୍ତରଖାନାରୁ ମାଗଣା ଚିକିତ୍ସାସେବା ପାଇବାପାଇଁ ଆସି ନିରାଶ ହୋଇ ଫେରୁଛନ୍ତି। ଅନେକ ବିଭାଗରେ ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଡାକ୍ତର ନଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ୨୦ନମ୍ବର ଜାତୀୟ ରାଜପଥ ଓ ୫୩ ନମ୍ବର ରାଜ୍ୟ ରାଜପଥରେ ଦୁର୍ଘଟଣାରେ ସାମାନ୍ୟ ଆହତ ହୋଇଥିବା ଲୋକଙ୍କୁ ମଧ୍ୟ କଟକ ସ୍ଥାନାନ୍ତର କରାଯାଉଛି। ସେହିପରି ପ୍ରସୂତି ବିଭାଗରେ ଅନେକ ସମୟରେ ରୋଗୀଙ୍କୁ ବିଭିନ୍ନ ଆଳ ଦେଖାଇ କେନ୍ଦୁଝର ଓ କଟକ ସ୍ଥାନାନ୍ତର କରାଯାଉଥିବା ଅଭିଯୋଗ ହେଉଛି।

# ବିନା ସୂଚନାଫଳକରେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ

ଚମ୍ପୁଆ, ୭।୫(ସମିସ): ସରକାରୀ ଅନୁଦାନରେ ଯେକୌଣସି ଉନ୍ନୟନ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ନିର୍ମାଣସ୍ଥଳ ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନାଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଦେଖାଯିବାର ନିୟମ ଥିଲେ ସୁଦ୍ଧା କେନ୍ଦୁଝର ଜିଲ୍ଲା ଚମ୍ପୁଆ ଏନଏସି ଅନ୍ତର୍ଗତ ଜାଗର ପଡ଼ିଆ ନିକଟରେ ଗ୍ରାମ୍ୟଉନ୍ନୟନ ବିଭାଗ ତରଫରୁ ନିର୍ମାଣାଧୀନ କଲ୍ୟାଣ ମଣ୍ଡପରେ ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସରକାର କେଉଁ ବିଭାଗରୁ ଅର୍ଥ ଖର୍ଚ୍ଚ କରୁଛନ୍ତି, କେତେ ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି, କାହା ନାମରେ କାର୍ଯ୍ୟାଦେଶ ରହିଛି, କେଉଁ ଅଧିକାରୀ ତଦାରଖ କରୁଛନ୍ତି ଏବଂ କାର୍ଯ୍ୟ ଆରମ୍ଭ ଓ ଶେଷ ସମ୍ପର୍କରେ ସମସ୍ତଙ୍କୁ ଅନ୍ଧାରରେ ରଖାଯାଇ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ବିଭାଗୀୟ ଅଧିକାରୀ ଓ କଣ୍ଟ୍ରାକ୍ଟରଙ୍କ ସଲାସୁତୁରାରେ ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କଲ୍ୟାଣ ମଣ୍ଡପରେ ଲଗାଯାଉଥିବା ରଙ୍ଗ ନିମ୍ନମାନର ହୋଇଥିବାରୁ ଅଧିକାଂଶରେ ଏହା ଫିକା ହୋଇଗଲାଣି। ଏନେଇ କାର୍ଯ୍ୟରତ ମୁନସୀଙ୍କୁ ପଚାରିବାରୁ କହିଥିଲେ କି ପାଣି ଲିକ୍ ଯୋଗୁଁ ରଙ୍ଗ ଛାଡିଯାଇଛି। ଅଦିନିଆ ବର୍ଷାରେ ଯଦି ଏପରି ଅବସ୍ଥା ତେବେ ବର୍ଷାଋତୁରେ ଅବସ୍ଥା କ'ଣ ହେବ ସହଜରେ ଅନୁମେୟ। ନୂଆ ବଟଲରେ ପୁରୁଣା ମଦ ଢାଳିବା ଭଳି ଗୋଟିଏ ଭଲ କମ୍ପାନୀର ରଙ୍ଗ ଆଣି ସେଥିରେ ଶସ୍ତା ରଙ୍ଗ ଢାଳି ଅଧିକାରୀଙ୍କୁ ବୋକା ବନାଉଥିବା ଦେଖିବାକୁ ମିଳୁଛି। ଏନେଇ ସମ୍ପୃକ୍ତ କଣ୍ଟ୍ରାକ୍ଟର କହିଛନ୍ତି, ଜାଗା ଅଭାବରୁ ସୂଚନା ଫଳକ ଲଗାଯାଇ ନାହିଁ ଏବଂ ଆମେ ଭଲ କମ୍ପାନୀର ରଙ୍ଗ ଜିଏସଟି ବିଲ୍ ସହ ଆଣୁଛୁ ବୋଲି ସଫେଇ ଦେଇଥିଲେ। କିନ୍ତୁ ବାସ୍ତବରେ ଉଠାଯାଇଥିବା ଫଟୋ ଜଣାଉଛି ଘଟଣା ପଛର ଅସଲ କାହାଣୀ। କଣ୍ଟ୍ରାକ୍ଟର ଜଣଙ୍କ ମୁନସୀ ହାତରେ ଛାଡ଼ି ଦେଇ ଅଚିନ୍ତାରେ ଥିବା ବେଳେ ଏପଟେ ବିଭାଗ ଅଧିକାରୀମାନେ କାର୍ଯ୍ୟ ସ୍ଥଳକୁ ଆସୁ ନଥିବା ଅଭିଯୋଗ ହେଉଛି। ଏପଟେ ସ୍ଥାନୀୟ ଅଞ୍ଚଳରେ ବିକାଶ ନିମନ୍ତେ ବିଭିନ୍ନ ଯୋଜନାରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗ ଅଧିକାରୀଙ୍କ କାର୍ଯ୍ୟ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ବିକାଶମୂଳକ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି ହେଉଛି। ତେଣୁ ଏଥିପ୍ରତି ସରକାର ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଇଛି।



- କୋଠା ଉଦ୍‌ଘାଟନ ପୂର୍ବରୁ ରଙ୍ଗ ପଡ଼ିଲାଣି ଫିକା
- ଲୋକଙ୍କୁ ଅନ୍ଧାରରେ ରଖୁଛନ୍ତି ଠିକାଦାର ଓ ଅଧିକାରୀ

# ସ୍ୱାମଶାସନରେ ୭୧ତମ ବାଦୀ ପାଲା ଓ ସମ୍ବର୍ଦ୍ଧନା ସମାରୋହ



ତୁରୁମୁଙ୍ଗା, ୭।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସ୍ୱାମଶାସନରେ ୭୧ତମ ବାଦୀ ପାଲା ମହୋତ୍ସବ ଉଦଯାପିତ ହୋଇଛି। ସ୍ୱାମଶାସନ ସତ୍ୟନାରାୟଣ ପାଲା ଅନୁଷ୍ଠାନର ସଭାପତି ଭାଗିରଥୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ପାଟଣା ପଞ୍ଚାୟତସମିତି ଅଧ୍ୟକ୍ଷା ବୀଣାପାଣି ନାୟକ, ମୁଖ୍ୟବକ୍ତା ଭାବେ ବଡପାଟଣା ସରପଞ୍ଚ ବିନତୀ ବାନାରା, ସମ୍ମାନିତ ଅତିଥି ଭାବେ ୨୩ ନମ୍ବର୍ ଜୋନ ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ସାମାଜିକ କର୍ମୀ ଅଜିତ ଦାଶ, ଏବିଇଓ ଦିଲ୍ଲୀପ କୁମାର ବେହେରା, ପର୍ଶୁରାମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗାୟକ ଶିଶିର ପାଢ଼ୀଙ୍କୁ, ଗାୟକ କଲ୍ଲୋଳ ଉପାଧି ଏବଂ ଗାୟକ କୈଳାସଚନ୍ଦ୍ର ପାଣିଙ୍କୁ ଗାୟକ ବେଦାନ୍ତଦର୍ଶୀ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ପାଲା ଅନୁଷ୍ଠାନ ପ୍ରତି ଥିବା ଅବଦାନ ପାଇଁ ମରଣୋତ୍ତର ଭାବେ ସ୍ୱର୍ଗତ ବାସୁଦେବ ଦାଶଙ୍କ ପାଇଁ ତାଙ୍କ ପୁଅ ଜଗବନ୍ଧୁ ଓ ଅଭିମନ୍ୟୁ ତ୍ରିପାଠୀଙ୍କ ଗ୍ରାମର ପାଲା ଓ ସାଂସ୍କୃତିକ ଅନୁଷ୍ଠାନ ଗଠନରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟ ଗାୟକଙ୍କ ବାୟକ ଏବଂ ପାଳିଆଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ପରିଚୟ ଉପସଭାପତି ଶ୍ରୀନିବାସ ଶତପଥୀ କରିଥିବା ବେଳେ ସମ୍ପାଦକ ବୀରକିଶୋର ଦାଶ ମାନପତ୍ର ପାଠ ଓ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ କଳ୍ପତରୁ କର ଧନ୍ୟବାଦ ଦେଇଥିଲେ। ସଂଯୋଜକ ସୁମିତ ପତି, ସନ୍ତୋଷ ତ୍ରିପାଠୀ, ସୌମ୍ୟରଂଜନ ଦାଶ, ଚିରଞ୍ଜିବି ଦାଶ, ପରାମର୍ଶଦାତା ଅଜିତ ଦାଶ, ଜ୍ୟୋତିର୍ମୟ ତ୍ରିପାଠୀ, ଅମୂଲ୍ୟଧନ କର, ଗୌରୀରଞ୍ଜନ ମିଶ୍ର, ଲୋକନାଥ ମିଶ୍ର, ଜ୍ଞାନେନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ପାଲାକୁ ଶୃଙ୍ଖଳିତ ଭାବେ ପରିବେଷଣ କରାଇବା ସହ ପ୍ରତ୍ୟହ ଶ୍ରୋତାଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଉଥିଲା। କାର୍ଯ୍ୟକ୍ରମକୁ ଭବତୋଶ ଶତପଥୀ, ସିଦ୍ଧାର୍ଥ ଦାଶ, ପବନ କର, ଆର୍ଯ୍ୟପ୍ରସାଦ ଦାଶ, ପ୍ରକାଶ ଦାଶ, ଲଲାଟେନ୍ଦୁ ମିଶ୍ର ପରିଚାଳନା କରିଥିଲେ।

▶▶ ଇଂରାଜୀ ବିଭାଗ ଛାତ୍ରଙ୍କ ଅକାଳ ବିୟୋଗ

# ଧରଣୀଧର ବିଶ୍ୱବିଦ୍ୟାଳୟରେ ଶୋକସଭା



କେନ୍ଦୁଝର, ୭।୫(ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ନାତକ ଇଂରାଜୀ ବିଭାଗ ଶେଷବର୍ଷର ଛାତ୍ର ଲୁନା ମାଝୀଙ୍କର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଅକାଳ ବିୟୋଗ ହୋଇଯାଇଛି। ତାଙ୍କ ବାପା-ମା' ମଧ୍ୟ ପୂର୍ବରୁ ଏଇ ଦୁନିଆ ଛାଡ଼ି ଚାଲି ଯାଇଛନ୍ତି। ନିଜେ ଶ୍ରମିକ ଭାବରେ କାମ କରିବା ସହିତ ପାଠ ପଢ଼ି ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେବାର ଲକ୍ଷ୍ୟ ରଖିଥିଲେ। ଜଣେ ମେଧାବୀ ଛାତ୍ର ଭାବରେ ବିଶ୍ୱବିଦ୍ୟାଳୟରେ ତାଙ୍କର ପରିଚୟ ଥିଲା ସ୍ୱତନ୍ତ୍ର। ତାଙ୍କ ଅକାଳ ବିୟୋଗରେ ବିଶ୍ୱବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ଆଜି ସକାଳେ ବିଶ୍ୱବିଦ୍ୟାଳୟ ତରଫରୁ ଧରଣୀଧରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା ତଥା ଛାତ୍ରଛାତ୍ରୀମାନେ ଆତ୍ମାର ସଦଗତିରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିବା ସହିତ ସ୍ମୃତିଚାରଣ କରିଥିଲେ। କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ଶ୍ରୀ ଲୁନା ମାଝୀଙ୍କ ଅକାଳ ବିୟୋଗ ବିଶ୍ୱବିଦ୍ୟାଳୟର ଅପୂରଣୀୟ କ୍ଷତି ସହିତ ଏହି ଦୁଃଖ ସମୟରେ ତାଙ୍କ ପରିବାରଙ୍କୁ ଭଗବାନ ସହାୟ ହୁଅନ୍ତୁ ବୋଲି କହିଥିଲେ। ସ୍ମୃତିସଭାର ଆୟୋଜନ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡକ୍ଟର ପ୍ରଭୁପ୍ରସାଦ ଦାସ କରିଥିଲା ବେଳେ ତାଙ୍କୁ ସହଯୋଗ କରିଥିଲେ ଜନସମ୍ପର୍କ ଅଧିକାରୀ ଡକ୍ଟର ସୁମନ୍ତ୍ର ନାଏକ ଓ ଇଂରାଜୀ ବିଭାଗର ସମସ୍ତ ଅଧ୍ୟାପକଅଧ୍ୟାପିକା ତଥା ଛାତ୍ରଛାତ୍ରୀ।

# ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧନୁର୍ଜୟଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୭।୫(ସମିସ): ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିକଟରେ ଦଳୀୟ ସାଂଗଠନିକ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଏଥିରେ କେନ୍ଦୁଝର ଜିଲ୍ଲାର ଲଢୁଆ ନେତା ତଥା ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଛି। ଏହି ଘୋଷଣା ପରେ କେନ୍ଦୁଝର ଜିଲ୍ଲା ତଥା ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବାଂଶପାଳ ବିଜେଡି ବଜେଡି ପକ୍ଷରୁ ଶ୍ରୀ ସିଦ୍ଧୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହାସହ ବାଂଶପାଳ ବହୁ ସାଧାରଣ ବର୍ଗର ଲୋକଙ୍କ ସମେତ ବିଜୁ ଜନତା ଦଳର ବ୍ଲକ ସଭାପତି ଯଦୁମଣି ଠାକୁର, ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ, ଯୁବ ନେତା ଅନାଦି ପଲେଇ, ଟଙ୍କଧର ଖମଣିଆ, ଗୁରୁଚରଣ ବେହେରା, ଜଗନ୍ନାଥ ଦେହୁରୀ, ରମାକାନ୍ତ ଡଙ୍ଗୁଆଙ୍କ



ତେଲକୋଇ ନିର୍ବାଚନମଣ୍ଡଳୀ ବିଜେଡି ଶିବିରରେ ନୂତନ ଆଶା ଓ ଉଦ୍ଦୀପନା ସୃଷ୍ଟି ହୋଇଛି। ଏହାସହ ଶ୍ରୀ ସିଦ୍ଧୁଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନାର ସୁଅ ଛୁଟୁଛି। ଏହି ପରିପ୍ରେକ୍ଷୀରେ ତେଲକୋଇ ନିର୍ବାଚନମଣ୍ଡଳୀର ବାଂଶପାଳ ବ୍ଲକ୍‌ଠାରେ ସମେତ ବ୍ଲକର ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ। ପଞ୍ଚାୟତ ସ୍ତରରେ ଥିବା ବିଭିନ୍ନ ବର୍ଗର ଦଳୀୟ କର୍ମକର୍ତ୍ତା ମଧ୍ୟ ଯୋଗଦେଇ ଶ୍ରୀ ସିଦ୍ଧୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟପଟେ ଶ୍ରୀ ସିଦ୍ଧୁ ବିଜେଡି ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନିର୍ଦ୍ଦିଷ୍ଟ ଗୋଟିଏ ନମ୍ବରରେ ଏକାଧିକ ବାଲି ବୋଝେଇ ହାଇୱା

ହାଟଡ଼ିହୀ, ୭।୫(ସମିସ): ହାଟଡ଼ିହୀ ତହସିଲ ଅଧୀନସ୍ଥ ବିଭିନ୍ନ ବାଲିଘାଟରୁ ଏକ ନିର୍ଦ୍ଦିଷ୍ଟ ନମ୍ବର ବ୍ୟବହାର କରି ଏକାଧିକ ବାଲି ବୋଝେଇ ହାଇୱା ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ହାଟଡ଼ିହୀ ଅଞ୍ଚଳରେ କିଛିଦିନ ହେବ ଏକ ନିର୍ଦ୍ଦିଷ୍ଟ ଫ୍ୟାନ୍ସି ନମ୍ବରକୁ ବ୍ୟବହାର କରି କେତେବେଳେ ବଲାଙ୍ଗିର ଜିଲ୍ଲାର ତ ପୁଣି ଆଉ କେତେବେଳେ ଯାଜପୁର ଜିଲ୍ଲାର ଟ୍ରାଞ୍ଜିଟ୍ ପାସ୍ ଦ୍ୱାରା ରୀତିମତ ବାଲି ଚାଲାଣ କରାଯାଉଥିବା ଦେଖାଯାଇଛି। ହାଟଡ଼ିହୀ ତହସିଲ ଅଞ୍ଚଳରୁ ଜିଲ୍ଲା ତଥା ରାଜ୍ୟ ବାହାରକୁ ଶହ ଶହ ଟ୍ରିପ ବୈତରଣୀ ନଦୀର ବାଲି ଚାଲାଣ ହେଉଥିବାରୁ ଏହା ବାଲି ମାଫିଆଙ୍କ ପାଇଁ ଭୂସ୍ୱର୍ଗ ପାଲଟିଥିବା କୁହାଯାଉଛି। ବଜାର ଚାହିଦା ସକାଶେ ମାତ୍ରାଧିକ ବାଲି ବେପାର ଚାଲୁଥିବାରୁ ନିର୍ଦ୍ଦିଷ୍ଟ କିଛି ହାଇୱା ମାଲିକ ନିଜର ଆମ୍ ଅହଙ୍କାର ଦେଖାଇ ନିର୍ଦ୍ଦିଷ୍ଟ ଫ୍ୟାନ୍ସି ନମ୍ବର ବ୍ୟବହାର କରି ମାତ୍ର ଗୋଟିଏ ଲେଖାଁ ଟ୍ରାଞ୍ଜିଟ୍ ପାସ୍ ବ୍ୟବହାର କରି ରାଜସ୍ୱ ଜରିମାନାରୁ ବର୍ତ୍ତିବା ପାଇଁ ସହଜ ଉପାୟ ଆପଣେଇଛନ୍ତି। ଜିଲ୍ଲା ଖଣି ବିଭାଗ ପକ୍ଷରୁ ଦିବାରାତ୍ର ଯାଞ୍ଚ ପ୍ରକ୍ରିୟା ଚାଲିଥିବା ବେଳେ ଆରଟିଏ ବିଭାଗ ପକ୍ଷରୁ ନା ଅଛି ଗାଡ଼ି ଯାଞ୍ଚ ନା ଅଛି ଓଭରଲୋଡିଂ ଯାଞ୍ଚ। ବେଫିକରରେ ଚାଲିଛି ରୀତିମତ ବାଲି ଚାଲାଣ। ବାଲି ଚାଲାଣର ଟ୍ରାଞ୍ଜିଟ୍ ପାସ୍ ଯାଞ୍ଚ ସହିତ ଆରଟିଏ ବିଭାଗ ପକ୍ଷରୁ ଗାଡ଼ିର ସମସ୍ତ କାଗଜପତ୍ର ଏବଂ ଗାଡ଼ିର ଓଭରଲୋଡିଂ ଯାଞ୍ଚ ପ୍ରକ୍ରିୟା କଡାକଡ଼ି କରିବାକୁ ଜିଲ୍ଲାପାଳ କେନ୍ଦୁଝର ସମସ୍ତ ବିଭାଗକୁ କଡ଼ା ନିର୍ଦ୍ଦେଶ ଜାରି କରିବାକୁ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

**ଫ୍ୟାନ୍ସି ନମ୍ବର ପାଇଁ ହେଉନି କାର୍ଯ୍ୟାନୁଷ୍ଠାନ**

# ଅସୁରକ୍ଷିତ ମରୈଗାଁ କେନାଲ ପୋଲ; ମରାମତି ଦାବି

ହାଟଡ଼ିହୀ,୭।୫(ସମିସ)



ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ମରୈଗାଁ-ସଢ଼ା ରାସ୍ତାର ମରୈଗାଁ ଗାଁ ମୁଣ୍ଡରେ ରହିଥିବା ଜଳସେଚନ ବିଭାଗର ଏହି ପୋଲଟି ଅସୁରକ୍ଷିତ ହୋଇପଡ଼ିଛି। କେନାଲ ନିର୍ମାଣକୁ ଦୀର୍ଘବର୍ଷ ବିତିଥିଲା ବେଳେ ବର୍ତ୍ତମାନ ପୋଲର ସୁରକ୍ଷା ବାଡ଼ ଭାଙ୍ଗିଯିବା ସହ ପୋଲ ମୁଣ୍ଡରେ ଏକ ବିରାଟ ଗର୍ତ୍ତ ହୋଇଯାଇଛି। ଯାହାକି, ଏହି ପୋଲ ଦେଇ ଯା'ଆସ କରୁଥିବା ପଥଚାରୀଙ୍କ ପାଇଁ ବିପଦ ବଢ଼ାଉଛି। ଏହି କେନାଲ ପୋଲ ଦେଇ ଲମ୍ବିଥିବା ରାସ୍ତାଟି ପୂର୍ବତନ ମନ୍ତ୍ରୀ ଜୟଦେବ ଜେନାଙ୍କ ଗାଁକୁ ଯାଇଥିବା ବେଳେ ପଡ଼ୋଶୀ ଗାଁ ମଧ୍ୟରେ ତେନ୍ତୁଳିନଣ୍ଡା, ଜମ୍ବିରା, ବନ୍ତଳା, ଖପରାଖାଇ, ସଢ଼ା, କଣିଆରୀ, ଢେଙ୍କା, ନାହା, ମିଠିଗାଁ, ମଉଦା, ଢେଙ୍କା, ସୋସୋ, ବିଦ୍ୟାଧରପୁର ଭଳି ୫୦ରୁ ଊର୍ଦ୍ଧ୍ୱ ଗାଁର ହଜାର ହଜାର ଲୋକେ ଏହି ପୋଲ ଉପରେ ନିର୍ଭର କରି ଯିବା ଆସିବା କରିଥା'ନ୍ତି। ଜଳସେଚନ ବିଭାଗ ପକ୍ଷରୁ ଆଜକୁ ପ୍ରାୟ ୫୦ବର୍ଷ ପୂର୍ବରୁ ଏହି ପୋଲ ନିର୍ମାଣ ହୋଇଥିବା ବେଳେ ଏହା ନିହାତି ଭାବେ ଦୁର୍ବଳ ହେଉଥିବା ସନ୍ଦେହ କରାଯାଇଛି। ଅନେକ ସମୟରେ ଏହି ପୋଲ ଦେଇ ଓଭରଲୋଡ଼ିଂ ଭାରୀଯାନ ଯା'ଆସ କରୁଥିବାରୁ ଏହା ବିପଦସଙ୍କୁଳ ହୋଇଉଠିଛି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନଥିଲେ। ଲୋକଙ୍କ ଯିବାଆସିବା ଆବଶ୍ୟକତାକୁ ଲକ୍ଷ୍ୟକରି ଏହି ରାସ୍ତା ଦେଇ ଭାରୀଯାନ ବନ୍ଦ କରିବା ସହିତ ତୁରନ୍ତ ଏହି ପୋଲର ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ଦାବି ହୋଇଛି।

● ବିଦ୍ୟୁତ୍ ବିଭାଗର ବେପରୁଆ ମନୋଭାବ

## ଗାଁ ମଝିରେ ମୁକୁଳା ଟ୍ରାନ୍ସଫର୍ମର, ସୃଷ୍ଟି କରୁଛି ବିପଦ



ମହାକାଳପଡ଼ା, ୭।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ସୁନୀତି ପଞ୍ଚାୟତ ଅନ୍ତର୍ଗତ ସୁଗଲ (ଦଉପୁର) ଗ୍ରାମର ଲୋକେ ଏବେ ଭୟ ଓ ଆତଙ୍କ ମଧ୍ୟରେ ଗତି କରୁଛନ୍ତି। ଗ୍ରାମର ମଧ୍ୟସ୍ଥଳରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମୃତ୍ୟୁର ଫାଶ ପାଲଟିଛି। ଅସୁରକ୍ଷିତ ଭାବେ ଛକ ଉପରେ ଥିବା ଏହି ମୁକୁଳା ଟ୍ରାନ୍ସଫର୍ମର ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଗାଈଗୋରୁଙ୍କ ଜୀବନ ଗଲାଣି। ସବୁ ଜାଣିଶୁଣି ବିଦ୍ୟୁତ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦଉପୁର ଛକରେ ଥିବା ଏହି ଟ୍ରାନ୍ସଫର୍ମରଟି ଅତ୍ୟନ୍ତ ବିପଜ୍ଜନକ ଅବସ୍ଥାରେ ରହିଛି। ଜନଗହଳିପୂର୍ଣ୍ଣ ସ୍ଥାନ ହୋଇଥିବାରୁ ଏଠାରେ ପ୍ରତିଦିନ ଶହ ଶହ ଲୋକ ଓ ଗୃହପାଳିତ ପଶୁ ଚଳପ୍ରଚଳ କରନ୍ତି। ମାତ୍ର ବିଦ୍ୟୁତ ବିଭାଗର ବେପରୁଆ ମନୋଭାବ ଯୋଗୁଁ ଏଠାରେ ଦୁର୍ଘଟଣା ଏକ ନିତିଦିନିଆ ଘଟଣା ହୋଇଗଲାଣି। ଏ ନେଇ ବାରମ୍ବାର ବିଦ୍ୟୁତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଆଉ କେତେ ଜୀବନ ଗଲେ ବିଭାଗର ନିଦ ଭାଙ୍ଗିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଏଭଳି ନିରବତା ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ତୁରନ୍ତ ଏହି ଟ୍ରାନ୍ସଫର୍ମରକୁ ଛକ ସ୍ଥାନରୁ ହଟାଇ ଅନ୍ୟଏକ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ଗ୍ରାମବାସୀ ଦୃଢ ଦାବି କରିଛନ୍ତି। ଯଦି ଆଗାମୀ ଦିନରେ ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନ କରେ, ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମସ୍ୟାର ସମାଧାନ କରିବ କି ନାହିଁ, ତାହା ଦେଖିବାକୁ ବାକି ରହିଲା।

## ଜୁଆଣିଆରେ ମଦ ଦୋକାନ ଉଚ୍ଛେଦ ଦାବି ଜୋର୍ ଧରିଲା

ଗୋବିନ୍ଦପୁର, ୭।୫(ସମିସ): ଆଳି ଥାନା ଅନ୍ତର୍ଗତ ଜୁଆଣିଆ ପଞ୍ଚାୟତ ଓ ବାଳିକା ହାଇସ୍କୁଲଠାରୁ ମାତ୍ର ୩୦୦ ମିଟର ଦୂରରେ ଥିବା ମଦ ଦୋକାନ ଉଚ୍ଛେଦ ଦାବି ଏବେ ଜୋର୍ ଧରିଛି। ପଞ୍ଚାୟତ କାର୍ଯ୍ୟାଳୟରେ ଜନଶୁଣାଣି ଶିବିରରେ ଜୁଆଣିଆ ସରପଞ୍ଚ ସୁବ୍ରତ କୁମାର ନାୟକ ଓ ପଞ୍ଚାୟତର ଶତାଧିକ ପୁରୁଷ ଓ ମହିଳା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଦ୍ୟାଳୟ ନିକଟରେ ମଦ ଦୋକାନ ଥିବାରୁ କୋମଳମତି ପିଲାଙ୍କ ଉପରେ କୁପ୍ରଭାବ ପଡୁଛି। ମୁଖ୍ୟ ରାସ୍ତା ପାର୍ଶ୍ୱରେ ମଦ ଦୋକାନ ଯୋଗୁଁ ଛାତ୍ରଛାତ୍ରୀ ଯିବାକୁ ଭୟ କରୁଛନ୍ତି। ମଦ୍ୟପଙ୍କ ଦୌରାତ୍ମ୍ୟରେ ମହିଳାମାନେ ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ମଦ ଦୋକାନ ଉଚ୍ଛେଦ ପାଇଁ ପୂର୍ବରୁ ଦାବି ହୋଇଆସୁଛି। ମଦ ଦୋକାନ ତୁରନ୍ତ ଉଚ୍ଛେଦ ନ ହେଲେ ଦୋକାନରେ ତାଲା ପକାଇବା ସହିତ ସମ୍ମୁଖରେ ଶତାଧିକ ମହିଳା ଓ ପୁରୁଷ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

● କରିଲୋପାଟଣାରେ ଅଗ୍ନିକାଣ୍ଡ

## ୧୭ ଛେଳି, ଗୋଟିଏ ଗାଈ, ବାଛୁରୀ ଜୀବନ୍ତ ଦଗ୍ଧ

ମାର୍ଶାଘାଇ, ୭।୫(ସମିସ): ମାର୍ଶାଘାଇ ବ୍ଲକ କରିଲୋପାଟଣାରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ପ୍ରଶାନ୍ତ ମଲ୍ଲିକ, ପ୍ରତାପ ମଲ୍ଲିକ ଓ ସୁଶାନ୍ତ ମଲିକଙ୍କ ୩ ବଖରା ସହ ଗୁହାଳ ଭସ୍ମୀଭୂତ ହୋଇଛି। ଗୁହାଳେ ବନ୍ଧା ହୋଇଥିବା ୧୭ଟି ଛେଳି ସମେତ ଗୋଟିଏ ଗାଈ ଓ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଘରର ଆସବାବପତ୍ର ମଧ୍ୟ ପୋଡ଼ିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କରିଲୋପାଟଣା ରାଜସ୍ୱ ନିରୀକ୍ଷକ ନୃସିଂହ ରାଉତ ପହଞ୍ଚି ଅନୁଧ୍ୟାନ କରିବା ସହ ତହସିଲଦାରଙ୍କୁ ତଦନ୍ତ ରିପୋର୍ଟ ଦାଖଲ କରିଛନ୍ତି। ବିପନ୍ନ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଓ ସରକାରୀ ସହାୟତା ରାଶି ଦେବା ପାଇଁ ସରପଞ୍ଚ ନମିତାବାଳା ରଥଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି।

## ଗୁରୁମାଙ୍କ ପରଲୋକ



କେନ୍ଦ୍ରାପଡ଼ା, ୭।୫(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତ ଜଜାଙ୍ଗ ଗ୍ରାମର ସ୍ୱର୍ଗତ ଗୋଲକ ତ୍ରିପାଠୀଙ୍କ ପତ୍ନୀ ତଥା ସ୍ଥାନୀୟ ଅଞ୍ଚଳରେ ଗୁରୁମା ଭାବେ ପରିଚିତ ବିମ୍ବଳି ତ୍ରିପାଠୀଙ୍କ ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗୁରୁମା ନିଜ ଘରେ ଏକ ଚାଟଶାଳି ଖୋଲି ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ପଢ଼ାଉଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜିଲ୍ଲା ଓ ଜିଲ୍ଲା ବାହାରର ବହୁ ଛାତ୍ରଛାତ୍ରୀ ସୁପ୍ରତିଷ୍ଠିତ ହୋଇପାରିଛନ୍ତି। ତାଙ୍କ ବିୟୋଗ ଖବର ପାଇ ବହୁ ଛାତ୍ରଛାତ୍ରୀ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ସ୍ଥାନୀୟ କପାଳେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ଲୋହିତ ମହାନ୍ତି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ସାନପୁଅ ପ୍ରଭାତ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

ସଭା ହରାଉଛି ପଞ୍ଚାୟତ ପାର୍କ

## ପାଲଟିଛି ପଶୁ ଓ ସରୀସୃପଙ୍କ ବାସସ୍ଥଳୀ

ଡେରାବିଶ, ୭।୫(ସମିସ)




ଡେରାବିଶ ବ୍ଲକର ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ଚିତ୍ତବିନୋଦନ ପାଇଁ ପ୍ରତି ପଞ୍ଚାୟତରେ ବହୁ ଅର୍ଥ ବ୍ୟୟ କରାଯାଇ ଗୋଟିଏ ଲେଖାଏଁ ପାର୍କ ନିର୍ମାଣ କରାଯାଇଥିଲା। ତେବେ ଏହି ମହତ ଯୋଜନାର ଅସଲ ଉଦ୍ଦେଶ୍ୟ ଡେରାବିଶ ବ୍ଲକ ଅନ୍ତର୍ଗତ ୧୪ନଂ ଜୋନ୍‌ରେ ସଫଳ ହୋଇପାରି ନ ଥିବା ଦେଖିବାକୁ ମିଳିଛି। ଡେରାବିଶ ବ୍ଲକର ୧୪ନଂ ଜୋନ୍ ଅଧୀନସ୍ଥ ୯ଟି ପଞ୍ଚାୟତ ମଧ୍ୟରୁ ହରିଅଙ୍କ, ଯଥାଁରାବାରିମୂଳ, ମୁକୁନ୍ଦପୁର ପଞ୍ଚାୟତରେ ଏହି ଯୋଜନା ଆଦୌ କାର୍ଯ୍ୟକାରୀ ହୋଇ ନ ଥିବା ଦେଖିବାକୁ ମିଳିଛି। ସେହିପରି ଖମୋଳ ପଞ୍ଚାୟତର ବଡ଼ସଲାରଠାରେ ଗାନ୍ଧୀ ପାର୍କ ଓ ଦାନପୁର ପଞ୍ଚାୟତର ଦାନପୁରଠାରେ ଅବଦୁଲ କଲାମ ପାର୍କ ସମ୍ପୂର୍ଣ୍ଣ କରାଯାଇଛି। ସର୍ବାଧିକ ବ୍ୟୟ ଅଟକଳରେ ନିର୍ମିତ ଗାନ୍ଧୀ ପାର୍କଟି କଟକ-ଚାନ୍ଦବାଲି ରାଜରାସ୍ତା କଡ଼ ସଲାର ମଠ ନିକଟରେ ବେଶ ସୁନ୍ଦର ହୋଇଥିଲେ ବି ଆରମ୍ଭରୁ ଏହା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲାଗିପାରିନାହିଁ। ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତି ଓ ଅର୍ଥ ବ୍ୟବସ୍ଥା କରାଯାଇ ନ ଥିବାରୁ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇ ରହିଛି।

ସେହିପରି ଦାନପୁରର ଅବଦୁଲ କଲାମ ପାର୍କରେ କିଛି ବିଜ୍ଞାନଭିତ୍ତିକ ପ୍ରକଳ୍ପ ସହ ଫୁଲଗଛ ଓ କୁନିକୁନି ପିଲାଙ୍କ ପାଇଁ ଖେଳକୁଦର ବ୍ୟବସ୍ଥା ଜନସାଧାରଣଙ୍କୁ ଆକୃଷ୍ଟ କରୁଥିଲେ ବି ଏହା ମଧ୍ୟ ପରିଚାଳନା ଦୃଷ୍ଟିରୁ ବ୍ୟବହାର ହେଉନାହିଁ। ଏଥିସହିତ ଚାନ୍ଦୋଳ ପଞ୍ଚାୟତର ନରଣପଡ଼ା ଓ ରତାଦିଆ ଖଣ୍ଡସାହି ପଞ୍ଚାୟତର ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ନିକଟରେ ଥିବା ବିଜୁ ପଟ୍ଟନାୟକ ପାର୍କ ନିର୍ମାଣ ପରେ ରକ୍ଷଣାବେକ୍ଷଣ ଅଭାବରୁ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ଓ ଗୋରୁଗାଈଙ୍କ ଚରାଭୂଇଁ ପାଲଟିଛି। ଏହି ପାର୍କ ଦୁଇଟି ମନୁଷ୍ୟ ବଦଳରେ ପଶୁପକ୍ଷୀ ଓ ସରୀସୃପଙ୍କ ଚିତ୍ତବିନୋଦନ କରୁଥିବା ଦେଖିବାକୁ ମିଳିଛି। ବସପୁର ପଞ୍ଚାୟତର ହାଟବାଣପୁରଠାରେ ଥିବା ପାର୍କଟି ଖୁବ୍ ଛୋଟ ହୋଇଥିବାରୁ ଜନସାଧାରଣଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଇନ୍ଦାଳୋ ପଞ୍ଚାୟତରେ ଦକ୍ଷିଣପାରିଠାରେ ନିକାଞ୍ଚନ ସ୍ଥାନରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ଏହା ପଡ଼ିରହିଛି। ଏହି ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ଆବଶ୍ୟକ ଅର୍ଥ ବରାଦ ପାଇଁ ବ୍ୟବସ୍ଥା କରିବା ସହ କର୍ମଚାରୀ ନିଯୁକ୍ତ କରାଯିବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

● ଝଡ଼ ତୋଫାନରେ ଓଲଟିଲା ବୋଟ୍

## ୨ ମହିଳା, ୨ ଶିଶୁଙ୍କ ସହ ୮ ସୁରକ୍ଷିତ ଉଦ୍ଧାର

ରାଜନଗର, ୭।୫(ସମିସ): ଆଜି ସନ୍ଧ୍ୟାରେ ଝଡ଼ ତୋଫାନରେ ଧାମରା ମୁହାଣ ନିକଟରେ ଓଲଟିଛି ବୋଟ। ମାଛ ବୋଝେଇ ବୋଟରେ ୮ ଜଣ ଯାତ୍ରୀ ତାଳଚୁଆରୁ ଧାମରା ଯାଉଥିବାବେଳେ ଏହି ଅଘଟଣ ଘଟିଛି। ବୋଟରେ ୨ ଜଣ ଶିଶୁ, ୨ ଜଣ ମହିଳାଙ୍କ ସମେତ ୮ ଜଣ ଥିଲେ। ସମସ୍ତଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ କାଳିଭଞ୍ଜଡିଆ ଦୀପରେ ରଖାଯାଇଥିଲା। ଅନ୍ୟ ବୋଟ ଯାଇ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ତାଳଚୁଆ ଅଣାଯାଇଛି। ବୋଟରେ ଥିବା ୨୫ କ୍ୱିଣ୍ଟାଲ ମାଛ ନଦୀରେ ଭାସିଯାଇଛି।

**ନଦୀରେ ଭାସିଗଲା ୨୫ କ୍ୱିଣ୍ଟାଲ ଚିଙ୍ଗୁଡ଼ି**

ସୂଚନା ମୁତାବକ, ଆଜି ସନ୍ଧ୍ୟା ପ୍ରାୟ ସାଢେ ୫ଟାବେଳେ ତାଳଚୁଆ ଘାଟରୁ ଚିଙ୍ଗୁଡ଼ି ବୋଝେଇ ବୋଟ ଧାମରା ଅଭିମୁଖେ ବାହାରିଥିଲା। ତାଳଚୁଆ ଅଞ୍ଚଳର ଜଣେ ଚିଙ୍ଗୁଡି ବ୍ୟବସାୟୀଙ୍କ ୨୫ କ୍ୱିଣ୍ଟାଲ ମାଛ ନେଇ ବୋଟଟି ତାଳଚୁଆରୁ ବାହାରିଥିଲା। ବୋଟରେ ମାଛ ସହିତ ୨ ଜଣ ଶିଶୁ, ୨ ଜଣ ମହିଳା ଓ ଅନ୍ୟ ୪ ଜଣ ଯାତ୍ରୀ ମଧ୍ୟ ବୋଟରେ ଥିଲେ। ବୋଟ୍ ତାଳଚୁଆରୁ ବାହାରି ଧାମରା ମୁହାଣ ଦେଇ ଧାମରା ଯାଇଥା'ନ୍ତା। ବୋଟ ତାଳଚୁଆ ଘାଟ ଛାଡିବାର ଅଧ ଘଣ୍ଟା ପରେ ହଠାତ ଝଡ ତୋଫାନ ହୋଇଥିଲା। ବର୍ଷା ସହିତ ୭୦/୮୦ କିଲୋମିଟର ପବନ ବୋହିବା ଆରମ୍ଭ କରିଥିଲା। କାଳିଭଞ୍ଜଡିଆ ଦୀପ ନିକଟରେ ଝଡ଼ ତୋଫାନରେ ଉଚ୍ଚ ଲହଡି ଯୋଗୁଁ ବୋଟଟି ଓଲଟି ପଡ଼ିଥିଲା। ବୋଟରେ ଥିବା ମାଛ ନଦୀ ମଧ୍ୟରେ ଭାସିଯାଇଥିବାବେଳେ ୮ ଜଣ ଯାତ୍ରୀଙ୍କ ସହିତ ବୋଟ୍ ଡ୍ରାଇଭର ଓ ହେଲପର ଥିଲେ। ପୁରୁଷ ଲୋକମାନେ ମହିଳା ଓ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି କାଳିଭଞ୍ଜଡିଆ ଦୀପରେ ପହଞ୍ଚାଇଥିଲେ। ଖବରପାଇ ଅନ୍ୟ ବୋଟ ମାଲିକ ସେଠାରେ ବୋଟ ନେଇ ପହଞ୍ଚି ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି କୂଳକୁ ଆଣିଥିବା ଜଣାପଡ଼ିଛି।

୬ ଦିନ ହେଲା ଭିତରଗଡ଼ ଗାଁ ଅନ୍ଧାର

## ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଆଗରେ ଧାରଣା

ରାଜନଗର, ୭।୫(ସମିସ): ରାଜନଗର ବ୍ଲକରେ ବିଦ୍ୟୁତ ସେବା ଭୁଶୁଡ଼ି ପଡ଼ିଛି। ବିନା ସୂଚନାରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟି ଦିଆଯାଉଛି। ପ୍ରତିଦିନ ଅତି କମ୍‌ରେ ୫୦ ଥର ବିଦ୍ୟୁତ ସେବା ବ୍ୟାହତ ହେଉଛି। ଏହାରି ଭିତରେ ରାଜନଗର ବ୍ଲକର ଭିତରଗଡ଼ ଗାଁର ବୁଢୀ ଜଗୁଲାଇ ପଡ଼ାରେ ୬୨ ଜଣ ବିଦ୍ୟୁତ ଉପଭୋକ୍ତା ପରିବାର ଅନ୍ଧାରରେ ରହିଛନ୍ତି। ଦିନେ କି ଦୁଇଦିନ ନୁହେଁ ୬ ଦିନ ହେଲା ୬୨ ପରିବାରର ୪୦୦ ଲୋକେ ଅନ୍ଧାରରେ ରହିଥିଲେ ମଧ୍ୟ ବିଦ୍ୟୁତ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଏ ନେଇ ଗ୍ରାମବାସୀ ଲିଖିତ ଭାବେ ବିଦ୍ୟୁତ ବିଭାଗକୁ ଜଣାଇବା ପରେ ବି କୌଣସି ପଦକ୍ଷେପ ନିଆଯାଇନି। ଏପଟେ ଖରା ଗରମରେ ୬୨ ପରିବାର ହନ୍ତସନ୍ତ ହେଉଛନ୍ତି। ଏହାର ପ୍ରତିବାଦରେ ଆଜି ୩୦ରୁ ଅଧିକ ଉପଭୋକ୍ତା ସାନବଡ ଗୋପାଳପୁରସ୍ଥ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ମଳୟ ନାୟକ, ତ୍ରିଲୋଚନ ସାମଲ, ରାଜକିଶୋର ସେଠୀ, ପରୀକ୍ଷିତ ସେଠୀ, ପଞ୍ଚାନନ ରାଉତ, ଚିତ୍ତରଞ୍ଜନ ନାୟକ ପ୍ରମୁଖ ୩୦ରୁ ଅଧିକ ଉପଭୋକ୍ତା ଦିନ ୨ଟାଠାରୁ ଧାରଣାରେ ବସି ରହିଛନ୍ତି। ସନ୍ଧ୍ୟାରେ ଝଡ଼ ବର୍ଷାରେ ମଧ୍ୟ ଧାରଣାରେ ବସି ରହିଥିବା ଦେଖିବାକୁ ମିଳିଛି।




## ଆମ ପାଠାଗାର ଗୃହରେ ଚାଲିଛି ମିଶନ ଶକ୍ତି ଓ ଡାକ ବିଭାଗ



ପଞ୍ଚୁପାଣ୍ଡବ, ୭।୫(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଥିବା ଆମ ପାଠାଗାର ଗୃହରେ ମିଶନ ଶକ୍ତି ଓ ଡାକ ବିଭାଗ କାର୍ଯ୍ୟାଳୟ ଚାଲୁଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ପଞ୍ଚାୟତରେ ମିଶନ ଶକ୍ତି ଗୃହ ନ ଥିବାରୁ ମହିଳାମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମିଶନ ଶକ୍ତି ଗୃହ ହୋଇପାରିଲାନାହିଁ। ଦୀର୍ଘଦିନ ହେଲା ଏହି ପାଠାଗାର ଘରେ ମିଶନ ଶକ୍ତି କାମ ଚାଲୁଥିବା ଦେଖିବାକୁ ମିଳୁଛି। ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଛି। କିନ୍ତୁ ଏହି ପଞ୍ଚାୟତରେ ଜମି ସମସ୍ୟାକୁ ନେଇ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ସେହିପରି ଡାକ ବିଭାଗ କାର୍ଯ୍ୟାଳୟ ଦୀର୍ଘ ବର୍ଷ ଧରି ବାରବୁଲା ସୁଣ୍ଠି ପିଣ୍ଡା ଭଳି ହେଉଥିବା ଅଭିଯୋଗ ହେଉଛି। ଏହି ଗ୍ରାମରେ ଦୀର୍ଘ ବର୍ଷ ହେବ ଜଣଙ୍କ ଘରେ ଭଡ଼ା ଆକାରରେ କାର୍ଯ୍ୟାଳୟ ଚାଲିଥିଲା। ଏବେ ପ୍ରାୟ ତିନିବର୍ଷ ଧରି ଏହି ପାଠାଗାର ଗୃହରେ ଡାକ ବିଭାଗ କାର୍ଯ୍ୟାଳୟ ଚାଲୁଛି। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ମିଶନ ଶକ୍ତି ଗୃହ ଓ ଡାକ ବିଭାଗ ଗୃହ ନିର୍ମାଣରେ ବିଳମ୍ବକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ପ୍ରମୋଦ ସାମଲ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ



ଡେରାବିଶ, ୭।୫(ସମିସ): ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳୀୟ କର୍ମୀଙ୍କୁ ସଂଗଠିତ କରି ପୁନର୍ବାର ଦଳୀୟ ଲୋକଙ୍କୁ କ୍ଷମତାସୀନ କରିବା ପାଇଁ ବିଜେଡି ପକ୍ଷରୁ ରଣନୀତ ଆରମ୍ଭ ହୋଇଛି। ଏଥିପାଇଁ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ୫ ତାରିଖ ଦିନ ଏକ କମିଟି ଗଠନ କରିଛନ୍ତି। ଏହି କମିଟିରେ ଦଳ ପ୍ରତି ଆନୁଗତ୍ୟ ରହିଥିବା ତଥା ଦଳର ଉନ୍ନତି ପାଇଁ ଦୀର୍ଘଦିନରୁ କାର୍ଯ୍ୟ କରିଆସୁଥିବା ବହୁ ବ୍ୟକ୍ତିତ୍ୱଙ୍କୁ ବିଭିନ୍ନ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତର ବରିଷ୍ଠ ବିଜେଡି ନେତା ତଥା ସମବାୟବିତ୍ ପ୍ରମୋଦ ସାମଲଙ୍କୁ ରାଜ୍ୟ ବିଜେଡିର ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଶ୍ରୀ ସାମଲଙ୍କୁ ଏହି ଗୁରୁଦାୟିତ୍ୱ ଅର୍ପଣ କରିଥିବାରୁ ସେ ଦଳୀୟ ସୁପ୍ରିମୋଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହିତ ନିଷ୍ଠାର ପୂର୍ବପରି ଏହି ଦାୟିତ୍ୱକୁ ସୂଚାରୁରୂପେ ସମ୍ପାଦନ କରିବେ ବୋଲି ପ୍ରକାଶ କରିଛନ୍ତି। ଶ୍ରୀ ସାମଲ ୨୦୧୫ରେ ରାଜ୍ୟ ସମବାୟ ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରି କଂଗ୍ରେସ ହାତରୁ ବହୁ ସମବାୟ ସମିତିକୁ ବିଜେଡି ଦଖଲକୁ ନେଇପାରିଥିଲେ। ସେହିପରି ୨୦୨୨ରେ ସମବାୟ ସମିତିର ରାଜ୍ୟ ସଂଯୋଜକ ଭାବେ ପିପିଲି, ସତ୍ୟବାଦୀ ଓ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ମଧ୍ୟ ସୂଚାରୁରୂପେ ଦାୟିତ୍ୱ ସମ୍ପନ୍ନ କରିଥିଲେ। ୨୦୨୪ରେ ରାଜନଗର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ। ବିଜେଡି ସୁପ୍ରିମୋ ଶ୍ରୀ ସାମଲଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ପାଟକୁରା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳର ତୃଣମୂଳ କର୍ମୀ ନବୀନ ପଟ୍ଟନାୟକଙ୍କ ନିକଟରେ ସେମାନଙ୍କର କୃତଜ୍ଞତା ଜ୍ଞାପନ କରିଛନ୍ତି।

## କାଦୁଅ ରାସ୍ତାରେ ପଡ଼ିଲା ଡଷ୍ଟ



ମହାକାଳପଡ଼ା, ୭।୫(ସମିସ): ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା ପାଇଁ ଅଧାପନ୍ତରିଆ କାମ କରି ଠିକାଦାର ଛୁ ମାରିଛି। ଫଳରେ ଏବେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଦୈନିକ ଖ ବ ର କା ଗ ଜ 'ସକାଳ'ରେ ଖବର ପ୍ରକାଶ ପରେ କାଦୁଅ ରାସ୍ତା ଉପରେ ଡଷ୍ଟ ପକାଇଛି ବିଭାଗ। ମହାକାଳପଡ଼ା ବ୍ଲକ ବଡ଼କୂଳ ପଞ୍ଚାୟତର ଦହିମାଛ ପତିତପାବନ ମଠ ମୁଖ୍ୟ ଛକରେ ଏକ କଲଭର୍ଟ କାମ ଶେଷ ହୋଇଥିଲେ ମଧ୍ୟ ଦୁଇ ପାର୍ଶ୍ୱ ସଂଯୋଗ ରାସ୍ତା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। ଦୀର୍ଘ ତିନିମାସ ଧରି ଠିକାଦାରଙ୍କ ଦେଖାନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଦୁଇ ପାର୍ଶ୍ୱରେ ଯେଉଁ ମାଟି ପଡ଼ିଥିଲା ଏବେ ବର୍ଷାରେ ତାହା କାଦୁଅ ପଚପଚ ହେଉଥିଲା। ଫଳରେ ଲୋକମାନେ ଦୁର୍ଘଟଣାର ଶିକାର ହେଉଥିଲେ। ମରାମତି ପାଇଁ ଅଞ୍ଚଳବାସୀ ଦାବି କରୁଥିବାବେଳେ ଦୈନିକ ଖବରକାଗଜ 'ସକାଳ'ରେ ଏ ନେଇ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଡଷ୍ଟ ପକାଯାଇଛି। ତେବେ ତୁରନ୍ତ ରାସ୍ତା କାମ ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଛି।

**'ସକାଳ' ପ୍ରଭାବ**

ଗର୍ଭରେ ସନ୍ତାନ, ମନରେ ସମାଜସେବା

## ଚାକିରି ଛାଡ଼ି ଶତାଧିକ ପିଲାଙ୍କ ଭବିଷ୍ୟତ ଗଢୁଛନ୍ତି ସ୍ନେହଲତା

ଗରଦପୁର, ୭।୫(ସମିସ)





ଆଜିର ସ୍ୱାର୍ଥପର ସମାଜରେ ଯେଉଁଠି ଅଧିକାଂଶ ଲୋକ ନିଜ ସୁବିଧା, ଚାକିରି ଓ ଆର୍ଥିକ ସୁରକ୍ଷାକୁ ନେଇ ଚିନ୍ତା କରୁଛନ୍ତି, ସେଠି କେତେକ ଲୋକ ଅଛନ୍ତି ଯେଉଁମାନେ ନିଜ ସ୍ୱାର୍ଥକୁ ପଛକୁ ରଖି ସମାଜ ପାଇଁ କାମ କରି ଅଲଗା ପରିଚୟ ସୃଷ୍ଟି କରୁଛନ୍ତି। ସେଭଳି ଜଣେ ପ୍ରେରଣାଦାୟକ ମହିଳା ହେଲେ ଶିକ୍ଷୟିତ୍ରୀ ସ୍ନେହଲତା ରାଉତରାୟ। ନିଜର ବେସରକାରୀ ଚାକିରି ଛାଡ଼ି ସମାଜସେବାକୁ ଜୀବନର ଲକ୍ଷ୍ୟ କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି, ସେ ବର୍ତ୍ତମାନ ଗର୍ଭବତୀ ଥିଲେ ମଧ୍ୟ ସମାଜ ପାଇଁ ତାଙ୍କର ନିଷ୍ଠା କେବେ କମିନାହିଁ।

ଇଂରାଜୀରେ ଏମଏ ଓ ବିଏଡ ଯୋଗ୍ୟତା ହାସଲ କରିଥିବା ସ୍ନେହଲତାଙ୍କ ପ୍ରାୟ ୮ ବର୍ଷର ଶିକ୍ଷକତା ଅଭିଜ୍ଞତା ରହିଛି। ସେ ଓଟିଏଟି-୧, ଓଟିଏଟି-୨ ଓ ଓଏଏସଟିଏଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜର ଶିକ୍ଷାଗତ ଦକ୍ଷତା ପ୍ରମାଣ କରିଛନ୍ତି। ସମସ୍ତ ସୁବିଧା ଓ ଭଲ ଦରମା ସହିତ ବେସରକାରୀ ବିଦ୍ୟାଳୟରେ ଚାକିରି କରୁଥିବା ସତ୍ତ୍ୱେ ସେ ସମାଜ ପାଇଁ କିଛି କରିବାର ଇଚ୍ଛାରେ ଏହି ଚାକିରି ଛାଡ଼ି ଦେଇଥିଲେ। ୨୦୦୨ ଗରଦପୁର ଉଚ୍ଚ ବିଦ୍ୟାଳୟର ମାଟ୍ରିକ ବ୍ୟାଚ୍ ଓ ସମାଜସେବୀ ଶୁକଦେବ ମହାନ୍ତିଙ୍କ ସହଯୋଗରେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମରେ ଆରମ୍ଭ ହୋଇଛି ଏକ ନିଃଶୁଳ୍କ ଶିକ୍ଷା କେନ୍ଦ୍ର। ଏଠାରେ ଅଞ୍ଚଳର ଶତାଧିକ କୁନିକୁନି ପିଲାଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଶିକ୍ଷା ଦିଆଯାଉଛି। ଗ୍ରାମାଞ୍ଚଳର ଆର୍ଥିକ ପଛୁଆ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ଏହି କେନ୍ଦ୍ର ଆଜି ଏକ ଆଶାର ଆଲୋକ ପାଲଟିଛି। ଏଠାରେ କେବଳ ପାଠପଢ଼ାରେ ସୀମିତ ରଖାଯାଉନାହିଁ। ପିଲାଙ୍କ ସମଗ୍ର ବିକାଶକୁ ଗୁରୁତ୍ୱ ଦେଇ ଓଡ଼ିଆ, ଇଂରାଜୀ, ସଂସ୍କୃତ ଓ ହିନ୍ଦୀ ଭଳି ବିଷୟ ପାଠ ପଢ଼ାଯାଉଛି। ଯେଉଁ ପିଲାମାନେ ପୂର୍ବରୁ ଇଂରାଜୀକୁ ଡରୁଥିଲେ, ସେମାନଙ୍କୁ ସ୍ୱତନ୍ତ୍ର ଭାବେ ପଢ଼ାଯାଉଛି। ଫଳରେ ଗତ କିଛିମାସ ମଧ୍ୟରେ ପିଲାଙ୍କ ମଧ୍ୟରୁ ଇଂରାଜୀ ପ୍ରତି ଭୟ ଦୂର ହୋଇଥିବା ସେମାନେ ନିଜେ କହିଛନ୍ତି।

ପ୍ରତିଦିନ ବିଦ୍ୟାଳୟ ଭଳି ପ୍ରାର୍ଥନା ହେଉଥିବାବେଳେ ଓଁ ଉଚ୍ଚାରଣରେ ଫାଟି ପଡୁଛି ସମଗ୍ର ଅଞ୍ଚଳ। ଯୋଗଗୁରୁ ଦେବ ପାଣି ପିଲାଙ୍କୁ ଯୋଗ ଓ ପ୍ରାଣାୟାମ ଶିକ୍ଷା ଦେଉଛନ୍ତି। ଏହାଦ୍ୱାରା ପିଲାଙ୍କ ମନୋବଳ, ଶୃଙ୍ଖଳା ଓ ପାଠରେ ମନୋନିବେଶ ବଢୁଥିବା ଅଭିଭାବକ କହିଛନ୍ତି। ଶିକ୍ଷା କେନ୍ଦ୍ରର ଆଉଏକ ନିଆରା ପ୍ରୟାସ ହେଉଛି ପିଲାଙ୍କୁ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଛିଡ଼ା ହୋଇ କହିବାକୁ ପ୍ରୋତ୍ସାହିତ କରାଯାଉଛି। ଏହାଦ୍ୱାରା ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ିବା ସହ ଭୟ ଦୂର ହେଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା, ସ୍ନେହଲତା ରାଉତରାୟ ବର୍ତ୍ତମାନ ଗର୍ଭବତୀ ଥିଲେ ମଧ୍ୟ ପ୍ରତିଦିନ ପିଲାଙ୍କ ମଧ୍ୟରେ ରହି ସେମାନଙ୍କ ଭବିଷ୍ୟତ ଗଢ଼ିବାରେ ଲାଗିପଡ଼ିଛନ୍ତି। ନିଜର ଶାରୀରିକ ଅସୁବିଧାକୁ ଅଣଦେଖା କରି ସେ ଯେପରି ସମାଜ ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି, ତାହା ନିଶ୍ଚୟ ପ୍ରଶଂସା ଯୋଗ୍ୟ। ଆଜି ଟଙ୍କା ଓ ଆଡମ୍ବର ପଛରେ ଧାଉଁଥିବା ସମାଜରେ ସ୍ନେହଲତାଙ୍କ ଏହି ପ୍ରୟାସ ଅନେକଙ୍କ ପାଇଁ ଏକ ବଡ଼ ଶିକ୍ଷା। ତାଙ୍କ ଭଳି ଲୋକଙ୍କ ପାଇଁ ହିଁ ଆଜି ମାନବିକତା ଓ ସେବାଭାବ ସମାଜରେ ଜୀବନ୍ତ ରହିଛି। ସମାଜର ବହୁ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ସ୍ନେହଲତା ରାଉତରାୟଙ୍କ ଏହି ନିଃସ୍ୱାର୍ଥ ପ୍ରୟାସକୁ ପ୍ରଶଂସା କରିଥିବାବେଳେ ତାଙ୍କର ଏହି କାର୍ଯ୍ୟ ଆଗାମୀ ପିଢ଼ି ପାଇଁ ନିଶ୍ଚୟ ଏକ ପ୍ରେରଣା ହୋଇରହିବ ବୋଲି ମତ ପ୍ରକାଶ ପାଇଛି।

## ବୋଇତାଳୁପାଟଣା-ମୋହନପୁର ରାସ୍ତା କାମ ମନ୍ଥର ନେଇ ଅସନ୍ତୋଷ



ଗୋବିନ୍ଦପୁର, ୭।୫(ସମିସ): ଆଳି ଜଳସମ୍ପଦ ବିଭାଗଅଧୀନସ୍ଥ ମୋହନପୁର, ବୋଇତାଳୁପାଟଣା କାଣୀ ନଦୀ ବନ୍ଧ ରାସ୍ତା କାର୍ଯ୍ୟ ଏବେ ଚାଲିଛି। ରାସ୍ତା କାମରେ ଅନିୟମିତତା ଓ ମନ୍ଥର ଗତିରେ କାର୍ଯ୍ୟ ହେଉଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଏକ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ପିଚୁ କରାଯିବ। ଏବେ ମୋହନପୁର ଗ୍ରାମର ମଲ୍ଲିକ ସାହି ନିକଟରେ ମାଟି ପକାଯାଇ ରାସ୍ତା ପ୍ରସ୍ତୁତିକରଣ କରାଯାଉଛି। ରାସ୍ତା ଉପରେ ମାଟି ଗଦା ହୋଇଥିବାରୁ ଏହି କାର୍ଯ୍ୟ ମନ୍ଥର ଗତିରେ ହେଉଥିବାରୁ ଅସରାଏ ବର୍ଷା ହେଲେ ଲୋକେ ଯାତାୟାତରେ ହୀନସ୍ତା ଭୋଗୁଛନ୍ତି। ବର୍ଷା ହେଲେ ଯାତାୟାତ ଠପ୍ ହୋଇଯାଉଛି। ମୋହନପୁର ଗ୍ରାମର ନଦୀ ବନ୍ଧ ପାର୍ଶ୍ୱରେ ରାସ୍ତା କାମ ଯୋଗୁଁ ବାଉସ ବୁଦା ତଡ଼ା ଯାଇଥିବାରୁ ନଦୀବନ୍ଧ ବିପଦସଙ୍କୁଳ ଅବସ୍ଥାରେ ରହିଛି। ତୁରନ୍ତ ଏହାକୁ କାର୍ଯ୍ୟ ନ କଲେ ବନ୍ଧ ପ୍ରତି ବିପଦ ସୃଷ୍ଟି କରିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାମ ମନ୍ଥର ଗତିରେ ହେଉଥିବାରୁ କେବେ ସରିବ ଅନିଶ୍ଚିତତା ଦେଖାଦେଇଛି। ଫଳରେ ଏ ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ମଧୁସୂଦନପୁର ସେକ୍ସନ କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ପଣ୍ଡା କହିଛନ୍ତି, ସମ୍ପୃକ୍ତ ଠିକାଦାରକୁ ଶୀଘ୍ର ସମସ୍ତ କାର୍ଯ୍ୟ ଶେଷ କରିବାକୁ କହିଛି।


## ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ ଉଦ୍‌ଘାଟିତ



ବୌଦ୍ଧ,୭ ।୫(ସମିସ): ବୌଦ୍ଧରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜିଲ୍ଲା ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲାପାଳ ବିଭୁତିଭୁଷଣ ନାୟକ, ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, କନ୍ଧମାଳ ସାଂସଦଙ୍କ ବୌଦ୍ଧ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଓଡ଼ିଶା ରାଜ୍ୟ ବୈଧ ମାପ ବିଜ୍ଞାନର ନିୟନ୍ତ୍ରକ ବିଶିକେସନ ଦେହୁରି ଯୋଗ ଦେଇଥିଲେ । ଅନ୍ୟମାନଙ୍କ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ୍ ହାଁସଦା, ସହକାରୀ ଯୋଗାଣ ଅଧିକାରୀ ଜାନକୀ ଭୂଷଣ ହାବଡା ସିଂ ଓ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଗୋବରର ଗ୍ୟାସ୍ ଓ ଜୈବିକ ଚାଷ କରି ସ୍ୱାବଲମ୍ବୀ ପ୍ରବୀଣ

ଶଗଡ଼ା,୭ ।୫(ସମିସ)



ଗୋ ସେବାରୁ ଗ୍ୟାସ୍ ପ୍ରସ୍ତୁତି କରି ସ୍ୱାବଲମ୍ବୀ ହେବାର ନୂଆ ରାହା ଦେଖାଇଲେ ବାଉଁଶୁଣିର ପ୍ରବୀଣ ମିଶ୍ର । ବର୍ତ୍ତମାନ ଯୁଦ୍ଧ ପରିସ୍ଥିତି ପାଇଁ ବଜାରରେ ଆକାଶଛୁଆଁ ଗ୍ୟାସ୍ ଦର । ରୋଷେଇ କରିବାକୁ ସାଧାରଣ ଲୋକଙ୍କ ନାକେଦମ୍ ଅବସ୍ଥା ହୋଇ ଗଲାଣି । ଏହି ସମୟରେ ବୌଦ୍ଧ ଜିଲ୍ଲା ବାଉଁଶୁଣି ପଞ୍ଚାୟତ ଅଧୀନ ମାଉଲିମୁଣ୍ଡା ଗ୍ରାମରୁ ଆସିଛି ଏକ ସଫଳତାର ଖବର । ଗୋବରରୁ ଗ୍ୟାସ୍ ପ୍ରସ୍ତୁତ କରି ଦୀର୍ଘ ୨୫ ବର୍ଷ ଧରି ନିଜ ରୋଷେଇ ଘର ସମ୍ଭାଳିବା ସହ ଜୈବିକ ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ମାଉଲିମୁଣ୍ଡା ଗ୍ରାମର ପ୍ରବୀଣ ମିଶ୍ର । ବଜାରରେ ମହଙ୍ଗା ମାଡ଼ରେ ଲୋକଙ୍କ ଅଣ୍ଟା ଭାଙ୍ଗୁଥିବା ବେଳେ, ବୌଦ୍ଧ ବ୍ଲକ ବାଉଁଶୁଣି ଅଞ୍ଚଳରୁ ଦେଖିବାକୁ ମିଳିଛି ଆତ୍ମନିର୍ଭରଶୀଳତାର ଏକ ନିଆରା ଚିତ୍ର । ଗୋ-ସେବା କେବଳ ପୁଣ୍ୟ ନୁହେଁ, ବରଂ ଲାଭଦାୟକ ବ୍ୟବସାୟ ହୋଇପାରେ ବୋଲି ତାହା ପ୍ରମାଣ କରିଛନ୍ତି ମାଉଲିମୁଣ୍ଡା ଗ୍ରାମର ପ୍ରବୀଣ କୁମାର ମିଶ୍ର । ଦୀର୍ଘ ୨୫ ବର୍ଷ ଧରି ସେ ଗୋ-ପାଳନ କରିବା ସହ ନିଜ ବାଡ଼ିରେ ନିର୍ମାଣ କରିଛନ୍ତି ଏକ ବାୟୋ-ଗ୍ୟାସ୍ ପ୍ଲାଣ୍ଟ । ପ୍ରବୀଣ ପ୍ରତିଦିନ ସାଇକେଲରେ ଦହି-ପନିର ନେଇ ବଜାରକୁ ଯାଆନ୍ତି । ସରଳ ଜୀବନଯାପନ କରୁଥିବା ପ୍ରବୀଣ ଜଣେ ପରିଶ୍ରମୀ ମଣିଷ । ପ୍ରତିଦିନ ସକାଳୁ ଗାଈଙ୍କ ସେବା କରିବା ପରେ କ୍ଷୀରରୁ ଦହି ଓ ପନିର ପ୍ରସ୍ତୁତ କରି ସାଇକେଲ୍ ସାହାଯ୍ୟରେ ବଜାରକୁ ଯାଇ ବିକ୍ରୟ କରନ୍ତି । ଏହି କାର୍ଯ୍ୟରେ ତାଙ୍କୁ ତାଙ୍କ ମା' ସହଯୋଗ କରୁଥିବାବେଳେ ଦୁଇଜଣ ଶ୍ରମିକ ମଧ୍ୟ ନିୟୋଜିତ ରହିଛନ୍ତି । ଏସବୁ କରିବା ଦ୍ୱାରା ନିଜେ ସ୍ୱାବଲମ୍ବୀ ହେବା ସହିତ ନିଜକୁ ଖୁସୀ ଲାଗୁଚି ବୋଲି କହନ୍ତି ପ୍ରବୀଣ । ଗାଈଙ୍କ ଠାରୁ କେବଳ କ୍ଷୀର ନୁହେଁ, ବରଂ ଗୋବରକୁ ପାଣିରେ ଗୋଳାଇ ସେ ଗ୍ୟାସ୍ ଉତ୍ପନ୍ନ କରନ୍ତି, ଯାହା ପାଇପ୍ ମାଧ୍ୟମରେ ସିଧା ତାଙ୍କ ରୋଷେଇ ଘରକୁ ଯାଇଥାଏ । ଫଳରେ ମହଙ୍ଗା ଏଲପିଜି ସିଲିଣ୍ଡରରୁ ସେ ସମ୍ପୂର୍ଣ୍ଣ ମୁକ୍ତି ପାଇଛନ୍ତି । ଖାଲି ସେତିକି ନୁହେଁ, ଗ୍ୟାସ୍ ବାହାରିବା ପରେ ଅବଶିଷ୍ଟ ଗୋବରକୁ ଖତ ଭାବେ ବ୍ୟବହାର କରି ନିଜ ବାଡ଼ିରେ ଆମ୍ବ, ଲେମ୍ବୁ, ପିଜୁଳି ଓ କଦଳୀ ଭଳି ଉନ୍ନତମାନର ଜୈବିକ ଚାଷ କରୁଛନ୍ତି । ସକାଳୁ ସକାଳୁ ନିଜ ବାଡ଼ିରେ ଏଭଳି କରିବା ଦ୍ୱାରା ସଂପୂର୍ଣ୍ଣ ଭାବେ ଗ୍ୟାସରୁ ମୁକ୍ତି ମିଳୁଛି ।

ପ୍ରବୀଣଙ୍କ ଏହି ପ୍ରୟାସ ଆଜି ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ସ୍ୱଳ୍ପ ପୁଞ୍ଜିରେ କିଭଳି ସ୍ୱାବଲମ୍ବୀ ହୋଇହେବ, ସେନେଇ ପ୍ରବୀଣ ଆଜି ଜଣେ ସଫଳ ପଥପ୍ରଦର୍ଶକ ସାଜିଛନ୍ତି । ଆକାଶଛୁଆଁ ଗ୍ୟାସ୍ ଦରର ମୁକାବିଲା କରି ୨୫ ବର୍ଷ ଧରି ଗୋବର ଗ୍ୟାସରେ ଚାଲିଛି ରୋଷେଇ ।

## ଅଧପାନ୍ତରିଆ ମନମୁଣ୍ଡା ଶିଶୁ ଓ ମାତୃ ମଙ୍ଗଳ କେନ୍ଦ୍ର

ଶଗଡ଼ା,୭ ।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ମନମୁଣ୍ଡା ଡାକ୍ତରଖାନା ପରିସରରେ ପୂର୍ତ୍ତବିଭାଗ ପକ୍ଷରୁ ନିର୍ମାଣ ଚାଲିଥିବା ଶିଶୁ ଓ ମାତୃ ୱାର୍ଡ କୋଠା ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ଉକ୍ତ କୋଠା ନିର୍ମାଣ ଜାରି ରହି ଥିବା ବେଳେ ଏହାର ମଳଦୁଆ ପ୍ଲିନ୍ଥରେ ଏକାଧିକ ସ୍ଥାନରେ ଫାଟ ଦେଖା ଦେଲାଣି । ଉକ୍ତ ଫାଟ ଗୁଡ଼ିକୁ ଲୁଚାଇବା ପାଇଁ ଅନେକ ସ୍ଥାନରେ ପ୍ଲାଷ୍ଟର କରାଯାଇଥିବା ଦେଖିବାକୁ ମିଳିଛି । ଏହି କୋଠା ଆରମ୍ଭ ହେବାଠାରୁ ଅଞ୍ଚଳବାସୀ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ ଏହାକୁ ଅଣଦେଖା କରୁଥିବା ଲୋକେ ଅଭିଯୋଗ କରିଛନ୍ତି ।

### ଅଧୀକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ଠିକାଦାର

### ଦେଢ଼ବର୍ଷ କାମକୁ ବିତିଲାଣି ଚାରି ବର୍ଷ

ଯାହାଫଳରେ ଏହି ଶିଶୁ ଓ ମାତୃ ୱାର୍ଡ ଭଳି ଗୁରୁତ୍ୱପୂର୍ଣ୍ଣ କୋଠାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପଟେ ଉକ୍ତ କୋଠାର ନିର୍ମାଣ ଅବଧି ସରି ପାଖାପାଖି ୨ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଯାହାଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଉକ୍ତ କୋଠାର ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ଏକାଧିକଥର ଅନୁପସ୍ଥିତ ରହିବାଫଳରେ ଠିକାଦାର ନିଜ ମନମୁଖୀ କାର୍ଯ୍ୟ ଚଳାଉ ଥିବା ଅଭିଯୋଗ ହୋଇଛି । ସରକାର ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଅନେକ ଯୋଜନା ପ୍ରଣୟନ କରି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏହି କୋଠାର ନିର୍ମାଣ କାର୍ଯ୍ୟକୁ ଦେଖିଲେ ଏଠାରେ ଚିକିତ୍ସିତ ହେବାକୁ ଆସିବା ଶିଶୁ ଓ ମାଆ କେତେ ସୁରକ୍ଷିତ ରହିବେ ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି । ଏହି ଘଟଣାର ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଖୁବଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସନ୍ଦୀପ ଟୁଆଲସିଂକୁ ପଚାରିବାରୁ ବାରମ୍ବାର ତାଗିଦ ସତ୍ତ୍ୱେ ଠିକାଦାର କଥା ନ ମାନି ନିଜର ମନମୁଖୀ କାର୍ଯ୍ୟ କରୁଛି । ଆସନ୍ତା ୧୫ ଦିନ ମଧ୍ୟରେ କାମ ସମ୍ପୂର୍ଣ୍ଣ ନ କଲେ ଟେଣ୍ଡର ବାତିଲ କରାଯିବା ବୋଲି କହିଛନ୍ତି ।



## ଘରୋଇ ହିଂସା ନିରାକରଣ ପାଇଁ ପରାମର୍ଶ ବୈଠକ

ବୌଦ୍ଧ,୭ ।୫(ସମିସ): ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା ଏବଂ ନେଦରଲ୍ୟାଣ୍ଡ ସରକାରଙ୍କ ଦୂତାବାସର ମିଳିତ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ବୌଦ୍ଧ, ସୋନପୁର ଓ କନ୍ଧମାଳ ଜିଲ୍ଲାକୁ ନେଇ ପରାମର୍ଶ କେନ୍ଦ୍ରିତ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ପରିଚାଳକ ରାଜ କିଶୋର ପଣ୍ଡା ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମହେନ୍ଦ୍ର କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ବୌଦ୍ଧ ଜିଲ୍ଲା ପୁଲିସ ଡିଏସ୍‌ପି ସ୍ମିତା ସୁବାସିନୀ ଟେଟେ, ସରକାରୀ ମେଡିକାଲ ଅଫିସର୍ ଡ. ନାରାୟଣ ପଶାୟତ, ଡ. ଅମିତାଭ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ସହକାରୀ ପ୍ରବନ୍ଧକ ମୃତ୍ୟୁଞ୍ଜୟ ଭୁଜବଳ ଯୋଗଦାନ କରିଥିଲେ । ଘରୋଇ ହିଂସା ଏବଂ ଶୋଷଣ ବିରୋଧରେ ମହିଳାମାନଙ୍କୁ ସୁରକ୍ଷା ଦେବାରେ ଏବଂ ଘରୋଇ ହିଂସାକୁ ସମାଧାନ କରିବାରେ ରହିଥିବା ବିଧି ବ୍ୟବସ୍ଥା ଓ ବିଭିନ୍ନ ଅନୁଷ୍ଠାନ କିପରି ସାହାଯ୍ୟ କରୁଛି ସେ ବିଷୟରେ ଅତିଥିମାନେ ଅବଗତ କରାଇଥିଲେ । ନାରୀ ଆତ୍ମ ନିର୍ଭର ଓ ସଚେତନ ହେଲେ ସୁରକ୍ଷିତ ହେବେ, ନାରୀମାନେ ଯଦି ଶିକ୍ଷିତ, ସ୍ୱାବଲମ୍ବୀ ହୁଅନ୍ତି ତେବେ ସେମାନଙ୍କ ଉପରେ ହିଂସାର ଘଟଣା ହ୍ରାସ ପାଇବ ବୋଲି ମତାମତ ରଖିଥିଲେ । ଶିବିରରେ ବୌଦ୍ଧ, ସୋନପୁର ଓ କନ୍ଧମାଳ ଜିଲ୍ଲାର ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ପ୍ରେରଣା ଦିଦି, ସଖୀ କେନ୍ଦ୍ରର ସଂଯୋଜିକା, ଜିଲ୍ଲାସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦିକା, ଜେଣ୍ଡର ସଂଯୋଜିକା, ଜିଲ୍ଲା ହବ୍ ସଂଯୋଜକ, ସରପଞ୍ଚ, ସମାଜସେବୀ ଏବଂ ପୀଡ଼ିତାମାନେ ଅଂଶଗ୍ରହଣ କରିଥିଲେ । ମହିଳାମାନଙ୍କ ପ୍ରତି ନିର୍ଯାତନା, କାରଣ ନିରାକରଣ ଓ ସୁରକ୍ଷା ନିମନ୍ତେ ପ୍ରଣୟନ ହୋଇଥିବା ଆଇନ ଅନୁଯାୟୀ ସହାୟତା ବ୍ୟବସ୍ଥା ଏବଂ ବିସ୍ତୃତ ସୂଚନା ଓ ବିଭିନ୍ନ ଉଦାହରଣ ମାଧ୍ୟମରେ ନିର୍ଯ୍ୟାତନାର ଶିକାର ହେଇଥିବା ମହିଳାମାନଙ୍କ ଅଧିକାର, କର୍ତ୍ତବ୍ୟ ଓ ସହଯୋଗ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଅଂଶୀଦାରମାନଙ୍କୁ ସମ୍ମାନିତ କରାଯାଇଥିଲା । ଜାତୀୟଆଇନ ବିଶ୍ୱ ବିଦ୍ୟାଳୟର ପ୍ରକଳ୍ପ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା ଏବଂ ରାଜ କିଶୋର ପଣ୍ଡାଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା । ସୁଧାଂଶୁ ଭୂଷଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।



## ବାଘ ରେଳଷ୍ଟେସନ ସ୍ଥାପନ ଦାବିରେ ମନ୍ତ୍ରୀଙ୍କୁ ଚିଠି



ମନମୁଣ୍ଡା,୭ ।୫(ସମିସ): ମନମୁଣ୍ଡା ଥାନା କନ୍ଧରିଆପଡା ଠାରେ " ବାଘ ରେଲୱେ ଷ୍ଟେସନ" ନାମରେ ଏକ ରେଲୱେ ଷ୍ଟେସନ ସ୍ଥାପନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଚିଠି ପ୍ରଦାନ କରିଛନ୍ତି । ଦହ୍ୟା ଓ ବାଉଁଶୁଣି ଏକ ବାଣିଜ୍ୟ ପେଣ୍ଠସ୍ଥଳୀ, ଥାନା, ଡାକ୍ତରଖାନା, ଉଚ୍ଚଶିକ୍ଷା ଇତ୍ୟାଦି ପାଇଁ ପ୍ରାୟ ୧୫ ଟି ପଞ୍ଚାୟତ ସେଠାରେ ନିର୍ଭର କରିଥାନ୍ତି । ଏହି ଅଞ୍ଚଳରେ ସମ୍ବଲପୁରୀ ହସ୍ତତନ୍ତ ଶାଢ଼ୀ ଉତ୍ପାଦନ ହୋଇଥାଏ ଓ ତାହା ଦେଶର କୋଣ ଅନୁକୋଣକୁ ପଠାଯାଇଥାଏ । ବର୍ତ୍ତମାନ ବାଉଁଶୁଣି - ବୀରମହାରଜପୁର ମହାନଦୀ ଉପରେ ଏକ ସେତୁ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ବୀରମହାରାଜପୁର ଅଞ୍ଚଳରେ ରେଳଲାଇନ ଅଦ୍ୟାବଧି ଯାଇନାହିଁ । ଉକ୍ତ ମହାନଦୀ ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସେହି ଅଞ୍ଚଳରୁ ବାଉଁଶୁଣିକୁ ମାତ୍ର ୫ କିମି ଦୂରତା ପଡ଼ିବ । "ବାଘ ରେଲୱେ ଷ୍ଟେସନ' ସ୍ଥାପନ ହେଲେ ବୌଦ୍ଧ ଜିଲ୍ଲାର ଏହି ଅଞ୍ଚଳ ସମେତ ବୀରମହାରାଜପୁର ଉପଖଣ୍ଡ ଅଞ୍ଚଳ ର ପ୍ରାୟ ୩ ଲକ୍ଷ ଲୋକ ଉପକୃତ ହେବେ । ଏତଦ୍‌ବ୍ୟତୀତ ଏହି ଅଞ୍ଚଳରେ ଥିବା ପ୍ରସିଦ୍ଧ ପାତାଳୀ ଶ୍ରୀକ୍ଷେତ୍ର, ବାଘ ବ୍ୟାରେଜ, ଖଣ୍ଡିକନପା ଇତ୍ୟାଦି ପର୍ଯ୍ୟଟନ ସ୍ଥଳୀକୁ ପର୍ଯ୍ୟଟକମାନେ ପରିଦର୍ଶନ କରି ଆସିବାରେ ସୁବିଧା ପାଇ ପାରିବେ । ଉକ୍ତ ସ୍ଥାନରେ ଏକ ଷ୍ଟେସନ୍ ସ୍ଥାପନ ପାଇଁ ରେଳ ବିଭାଗ ୭୧ ଏକର ଜମି ଅଧିଗ୍ରହଣ କରିଛି ଏବଂ ପୂର୍ବରୁ ପ୍ରସ୍ତାବିତ ପରିକଳ୍ପନା ରେଲୱେ ମ୍ୟାପ୍‌ରେ ଉକ୍ତ ସ୍ଥାନ ଚିହ୍ନିତ କରାଯାଇଥିଲା । ଜନସାଧାରଣଙ୍କ ଦାବି ଯଥାର୍ଥ ଓ ସେଠାରେ ଥିବା ବାଘନଦୀ ନିକଟରେ "ବାଘ ରେଳ ଷ୍ଟେସନ' ନାମରେ ଏକ ଷ୍ଟେସନ୍ ସ୍ଥାପନ ସପକ୍ଷରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଲୱେ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ପତ୍ର ଦେଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ଏନେଇ ବାଘ ରେଲୱେ ଷ୍ଟେସନ ସଂଗ୍ରାମ ସମିତି ସଭାପତି କରୁଣାକର ଘଟୁଆଳ, ଉପସଭାପତି ଦେବରାଜ ଭୋଇ, ସମ୍ପାଦକ ଇନ୍ଦୁଭୂଷଣ ମହାକୁଡ, କୋଷାଧ୍ୟକ୍ଷ ଆହ୍ଲାଦ ଖମାରୀ, ସଭ୍ୟ ଦିଲ୍ଲୀପ କୁମାର ଭୁକ୍ତା, ରଞ୍ଜିତ କର୍ଣ୍ଣ, ପ୍ରମୁଖ ଶିକ୍ଷାମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ନୂତନ ରାସନକାର୍ଡ ବଣ୍ଟନ ଓ ସମୀକ୍ଷା ବୈଠକ

ବୌଦ୍ଧ,୭ ।୫(ସମିସ): ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହଠାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ନୂତନ ରାସନ କାର୍ଡ ବଣ୍ଟନ କରାଯାଇଛି ।୨୫ ଜଣ ନୂତନ ହିତାଧିକାରୀଙ୍କୁ ମନ୍ତ୍ରୀ ଶ୍ରୀପାତ୍ର ଏହି ରାସନକାର୍ଡ ପ୍ରଦାନ କରିଥିଲେ । ଏଥିସହ ବିଭିନ୍ନ ବିଭାଗର ସମୀକ୍ଷା ମଧ୍ୟ କରିଥିଲେ । ଏହି ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ସମେତ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।



## ହିତାଧିକାରୀଙ୍କୁ ମିଳିବ ନୂତନ ରାସନକାର୍ଡ



ବୌଦ୍ଧ,୭ ।୫(ସମିସ): ବୌଦ୍ଧ ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ଆଜି ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଜିଲ୍ଲା ପଦାଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଜିଲ୍ଲାର ବିକାଶ ଓ ଜନକଲ୍ୟାଣକାରୀ ଯୋଜନାର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି ।

ଉକ୍ତ ବୈଠକରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ରାଜ୍ୟ ଖାଉଟି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାର ଖାଉଟି ମାନଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି ।

ବୌଦ୍ଧ ଜିଲ୍ଲାରେ ପ୍ରାୟ ୧୮ ହଜାର ଯୋଗ୍ୟ ହିତାଧିକାରୀ ନୂତନ ରାସନ କାର୍ଡ ପାଇଁ ଆବେଦନ କରିପାରିବେ । ଯେପରି କୌଣସି ଅଯୋଗ୍ୟ ବ୍ୟକ୍ତି ଏହାର ସୁବିଧା ନନେବେ ଏବଂ ପ୍ରକୃତ ଗରିବ ଶ୍ରେଣୀର ଲୋକେ ବଞ୍ଚିତ ନହେବେ, ସେଥିପ୍ରତି ସମସ୍ତ ମଣ୍ଡଳ ସଭାପତି ଏବଂ ପଦାଧିକାରୀମାନେ ଗୁରୁତ୍ୱ ଦେବେବୋଲି ପରାମର୍ଶ ଦେଇଛନ୍ତି । ଆସନ୍ତା ମାସଠାରୁ ପ୍ରତ୍ୟେକ ହିତାଧିକାରୀଙ୍କୁ ମୁଣ୍ଡପିଛା ୧୦ କିଲୋଗ୍ରାମ ଲେଖାଏଁ ଚାଉଳ ପ୍ରଦାନ କରାଯିବ । ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଜିଲ୍ଲାର ହଜାର ହଜାର ଗରିବ ପରିବାର ଉପକୃତ ହେବେ ।

# ଭିନ୍ନକ୍ଷମ ଅଧିକାର ଆଇନ ସଚେତନତା ଶିବିର

ତରଭା,୭ ।୫(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନଠାରେ ଭିନ୍ନକ୍ଷମ ଅଧିକାର ଆଇନ ଉପରେ ଏକ ସଚେତନତା ଶିବିର ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ବଳ ବ୍ୟକ୍ତିତ୍ୱ ଆର୍.କେ. ଶର୍ମା ଆଇନ ସମ୍ପର୍କରେ ଉପସ୍ଥିତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କୁ ଅବଗତ କରାଇବା ସହ ଏହାକୁ କିପରି ଲାଗୁ କରାଯିବ, ସେ ବିଷୟରେ ଆଲୋଚନା କରାଯାଇଥିଲା । ଓଡ଼ିଶା ସରକାର ଏହି ନିୟମକୁ ୨୦୧୮ ମସିହାରେ ଲାଗୁ କରିଥିଲେ । ଶିବିରରେ ସଚେତନ କରାଯାଇଥିଲା ଯେ ୨୧ ପ୍ରକାରର ଭିନ୍ନକ୍ଷମତା ଅଛି । ତନ୍ମଧ୍ୟରୁ ୧୪ ପ୍ରକାରର ଭିନ୍ନକ୍ଷମତା ରୋଜଗାର ଓ ଚାକିରୀରେ ଆରକ୍ଷଣ ରହିଛି । ଚାକିରୀରେ ଶତକଡା ୪ ଭାଗ ଆରକ୍ଷଣ ପାଇଁ ରଖାଯାଇଛି । ଏହାଛଡା ପ୍ରତି ଘଣ୍ଟାରେ ୨୦ ମିନିଟ୍ ଅତିରିକ୍ତ ସମୟ ପରୀକ୍ଷାରେ ପ୍ରଶ୍ନରଉତ୍ତର ଦେବା ପାଇଁ ମିଳିଥାଏ । ଭିନ୍ନକ୍ଷମମାନଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କଲେ ୫ ଜଣରେ ଏକ ଗୋଷ୍ଠୀ ଗଠିତ ହେବ । କୌଣସି ଚାକିରି ପାଇଁ ଆବେଦନ କଲେ ବୟସ ସୀମାରେ ୧୦ ବର୍ଷ ପର୍ଯ୍ୟନ୍ତ କୋହଳ ରହିଛି ବୋଲି ସୂଚନା ପ୍ରଦାନ କରାଯାଇଥିଲା । ଏତଦ୍‌ବ୍ୟତୀତ କୌଣସି ବ୍ୟକ୍ତି ବିଶେଷ ଯଦି ଭିନ୍ନକ୍ଷମ ଆଇନର ଉଲ୍ଲଂଘନ କରନ୍ତି, ତାଙ୍କୁ ଅତିକମରେ ୬ ମାସର ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କାର ଆର୍ଥିକ ଜରିମାନା ଦେବାକୁ ପଡ଼ିବ ବୋଲି ଆଇନରେ ଉଲ୍ଲେଖ ରହିଥିବା କୁହାଯାଇଥିଲା । ଜିଲ୍ଲାରେ ଏକ ଭିନ୍ନକ୍ଷମ ଅଧିକାର ସମିତି ବୈଠକ ପ୍ରତି ୧-୩ ମାସରେ ଥରେ ବସିବା ଆବଶ୍ୟକ ବୋଲି ଶିବିରରେ ମତ ପ୍ରକାଶ ପାଇଥିଲା । ଏହି ସମିତି ବୈଠକରେ ଭିନ୍ନକ୍ଷମମାନେ ନିଜ ନିଜର ଅସୁବିଧା ଜଣାଇ ପାରିବେ । ଶିବିରରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିଜ ନିଜର କାର୍ଯ୍ୟାଳୟକୁ କିପରି ଭିନ୍ନକ୍ଷମମାନେ ସହଜରେ ପହଞ୍ଚି ପାରିବେ ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଉପଜିଲ୍ଲାପାଳ ସୋନପୁର ଡ. ସୌମ୍ୟରୂପା ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାସ, ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ଓଏସଡି ଦେବି ପ୍ରସାଦ ବାରିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ସଡ଼ଙ୍ଗୀ, ସାଂକେତିକ ଭାଷା ଅନୁବାଦକ ଦେବାଶିଷ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଭିନ୍ନକ୍ଷମ ସଶକ୍ତିକରଣ ସମ୍ପର୍କିତ ବିଭିନ୍ନ ଏନଜିଓର ପ୍ରତିନିଧି ଉପସ୍ଥିତ ଥିଲେ । ଏହି ଶିବିରକୁ ତରଭା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ପରିଚାଳନା କରିଥିଲେ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଞ୍ଜୁଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକକୁ ପୂରିଲା ୬ ମାସ

# କେବେ ଆରମ୍ଭ ହେବ ବୁଢ଼ାବଳଙ୍ଗ ନଦୀ ସମ୍ମୁଖ ବିକାଶ ପ୍ରକଳ୍ପ

ବାରିପଦା, ୭।୫(ସମିସ): ନୂତନ ସରକାର ଗଠନକୁ ୨ ବର୍ଷ ପୂରିଲାଣି। ସରକାର ଗଠନ ପରେ ବିଭିନ୍ନ ଘୋଷଣା ବାସ୍ତବ ରୂପ ନେବା ଦୂରରେ ଥାଉ, କାର୍ଯ୍ୟ ଆରମ୍ଭ ହୋଇପାରୁନି। ଯାହାର ଉଦାହରଣ ମୟୂରଭଞ୍ଜ ଜିଲ୍ଲା ବାରିପଦା ସହରରେ ବୁଢାବଳଙ୍ଗ ନଦୀ ତଟରେ ଏକ ବିଶାଳ ଉନ୍ନୟନ ପ୍ରକଳ୍ପ। ଉକ୍ତ ପ୍ରକଳ୍ପ ପାଇଁ ନଗର ଉନ୍ନୟନ ମନ୍ତ୍ରୀ ସମୀକ୍ଷା ବୈଠକ କରିଥିଲେ। ତେବେ ବୈଠକକୁ ୬ ମାସ ପୂରିଲା, କାମ ଆରମ୍ଭ ହୋଇନାହିଁ। କେବେ ପ୍ରକଳ୍ପ ଆରମ୍ଭ ହେବ, ସେ ନେଇ ସନ୍ଦେହ ଜାତ ହୋଇଛି।

- **୨୩୦ କୋଟି ଟଙ୍କା ପ୍ରକଳ୍ପରେ ଅଛି ଜଳ ସଂରକ୍ଷଣ, ବର୍ଜ୍ୟ ଓ ବନ୍ୟା ପରିଚାଳନା**
- **ଦୁଇଟି ପର୍ଯ୍ୟାୟରେ ବିଭକ୍ତ ପ୍ରକଳ୍ପ ନୂଆଦିଲ୍ଲୀ ଓ ମୁମ୍ବାଇ ଭଳି କାର୍ଯ୍ୟ**

୨୦୨୫ ଜୁଲାଇ ପ୍ରଥମ ସପ୍ତାହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣାନନ୍ଦ ମହାପାତ୍ର ବୁଢାବଳଙ୍ଗ ନଦୀ ସମ୍ମୁଖ ବିକାଶ ପ୍ରକଳ୍ପ ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ କରିଥିଲେ। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ସହିତ ଇଏମସିର ନିର୍ଦ୍ଦେଶକ ଗୋପେଶ ଶ୍ରୀବାସ୍ତବ, ସିଇଓ ଚିନ୍ମୟ ତ୍ରିପାଠୀ ଓ ଅର୍ବାନ ପ୍ଲାନର ରୁପିନ୍ଦର କୌରଙ୍କ ସହ ଜିଲ୍ଲାର ଲାଇନ ଡିପାର୍ଟମେଣ୍ଟର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ୨୩୦ କୋଟି ଟଙ୍କା ବଜେଟରେ ହେବାକୁ ଥିବା ପ୍ରକଳ୍ପ ସମ୍ବନ୍ଧରେ ମନ୍ତ୍ରୀ ଘୋଷଣା ମଧ୍ୟ କରିଥିଲେ। ଦୁଇଟି ପର୍ଯ୍ୟାୟରେ ବିଭକ୍ତ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଅସ୍ତିଆ ପୋଲର ପୂର୍ବ ଦିଗରେ ୪ କିଲୋମିଟର (ଅପଷ୍ଟ୍ରିମ୍) ଓ ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମ ଦିଗରେ ୪ କିଲୋମିଟର (ଡାଉନ ଷ୍ଟ୍ରିମ୍) ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ସ୍ଥିରୀକୃତ ହୋଇଥିଲା। ଏହି ପ୍ରକଳ୍ପ ମାଧ୍ୟମରେ ସ୍ଥାନୀୟ ଅର୍ଥନୀତି, ପର୍ଯ୍ୟଟନ, ବନ୍ୟାଜଳ ପରିଚାଳନା, ପାନୀୟଜଳ ଯୋଗାଣ, ସାମାଜିକ, ସାଂସ୍କୃତିକ କାର୍ଯ୍ୟକଳାପ ଓ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହନ ଦେବାକୁ ଲକ୍ଷ୍ୟ ଥିଲା। ଏହା ବାରିପଦାକୁ ଏକ ଆଧୁନିକ, ପର୍ଯ୍ୟଟନ ଅନୁକୂଳ ଓ ସ୍ଥାୟୀ ସହର ଭାବେ ଗଢ଼ି ତୋଳିବାକୁ ଆଗାମୀ ୭୦ ବର୍ଷକୁ ଦେଖି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଏହି ପ୍ରକଳ୍ପ ୧୭୦.୮ ଏକର ଜମିରେ ବିସ୍ତାରିତ ହେବାକୁ ଥିବାବେଳେ ଏଥିରେ ବିଭିନ୍ନ ବ୍ୟବହାର କ୍ଷେତ୍ର ଅନ୍ତର୍ଭୁକ୍ତ ରହିଥିଲା। ୨୩୦ କୋଟି ଟଙ୍କାର ଏହି ବଜେଟ ବାରିପଦାରେ ଏକ ବୃହତ ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନ ଆଣିବ। ପର୍ଯ୍ୟଟନ କ୍ଷେତ୍ରରେ ବିନିଯୋଗ ମୟୂରଭଞ୍ଜ ଜିଲ୍ଲାକୁ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବ। ଯେଉଁଥିରେ ହୋଟେଲ, ରିସର୍ଟ ଓ ସାଂସ୍କୃତିକ ହବ ନିର୍ମାଣ ସ୍ଥାନୀୟ ରୋଜଗାର ସୃଷ୍ଟି କରିବ। ଦକ୍ଷତା ବିକାଶ କେନ୍ଦ୍ର ଯୁବବର୍ଗଙ୍କୁ ନୂଆ ସୁଯୋଗ ପ୍ରଦାନ କରିବ, ଯାହା ଅଞ୍ଚଳର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବ। ପରିବେଶ ସୁରକ୍ଷା ଓ ଜଳ ପରିଚାଳନା ଉପରେ ଗୁରୁତ୍ୱ ଏହି ପ୍ରକଳ୍ପକୁ ସ୍ଥାୟୀ ଓ ପରିବେଶ ଅନୁକୂଳ କରିବ।

ସ୍ଥାନୀୟ ଜନସାଧାରଣଙ୍କ ପାଇଁ ବିନୋଦନ କେନ୍ଦ୍ର, ଶିକ୍ଷା, କ୍ରୀଡ଼ା ଓ ବାଣିଜ୍ୟିକ ସୁବିଧା ଯୋଗାଇବ। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲ୍ଲା ପାର୍କ (ଥିମ୍ ପାର୍କ) ୮.୫ ଏକର ସ୍ଥାନରେ ପରିବାର ଓ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ବିନୋଦନ ସ୍ଥାନ ରହିବ। ୫.୫ ଏକର ଖୋଲା ସ୍ଥାନ ପାଇଁ ଅତିରିକ୍ତ ଜମି ଜମିରେ ଏକାଧିକ କ୍ଷୁଦ୍ର ପ୍ରକଳ୍ପ ରହିବ। ରିକ୍ରିଏସନାଲ କ୍ଲବ ଓ କ୍ରୀଡ଼ା କେନ୍ଦ୍ର ୧୧.୭ ଏକରରେ ଯୁବବର୍ଗଙ୍କ ପାଇଁ କ୍ରୀଡ଼ା ଓ ଶାରୀରିକ କାର୍ଯ୍ୟକଳାପ ଭାବେ ରହିବ। ଦକ୍ଷତା ବିକାଶ କେନ୍ଦ୍ର ୭.୪ ଏକର ରହିଥିବାବେଳେ ସ୍ଥାନୀୟ ଯୁବକଙ୍କ ଦକ୍ଷତା ବୃଦ୍ଧି ଓ ରୋଜଗାର ସୁଯୋଗ ପ୍ରଦାନ କରିବ। ୨୦.୪ ଏକର ଖୋଲା ସ୍ଥାନରେ ବୃହତ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରହିଥିବାବେଳେ ଜିଲ୍ଲା ପାର୍କ (ସ୍ପେସାଲାଇଜଡ୍ ପାର୍କ) ପାଇଁ ୬ ଏକର ଯାହା ବିଶେଷ ବିନୋଦନ ଅଭିଜ୍ଞତାକୁ ଦର୍ଶାଇବ। ପର୍ଯ୍ୟଟନ ଆତିଥ୍ୟ କ୍ଷେତ୍ର ପାଇଁ ୬୦ ଏକର ରହିଥିବାବେଳେ ଏଥିରେ ହୋଟେଲ, ରିସର୍ଟ ଓ ପର୍ଯ୍ୟଟନ ସୁବିଧା ରହିବ। ସାମାଜିକ ଓ ସାଂସ୍କୃତିକ ହବ, ସାମୁଦାୟିକ ପାର୍କ ପାଇଁ ୨୩ ଏକର ସାମାଜିକ ମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିବ। ଜିଲ୍ଲା ପାର୍କ (ସେନ୍ସରୀ ପାର୍କ) ୭.୨ ଏକର ରହିଥିବାବେଳେ ସମସ୍ତ ବୟସର ଲୋକଙ୍କ ପାଇଁ ଅନୁଭୂତିମୂଳକ ବିନୋଦନ କେନ୍ଦ୍ର ପାଲଟିବ। ୧୫.୫ ଏକର ଖୋଲା ସ୍ଥାନରେ ଅନ୍ୟ ବ୍ୟବହାରିକ କ୍ଷେତ୍ରରେ ବ୍ୟବହାର ହେବ। ଏଥିସହ ହାଟ ଅଞ୍ଚଳ (ବାଣିଜ୍ୟିକ ହାଟ, ଦୋକାନ, ଟ୍ରକ ପାର୍କ) ୫.୬ ଏକର ସ୍ଥାନୀୟ ବ୍ୟବସାୟ ଓ ବଜାର ପାଇଁ ଉଦ୍ଦିଷ୍ଟ ରହିଛି। ଏହି ବିବିଧ ଭୂମି ବ୍ୟବହାର ପ୍ରକଳ୍ପକୁ ଏକ ବହୁମୁଖୀ ଉନ୍ନୟନ ଯୋଜନା ଭାବେ ଗଢ଼ି ତୋଳିବ। ଯେଉଁଥିରେ ପର୍ଯ୍ୟଟନ, ଶିକ୍ଷା, କ୍ରୀଡ଼ା ଓ ବାଣିଜ୍ୟ ମିଶି ସ୍ଥାନୀୟ ଅର୍ଥନୀତିକୁ ଶକ୍ତିଶାଳୀ କରିବ।

ପ୍ରଥମ ପର୍ଯ୍ୟାୟ ପାଇଁ ୨୩୦ କୋଟି ଟଙ୍କା ବଜେଟ ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ବିନିଯୋଗରେ ଉନ୍ନୟନ, ପ୍ରବେଶ ଦ୍ୱାର ଓ ଘାଟ, ଆମ୍ଫିଥିଏଟର, ଟ୍ରାକ୍, କ୍ରୀଡ଼ା ଜୋନ ଆଦି ସ୍ଥାନୀୟ ଜନସାଧାରଣଙ୍କ ପାଇଁ ମନୋରଞ୍ଜନ ଓ ସୁସ୍ଥତା ପ୍ରୋତ୍ସାହନ ଦେବାକୁ ରହିଥିଲା। ପ୍ରକଳ୍ପର ତଦାରଖ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ନିରୀକ୍ଷଣ କମିଟି ଗଠନ କରାଯାଇଥିଲା। ଏଥିରେ ଜିଲ୍ଲା ନଗର ଉନ୍ନୟନ ପ୍ରାଧିକାରୀ, ଜଳସମ୍ପଦ ବିଭାଗ, ୱାଟକୋ, ପିଡବ୍ଲୁଡି, ପର୍ଯ୍ୟଟନ ବିଭାଗ, କ୍ରୀଡ଼ା ଓ ଯୁବ ସଂସ୍କୃତି ବିଭାଗ, ବିଦ୍ୟୁତ ବିଭାଗ, ପୌରସଂସ୍ଥା (ସଦସ୍ୟ ସଂଯୋଜକ) ଅନ୍ତର୍ଭୁକ୍ତ ରହିଛି। କାର୍ଯ୍ୟ ଆରମ୍ଭ ପାଇଁ ୬ ମାସ ମଧ୍ୟରେ ଡିପିଆର ପ୍ରସ୍ତୁତ ଓ ଅନୁମୋଦନ କରାଯାଇ ଅଂଶୀଦାରଙ୍କ ସହ ପରାମର୍ଶ କରାଯିବାର ଥିଲା। ପ୍ରାଥମିକ ସର୍ଭେ ଓ ତଦନ୍ତ ପାଇଁ ୩ ମାସରେ ଫଟୋଗ୍ରାଫିକାଲ ସର୍ଭେ, ବାଲିମେଟ୍ରି ଅଧ୍ୟୟନ ଓ ଜିଓଟେକ୍ନିକାଲ ତଦନ୍ତ ହେବାର ଥିଲା। ୬ ମାସ ମଧ୍ୟରେ ଡିପିଆର ପ୍ରସ୍ତୁତି ଓ ଅଂଶୀଦାର ପରାମର୍ଶ ସହିତ ଯୋଜନା ଓ ଅନୁମୋଦନ ହେବା ପରେ ପରବର୍ତ୍ତୀ ୨ ମାସ ମଧ୍ୟରେ ନିର୍ମାଣ ପାଇଁ ଠିକାଦାର ନିଯୁକ୍ତି ହୋଇଥା'ନ୍ତେ। ପରନ୍ତୁ ୬ ମାସରେ କାର୍ଯ୍ୟର ଅଗ୍ରଗତି ଝୁଣ୍ଟି ପଡ଼ିଛି। ଏଣୁ ଉପରୋକ୍ତ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ମନ୍ତ୍ରୀଙ୍କ ହସ୍ତକ୍ଷେପ ପାଇଁ ବାରିପଦାବାସୀ ଦାବି କରୁଛନ୍ତି।

## ଦୃଷ୍ଟିବାଧିତ ବୃଦ୍ଧାଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା



ଶୁଳିଆପଦା, ୭।୫(ସମିସ): ଶୁଳିଆପଦା ବ୍ଲକ ଝାଲିଆମରା ପଞ୍ଚାୟତ ଅଧୀନ କମାରପାଳ ଗ୍ରାମର ଜଣେ ଆଦିବାସୀ ପରିବାର ଏବେ ଦୁର୍ଦ୍ଦଶାଘେରରେ। ପରିବାରର ବୃଦ୍ଧା ମାଆ ଦୃଷ୍ଟିହୀନ ହୋଇଥିଲେ ମଧ୍ୟ ତାଙ୍କ ଆଧାର କାର୍ଡରେ ଜନ୍ମ ତାରିଖ ଭୁଲ ଥିବା କାରଣରୁ ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇ ରହିଛନ୍ତି। କେବଳ ସେତିକି ନୁହେଁ, ମୁଣ୍ଡ ଗୁଞ୍ଜିବା ପାଇଁ ଖଣ୍ଡେ ସରକାରୀ ଘର ମଧ୍ୟ ଏହି ପରିବାରକୁ ଏଯାଏଁ ମିଳିପାରିନାହିଁ। ଏବେ ଏହି ପରିବାର ଏକ ଭଙ୍ଗା କୁଡ଼ିଆରେ ଅତି କଷ୍ଟରେ ଦିନ କାଟୁଛନ୍ତି। ଘରର ବୃଦ୍ଧ ପିତାଙ୍କୁ ମିଳୁଥିବା ସ୍ୱଳ୍ପ ଭତ୍ତା ଟଙ୍କାରେ ପୂରା ପରିବାର ଚଳିବା ଅସମ୍ଭବ ହୋଇପଡୁଛି। ଘରେ ରୋଜଗାର କହିଲେ ମାତ୍ର ଜଣେ ପୁଅ। ଯିଏ ଦିନ ମଜୁରିଆ ଭାବେ କାମ କରି ସମସ୍ତଙ୍କ ବୋଝ ମୁଣ୍ଡାଉଛନ୍ତି। ଏଥିସହ ଘରେ ଦୁଇଜଣ ଅବିବାହିତ ଝିଅ ମଧ୍ୟ ଅଛନ୍ତି। ଯାହାଙ୍କ ଦାୟିତ୍ୱ ଓ ଭବିଷ୍ୟତ ଏହି ଗରିବ ପରିବାର ପାଇଁ ଏବେ ବଡ଼ ଚିନ୍ତାର ବିଷୟ ପାଲଟିଛି। ଦୃଷ୍ଟିବାଧିତ ବୃଦ୍ଧାଙ୍କୁ ତୁରନ୍ତ ବାର୍ଦ୍ଧକ୍ୟ ଭତ୍ତା ଓ ପ୍ରଧାନମନ୍ତ୍ରୀ ଯୋଜନାରେ ପକ୍କା ଘର ଦିଆଗଲେ, ଏହି ଆଦିବାସୀ ପରିବାରର ଦୁଃଖ କିଛିକାଂଶରେ ଲାଘବ ହୋଇପାରନ୍ତା। କେବଳ କାଗଜପତ୍ରରେ ଭୁଲ ପାଇଁ ଜଣେ ଦୃଷ୍ଟିହୀନ ବୃଦ୍ଧାଙ୍କୁ ତାଙ୍କ ହକରୁ ବଞ୍ଚିତ କରିବା ପ୍ରଶାସନର ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ଲକ ପ୍ରସାଶନ ତୁରନ୍ତ ପଦକ୍ଷେପ ନେବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି।

## ରରୁଆଁ ପ୍ରିମିୟର ଲିଗ୍ ଉଦ୍‌ଯାପିତ



ଶୁକୁଳି, ୭।୫(ସମିସ): ରରୁଆଁ ପାୱାର ଷ୍ଟ୍ରାଇକ କ୍ଲବ ପକ୍ଷରୁ ଆୟୋଜିତ ରରୁଆଁ ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକିଶୋର ନାୟକ, ରରୁଆଁ ଥାନା ଆଇଆଇସି ଅନାଦି ଚରଣ ପଟ୍ଟାୟତ, ବ୍ଲକ ଅଧ୍ୟକ୍ଷ ଅଜିତ କୁମାର ତିରିୟା, ସରପଞ୍ଚ ଝୁନାରାଣୀ ପିଙ୍ଗୁଆ, ସମିତି ସଭ୍ୟ ଜୟସିଂ ପୂର୍ତ୍ତି, ସମାଜସେବୀ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ରରୁଆଁ ବ୍ଲକର ପାଞ୍ଚଟି ଟିମ ଓ ଶୁକୁଳି ବ୍ଲକର ତିନୋଟି ଟିମ୍ ଅଂଶଗ୍ରହଣ କରିଥିଲେ। ଗତକାଲି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲ୍ ମ୍ୟାଚ୍‌ରେ ଡାଇନାମିକ ଡେୟାରଡେଭିଲ ଦଳ ସିଟି ମାର୍ଟ ଟିମକୁ ହରାଇ ଚାମ୍ପିଅନ୍ ହୋଇଥିଲା। ଚାମ୍ପିଅନ ଦଳକୁ ଟ୍ରଫି ସହ ନଗଦ ୬୦, ୦୦୦ ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହିତ ୪୦, ୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଚକ୍ରଧର ନାୟକ, ମ୍ୟାନ ଅଫ ଦି ସିରିଜ ଆଶୀଷ କୁମାର ନାୟକ ବିବେଚିତ ହୋଇଥିଲେ। ଜୟପ୍ରକାଶ ରାଉତ ଓ ସମୀର ସେଠୀ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର ରାଉତ, ସମିତି ସଭ୍ୟା ରଶ୍ମିରେଖା ମହାନ୍ତ, ଜୟସିଂ ପୂର୍ତ୍ତି, ପୂର୍ବତନ ବାୟୁସେନା ଅଧିକାରୀ ଉପେନ୍ଦ୍ର ମହାନ୍ତ, ସମାଜସେବୀ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ନିହାର ରଞ୍ଜନ ନାଏକ ଖେଳ ପରିଚାଳନା ସହିତ ମଞ୍ଚ ପରିଚାଳନା କରିଥିଲେ।

## ବାରିପଦା ପୌରପାଳିକା ପକ୍ଷରୁ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୭।୫(ସମିସ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବାରିପଦାର ତୁଳସୀଚୌରାସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ପାର୍ଥସାରଥୀ ମହାନ୍ତ ରାଜ୍ୟ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ଯାହାକୁ ନେଇ ବାରିପଦା ପୌରପାଳିକା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗୁରୁବାର ବାରିପଦା ପୌରପାଳିକା ସମ୍ମିଳନୀ କକ୍ଷରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପନଗରପାଳ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ସାମ୍ବାଦିକ ବିଜୟ ଅଗ୍ରୱାଲ ଓ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ ପାର୍ଥସାରଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ପାର୍ଥସାରଥୀ ମାଟ୍ରିକ ପରୀକ୍ଷାରେ ୬୦୦ ମାର୍କରୁ ୫୮୮ ନମ୍ବର ରଖି ରାଜ୍ୟ ଟପ୍ପର ହୋଇଛନ୍ତି। ବାରିପଦା ପୌରପାଳିକା ଅନ୍ତର୍ଗତ ମଧୁବନ ଅଞ୍ଚଳର ନିବାସୀ ପିତା ଗଣେଶ ମହାନ୍ତ ଓ ମାତା ସାବିତ୍ରୀ ମହାନ୍ତଙ୍କ ପାର୍ଥସାରଥୀ ପୁତ୍ର ଅଟନ୍ତି। ବାପା ଜଣେ ପାଣି ପାଇପ ମିସ୍ତ୍ରୀ ହୋଇଥିବାବେଳେ ମାଆ ଜଣେ ଆଶା କର୍ମୀ। ପାର୍ଥସାରଥୀ ଅଭାବ ଓ ଅନଟନ ମଧ୍ୟରେ ନିଜର ଅଦମ୍ୟ ସାଧନା କରି ସମାଜରେ ପରାକାଷ୍ଠା ପ୍ରତିପାଦନ କରିଛନ୍ତି। ଯାହାକି ଅନ୍ୟମାନଙ୍କ ନିମନ୍ତେ ସଦା ଉଦାହରଣ ହେବ। ପ୍ରାୟ ୫ ଦଶନ୍ଧି ପରେ ବାରିପଦା ସହର ଛାତ୍ର ମାଟ୍ରିକ ପରୀକ୍ଷାରେ ରାଜ୍ୟ ଟପ୍ପର ହୋଇଛନ୍ତି। ଯାହାକି ଆମ୍ଭମାନଙ୍କ ନିମନ୍ତେ ଗର୍ବ ଓ ଗୌରବ ଅଟେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପାର୍ଥସାରଥୀଙ୍କ ଶିକ୍ଷା ପ୍ରତି ବେଶ ଆଗ୍ରହ ଥିବାବେଳେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ପାଇଁ ବହୁ ପରିଶ୍ରମ କରିଥିଲେ। ତାଙ୍କ ପରିଶ୍ରମର ସେ ଫଳ ପାଇବା ସହ ରାଜ୍ୟର ଟପ୍ପର ହୋଇଛନ୍ତି। ୯୮ ପ୍ରତିଶତ ମାର୍କ ରଖିଥିବାବେଳେ ସଂସ୍କୃତ ଓ ଗଣିତରେ ସମ୍ପୂର୍ଣ୍ଣ ୧୦୦ ନମ୍ବର ରଖିଛନ୍ତି। ମାନବ ସେବା ହିଁ ମାଧବ ସେବା ଅଟେ, ତେଣୁ ଭବିଷ୍ୟତରେ ଜନସେବା ନିମନ୍ତେ ବ୍ରତୀ ହେବାକୁ ଇଚ୍ଛା ପ୍ରକଟ କରିଛନ୍ତି। ପ୍ରଶାସନିକ ସେବା ଅଧିକାରୀ ହୋଇ ଲୋକଙ୍କ ସେବା କରିବା ନେଇ ପାର୍ଥସାରଥୀଙ୍କ ଭବିଷ୍ୟତ ଲକ୍ଷ୍ୟ ରହିଛି ବୋଲି ମତ ପ୍ରକାଶ କରିଛନ୍ତି। ତେବେ ସଫଳ ହେବାକୁ ହେଲେ ମନ ଏକାଗ୍ର କରି କାର୍ଯ୍ୟ କଲେ ସଫଳତା ନିଶ୍ଚିତ ହାସଲ ହେବ। ଯାହାର ଜ୍ୱଳନ୍ତ ଉଦାହରଣ ପାର୍ଥସାରଥୀ ଅଟନ୍ତି ବୋଲି ଉପସ୍ଥିତ ବିଭିନ୍ନ ସଙ୍ଗଠନ ପକ୍ଷରୁ ମତପ୍ରକାଶ କରାଯାଇଥିଲା। ଉପସ୍ଥିତ ସମସ୍ତେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ନେଇ ପ୍ରଭୁଙ୍କ ନିକଟରେ କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଶ୍ରୁତି ଅନୁଷ୍ଠାନର ସଭାପତି ଡ଼ ପାର୍ଥସାରଥୀ ଜେନା, ମୟୂରଭଞ୍ଜ ସିଟିଜେନ ଫୋରମ ସମ୍ପାଦକ ଶ୍ୟାମ ସୁନ୍ଦର ଦାସ, ମୟୂରଭଞ୍ଜ ସାହିତ୍ୟ ପରିଷଦ ସଭାପତି ପଦ୍ମନାଭ ସାହୁ, ବଳାଙ୍ଗୀ ମହୋତ୍ସବ ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ, ବାସ୍ତବ ଅନୁଷ୍ଠାନର ଶାନ୍ତନୁ ପାଢ଼ୀ, ମଧୁବନ ଉନ୍ନୟନ ପରିଷଦ ସଭାପତି ରଘୁନାଥ ପଣ୍ଡା, ଦେଉଳସାହି କୁମାର ଉତ୍ସବ ସମିତି କୁମାରେଶ ପଣ୍ଡା, ରୋଟାରୀ କ୍ଲବ ପକ୍ଷରୁ ତିମିରିକାନ୍ତ ଘୋଷ, ବିଶିଷ୍ଟ ଭାଗବତ ପ୍ରଚାରକ ଭାଗବତ ପଣ୍ଡା ସମେତ ବାରିପଦା ସହରର ଅନ୍ୟାନ୍ୟ ସଙ୍ଗଠନ, ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଶେଷରେ ନଗରପାଳ ଶ୍ରୀ ମହାନ୍ତି ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ଦାବି



ବଡ଼ସାହି, ୭।୫(ସମିସ): ବଡ଼ସାହି ବ୍ଲକ ଅଧୀନ କେନ୍ଦୁଡିହା ପଞ୍ଚାୟତର ଚକ୍ରଧରପୁର ଗ୍ରାମରେ ଥିବା ଗୋଡିପୋଖରୀ ଓ ରାଧାକୃଷ୍ଣ ମଣ୍ଡପ ପଡ଼ିଆ ମଧ୍ୟରେ ବିଦ୍ୟୁତ ଖୁଣ୍ଟ ରହିଛି। ଫଳରେ ଏହା ପୋଖରୀ ଓ ପଡ଼ିଆ କାର୍ଯ୍ୟରେ ଏହା ପ୍ରତିବନ୍ଧକ ସୃଷ୍ଟି କରୁଛି। ଉଭୟ ପ୍ରକଳ୍ପ ସରକାରଙ୍କ ମନରେଗା ଯୋଜନାରେ ଅନୁମୋଦନ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର ହୋଇପାରୁ ନ ଥିବାରୁ ଏହା ଉଭୟ କାମରେ ବାଧକ ସାଜିଛି। ଫଳରେ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିଥିବାବେଳେ ଗ୍ରାମବାସୀ ଓ ସରପଞ୍ଚଙ୍କ ପକ୍ଷରୁ ଲିଖିତ ଅଭିଯୋଗ ମାଧ୍ୟମରେ ମାଣତ୍ରୀ ସେକ୍ସନ ବିଦ୍ୟୁତ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏପରିକି ଟିପିଏନଓଡିଏଲ, ଏନର୍ଜି ଓଡ଼ିଶା ଓ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ମଧ୍ୟ ଟୁଇଟ୍ କରାଯାଇଥିବା ଜଣାଯାଇଛି। ମାତ୍ର ଦୀର୍ଘଦିନ ପରେ କୌଣସି ସୁଫଳ ମିଳି ନ ଥିବାବେଳେ ଅସନ୍ତୋଷ ମୁଣ୍ଡ ଟେକିଛି। ଏପରିକି ସମ୍ପୃକ୍ତ ବିଭାଗ ଘଟଣାସ୍ଥଳକୁ ଯାଇ ତଦାରଖ କରି ନ ଥିବାବେଳେ କେବେ ଖୁଣ୍ଟ ସ୍ଥାନାନ୍ତର ହେବ ଓ କାମ କେବେ ଆଗକୁ ବଢ଼ିବ ଏହାକୁ ନେଇ ପ୍ରଶ୍ନ ଉଠିଛି। ଆଗକୁ ଜୁନରେ ବର୍ଷା ଦିନ ଆସୁଥିବାରୁ ମନରେଗା କାମ ବନ୍ଦ ହେବା ନେଇ ବିଭାଗୀୟ ନିର୍ଦ୍ଦେଶ ରହିଛି। ରାଧାକୃଷ୍ଣ ମଣ୍ଡପ ପଡ଼ିଆ ମଝିରେ ଖୁଣ୍ଟ ଥିବାରୁ ତାହା ଗ୍ରାମରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅସୁବିଧା ସୃଷ୍ଟି କରୁଛି। ତେଣୁ ଗ୍ରାମବାସୀଙ୍କ ଦାବିକୁ ନେଇ ପଞ୍ଚାୟତ ପକ୍ଷରୁ ଯଦିଓ ଏହି ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ତାହା ସମ୍ପାଦନ ହୋଇପାରୁନାହିଁ। ସେହିପରି ପୋଖରୀ ଖନନରେ ମଧ୍ୟ ପୋଖରୀ ମଝିରେ ଏକ ଖୁଣ୍ଟ ରହିଥିବାରୁ କାର୍ଯ୍ୟରେ ବାଧା ସୃଷ୍ଟ ହେବା ସହିତ ପୋଖରୀରେ ପାଣି ହୋଇଗଲେ ତାହା ଜନସାଧାରଣଙ୍କ ପାଇଁ ବିପଦ ସୃଷ୍ଟି କରି ପରେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ ଏହାକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି।

## ରାଇରଙ୍ଗପୁର ବିଧାୟକ ଓ ମହିଳାଙ୍କ ବିବାଦ ଘଟଣା

# ସପ୍ତାହେ ପୂରିଲା, କାର୍ଯ୍ୟାନୁଷ୍ଠାନ ଶୂନ୍

ରାଇରଙ୍ଗପୁର, ୭।୫(ସମିସ): ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଓ ଜଣେ ମହିଳାଙ୍କ ବିବାଦ ଘଟଣାକୁ ଏକ ସପ୍ତାହ ପୂରଣ ହୋଇଛି। କିନ୍ତୁ ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ଗତ ମଙ୍ଗଳବାର ବିଧାୟକ ଓ ମହିଳା ବିବାଦ ଆରମ୍ଭ ହୋଇଥିଲା। ଯାହାକୁ ନେଇ ମହିଳା ଆରତୀ ଲେଙ୍କା ତିରିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସପ୍ତାହେ ବିତିଯାଇଥିଲେ ସୁଦ୍ଧା ମାମଲା ରୁଜୁ ନ ହୋଇ କେବଳ ଷ୍ଟେସନ ଡାଏରୀରେ ସୀମିତ ହୋଇ ରହିଛି। ମହିଳା ନ୍ୟାୟ ପାଇ ନ ଥିବାବେଳେ ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବାରେ ବିଜେପି ସରକାର ବିଫଳ ହୋଇଛନ୍ତି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

- **ବିଧାୟକଙ୍କ ବିରୋଧରେ ରୁଜୁ ହେଲାନି ମାମଲା**
- **ଥାନାରେ ଷ୍ଟେସନ ଡାଏରୀରେ ମାମଲା ସୀମିତ**

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଲେଙ୍କାଙ୍କୁ ବିଧାୟକ ଶ୍ରୀ ନାଏକ ଗତ ୩୨ ବର୍ଷ ହେବ ଆର୍ଥିକ ଶୋଷଣ କରିବା ସହ ମାନସିକ ନିର୍ଯାତନା ଦେଉଛନ୍ତି। ଉକ୍ତ ଘଟଣା ନେଇ ମହିଳା ଜଣକ ଗତ ମଙ୍ଗଳବାର ମହିଳା ଓ ବିଧାୟକ ମଧ୍ୟରେ ବିବାଦ ହୋଇଥିଲା। ତିରିଂ ଥାନା ଅନ୍ତର୍ଗତ ରତନସାହିରେ ବିଧାୟକଙ୍କୁ ପାଇ ଯୁକ୍ତିତର୍କ ହୋଇଥିଲା। ଟଣାଓଟରା କରିବା ସହ ବିଧାୟକଙ୍କ ଗାଡ଼ି କାଚକୁ ମହିଳା ଜଣକ ପଥର ମାରି ଭାଙ୍ଗି ଦେଇଥିଲେ। ପରେ ତିରିଂ ଥାନାରେ ବିଧାୟକଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ। ଯାହାକୁ ପୋଲିସ ଷ୍ଟେସନ ଡାଏରୀ କରି ତଦନ୍ତ ଜାରି ରଖିଥିଲେ। ଏହାକୁ ନେଇ ମହିଳାଙ୍କ ଘରକୁ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଯାଇ ଆଲୋଚନା କରିଥିଲେ। ଦୀର୍ଘ ୩୨ ବର୍ଷ ଧରି ବିଧାୟକଙ୍କ ସହ ମହିଳାଙ୍କ ସମ୍ପର୍କ ରହିଥିଲା। ଆର୍ଥିକ ସହାୟତା ନେବା ସହ ତାଙ୍କୁ ମାନସିକ ଶୋଷଣ କରୁଥିଲେ। ତାଙ୍କୁ ବିବାହ କରିବା ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି ବୋଲି ସଙ୍ଗୀନ ଅଭିଯୋଗ କରିଛନ୍ତି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଲେଙ୍କାଙ୍କ ସମେତ ପ୍ରାୟ ୩୨ ବର୍ଷରୁ ଊର୍ଦ୍ଧ୍ୱ ହେବ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କ ତାଙ୍କ ସହିତ ସମ୍ପର୍କ ରହିଥିବା କଥା ସମ୍ପୃକ୍ତ ମହିଳା କହିଛନ୍ତି। ବିଧାୟକ ଶ୍ରୀ ନାଏକ ପୂର୍ବରୁ ୨ଥର ଜିଲ୍ଲା ପରିଷଦ ସଦସ୍ୟ ଓ ବିଧାୟକ ନିର୍ବାଚନ ସମୟରେ ଅନେକ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିଲେ ବୋଲି କହିଛନ୍ତି। ନିଜ ଦରମା ଟଙ୍କାରୁ ତାଙ୍କୁ କାର୍ ଓ ବାଇକ ଆଦି ମଧ୍ୟ କିଣି ଦେଇଥିବା ସେ କହିଛନ୍ତି। ସେ ବର୍ତ୍ତମାନ ବିଧାୟକ ହେବା ପରେ ତାଙ୍କୁ ଆର୍ଥିକ ଶୋଷଣ କରି ସମସ୍ତ ସମ୍ପର୍କ ଛିନ କରିଛନ୍ତି।




ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଯାଇଥିବା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମକୁ ଘଟଣା ବାବଦରେ ସେ କହିଥିଲେ। ଏ ସମୟରେ ମହିଳାଙ୍କ ସାନ ଭାଇ ଅଭିରାମ ଲେଙ୍କା ବିଧାୟକ ଶ୍ରୀ ନାଏକଙ୍କ ପ୍ରରୋଚନାରେ ଅତର୍କିତ ଭାବେ ସେଠାରେ ଉପସ୍ଥିତ ହୋଇ ଆକ୍ରମଣ କରିଥିଲେ। ମହିଳାଙ୍କୁ ଆକ୍ରମଣ କରିବାରୁ ସେ କିଛି ସମୟ ପାଇଁ ମୂର୍ଚ୍ଛା ହୋଇଯାଇଥିଲେ। ମହିଳାଙ୍କ ଭାଇକୁ ହାତବାରିସି କରି ମାମଲା ରଫାଦଫା କରିବାକୁ ବିଧାୟକ ଶ୍ରୀ ନାଏକ ପ୍ରୟାସ କରୁଛନ୍ତି ବୋଲି ସମ୍ପୃକ୍ତ ମହିଳା ଅଭିଯୋଗ କରିଛନ୍ତି। ଭାଇ ଅଭିରାମ ଲେଙ୍କା ମହିଳାଙ୍କୁ ଜୀବନରୁ ମାରିଦେବେ ବୋଲି ସର୍ବସମ୍ମୁଖରେ ଧମକ ଦେଇଥିଲେ। ପୁଲିସ କେତେ ଦିନ ସୁରକ୍ଷା ଦେବ, ମୁଁ ତୋତେ ଜୀବନରୁ ମାରିଦେବି ବୋଲି କହିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଟଙ୍କା ଫେରସ୍ତ ନ ଦେବାକୁ ବିଧାୟକ ଶ୍ରୀ ନାଏକ ତାଙ୍କୁ ଗୁଣ୍ଡା ସଜାଇ ପଠାଇଛନ୍ତି। ମହିଳାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତିରିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ତିରିଂ ଥାନାରେ ଉକ୍ତ ମାମଲା ରୁଜୁ କରାଯାଇଛି। ବିଜେଡି ଟିମ ଏସପିଙ୍କୁ ଜଣାଇବା ପରେ ପୁଲିସ ଅଭିରାମ ଲେଙ୍କାଙ୍କୁ ଗିରଫ କରି ତିରିଂ ଥାନାକୁ ନେଇଥିଲେ। କିନ୍ତୁ ସର୍ବସମ୍ମୁଖରେ ମରଣାନ୍ତକ ଆକ୍ରମଣ ଓ ଜୀବନରୁ ମାରିଦେବାକୁ ଧମକ ଦେବା ସତ୍ତ୍ୱେ ପୁଲିସ ଗିରଫ କରି କୋର୍ଟ ଚାଲାଣ କଲାନାହିଁ। ତାଙ୍କୁ ପୁଲିସ ଥାନାରୁ ଉକ୍ତ ଦିନ ରାତିରେ ଜାମିନରେ ଛାଡି ଦେଇଥିଲା। ପୂର୍ବରୁ ଆରତୀ ଲେଙ୍କାଙ୍କ ବିଧାୟକ ଶ୍ରୀ ନାଏକଙ୍କ ବିରୁଦ୍ଧରେ ଦେଇଥିବା ଏତଲା କେବଳ ଷ୍ଟେସନ ଡାଏରୀ ହୋଇଥିବାବେଳେ କୌଣସି ମାମଲା ରୁଜୁ କରାଯାଇନାହିଁ। ତେବେ ବିଜେଡି ଘଟଣାରେ ସମ୍ପୃକ୍ତ ହେବାରୁ ଉକ୍ତ ଅଭିଯୋଗକୁ ନେଇ ମାମଲା ଦାଏର କରିଥିଲା। ମହିଳା ଜଣକ ନ୍ୟାୟ ପାଇଁ ନିବେଦନ କରୁଥିବାବେଳେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛି ପୁଲିସ। ଯାହାକୁ ଜନସାଧାରଣ ନିନ୍ଦା କରାଯାଇଛି। ଉକ୍ତ ଘଟଣା ପରଠାରୁ ସପ୍ତାହେ ହେବ ରାଇରଙ୍ଗପୁର ଅଞ୍ଚଳରେ ବିଧାୟକଙ୍କ କୌଣସି ଖୋଜ ଖବର ନାହିଁ। କିନ୍ତୁ ରାଷ୍ଟ୍ରପତିଙ୍କ ଅଞ୍ଚଳରେ ମହିଳା ଜଣକ ନ୍ୟାୟ ପାଇବାରେ ବିଫଳ ହୋଇଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବିଜେଡି ପକ୍ଷରୁ ସଭାପତି ଦେବାଶିଷ ମାର୍ଣ୍ଡି, କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ଶକ୍ତି ବିଭାଗର ପୂର୍ବତନ ଉପଦେଷ୍ଟା ଦୀପ୍ତିମାନ ବଳ, ପୌର ଉପାଧ୍ୟକ୍ଷା ମମିତା ଚୌଧୁରୀ, ସଭାନେତ୍ରୀ ତନୁଜା ମହାନ୍ତ ପ୍ରମୁଖ କହିଛନ୍ତି।





# ରୋଗୀ ମୃତ୍ୟୁକୁ ନେଇ ଘରୋଇ ହସ୍ପିଟାଲ୍‌ରେ ଉତ୍ତେଜନା

କଟକ, ୭ ।୫(ସମିସ)

ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ସିଲଭର ସିଟି ହସ୍ପିଟାଲରେ ରୋଗୀ ମୃତ୍ୟୁକୁ ନେଇ ଆଜି ଉତ୍ତେଜନା ଦେଖାଦେଇଥିଲା । ଚିକିତ୍ସା ଅବହେଳାକୁ ଦାୟୀ କରି ମୃତକଙ୍କ ପରିବାର ଲୋକେ ହସ୍ପିଟାଲ ପରିସରରେ ଜୋରଦାର ପାଟିତୁଣ୍ଡ କରିଥିଲେ ।

- ଚାଉଳିଆଗଞ୍ଜ ଥାନାରେ ମାମଲା
- ପୁଲିସର ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ

ପରିସ୍ଥିତି ଅଣାୟତ ହେବାରୁ ବରିଷ୍ଠ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଚାଉଳିଆଗଞ୍ଜ ଥାନା ପୁଲିସ ଏକ ମାମଲା ରୁଜୁ କରିଛି ।

ପୁଲିସ ସୂଚନା ଅନୁସାରେ, ସିଆରଆରଆଇ ଥାନା ଅନ୍ତର୍ଗତ ଭଦିମୂଳ ଗ୍ରାମର ପର୍ଶୁରାମ ଭୋଇ (୬୫) ଗତ ୯ ତାରିଖରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ଚାଉଳିଆଗଞ୍ଜ ସ୍ଥିତ ସିଲଭର ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ପରୀକ୍ଷାନିରୀକ୍ଷା ପରେ ତାଙ୍କର କିଡନୀରେ ସାମାନ୍ୟ ସମସ୍ୟା ଥିବା ଜଣାପଡ଼ିଥିଲା । ସେଠାରେ ପ୍ରାୟ ୧୦ ଦିନର ଚିକିତ୍ସା ପରେ ପର୍ଶୁରାମ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ନେଇ ଡାକ୍ତର କହିଥିଲେ । କିନ୍ତୁ ହସ୍ପିଟାଲ କର୍ତ୍ତୃପକ୍ଷ ପର୍ଶୁରାମଙ୍କୁ ଡିସଚାର୍ଜ କରିନଥିଲେ ବୋଲି ତାଙ୍କ ପୁଅ ଅନିଲ ଭୋଇ ଅଭିଯୋଗ କରିଛନ୍ତି । ଅନିଲଙ୍କ ଅଭିଯୋଗ ଅନୁସାରେ, ଉକ୍ତ ହସ୍ପିଟାଲରେ ଆୟୁଷ୍ମାନ ଭାରତ ଯୋଜନାରେ ବାପାଙ୍କ ଚିକିତ୍ସା



କରାଯାଉଥିଲା । ପ୍ରଥମେ ବାପାଙ୍କର ସେଭଳି କିଛି ଗୁରୁତର ରୋଗ ନଥିବା ଡାକ୍ତର କହିଥିଲେ । ଏହାପରେ ବି ବାପାଙ୍କୁ ଦୀର୍ଘ ଦିନ ଧରି ହସ୍ପିଟାଲରେ ରଖାଯାଇଥିଲା । ଏହି ସମୟରେ ବାପା ସମ୍ପୂର୍ଣ୍ଣ ସୁସ୍ଥ ଥିଲେ । ଏନେଇ ବାରମ୍ବାର କହିବା ସତ୍ତ୍ୱେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କ ବାପାଙ୍କୁ ଡିସଚାର୍ଜ କରିନଥିଲେ । ପରେ ବାପାଙ୍କର ଝାଡାବାନ୍ତି ହୋଇଥିଲା । ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ ଜଣାଇବାରୁ ସେମାନେ ଚିକିତ୍ସା ବାବଦରେ ସ୍ୱାସ୍ଥ୍ୟକାର୍ଡରୁ ୫ ଲକ୍ଷ ଟଙ୍କା ଶେଷ ହୋଇଯାଇଛି ଏବଂ ଅଧିକ ଚିକିତ୍ସା ପାଇଁ ନଗଦ ଟଙ୍କା ଜମା କରିବାକୁ କହିଥିଲେ । ଏହାପରେ ଅନିଲ ବହୁ କଷ୍ଟରେ ପ୍ରାୟ ଦେଢ ଲକ୍ଷ ଟଙ୍କା ଆଣି ହସ୍ପିଟାଲରେ ଜମା କରିଥିଲେ । କିନ୍ତୁ ଗତ ୬ ତାରିଖରେ ହସ୍ପିଟାଲ କର୍ତ୍ତୃପକ୍ଷ ହଠାତ କହିଲେକି, ତାଙ୍କ ବାପାଙ୍କ ଦେହ ବହୁତ ଖରାପ ହୋଇଯାଇଛି । ଏଠାରେ ଉନ୍ନତ ଚିକିତ୍ସା ସୁବିଧା ଉପଲବ୍ଧ ହେବନାହିଁ । ରୋଗୀଙ୍କୁ ତୁରନ୍ତ ଭୁବନେଶ୍ୱର ସ୍ଥିତ ଏକ ବେସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ । ତେବେ ସ୍ୱାସ୍ଥ୍ୟକାର୍ଡ କିମ୍ବା ପାଖରେ ନଗଦ ଟଙ୍କା ନଥିବାରୁ ଅନିଲ ସେହିଠାରେ ଚିକିତ୍ସା ଜାରି ରଖିବା ପାଇଁ ଅନୁରୋଧ କରିବା ପରେ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷ ଶୁଣିନଥିଲେ । ଶେଷରେ ଗୁରୁବାର ମଧ୍ୟାହ୍ନରେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କ ବାପା ପର୍ଶୁରାମଙ୍କ ଦେହାନ୍ତ ଘଟିଥିବା ଜଣାଇଥିଲେ । ଏହା ଶୁଣି ଅନିଲ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିଲେ । ହସ୍ପିଟାଲ କର୍ତ୍ତୃପକ୍ଷ ମୃତକଙ୍କ ପୂର୍ବରୁ କୌଣସି ଗୁରୁତର ରୋଗ ନଥିଲା ବେଳେ ପ୍ରଥମେ ସ୍ୱାସ୍ଥ୍ୟକାର୍ଡ ପରେ ନଗଦ ଟଙ୍କା ଲୁଟି ନେଇଥିଲେ । ଆଉ ସ୍ୱାସ୍ଥ୍ୟାବସ୍ଥା ବିଗିଡିବା ସମୟରେ ଡାକ୍ତର ଉପଯୁକ୍ତ ଚିକିତ୍ସା ନକରିବାରୁ ବାପାଙ୍କ ମୃତ୍ୟୁ ଘଟିଥିବା ଅନିଲ ଅଭିଯୋଗ ଆଣିଛନ୍ତି । ଏହି ସୂଚନା ପାଇ ତାଙ୍କ ପରିବାର ସଦସ୍ୟ ଓ ଅଞ୍ଚଳବାସୀ ଉକ୍ତ ହସ୍ପିଟାଲରେ ପାଟିତୁଣ୍ଡ କରିଥିଲେ । ଖବର ପାଇ ଚାଉଳିଆଗଞ୍ଜ ଥାନା ଅଧିକାରୀ ବିଯୁଟି ମହାନ୍ତି, ଜୋନ ଏସିପି ସୁଧାଂଶୁ ଭୂଷଣ ଜେନା ଘଟଣାସ୍ଥଳରେ ପହଞ୍ଚିଥିଲେ । ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ଏନେଇ ପୁଲିସ କେସ ନଂ ୨୨୫/୨୬ରେ ଏକ ମାମଲା ରୁଜୁ କରିଛି । ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

# ଓର୍‌ମାସ ପକ୍ଷରୁ ତରଭୁଜ ମେଳା

## ୧୫୦ ଟନ୍ ତରଭୁଜ ବିକ୍ରୟ, ୩୦ ଲକ୍ଷ ଟଙ୍କାର କାରବାର ଲକ୍ଷ୍ୟ



ଭୁବନେଶ୍ୱର, ୭ ।୫(ସମିସ): ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓରମାସ) ପକ୍ଷରୁ ସହିଦ ନଗର ଦୁର୍ଗାମଣ୍ଡପ ନିକଟରେ 'ସମର ଡିଲାଇଟ' ନାମକ ତରଭୁଜ ମେଳା ଗୁରୁବାର ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଉଦ୍‌ଘାଟନ କରିଛନ୍ତି । ଏହି ମେଳା ଗୁରୁବାର ଠାରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ଢେଙ୍କାନାଳ, ଅନୁଗୁଳ, ଖୋର୍ଦ୍ଧା, ମାଲକାନଗିରି, କେନ୍ଦୁଝର, କେନ୍ଦ୍ରାପଡ଼ା, ବୌଦ୍ଧ, ମୟୂରଭଞ୍ଜ, ସମ୍ବଲପୁର ଏବଂ ସୁନ୍ଦରଗଡ଼ ୧୦ ଟି ଜିଲ୍ଲାରୁ ପ୍ରାୟ ୧୫ଟି ଚାଷୀ ଉତ୍ପାଦକ ସଂଗଠନ ଯୋଗଦେଇଛନ୍ତି । ଏହି ପ୍ଲାଟଫର୍ମ ମାଧ୍ୟମରେ, ଚାଷୀମାନେ ସିଧାସଳଖ କର୍ପୋରେଟ୍ କ୍ରେତା, ସଂସ୍ଥାଗତ ଗ୍ରାହକ ଏବଂ ସାଧାରଣ ଲୋକଙ୍କ ସହିତ ସଂଯୋଗ ସ୍ଥାପନ କରି, ନିଜ ଉତ୍ପାଦ ଲାଗି ଉତ୍ତମ ମୂଲ୍ୟ ପାଇପାରିବେ ବୋଲି ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୋନିକା ପ୍ରିୟଦର୍ଶିନୀ ମତ ପ୍ରକାଶ କରିଛନ୍ତି । ପ୍ରାୟ ୧୫୦ ଟନ୍ ତରଭୁଜ ବିକ୍ରୟ ଲକ୍ଷ୍ୟ ରଖାଯାଇଥିବା ବେଳେ ବଲ୍କ ଟାଇ-ଅପ୍ ତଥା ଖୁଚୁରା ବିକ୍ରୟ ମାଧ୍ୟମରେ ପ୍ରାୟ ୩୦ ଲକ୍ଷ ଟଙ୍କାର କାରବାର ହେବାର ଆକଳନ କରାଯାଇଛି । ରାଜଧାନୀବାସୀଙ୍କ ପାଇଁ ମେଳାରେ ସତେଜ ତରଭୁଜ ସହ ତରଭୁଜ ରସ, କଟା ଫଳ, ମିଲ୍କଶେକ, ସରବତ ଓ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ମଧ୍ୟ ଉପଲବ୍ଧ ହେଉଛି । ଓରମାସ ପରିବାର ପକ୍ଷରୁ ସମସ୍ତ ରାଜଧାନୀବାସୀଙ୍କୁ ଏହି ମେଳା ପରିଦର୍ଶନ କରି ତାଜା ଓ ପ୍ରାକୃତିକ ଫଳର ସ୍ୱାଦ ଉପଭୋଗ କରିବାକୁ ଆମନ୍ତ୍ରଣ କରାଯାଇଛି ।

# ଓଡ଼ିଶା ରାଜ୍ୟ ଏମସି ଓ ଏପିଓ ସଂଘର ଆନ୍ଦୋଳନ




ଭୁବନେଶ୍ୱର, ୭ ।୫(ସମିସ): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅନ୍ତର୍ଗତ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ଏବଂ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଜିଲ୍ଲା ସଂଯୋଜକ (ଏମସି) ଭାବେ ଦୀର୍ଘ ୧୫ ବର୍ଷ ଧରି ସରକାରୀ କାର୍ଯ୍ୟକ୍ରମକୁ କରିଆସୁଥିବା ପରିପ୍ରେକ୍ଷୀରେ ବାରମ୍ବାର ଅନୁରୋଧ ସତ୍ତ୍ୱେ ସରକାର ଏହି ପଦବୀ ଗୁଡ଼ିକରେ ସ୍ଥାୟୀ ନିଯୁକ୍ତି ଦେଉନାହାନ୍ତି । ଆଜକୁ ଦୀର୍ଘ ୧୮ ଦିନ ଧରି ଲୋୟର ପିଏମ୍‌ଜିଠାରେ ବିଧାନସଭା ସମ୍ମୁଖରେ ସଂଘର ସମସ୍ତ ଜର୍ମକର୍ତ୍ତା ଆନ୍‌ଦୋଳନ ଜାରି ରଖିଛନ୍ତି । ସଙ୍ଘ ପକ୍ଷରୁ କୁହାଯାଇଛି ଯେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧନରେ ଆମ ସଂଘର ସମସ୍ତ ସଦସ୍ୟ ସରକାରଙ୍କର ପ୍ରତିଟି ସଫଳତା ପଛରେ ମୁଖ୍ୟ କାରିଗର ଭାବେ କାମ କରିଆସୁଅଛୁ । ମହାତ୍ମା ଗାନ୍ଧୀ ମନରେଗା କାର୍ଯ୍ୟର ପ୍ରତ୍ୟେକ ତତ୍ତ୍ୱାବଧାନ ସହିତ ଗରିବଙ୍କୁ ଭତ୍ତା ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଘର ବଣ୍ଟନ, ଗ୍ରାମସଭା ପରିଚାଳନା ଏବଂ ଭିନ୍ନକ୍ଷମଙ୍କ ପାଇଁ ସେବାକାର୍ଯ୍ୟ ଏମସି ଓ ଏପିଓ ମାନେ ନିଷ୍ଠାର ସହ କରିଆସୁଥିଲେ ମଧ ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରିବାରେ ଅକ୍ଷମ ହେଉଥିବାରୁ ସ୍ଥାୟୀ ନିଯୁକ୍ତି ପାଇଁ ସରକାରଙ୍କ ପାଖରେ ବିଭିନ୍ନ ସମୟରେ ନିଜର ଦାବି ଉପସ୍ଥାପନ କରିଆସୁଥିଲେ ବି ସରକାର କୌଣସି ପଦକ୍ଷେପ ନ ନେବା ବଡ଼ ଦୁଃଖର ବିଷୟ ବୋଲି ସଂଘର ସାଧାରଣ ସମ୍ପାଦକ ମାନସ ରଞ୍ଜନ କର ପ୍ରକାଶ କରିଛନ୍ତି । ସମାନ ବିଭାଗରେ କାର୍ଯ୍ୟରତ ଜିପିଟିଏ, ଜିଆରଏସ୍ ଏବଂ ସିପି ମାନଙ୍କୁ ବିଗତ ଦିନ ଗୁଡ଼ିକରେ ନିୟମିତ କରାଯାଇଥିବା ବେଳେ ଏମସି ଓ ଏପିଓ ମାନେ ସ୍ନାତକ ଡିଗ୍ରୀଧାରୀ କର୍ମଚାରୀ ହୋଇଥିଲେ ବି ସରକାର ଆମ୍ଭମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାରେ ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ବାଧ୍ୟହୋଇ ଆମ ସଂଘ ତରଫରୁ ଗତ ମାସ ୨୦ ତାରିଖ ଠାରୁ ଏବେ ପର୍ଯ୍ୟନ୍ତ ଦୀର୍ଘ ୧୮ ଦିନ ଧରି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଆସୁଅଛୁ । ନିଜର ସମ୍ମାନ ଏବଂ ନ୍ୟାୟ ପାଇଁ ସରକାରଙ୍କ ପାଖରେ ଗୁହାରି କରୁଅଛୁ ଯେ, ଆମକୁ ନିୟମିତ ନିଯୁକ୍ତି ଦେଇ ଆମ ଜୀବନର ଭବିଷ୍ୟତ ଅନ୍ଧକାର ଦୂର କରନ୍ତୁ ଏବଂ ସୁରକ୍ଷିତ ଜୀବନ ପ୍ରଦାନ କରନ୍ତୁ ।

# ସଚିବାଳୟକୁ ସ୍ଥାୟୀ ପ୍ରବେଶ ଅନୁମତି ଆବେଦନ ହାଇକୋର୍ଟରେ ଖାରଜ

କଟକ, ୭ ।୫(ସମିସ): ସଚିବାଳୟ ବା ଲୋକସେବା ଭବନକୁ ପ୍ରବେଶ ପାଇଁ ସ୍ଥାୟୀ ପାସ୍ ପ୍ରଦାନ କରିବାକୁ ନେଇ ଦାୟର ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି । ମାମଲାର ଶୁଣାଣି କରି ସ୍ଥାୟୀ ପାସ୍ ପାଇଁ ଆବେଦନକାରୀଙ୍କ ଦାବିକୁ ଜଷ୍ଟିସ ବି.ପି. ରାଉତରାୟ ଖାରଜ କରିଦେଇଛନ୍ତି । ମାମଲାରୁ ପ୍ରକାଶ ଯେ ଜଣେ ଉଦ୍ୟୋଗୀ ତଥା ଖଣି ଲିଜ୍‌ଧାରୀ ଏହି ମାମଲା ଦାୟର କରିଥିଲେ । ତାଙ୍କର ଯୁକ୍ତି ଥିଲା ଯେ ବ୍ୟବସାୟିକ କାର୍ଯ୍ୟ ପାଇଁ ତାଙ୍କୁ ବାରମ୍ବାର ଇସ୍ପାତ ଓ ଖଣି ବିଭାଗକୁ ଯିବାକୁ ପଡୁଛି । ୨୦୧୪ ମସିହାରୁ ତାଙ୍କୁ ସ୍ଥାୟୀ ପାସ୍ ମିଳୁଥିଲା, କିନ୍ତୁ କୋଭିଡ୍ ମହାମାରୀ ପରଠାରୁ ସୁରକ୍ଷା ଦୃଷ୍ଟିରୁ ଏହାକୁ ବନ୍ଦ କରିଦିଆଯାଇଥିଲା । ଏହା ପରେ ତାଙ୍କୁ ପାସ୍ ମିଳିନଥିଲା । ତେଣୁ, ସେ ପୁଣିଥରେ ସ୍ଥାୟୀ ପାସ୍ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ । ଅଦାଲତ ମାମଲା ଶୁଣାଣି କରି କହିଛନ୍ତି ଯେ ସଚିବାଳୟର ପ୍ରବେଶ ପ୍ରକ୍ରିୟା 'ଓଡ଼ିଶା ସଚିବାଳୟ ସୁରକ୍ଷା ନିୟମାବଳୀ, ୧୯୯୩' ଅନୁଯାୟୀ ପରିଚାଳିତ । ନିୟମାବଳୀର ଧାରା ୬୦ ଅନୁଯାୟୀ, ବେସରକାରୀ ବ୍ୟକ୍ତିବିଶେଷଙ୍କୁ ସ୍ଥାୟୀ ପାସ୍ କେବଳ ଅତ୍ୟନ୍ତ ଆବଶ୍ୟକସ୍ଥଳେ ଏବଂ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଦାନ କରାଯାଇପାରିବ । ଏହା କୌଣସି ନିୟମିତ ପ୍ରକ୍ରିୟା ନୁହେଁ । ସରକାର ଇ-ପ୍ରବେଶ ପୋର୍ଟାଲ ଜରିଆରେ ଅନଲାଇନ୍ ଭିଜିଟର୍ ପାସ୍ ସୁବିଧା କରିଛନ୍ତି ।

# ସିଡିଏ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ ଦାବି



## ସମର୍ଥନ ଜଣାଇଲା କଟକ ଜିଲ୍ଲା ବିଜେଡି

କଟକ, ୭।୫(ସମିସ): କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ଦାବି ଆଜି ଏକ ନୂଆ ମୋଡ଼ ନେଇଛି । ଅରୁଣୋଦୟ ନଗରସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଜାରି ରହିଥିବା ରିଲେ ଧାରଣା ଆଜି ୨୩ ଦିନରେ ପହଞ୍ଚିଥିବା ବେଳେ କଟକ ଜିଲ୍ଲା ବିଜୁ ଜନତା ଦଳ ଏହି ଆନ୍ଦୋଳନକୁ ନିଜର ପୂର୍ଣ୍ଣ ସମର୍ଥନ ଜଣାଇଛି । ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ କର୍ତ୍ତୃପକ୍ଷ ପେନସନ ପ୍ରଦାନ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି । ଏହା ଦ୍ୱାରା ପ୍ରାୟ ୭୦ ଜଣ ଅବସରପ୍ରାପ୍ତ କର୍ମଚାରୀ ନାନାଦି ଆର୍ଥିକ ଓ ମାନସିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆଜି ଧାରଣାସ୍ଥଳରେ ପହଞ୍ଚି କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ କହିଛନ୍ତି, 'ନ୍ୟାୟାଳୟଙ୍କ ଆଦେଶ ଥାଇ ସୁଦ୍ଧା ସରକାରୀ ସ୍ତରରେ ଏଭଳି ଅବହେଳା ଅତ୍ୟନ୍ତ ନିନ୍ଦନୀୟ । ଖୁବଶୀଘ୍ର ବିଜେଡିର ଏକ ପ୍ରତିନିଧି ଦଳ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟି ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇବେ । ଯଦି ସରକାର ସହୃଦୟତାର ସହ ଏହି ଦାବିକୁ ବିଚାର ନ କରନ୍ତି, ତେବେ ବିଜୁ ଜନତା ଦଳ କର୍ମଚାରୀଙ୍କ ହକ ପାଇଁ ଦୁର୍ବାର ଆନ୍ଦୋଳନ କରିବ' । ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ରାଜ୍ୟ ସମ୍ପାଦକ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଚିରଞ୍ଜୟ ସାହୁ, ତାପସ ମହାନ୍ତି, ନିମାଇଁ ବିଶ୍ୱାଳଙ୍କ ସମେତ ବହୁ ବରିଷ୍ଠ ନେତା ଓ ଅବସରପ୍ରାପ୍ତ କର୍ମଚାରୀ ବ୍ରଜ ସୁନ୍ଦର ରାଉତ, ଦିଲ୍ଲୀପ ପାତ୍ର, ଜଗନ୍ନାଥ ବେହେରା ଓ ଅନ୍ୟମାନେ ଧାରଣାରେ ଉପସ୍ଥିତ ଥିଲେ ।

● ବେଆଇନ ବାଲି ଚାଲାଣ

# ବିନା ଫିଂ'ରେ ଜବତ ଗାଡ଼ି ଛାଡ଼ିବା ଆବେଦନ ଖାରଜ

କଟକ, ୭।୫(ସମିସ): ଓଡ଼ିଶା ହାଇକୋର୍ଟ ବେଆଇନ ବାଲି ଚାଲାଣ ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ବେଆଇନ ଭାବେ ବାଲି ପରିବହନ କରୁଥିବା ଅଭିଯୋଗରେ ଜବତ ହୋଇଥିବା ଗାଡ଼ିକୁ ବିନା କମ୍ପାଉଣ୍ଡିଂ ଫି ପୈଠରେ ଛାଡ଼ିବାକୁ ହାଇକୋର୍ଟ ମନା କରିଦେଇଛନ୍ତି । ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଏକକ ଖଣ୍ଡପୀଠ ବିଶ୍ୱଜିତ ସାହୁଙ୍କ ତରଫରୁ ଦାୟର ଏକ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟ କହିଛନ୍ତି ଯେ ଓଡ଼ିଶା ଲଘୁ ଖଣିଜ ରିହାତି ନିୟମାବଳୀର ଧାରା ୫୧(୧)(ସିସି) ଅନୁଯାୟୀ ଜଣେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ବେଆଇନ ବାଲି ପରିବହନ ଅଭିଯୋଗରେ ଗାଡ଼ି ଜବତ କରିବା ସମ୍ପୂର୍ଣ୍ଣ ଆଇନସମ୍ମତ । ଏହାକୁ ବେଆଇନ କିମ୍ବା ଅନଧିକୃତ କୁହାଯାଇପାରିବ ନାହିଁ । ଆବେଦନକାରୀ ଯଦି ଗାଡ଼ି ଛାଡ଼ିବାକୁ ଚାହୁଁଛନ୍ତି, ତେବେ ତାଙ୍କୁ ଧାର୍ଯ୍ୟ ଜରିମାନା ପୈଠ କରିବାକୁ ପଡ଼ିବ । ମାମଲାରୁ ପ୍ରକାଶ ଯେ, ଗତ୨୦୨୫ ନଭେମ୍ବର ୨୭-୨୮ ତାରିଖ ବିଳମ୍ବିତ ରାତିରେ କଟକ ଜିଲ୍ଲା ବାଙ୍କୀ ଥାନା ଅଧୀନରେ ଥିବା ସୁବର୍ଣ୍ଣପୁର ବିଟ୍ ହାଉସ ପକ୍ଷରୁ ବେଆଇନ ବାଲି ଚାଲାଣ ଅଭିଯୋଗରେ ଆବେଦନକାରୀଙ୍କ ଟିପର ଗାଡ଼ିକୁ ଜବତ କରାଯାଇଥିଲା । ପରବର୍ତ୍ତୀ ସମୟରେ ଖଣି ବିଭାଗ ପକ୍ଷରୁ ପ୍ରାୟ ୪, ୦୫, ୩୨୬ ଟଙ୍କାର କମ୍ପାଉଣ୍ଡିଂ ଫି, ପରିବେଶ କ୍ଷତିପୂରଣ ଓ ଖଣିଜ ପଦାର୍ଥର ମୂଲ୍ୟ ପୈଠ କରିବାକୁ ନୋଟିସ ଦିଆଯାଇଥିଲା । ଆବେଦନକାରୀ ଖଣି ବିଭାଗର କମ୍ପାଉଣ୍ଡିଂ ଫି ପୈଠ ନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିବା ସହ ଆବେଦନକୁ ଖାରଜ କରିଛନ୍ତି ।

## ସହରକୁ ଜୁଆଡ଼ିମୁକ୍ତ କରିବାକୁ ସ୍ୱତନ୍ତ୍ର ଅପରେସନ୍

# ଜୁଆଆଡ୍ଡା ଉପରେ ଚଢ଼ଉ; ୧୩ ଗିରଫ

କଟକ, ୭ ।୫(ସମିସ)

ସହରକୁ ସମ୍ପୂର୍ଣ୍ଣ ଭାବେ ଜୁଆଡିମୁକ୍ତ କରିବାକୁ ପୁଲିସର ସ୍ୱତନ୍ତ୍ର ଅଭିଯାନ କରାଯାଉଛି । କଟକ କମିସନରେଟ୍ ପୁଲିସ ବଜ୍ରକବାଟି ରୋଡ ମହାବୀର ଗାଲାକ୍ସିରେ ଚାଲିଥିବା ଏକ ଜୁଆ ଆ‡ାରେ ଚଢ଼ଉ କରିଥିଲା । ହୋଟେଲରେ ରାତି ଅଧରେ ଚାଲିଥିବା ଏହି ଜୁଆ ଆ‡ାରେ ଚଢ଼ଉ କରି ୧୩ ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ କଟକ ସମେତ ପୁରୀ, ଭଦ୍ରକ, ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲାର ଜୁଆଡ଼ି ବୋଲି ପୁଲିସ ଜାଣିବାକୁ ପାଇଛି । ସେମାନଙ୍କ ନିକଟରୁ ନଗଦ ୧୮ ଲକ୍ଷ ୩୦ ହଜାର ୭୩୦ ଟଙ୍କା, ୬୦ଟି ପ୍ଲାଷ୍ଟିକ ରାଉଣ୍ଡ ଟୋକନ୍, ୧୦ଟି ଗାଡ଼ି ଚାବି, ୧୪ଟି ମୋବାଇଲ୍ ଫୋନ୍, ୪ଟି ଖେଳ କାର୍ଡ, ୮ଟି ଗାଡ଼ି(ଦୁଇଟି କାର୍) ଜବତ ହୋଇଛି ।

- ପୁଲିସ କବ୍‌ଜାରେ ଜୁଆଡ଼ି ମାଷ୍ଟରମାଇଣ୍ଡ କ୍ରିଷ୍ଣା ରାଓ
- ୧୮ ଲକ୍ଷ ୩୦ ହଜାର ୭୩୦ ଟଙ୍କା, ୬୦ ପ୍ଲାଷ୍ଟିକ୍ ରାଉଣ୍ଡ ଟୋକନ୍, ୧୦ ଗାଡ଼ି ଚାବି, ୧୪ ମୋବାଇଲ୍, ୪ ଖେଳ କାର୍ଡ ଓ ୮ ଗାଡ଼ି ଜବତ
- ବାଦାମବାଡ଼ି, ଚାଉଳିଆଗଞ୍ଜ, କଲେଜଛକ ଜୁଆଆଡ୍ଡା ଉପରେ ପୁଲିସର ନଜର

ଏହି ଜୁଆ ଆଡ୍ଡାରେ ମାଲଗୋଦାମ କେନାଲ ରୋଡର କ୍ରିଷ୍ଣା ରାଓ ମୁଖ୍ୟ କାର୍ପଟଦାର କୁହାଯାଉଛି । ସେ ହୋଟେଲରେ ଜୁଆଡ଼ିଙ୍କୁ ଏକାଠି କରି ଏଭଳି ବେଆଇନ କାରବାର ଚଲାଇ ଆସିଥିଲା । ବଜ୍ରକବାଟି ରୋଡରେ ଥିବା ହୋଟେଲ୍ ମହାବୀର ଗାଲାକ୍ସିରେ ଗତ ଶୁକ୍ରବାରଠାରୁ ଜୁଆ ଖେଳ ହେଉଥିବା ସମ୍ପର୍କରେ ମଙ୍ଗଳାବାଗ ଥାନା ପୁଲିସ ଖବର ପାଇଥିଲା । ଏହି ଖବର ଆଧାରରେ ୬ ତାରିଖ ବିଳମ୍ବିତ ରାତିରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଉକ୍ତ ହୋଟେଲରେ ଚଢ଼ଉ କରିଥିଲା । ରୁମ ନଂ ୧୧୦ରେ ପୁଲିସ ଚଢ଼ଉ କରାଯାଇଥିଲା । ଏହି ଚଢ଼ଉ ବେଳେ ୧୩ ଜଣ ଜୁଆଡ଼ିଙ୍କୁ କାବୁ କରାଯାଇଥିଲା । ସେହି ହୋଟେଲରେ କଟକ ସମେତ ପୁରୀ, ଭଦ୍ରକ ଓ ବ୍ରହ୍ମପୁରର ଜୁଆଡ଼ି ଆସି ଏକାଠି ହୋଇଥିବା ଜଣାପଡ଼ିଥିଲା । ସେମାନଙ୍କୁ ଗିରଫ କରାଯାଇଥିଲା । ଏହି ଅଭିଯୁକ୍ତମାନେ ହେଲେ ମଙ୍ଗଳାବାଗ ମାଛୁଆବଜାରର ହେମନ୍ତ କାହାଳୀ(୪୪), ଚିଣ୍ଟୁ ଦଳାଇ(୩୦), ତେଲିସାହିର ତପନ ସେଠୀ(୪୬), ମାଲଗୋଦାମ ଦାସ ସାହିର ଅଜିତ ଓଝା(୩୫), ଗଞ୍ଜାମ ଜିଲ୍ଲା ବଡ଼ବଜାରର ଶ୍ୟାମ ସୁନ୍ଦର ସାହୁ(୩୯), ମାଲଗୋଦାମ କେନାଲ ରୋଡର କ୍ରିଷ୍ଣା ରାଓ(୪୮), ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ଏ ସନ୍ତୋଷ କୁମାର(୩୨), ଭଦ୍ରକ ପୁରୁଣା ବଜାରର ରାମ ଚନ୍ଦ୍ର ବେହେରା(୫୦), ଭଦ୍ରକ ଜିଲ୍ଲା ଭଦ୍ରକ ଗ୍ରାମାଞ୍ଚଳର ମନୋଜ କୁମାର ମହାନ୍ତି(୩୫), କଟକ ଚାଉଳିଆଗଞ୍ଜର ରଙ୍ଗନାଥ ସାହୁ(୬୧), ଖୋର୍ଦ୍ଧା ଜଟଣୀର ମହେଶ୍ୱର ସାନ୍ତ୍ରା(୪୦), କଟକ ଚାଉଳିଆଗଞ୍ଜର ଯୋଗେଶ୍ୱର ରାଓ ଓରଫ ଜଗା(୪୯), ପୁରୀ ଜିଲ୍ଲା ଚନ୍ଦନପୁରର ଟୁଲୁ ଓରଫ ଜଗବନ୍ଧୁ ବେହେରା(୩୬) । ଏହି ଜୁଆଡ଼ି ଗ୍ୟାଙ୍ଗ୍ ଗତ ଶୁକ୍ରବାରଠାରୁ ୩ଟି ରୁମ ମହାବୀର ଗ୍ୟାଲେକ୍ସିରେ ନେଇଥିଲେ । ସେଠାରେ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିଲେ । ଅଭିଯୁକ୍ତ ହେମନ୍ତ ବିରୋଧରେ ମଙ୍ଗଳାବାଗ ଥାନାରେ ୬ଟି ଅପରାଧୀକ ମାମଲା ରହିଛି । କ୍ରିଷ୍ଣା ବିରୋଧରେ ମାଲଗୋଦାମରେ ୬ଟି, ଚିଣ୍ଟୁ ବିରୋଧରେ ମଙ୍ଗଳାବାଗ ଥାନାରେ ଦୁଇଟି, ତପନ ବିରୋଧରେ ମଙ୍ଗଳାବାଗ ଥାନାରେ ଗୋଟିଏ ମାମଲା ରହିଛି । ଏହି ମାମଲାରେ ଫେରାର ଅନ୍ୟ ସହଯୋଗୀଙ୍କୁ ପୁଲିସ ଧରିବାକୁ ଯୋଜନା ଚଳାଇଛି । ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ନିର୍ଦ୍ଦେଶକ୍ରମେ ଜୋନ ୩ ଏସିପି ଅନନ୍ୟା ଅଗସ୍ତି, ଜୋନ ୧ ଏସିପି ଅରୁଣ ସ୍ୱାଇଁ, ମଙ୍ଗଳାବାଗ ଥାନା ଆଇଆଇସି ଉମାକାନ୍ତ ସାହୁ, ଏସଆଇ ଦେବବ୍ରତ ମହାନ୍ତି, ମର୍କତନଗର ଥାନା ଆଇଆଇସି ଜଗନ୍ନାଥ ସାହୁ, ଏସଆଇ ଶୁଭଜିତ ପୁହାଣ, ଅଭୟ କୁମାର ସାହୁ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ । ଏଠାରେ ସୂଚନାଯୋଗ୍ୟ, ଗତ ୨୪ତାରିଖରେ ଚାନ୍ଦିନୀଚୌକର ଏକ କ୍ୟାବିନ୍‌ରେ ଜୁଆଖେଳ ଚାଲିଥିବାବେଳେ ଲାଲବାଗ ଥାନା ପୁଲିସ ଚଢ଼ଉକରି ୪ଜଣଙ୍କୁ ଗିରଫ କରିଥିଲା ।




ଚାନ୍ଦିନୀଚୌକର ଜୁଆଡି ଭାରତଭୂଷଣ, ସତ୍ୟପ୍ରକାଶ, ସତ୍ୟସୁନ୍ଦର ଓ ମନୋଜକୁମାର ଗିରଫ ହୋଇଥିଲେ । ଘଟଣାସ୍ଥଳରୁ ସାଢ଼େ ୮ ହଜାର ଟଙ୍କା, ୩ବାଇକ୍ ଓ ତିନିଟି ମୋବାଇଲ ଜବତ କରାଯାଇଥିଲା । ଏବେ ସାରା ସହରରେ ଜୁଆଆଡ୍ଡା ଗୁଡ଼ିକ ସକ୍ରିୟ ରହିଥିବା ବେଳେ ବାଦାମବାଡ଼ି, ଚାଉଳିଆଗଞ୍ଜ ଓ କଲେଜଛକ ଅଞ୍ଚଳରେ ଏକାଧିକ ଜୁଆଆଡ୍ଡା ଚାଲୁଛି । ଏହା ଉପରେ ପୁଲିସ ସ୍ୱତନ୍ତ୍ର ନଜର ଦେଇଥିବା ବେଳେ ଖୁବଶୀଘ୍ର ଚଢ଼ଉ କରାଯିବ ବୋଲି ସୂଚନା ମିଳିଛି ।

# ତାଳଚେର ରଥଯାତ୍ରା ପ୍ରସ୍ତୁତି ବୈଠକ



**ତାଳଚେର,୭ ।୫(ସମିସ):** ଓଡ଼ିଶାର ଆରାଧ୍ୟ ଦେବତା ଜଗତରନାଥ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ସଭାଗୃହରେ ଅନୁଷ୍ଠିତ ହୋଇଛି । ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକରେ ହୋଇଥିଲା । ରଥଯାତ୍ରାକୁ ଅଧିକ ଆଡ଼ମ୍ବରପୂର୍ଣ୍ଣ, ଶୃଙ୍ଖଳିତ କରିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି । ନିର୍ବାହୀ ଅଧିକାରୀ ତଥା ସଂଯୋଜକ ପ୍ରଦୀପ ସାହା ସଭା ପରିଚାଳନା କରିଥିଲେ । ଏହି ବୈଠକରେ ପୂର୍ବତନ ସାଂସଦ ମହେଶ ସାହୁ, ତାଳଚେର ରାଜାସାହେବ ବିଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନ, ବିଧାୟକ ବ୍ରଜକିଶୋର ପ୍ରଧାନ, ସାଂସଦଙ୍କ ପ୍ରତିନିଧି, ସ୍ଥାନୀୟ ଲୋକ ପ୍ରତିନିଧି, ନଗରପାଳ ପବିତ୍ର ଭୂତିଆ, ଏସ୍‌ଡିପିଓ ଭରତ ସାହୁ, ତାଳଚେର ଟାଉନଥାନା ଅଧିକାରୀ ଦିଗବିଜୟ ବିଶ୍ୱାଳ ଓ କମିଟିର ସମସ୍ତ ସଦସ୍ୟ ଯୋଗଦେଇ ନିଜର ମତାମତ ପ୍ରଦାନ କରିଥିଲେ । ସମସ୍ତଙ୍କ ସହଯୋଗରେ ପ୍ରଭୁଙ୍କ ଯାତ୍ରା କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ଓ ତାଳଚେର ପରିମଳ ବ୍ୟବସ୍ଥା, ଟ୍ରାଫିକ, ଆଲୋକ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇଥିଲା । ରଥଯାତ୍ରା ପାଇଁ ଅନୁଦାନ ସଂଗ୍ରହ, କମିଟିର ପଞ୍ଜୀକରଣ ଓ ପରିଚାଳନା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ଚିତ୍ତରଞ୍ଜନ ପ୍ରଧାନ ପୂର୍ବ ରଥଯାତ୍ରାର ବିବରଣୀ ଓ ଆୟବ୍ୟୟ ହିସାବ ପାଠ କରିଥିଲେ ।

# ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**କଣିହାଁ,୭ ।୫(ସମିସ):** ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା କଣିହାଁ ବ୍ଲକ ଶୁଶୁବା ପଞ୍ଚାୟତ ପୋଡ଼ାଗଡ଼ ଗ୍ରାମର ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ଅବନୀକାନ୍ତ ସାହୁଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ବେହେରା ସମ୍ବର୍ଦ୍ଧିତ କରିଛନ୍ତି । ଏହି ଉତ୍ସବରେ ଗ୍ରାମର ରାଜଲକ୍ଷ୍ମୀ ସାହୁ (୫୫୧), ପ୍ରବୀଣ ହେନ୍ତାଳ, ପ୍ରଦ୍ୟୁମ୍ନ କୁମାର ହେନ୍ତାଳ, ସତ୍ୟଜିତ୍ ସାହୁ, ବିଜୟଲକ୍ଷ୍ମୀ ଦେହୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ନୀଳକଣ୍ଠ ସାହୁ, ଶଙ୍ଖପୁର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ନକୁଳ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ପୋଡ଼ିଗଲା ଦୁଇ ବଖରା ଘର



**ପାଲଲହଡ଼ା, ୭ ।୫(ସମିସ):** ପାଲଲହଡ଼ା ବ୍ଲକ ଝାରବେଡ଼ା ପଞ୍ଚାୟତ ଜମୁଆ ଗାଁ ଟାଙ୍କିସାହିର ବାପି ବଦ୍ରାଙ୍କ ଘରେ ବୁଧବାର ରାତିରେ ନିଆଁ ଲାଗି ଦୁଇ ବଖରା ଭସ୍ମୀଭୂତ ହୋଇଛି । ଅସହାୟ ଏହି ଆଦିବାସୀ ପରିବାର ସ୍କୁଲ ଘରେ ଆଶ୍ରୟନେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ବାପି କାମ କରିବା ପାଇଁ ବାହାରକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଶୁକ୍ରମୁନି ମୁଣ୍ଡା ଏବଂ ବର୍ଷକର ଶିଶୁ ସହ ବାହାରେ ଶୋଇଥିଲେ । ଏହି ସମୟରେ ନିଆଁ ଲାଗି ଚାଳ ଘର ସମ୍ପୂର୍ଣ୍ଣ ପୋଡ଼ିଯିବା ସହ ଘରେ ଥିବା ଧାନ, ଚାଉଳ ଏବଂ ଲୁଗାପଟା ସମେତ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଚି । ପ୍ରବଳ ଗରମ ଯୋଗୁଁ ଶୁକ୍ରମୁନି ବାହାରେ ଶୋଇଥିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ପାଲଲହଡ଼ା ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ । ଖବର ପାଇ ବ୍ଲକ ଅଦକ୍ଷା ରୀନାରାଣୀ ନାଏକ, ଝାରବେଡ଼ା ସରପଞ୍ଚ ଶିବାନୀ ନାୟକ ବିପନ୍ନ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି । ଅନ୍ୟପଟେ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ପରିବାରକୁ ୭୫୦୦ ଟଙ୍କା ଏବଂ ବସ୍ତ୍ର ପ୍ରଦାନ କରିଛନ୍ତି । ଏହି ଗରିବ ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

# ଢାବା, ହୋଟେଲ, ରେଷ୍ଟୁରାଣ୍ଟରେ ଚଢ଼ଉ



**ତାଳଚେର, ୭ ।୫(ସମିସ):** ତାଳଚେର ପୁଲିସ ସହାୟତାରେ ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ ସୁମିତ ସୌରଭ ପରିଡ଼ା, ହରପ୍ରିୟା ବେହେରା, ଶ୍ରୀବନ୍ତ ଖଣ୍ଡଗିରି ସ୍ଥାନୀୟ ବିଭିନ୍ନ ହୋଟେଲ, ଢାବା, ରେଷ୍ଟୁରାଣ୍ଟ, ଲସି ଦୋକାନ, ଦହିବରା ଦୋକାନଗୁଡ଼ିକରେ ଚଢ଼ଉ କରିଛନ୍ତି । ଉକ୍ତ ଦୋକାନଗୁଡ଼ିକରେ ଥିବା ବାସି ଖାଦ୍ୟକୁ ନଷ୍ଟ କରାଯିବା ସହ ସେମାନଙ୍କଠାରୁ ୧୦ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି । ଏପରି ଚଢ଼ଉ ନିୟମିତ କରିବାକୁ ସାଧାରଣରେ ଦାବି ହେଉଛି ।

# ୪ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ

**ପାଲଲହଡ଼ା,୭ ।୫(ସମିସ):**



୪ଦଫା ଦାବି ନେଇ ବ୍ଲକ ବିଜେଡି ପକ୍ଷରୁ ଉପଜିଲ୍ଲାପାଳଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି । ୨୦୨୩-୨୪ରେ ତତ୍କାଳୀନ ସରକାରଙ୍କ ଦ୍ୱାରା ସିବିତାଠାରୁ ଖଡ଼କା-କୁମ୍ଭାରମାଟି ରାସ୍ତା ଭାୟା ସଲେଇ ଓ ବରୁଣଡିହ (୨୭ କିମି)କୁ ୪୩ କୋଟି ଟଙ୍କା ଅନୁଦାନରେ ପୂର୍ତ୍ତ ବିଭାଗ ଅଧୀନରେ କାର୍ଯ୍ୟ ଚାଲୁ ରହିଛି । ମାତ୍ର ବର୍ତ୍ତମାନ ଉଦ୍ଦେଶ୍ୟମୂଳକ ଭାବେ ସଲେଇ ଓ ବରୁଣଡିହ ଗ୍ରାମ ଦେଇ ଯାଉଥିବା ରାସ୍ତା କାମକୁ ବନ୍ଦ କରି ଦିଆଯାଇଅଛି । ପୂର୍ବ ସରକାରରେ ଅର୍ଥ ମଞ୍ଜୁର ହୋଇ ଟେଣ୍ଡର ସରି ଅଧିଗ୍ରହଣ ସରିବା ପରେ କାହା ସ୍ୱାର୍ଥରେ ଓ କାହା ଇଙ୍ଗିତରେ ରାଜନୀତିକରଣ କରାଯାଇ ଏହି ଦୁଇ ଗ୍ରାମର ରାସ୍ତାକୁ ବନ୍ଦ କରାଯାଇଛି, ତାହାର ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାରମ୍ଭ କରିବାକୁ ଦାବି କରାଯାଇଛି । ସେହିପରି ତତ୍କାଳୀନ ସରକାର ଉପାନ୍ତ ଅଞ୍ଚଳ ବରଡିହ, ନଗିରା, ସଇଡ଼ା, ବନ୍ଧାଭୂଇଁ ଓ ପେଟାମୁଣ୍ଡି ପଞ୍ଚାୟତର ଜନସାଧାରଣଙ୍କ ସୁବିଧା ନିମନ୍ତେ ପ୍ରଚଳନ କରିଥିବା ଲକ୍ଷ୍ମୀ ବସକୁ ପୂର୍ବବତ ତୁରନ୍ତ ପୁନଃ ପ୍ରଚଳନ କରାଯିବା, ନଗିରା, ବରଡିହ ପଞ୍ଚାୟତ ଅଞ୍ଚଳରେ ଅଚଳ ହୋଇ ପଡ଼ିଥିବା ସୌର ଜଳ ପ୍ରକଳ୍ପଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରି ଅଞ୍ଚଳବାସୀଙ୍କୁ ପାନୀୟ ଜଳ ଯୋଗାଣ ସ୍ୱାଭାବିକ କରାଯିବା ଏବଂ ସଲେଇ ଗ୍ରାମକୁ ତୁରନ୍ତ ବିଦ୍ୟୁତ ଯୋଗାଣ କରିବା ସହ ଅନ୍ୟ ସମସ୍ତ ଗ୍ରାମକୁ ଯାଇଥିବା ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରିବା ଆଦି ଦାବି ନେଇ ବ୍ଲକ ବିଜେଡି ସଭାପତି ରଞ୍ଜିତ ବିଶ୍ୱାଳ, ଜିଲ୍ଲା ସାଧାରଣ ସମ୍ପାଦକ ନରେନ୍ଦ୍ର ଭୁକ୍ତା, ବରଡିହ ସରପଞ୍ଚ କପି ଦେହୁରୀ ଏବଂ ଗ୍ରାମବାସୀ ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲ୍ଲାପାଳ ସୌମ୍ୟାଶ୍ରୀ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ୭ ଦିନ ମଧ୍ୟରେ ସମସ୍ତ ଦାବି ପୂରଣ କରା ନ ଗଲେ ଆସନ୍ତା ୧୨ ତାରିଖରୁ ପଞ୍ଚାୟତବାସୀଙ୍କ ସହ ବିଜେଡି କର୍ମକର୍ତ୍ତାମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣରେ ବସିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

# ସମାଧାନ ସମାରୋହରେ ଅଂଶଗ୍ରହଣ ପାଇଁ ନିମନ୍ତ୍ରଣ

**ଅନୁଗୋଳ,୭ ।୫(ସମିସ):** ସହଭାଗୀ ନ୍ୟାୟ ଏବଂ ଲୋକଙ୍କ ନିକଟରେ ନ୍ୟାୟିକ ସେବା ପରିକଳ୍ପନାକୁ ଆଗକୁ ବଢ଼ାଇବା ପାଇଁ ଦେଶବ୍ୟାପୀ ମଧ୍ୟସ୍ଥତା ଭିତ୍ତିକ ବିଚାର ଏବଂ ବିବାଦର ସଦଭାବନା ପୂର୍ଣ୍ଣ ସମାଧାନ ପାଇଁ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଆସନ୍ତା ଅଗଷ୍ଟ ୨୧, ୨୨ ଏବଂ ୨୩ ତାରିଖ ବିଶେଷ ଲୋକ ଅଦାଲତ -ସମାଧାନ ସମାରୋହ ଅନୁଷ୍ଠିତ ହେବ । ଏହି ଲୋକ ଅଦାଲତର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧ୍ୟମରେ ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ବିଚାରାଧୀନ ମାମଲାର ସୌହାର୍ଦ୍ଦ୍ୟ ପୂର୍ଣ୍ଣ ସମାଧାନକୁ ସୁଗମ କରିବା । ଏହି ପଦକ୍ଷେପ ଅଧୀନରେ ବିବାଦର ପ୍ରଭାବଶାଳୀ ସମାଧାନରେ ସମସ୍ତ ଅଧିବକ୍ତା, ମକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଏବଂ ସହଯୋଗ କରିବାକୁ ଅନୁରୋଧ କରାଯାଇଛି । ପକ୍ଷମାନେ ସେମାନଙ୍କ ବିବାଦର ସମାଧାନ ପାଇଁ ଉଭୟ ବ୍ୟକ୍ତିଗତ ଭାବେ କିମ୍ବା ଅନଲାଇନ୍ ପ୍ଲାଟଫର୍ମରେ ଆଭାସୀ ମାଧ୍ୟମରେ ଉପସ୍ଥିତ https://www.sci.gov.in ୱେବ ସାଇଟରେ ଉପଲବ୍ଧ ଗୁଗୁଲ ଫର୍ମ(https://forms.gle/jgxelqP4BCWzukoP6)କୁ ମଇ ୩୧ ମଧ୍ୟରେ ଫର୍ମ ପୂରଣ କରି ଆବେଦନ କରିପାରିବେ । ଅଧିକ ସୂଚନା ପାଇଁ ୦୧୧-୨୩୧୧୨୪୨୮, ୦୧୧-୨୩୧୧୨୫୨୮ ଫୋନ୍ କରିପାରିବେ କିମ୍ବା ଅନୁଗୋଳ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଜିଲ୍ଲା ଅଦାଲତ ପରିସରରେ ଥିବା ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ମୋବାଇଲ ନମ୍ବର-୮୭୬୩୧୦୫୬୪୦, ଇ-ମେଲ-dlsaangul@gmail.comରେ ଯୋଗାଯୋଗ କରିପାରିବେ ।

**ସିଏମ୍ ଟ୍ରଫି ଭଲିବଲ୍**

# ବାଳକରେ କଣିହାଁ, ବାଳିକାରେ ତାଳବାହାଲ ବିଜୟୀ



**ଅନୁଗୋଳ,୭ ।୫(ସମିସ):** ମେ ୬ ଓ ୭ ତାରିଖ ଦୁଇଦିନ ଧରି ଭଲିବଲ୍ ହୋମ୍ ପଡ଼ିଆରେ ଆୟୋଜିତ ୧୪ ବର୍ଷରୁ କମ୍ ସିଏମ୍ ଟ୍ରଫି ଭଲିବଲ ପ୍ରତିଯୋଗିତା ଉଦଯାପିତ ହୋଇଛି । ଜାତୀୟ ଭଲିବଲ୍ ଖେଳାଳି ଏସକେ ପାଣି ଏହାକୁ ଉଦଘାଟନ କରିଥିବା ବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଉଦଯାପନୀ ଦିବସରେ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ । ବାଳକ ବର୍ଗ ଫାଇନାଲରେ ଡିଏଭି କଣିହାଁ ଅନୁଗୋଳ କେନ୍ଦ୍ରୀୟ ବିଦ୍ୟାଳୟ-୧କୁ ହରାଇ ଚାମ୍ପିଅନ ହୋଇଛି । ସେହିଭଳି ବାଳିକା ବିଭାଗରେ କନ୍ତପଡ଼ାକୁ ହରାଇ ତାଳବାହାଲ ଚାମ୍ପିଅନ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଡ. ଗୌରଗୋବିନ୍ଦ ସାମନ୍ତ, ସଦସ୍ୟ ରମେଶ ସାହୁ, ରୁଚିର ଦାସ, ବସନ୍ତ ଦାସ, କ୍ରୀଡ଼ାବିତ୍ ନୀଳମଣି ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଆଶୁତୋଷ ପାତ୍ରଙ୍କ ନେତୃତ୍ୱରେ ଓଡ଼ିଶା ଭଲିବଲ୍ ଆସୋସିଏସନ୍‌ର ରେଫରୀମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ ।

# ମାଟ୍ରିକ ପରୀକ୍ଷାରେ କୃତୀ ଛାତ୍ରଙ୍କୁ ଓକିଲସଂଘର ସମ୍ବର୍ଦ୍ଧନା



**ଆଠମଲ୍ଲିକ,୭ ।୫(ସମିସ):** ମାଟ୍ରିକ ପରୀକ୍ଷାରେ ପ୍ରଥମ ହୋଇଥିବା ଆଠମଲ୍ଲିକ ଓ କିଶୋରନଗର ବ୍ଲକର ୨ ଛାତ୍ରଙ୍କୁ ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ଗୁରୁବାର ମାନପତ୍ର ସହ ଅର୍ଥରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ବଡ଼ବର ଗ୍ରାମର ପର୍ଶୁରାମ ପ୍ରଧାନ ଓ ରଶ୍ମିତା ପ୍ରଧାନଙ୍କ ପୁଅ ଦେବବ୍ରତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେ ୬୦୦ରୁ ୫୪୦ ନମ୍ବର ରଖି ଆଠମଲ୍ଲିକ ବ୍ଲକ ଟପ୍ପର ହୋଇଛନ୍ତି । ବରିଷ୍ଠ ଆଇନଜୀବୀ ଅସିତ ରଞ୍ଜନ ଦେଓ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ରଘୁନାଥପୁର ଗ୍ରାମର ରଞ୍ଜିତ କୁମାର ସାହୁ ଓ ସୁପ୍ରଭା ସାହୁଙ୍କ ପୁଅ ପୁନିତ କୁମାର ସାହୁ ୬୦୦ରୁ ୫୫୭ ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ତାଙ୍କୁ ବରିଷ୍ଠ ଆଇନଜୀବୀ ଯଜ୍ଞେଶ୍ୱର ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ । ଉଭୟଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ସହ ୨ ହଜାର ଲେଖାଏଁ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଓକିଲସଂଘ ସମ୍ପାଦକ ଜିତେନ୍ଦ୍ର କୁମାର ମୁଖି, ଉପସଭାପତି ଉଗ୍ରସେନ ସେଠୀ, କୋଷାଧ୍ୟକ୍ଷ ସୁନୀଲ କୁମାର ଶାସନି, ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର, ବାମନ କୁମାର ମିଶ୍ର, ସରକାରୀ ଓକିଲ ପୀତବାସ ସାହୁ, ଅର୍ଜୁନ ରାଉଳ, ଅନ୍ତର୍ଯ୍ୟାମୀ ରାଉଳ, ଅବନୀ କୁମାର ଆଚାର୍ଯ୍ୟ, ଅଶୋକ କୁମାର ମହାପାତ୍ର, ରାମଚନ୍ଦ୍ର କର୍ଣ୍ଣ, ଗଣେଶ ଚନ୍ଦ୍ର କର୍ମୀ, ଦୀନେଶ କୁମାର ସିଂ, ନାରାୟଣ ପ୍ରସାଦ ଦାଶ, ଆର୍ଯ୍ୟଭଟ୍ଟ ମହାନନ୍ଦିଆ, ପ୍ରଭାକର କହଁର ଓ ବାର୍ ମିତ୍ର ରାମଚନ୍ଦ୍ର ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

**● ଗୋଣ୍ଡ ସମାଜର ବାର୍ଷିକ ସଭା ଅନୁଷ୍ଠିତ**

# ସାଂସ୍କୃତିକ କାର୍ଯ୍ୟକ୍ରମ, କୃତୀ ଛାତ୍ରୀ ପୁରସ୍କୃତ



**କିଶୋରନଗର,୭ ।୫(ସମିସ):** କିଶୋରନଗର ବ୍ଲକ ଗମ୍ଭାରୀମଳିହା ଆମ୍ବତୋଟାରେ ଗୋଣ୍ଡ ସମାଜ ବ୍ରାହ୍ମଣୀଦେଇ ପୁଞ୍ଜର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ପ୍ରଭୁ ଜଙ୍ଘାଦେବଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା । ବୈଠକରେ ସାମାଜିକ ବିଧିବିଧାନର ଅନୁପାଳନ, ସଂସ୍କୃତି ସୁରକ୍ଷା ଏବଂ ଯୁବପିଢ଼ିଙ୍କୁ ଜାତିର ପରମ୍ପରା ପ୍ରତି ଆକୃଷ୍ଟ କରିବା ସହ ଗୋଷ୍ଠୀ ମଧ୍ୟରେ ସୁସମ୍ପର୍କ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବାର୍ଷିକ ଆୟବ୍ୟୟ ହିସାବ ଉପସ୍ଥାପନ କରାଯିବା ସହ ସଭ୍ୟମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ଋଣ କାରବାର ପ୍ରକ୍ରିୟା ସମ୍ପାଦିତ ହୋଇଥିଲା । ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଗମ୍ଭାରୀମଳିହା ଗ୍ରାମର ଝରଣା ନାୟକଙ୍କୁ ପୁଞ୍ଜି ପକ୍ଷରୁ ଏକ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ବାଇଶିପାଲି ପୁଞ୍ଜର ପୂର୍ବତନ ସମ୍ପାଦକ ରଞ୍ଜନ ନାୟକ ବ୍ୟକ୍ତିଗତ ଭାବେ କୃତୀ ଛାତ୍ରୀଙ୍କୁ ଏକ ହଜାର ଟଙ୍କା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବ୍ରାହ୍ମଣୀଦେଇ ପୁଞ୍ଜି ସଭାପତି ରାଘବ ନାୟକ ଓ ସମ୍ପାଦକ କୁଶ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ କୋଷାଧ୍ୟକ୍ଷ ମାନଗୋବିନ୍ଦ ନାୟକ, ଉପସଭାପତି ଗୋବର୍ଦ୍ଧନ ନାୟକ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ଆଖପାଖ ୮ ଗ୍ରାମର ୨୫୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଯୋଗଦେଇଥିଲେ ।

**● ଶ୍ରୀ ମେଟାଲିକ୍ସ ଦୁର୍ଘଟଣାରେ ୩ ଶ୍ରମିକଙ୍କ ମୃତ୍ୟୁ ଘଟଣା**

# ଜିଲ୍ଲା ପ୍ରଶାସନ ପକ୍ଷରୁ ଗଭୀର ଶୋକ ପ୍ରକାଶ

**ଅନୁଗୋଳ,୭ ।୫(ସମିସ):** ଛେଣ୍ଡିପଦା ବ୍ଲକ ପରଙ୍ଗସ୍ଥିତ ଶ୍ରୀ ମେଟାଲିକ୍ସ କାରଖାନାରେ ଘଟିଥିବା ଦୁର୍ଘଟଣାରେ ୩ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଗତ ୪ ତାରିଖ ରାତି ପ୍ରାୟ ସାଢ଼େ ୮ଟାରେ ପ୍ଲାଣ୍ଟର ଡିଆର୍‌ଆଇ ୟୁନିଟର କିଲାନ-୧ରେ ଆକ୍ରେସନ କଟିଂ ଓ କ୍ଲିନିଂ କାର୍ଯ୍ୟ ଚାଲିଥିବା ବେଳେ ଦୁର୍ଘଟଣା ଘଟିଥିଲା । ଏଥିରେ ସୁନ୍ଦରଗଡ଼ ଜିଲ୍ଲା ଟିଙ୍ଗୁଡ଼ା ଗ୍ରାମର ପିଣ୍ଟୁ କୁମାର, ଶ୍ରୀଧର ବାଘଲ୍ ଏବଂ ଖିଲାରିପଡ଼ାର ମଙ୍ଗଳ ମାଝୀଙ୍କ ମୃତ୍ୟୁ ହୋଇଥିଲା । ପ୍ରାଥମିକ ତଦନ୍ତ ପରେ ଦୁର୍ଘଟଣା ଘଟିଥିବା କିଲାନ-୧କୁ ତୁରନ୍ତ ବନ୍ଦ କରାଯାଇଛି । ଆସନ୍ତା ୧୫ ଦିନ ମଧ୍ୟରେ ସ୍ୱତନ୍ତ୍ର ଅଡିଟ ଟିମ୍ ଦ୍ୱାରା ସମ୍ପୂର୍ଣ୍ଣ କାରଖାନାର ସୁରକ୍ଷା ଯାଞ୍ଚ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । କାରଖାନା ମ୍ୟାନେଜମେଣ୍ଟ ପକ୍ଷରୁ ପ୍ରତି ମୃତକଙ୍କ ପରିବାରକୁ ଅନ୍ତିମ ସଂସ୍କାର ପାଇଁ ୧.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୭ଲକ୍ଷ କ୍ଷତିପୂରଣ ପ୍ରଦାନ କରିବାକୁ କର୍ତ୍ତୃପକ୍ଷ ରାଜି ହୋଇଛନ୍ତି । କ୍ଷତିପୂରଣ ଆଇନ ୧୯୨୩ ଅନୁଯାୟୀ ପ୍ରତି ପରିବାର ପ୍ରାୟ ୧୨ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଏହି ସୂଚନା ପ୍ରଦାନ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ସମସ୍ତ ଆଇନଗତ ସହାୟତା ଓ ସରକାରୀ ପ୍ରାପ୍ୟ ଶୀଘ୍ର ଯୋଗାଇ ଦେବାକୁ ନିଶ୍ଚିତ କରାଯାଇଛି ।

**୧୫ଦିନରେ ସ୍ୱତନ୍ତ୍ର ଅଡିଟ ଦ୍ୱାରା ସୁରକ୍ଷା ଯାଞ୍ଚ କରାଯିବ**

# ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳିତ

**କିଶୋରନଗର,୭ ।୫(ସମିସ):** ଆସାମ, ପୁଡୁଚେରୀ ଏବଂ ପଶ୍ଚିମବଙ୍ଗରେ ବିଜେପିର ବିଜୟକୁ ନେଇ ଠାକୁରଗଡ଼ ମଣ୍ଡଳ ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି । ପେଡ଼ିପଥରଠାରେ ଆୟୋଜିତ ଉତ୍ସବରେ ବହୁ କର୍ମୀ ଓ ନେତୃବୃନ୍ଦ ଯୋଗଦେଇଥିଲେ । ମଣ୍ଡଳ ସଭାପତି ସୁଜିତ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଣ୍ଡଳ ଜିଲ୍ଲା ପ୍ରତିନିଧି ଚୈତନ୍ୟ ସାହୁ, ପୂର୍ବତନ ମଣ୍ଡଳ ସଭାପତି ଅର୍ଜୁନ ସାହୁ ଏବଂ ସାପଘରା ପଞ୍ଚାୟତ ସଭାପତି ଶରତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କର୍ମୀ ଓ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଯୋଗେଶ୍ୱର ପ୍ରଧାନ, ଯୁବ ମୋର୍ଚ୍ଚା ସଭାପତି ଦିବ୍ୟ ସାହୁ, କୃତିବାସପୁର ପଞ୍ଚାୟତ ସଭାପତି ଲକ୍ଷ୍ମଣ ସାହୁ ଓ ଆମ୍ବସରମୁଣ୍ଡା ପଞ୍ଚାୟତ ସଭାପତି ଦୁଃଶାସନ ନାୟକ, ବରିଷ୍ଠ କାର୍ଯ୍ୟକର୍ତ୍ତା କୈଳାସ ସାହୁ, କ୍ଷୀରୋଦ ସାହୁ, ରଘୁ ରାଜହଂସ, ରାମ ପ୍ରଧାନ, ମଳୟ ସାହୁ, ଟୁଟୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

# ଓଡ଼ିଆ ବିଜ୍ଞାନ ପୁସ୍ତକ ସମ୍ପର୍କିତ ଆଲୋଚନା

**ଅନୁଗୋଳ,୭ ।୫(ସମିସ):**



ଅନୁଗୋଳ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଓ ବିଜ୍ଞାନ ଶିକ୍ଷକଙ୍କ ଉପସ୍ଥିତିରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଓଡ଼ିଆରେ ଲିଖିତ ବିଜ୍ଞାନ ପାଠ୍ୟପୁସ୍ତକ ପ୍ରଚଳନ ସମ୍ପର୍କିତ ଆଲୋଚନା ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମଧୁସ୍ମିତା ନନ୍ଦଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ବିଜୟ କୁମାର ପ୍ରଧାନ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଓଡ଼ିଆ ବିଜ୍ଞାନ ଅଧ୍ୟୟନ ଓ ଶିକ୍ଷା ପ୍ରଦାନ ସମ୍ବନ୍ଧୀୟ ସମସ୍ୟା, ସମାଧାନ ତଥା ଉପାଦେୟତା ବିଷୟରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ମାତୃଭାଷାରେ ବିଜ୍ଞାନ ଶିକ୍ଷା, ବୈଜ୍ଞାନିକ ଶବ୍ଦାବଳୀର ମାନକୀକରଣ, ଶବ୍ଦଗୁଡ଼ିକର ସରଳ ଓଡ଼ିଆ ରୂପାନ୍ତର, ପ୍ରସ୍ତୁତ ଓଡ଼ିଆ ପୁସ୍ତକର ବିଷୟବସ୍ତୁ, ଚିତ୍ର, ଉଦାହରଣ ଏବଂ ଅଭ୍ୟାସ ପ୍ରଶ୍ନ ଓ ଶିକ୍ଷଣ ପଦ୍ଧତି ସମୀକ୍ଷା ସହ ଓଡ଼ିଆ ମାଧ୍ୟମରେ ବିଜ୍ଞାନର ପ୍ରୟୋଗାତ୍ମକ ଦିଗ କିପରି ଅଧିକ ସଫଳ ହେବ ସେ ବିଷୟରେ ଆଲୋକପାତ କରି ବିଜୟ କୁମାର ପ୍ରଧାନ କହିଲେ ଭାଷା କେବେ ବିଜ୍ଞାନ ଆହରଣରେ ବାଧା ହେବା ଉଚିତ ନୁହେଁ । ଖଣିଜସମ୍ପଦ ଭରା ଏହି ମାଟିର ପିଲାମାନେ ନିଜ ଭାଷାରେ ବିଜ୍ଞାନ ପଢ଼ିଲେ ସେମାନେ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ ହେବାର ସ୍ୱପ୍ନକୁ ସାକାର କରିପାରିବେ । ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କପାଇଁ ଡାକ୍ତରୀ ଓ ଇଞ୍ଜିନିୟରିଂ ନାମଲେଖାରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିଛି । ସେହିଭଳି ଆଇଏଏସ୍, ଓଏଏସ୍ ଆଦି ସମସ୍ତ ନିଯୁକ୍ତି ପରୀକ୍ଷା, ଡାକ୍ତରୀ ଓ ଇଞ୍ଜିନିୟରିଂ ପ୍ରବେଶିକା ପରିକ୍ଷା ପ୍ରଶ୍ନପତ୍ର ଓଡ଼ିଆରେ ଆସୁଥିବାରୁ ଓଡ଼ିଆରେ ବିଜ୍ଞାନ ପଢ଼ିଲେ ଭବିଷ୍ୟତରେ କୌଣସି ସମସ୍ୟା ସୃଷ୍ଟି ହେବନାହିଁ ବୋଲି ସେ ସୂଚନା ଦେଇଥିଲେ । ଇଂଲିଶରେ ଦୁର୍ବଳ ସମସ୍ତ ପିଲା କିପରି ଓଡ଼ିଆରେ ବିଜ୍ଞାନ ବିଷୟ ନେଇ ପଢ଼ିବେ ସେ ବିଷୟରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅଧ୍ୟକ୍ଷ ତଥା ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ



**ପବିତ୍ରନଗର,୭ ।୫(ସମିସ):** କଣିହାଁ ବ୍ଲକ ପବିତ୍ରନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ପରାବିଲ ଗ୍ରାମର ବରିଷ୍ଠ ନାଗରିକମାନଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେଇଛି । ଗ୍ରାମର ୮୦ଜଣ ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବରେ ସନ୍ତୋଷ କୁମାର ପ୍ରଧାନ, ଲମ୍ବୋଦର ପ୍ରଧାନ, ଅଭୟ କୁମାର ମହାରଣା, ବିଜୟକୁମାର ପ୍ରଧାନ, କପିଳେଶ୍ୱର ପ୍ରଧାନ, ସୌଭାଗ୍ୟ ମହାପାତ୍ର, ପଞ୍ଚାନନ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ହର୍ଷବର୍ଦ୍ଧନ ପ୍ରଧାନ, ଶୁକଦେବ ସାହୁ ପ୍ରମୁଖ ସହଯୋଗ କରି ସଫଳ କରିଥିଲେ ।

# ଭୁବନେଶ୍ୱର ସିଟି




# ଦିନ ତମାମ୍ ହାଇ ଟେନ୍‌ସନ୍

## ବାଲିଅନ୍ତାରେ ବ୍ୟାପକ ଫୋର୍ସ ମୁତୟନ

## ରାତିରେ ରିପିଟ୍ ହେବାକୁ ଯାଉଥିଲା ଦିନର ସ୍ଥିତି

ଭୁବନେଶ୍ୱର, ୭।୫(ସମିସ)

ବାଲିଅନ୍ତା ଥାନାରେ ଗୁରୁବାର ଦିନ ତମାମ୍ ହାଇ ଟେନ୍‌ସନ୍ ଦେଖାଦେଇଛି। ରାସ୍ତାରେ ପ୍ରଥମେ ଯୁବତୀଙ୍କୁ ନିର୍ବସ୍ତ୍ର କରିଗଲା। ଏହାର ପ୍ରତିବାଦରେ ଲୋକେ ଆଇନକୁ ହାତକୁ ନେଇ ବୀଭତ୍ସ ଭାବେ ଜିଆରପି କନ୍‌ଷ୍ଟେବଲ୍ ସୌମରଞ୍ଜନ ସ୍ୱାଇଁଙ୍କୁ ହାତ ଗୋଡ଼ ବାନ୍ଧି ପିଟିପିଟି ହତ୍ୟା କରିଦେଲେ। ପୁଲିସ ଉପସ୍ଥିତିରେ ଏଭଳି ଘଟଣା ଘଟିଥିଲେ ବି ପୁଲିସ ଦେଖଣାହରୀ ସାଜିଲା। ଏହାକୁ ନେଇ ଜନଅସନ୍ତୋଷ ବଢ଼ିବାକୁ ଲାଗିଲା। ଏହାପରେ ପୁଲିସର ପାରିବାର ପଣିଆ ଏବଂ କାର୍ଯ୍ୟାନୁଷ୍ଠାନରେ ଅହେତୁକ ବିଳମ୍ବ ଯୋଗୁଁ ସୌମ୍ୟଙ୍କ ପରିବାର ଲୋକ ଏବଂ ତାଙ୍କ ଗ୍ରାମବାସୀ ଉତ୍ତେଜିତ ହୋଇ ବାଲିଅନ୍ତା ଥାନା ଘେରାଉ କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଥାନାରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି।





ବାଲିଅନ୍ତାରେ ଉତ୍ତେଜନା ଦେଖା ଦେଇଥିଲା। ଗୋଷ୍ଠୀ ସଂଘର୍ଷର ଆଶଙ୍କା ସୃଷ୍ଟି ହୋଇଥିଲା। ସନ୍ଧ୍ୟାବେଳେ ଥାନା ସାମ୍ନାରେ ବହୁ ଲୋକେ ରୁଣ୍ଡ ହୋଇଥିଲେ। ଦିନ ବେଳର ଘଟଣାକୁ ରାତି ବେଳେ ଦୋହାରାଇବାକୁ ଉଦ୍ୟମ କରୁଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ ଡାକ୍ତରୀ ମାଇନା ପାଇଁ ନେଲା ବେଳକୁ ସୌମ୍ୟଙ୍କ ପରିବାର ଲୋକେ ଏବଂ ତାଙ୍କ ଗ୍ରାମବାସୀ ସେମାନଙ୍କୁ ଘେରି ଯାଇଥିଲେ। ଗାଡ଼ିକୁ ଘେରିଯିବା ପରେ ପୁଲିସ ହଡ଼ବଡେଇ ଯାଇଥିଲା। ସେମାନଙ୍କୁ ବଞ୍ଚାଇବାକୁ ଯାଇ ତୁରନ୍ତ ପେଲାଠେଲା କରିଥିଲା। ଅଟକାଉଥିବା ଲୋକଙ୍କୁ ଘୋଷାଡି ଘୋଷାଡି ବାହାରକୁ ନେଇ ଆସିଲା।

ପୁଲିସ ଏହି ଘଟଣାକୁ ଆରମ୍ଭରୁ ହାଲୁକା ଭାବେ ନେଲା ଭଳି ମନେ ହେଉଛି। ବହୁ ସଂଖ୍ୟାରେ ଲୋକ ରୁଣ୍ଡ ହୋଇଥିଲେ ବି ଗୁଇନ୍ଦା ଫେଲ୍ ମାରିବା ଯୋଗୁଁ ପୁଲିସକୁ ବିଳମ୍ବରେ ଖବର ମିଳିଲା। ଅପରାହ୍ଣ ପ୍ରାୟ ୧୧ଟା ୨ ମିନିଟ୍‌ରେ ପୁଲିସ ପାଖରେ ଖବର ପହଞ୍ଚି ଥିଲା। ହେଲେ ପୁଲିସ ଘଟଣାସ୍ଥଳରେ ୧୧ଟା ୧୦ରେ ପହଞ୍ଚିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ହେଲେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବି କିଛି କରି ପାରିଲା ନାହିଁ। ପୁଲିସ ଉପସ୍ଥିତିରେ ମାରପିଟ୍ କରାଯାଉଥିଲା। ଗୋଇଠା, ବିଧା ଓ ଚାପୁଡ଼ା ମାରି ଚାଲିଥିଲେ। ହେଲେ ପୁଲିସ କେବଳ ମଉନ ବ୍ରତ ଧାରଣା କଲା।

### ପୁଲିସ ସହ ମୁହାଁମୁହିଁ

କନ୍‌ଷ୍ଟେବଲ୍‌ଙ୍କୁ ହତ୍ୟା ମାମଲାରେ ପୁଲିସ ୪ଜଣଙ୍କୁ ଚିହ୍ନଟ କରି ଅଟକ ରଖିଛି। ବିଳମ୍ବିତ କାର୍ଯ୍ୟାନୁଷ୍ଠାନ ପାଇଁ ସୌମ୍ୟଙ୍କ ପରିବାର ଲୋକେ ଏବଂ ଗ୍ରାମବାସୀ ପୁଲିସ ଉପରେ ଭରସା ଜୁଟାଇ ପାରୁ ନାହାନ୍ତି। ଏଣୁ ଅଟକ ଥିବା ୪ବ୍ୟକ୍ତିଙ୍କୁ ଡାକ୍ତରୀ ମାଇନା ପାଇଁ ହସ୍ପିଟାଲ ନେଲା ବେଳେ ସେମାନଙ୍କ ସହ ପୁଲିସର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। କିଛି ଲୋକ ପୁଲିସକୁ ଆକ୍ରମଣ କରିଥିଲେ। ପୁଲିସ ମଧ୍ୟ ୪ଅଭିଯୁକ୍ତଙ୍କୁ ରକ୍ଷା କରିବାକୁ ଯାଇ ପେଲାଠେଲା କରିଥିଲା। ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

### କାର୍ଯ୍ୟରେ ଅନୁପସ୍ଥିତ ଯୋଗୁଁ ଦରମା ବନ୍ଦ ହୋଇଥିଲା

ସୌମ୍ୟ କଟକ ଜିଆର୍‌ପି କାର୍ଯ୍ୟାଳୟରେ ପୁଲିସ କନଷ୍ଟେବଳ ଭାବେ କାମ କରୁଥିଲେ। କାର୍ଯ୍ୟାଳୟକୁ ନ ଯାଇ ସେ ଜିମ୍‌ରେ ସମୟ କାଟୁଥିଲେ। ଦରମା ସରକାରଙ୍କ ଠାରୁ ନେଉଥିଲେ କିନ୍ତୁ କାମ ଜିମ୍‌ରେ କରୁଥିଲେ। ଜଣେ ଆପିଏସ୍ ଅଧିକାରୀଙ୍କ ସହ ତାଙ୍କର ଘନିଷ୍ଠତା ଥିବାରୁ ସେ ଏଭଳି ସୁଯୋଗ ପାଇଥିଲେ। ହେଲେ କିଛି ଦିନ ପରେ ଏହି ଆଇପିଏସ୍‌ଙ୍କ ସହ ତାଙ୍କର ଅପଡ଼ ହେଇଥିଲା। ଏଣୁ କାର୍ଯ୍ୟରେ ଅନୁପସ୍ଥିତ କାରଣରୁ ମାର୍ଚ୍ଚ ୩୧ରୁ ତାଙ୍କର ଦରମା ବନ୍ଦ କରି ଦିଆଯାଇଥିଲା।

### ତଦନ୍ତ କରିବେ ମହିଳା କମିସନ୍

ବାଲିଅନ୍ତାରେ ହୋଇଥିବା ମହିଳା ହିଂସା ମାମଲାକୁ ଗୁରୁତର ସହ ନେଇଛନ୍ତି ରାଜ୍ୟ ମହିଳା କମିସନ୍। ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ରାଜ୍ୟ ମହିଳା କମିସନ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ସହିତ ଆଲୋଚନା କରିଛନ୍ତି। ଘଟଣାର ସମସ୍ତ ଦିଗ ପ୍ରତି ସଚେତନ ରହି ପ୍ରକୃତ ସତ୍ୟ ଖୋଜି ବାହାର କରିବା ପାଇଁ ଏହି ଘଟଣାରେ ଯେଉଁ ମହିଳାମାନଙ୍କ ସହିତ ଦୁର୍ବ୍ୟବହାର ହୋଇଥିବାର ଅଭିଯୋଗ ହୋଇଛି, ସେମାନଙ୍କ ସହିତ ଆଲୋଚନା କରିବାକୁ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ଆସନ୍ତା କାଲି ବାଲିଅନ୍ତା ଯିବେ ବୋଲି କୁହାଯାଇଛି।

### ମୋ ପୁଅ ଭଳି ମୋତେ ବି ମାରିଦିଅ

ମୋ ପୁଅକୁ ଭିଡ଼ ଭିତରେ ଗୋଡ଼ହାତ ବାନ୍ଧି ପିଟିପିଟି ମାରିଦେଲେ। କେହି ବି ଅଟକାଇଲେ ନାହିଁ। ପୁଲିସ କଣ କରୁଥିଲା। ଏହାକୁ ମୁଁ ବରଦାସ୍ତ କରିପାରୁନାହିଁ। ମୋର ଆଉ କେହି ନାହାନ୍ତି। ମୁଁ ଆଉ ବଞ୍ଚିବାକୁ ଚାହୁଁନାହିଁ। ମୁଁ ଆଉ କିଛି ଚାହୁଁ ନାହିଁ। ମୋ ପୁଅ ଭଳି ମୋତେ ବି ମାରିଦିଅ। ଏତିକି ହିଁ ମୋ ପାଇଁ ନ୍ୟାୟ ବୋଲି ତାଙ୍କ ମା' କୋହଭରା କଣ୍ଠରେ କହିଛନ୍ତି।

## ଆଇନ ଶୃଙ୍ଖଳା ରକ୍ଷା କରିବାକୁ ସରକାର ବିଫଳ: ଓଜେସି



ଭୁବନେଶ୍ୱର, ୭।୫(ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତା ରାମଚନ୍ଦ୍ରପୁର ଅଞ୍ଚଳରେ ଏକ ଅମାନବୀୟ ହତ୍ୟା ଘଟି ଯାଇଛି। ଏହି ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରି ଗୁରୁବାର ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ଦିନକୁ ଦିନ ଅପରାଧ ବଢ଼ି ଚାଲିଛି, ପୋଲିସ ଉପସ୍ଥିତିରେ ଏଭଳି ଅପରାଧ ଘଟିବା ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶା ଏବେ ଦ୍ୱିତୀୟ ଉତ୍ତରପ୍ରଦେଶ ଓ ବିହାର ଭଳି ଲାଗୁଛି ବୋଲି ଓଜେସିର ପ୍ରତିଷ୍ଠାତା ସଦସ୍ୟ ସଂଗ୍ରାମ କିଶୋର ମାଝୀ କହିଥିଲେ। ଦିନ ଦ୍ୱିପହରରେ ରାଜଧାନୀ ଉପକଣ୍ଠରେ ଜଣେ ଯୁବକଙ୍କୁ ବାଉଁଶରେ ଟାଙ୍ଗି ଝୁଲେଇ ଝୁଲେଇ ନେବା ଏବଂ ପୋଲିସ ଉପସ୍ଥିତିରେ ତାକୁ ପିଟିପିଟି ହତ୍ୟା କରିବା ମଧ୍ୟଯୁଗୀୟ ବର୍ବରତା କଥା ମନେ ପକାଇ ଦେଉଛି। ମୁଖ୍ୟମନ୍ତ୍ରୀ ନିଜେ ଗୃହ ବିଭାଗର ମନ୍ତ୍ରୀ, ତେଣୁ ବଢୁଥିବା ଅମାନବୀୟ ଅପରାଧ ପାଇଁ ସେ ନିଜେ ଉତ୍ତରଦାୟିତ୍ୱ ନିଅନ୍ତୁ। ଦୋଷୀ ମାନଙ୍କୁ ତୁରନ୍ତ ଗିରଫ କରିବା ସହ ଆଇନ ଅନୁଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଶୁଭେନ୍ଦୁ ମଲ୍ଲିକ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଜେସିର ନାରୀନେତ୍ରୀ ଶୈଳବାଳା ଜେନା, ଚାରୁଲତା ସାହୁ ଓ ପ୍ରଭାତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

**ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ମୁଖ୍ୟମନ୍ତ୍ରୀ**

## ସାମାନ୍ୟ କଥାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ



ଭୁବନେଶ୍ୱର, ୭।୫ (ସମିସ): ସାମାନ୍ୟ କଥାକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ପଥରବନ୍ଧ ବସ୍ତି ବେହେରା ସାହିରେ ଏଭଳି ଘଟଣା ଘଟିଥିବା ବେଳେ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନହରକଣ୍ଟାରେ ରହୁଥିବା କଟକ କେଶରପୁରର ଏସକେ ସଲମାନ (୨୪)।

ପୁଲିସ ସୂଚନାନୁସାରେ, ପଥରବନ୍ଧ ବସ୍ତିର ସିନା ଜେନାଙ୍କ ନିକଟରେ ପପୁ ଏକ ମୋବାଇଲ ଫୋନ ବନ୍ଧକ ରଖିଥିଲା। ଗତକାଲି ରାତି ପ୍ରାୟ ୮ଟାରେ ସିନା ଓ ମନୋଜ ବେହେରା ମିଶି ପପୁ ନାୟକଙ୍କ ପାଖକୁ ବନ୍ଧା ରଖାଯାଇଥିବା ଏକ ମୋବାଇଲ୍ ଫୋନ୍ ଫେରାଇବାକୁ ଯାଇଥିଲେ। ପପୁ ସେମାନଙ୍କ ମାମଲାରେ ହସ୍ତକ୍ଷେପ ନକରିବାକୁ ମନୋଜଙ୍କୁ ଧମକ ଦେଇଥିଲା। ଗୁରୁବାର ଦିନ ପ୍ରାୟ ୨ଟା ୩୦ ବେଳେ ପପୁ, ତା'ର ସାନ ଭାଇ ରୁଦ୍ର ଓ ଭିଣୋଇ ଏସକେ ସଲମାନ ମିଶି ମନୋଜଙ୍କ ଘର ଆଗରେ ଗାଳିଗୁଲଜ କରିଥିଲେ। ମନୋଜ ବେହେରା ବାହାରକୁ ଆସି ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ହଠାତ୍ ତାଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କ ଚିତ୍କାର ଶୁଣି ପରିବାର ସଦସ୍ୟମାନେ ଘଟଣାସ୍ଥଳକୁ ଦୌଡ଼ି ଆସିବାରୁ ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିଲେ। ଆହତ ମନୋଜଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମନୋଜଙ୍କ ଭାଇ ରମାକାନ୍ତ ଏନେଇ ସହିଦନଗର ଥାନାରେ ଏତଲା ଦେବାପରେ ପୁଲିସ ସଲମାନକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ହେପାଜତରୁ ମୋବାଇଲ ଫୋନ ଓ ଘଟଣାରେ ବ୍ୟବହୃତ କାଠ ଫାଳିଆ ଜବତ କରିଥିଲା।

## ରାଜପଥରେ ଦୁର୍ଘଟଣା; ଜଣେ ଗୁରୁତର

ଯାଁଳା, ୭।୫(ସମିସ): ଇନଫୋସିସ ଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥ ଯାଁଳା ଓଭରବ୍ରିଜ ଉପରେ ଏକ ଟ୍ରକ ପଛରେ ଆଉ ଏକ ଟ୍ରକ ଧକ୍କା ଦେଇଛି। ଫଳରେ ଧକ୍କା ଦେଇଥିବା ଟ୍ରକ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଯାଇଛି। ଗୁରୁତର ଆହତ ହୋଇଥିବା ଚାଳକଙ୍କ ପରିଚୟ ଜଣାପଡ଼ିନାହିଁ।

ମିଳିଥିବା ସୂଚନା ଅନୁସାରେ ଆଜି ଏକ ଟ୍ରକ ଯାଁଳା ଓଭରବ୍ରିଜ ଉପରେ ବ୍ରେକ ଡାଉନ ହୋଇଯିବାରୁ ରାସ୍ତା ମଝିରେ ଅଟକି ରହିଥିଲା। ଅପରାହ୍ଣ ୪ଟା ବେଳେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ଠିଆ ହୋଇଥିବା ଗାଡି ପଛରେ ଧକ୍କା ଦେଇଥିଲା। ଫଳରେ ଟ୍ରକ ଚାଳକ ଜଣକ ଚାପି ହୋଇ ରହିଥିଲେ।ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଚାପି ହୋଇ ରହିଥିବା ଚାଳକଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନା ପଠାଇଥିଲେ। ଚାଳକ ଜଣକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ତାଙ୍କ ପରିଚୟ ଜଣାପଡ଼ି ନାହିଁ। ଦୁର୍ଘଟଣା ପରେ ରାଜପଥର ଗୋଟିଏ ପାର୍ଶ୍ୱ ଜାମ ହୋଇ ଯାଇଥିଲା। ଶହ ଶହ ଜାନବାହାନ ଅଟକି ରହିଥିଲେ। ଫଳରେ ଦେଢ ଘଣ୍ଟା କାଳ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ପୁଲିସ ରାଜପଥର ସର୍ଭିସ ରୋଡରେ ଗାଡି ଗୁଡିକ ଛାଡିଥିଲେ। ଦୁର୍ଘଟଣା ଗ୍ରସ୍ତ ଗାଡିକୁ କ୍ରେନ ସାହାଯ୍ୟରେ ରାସ୍ତାରୁ ସାଇଡ କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

## କାନଫୁଲ ଛଡ଼ାଇ ଦୁଇ ଗିରଫ



ଭୁବନେଶ୍ୱର, ୭।୫ (ସମିସ): ମହିଳାଙ୍କ ଠାରୁ କାନଫୁଲ ଛଡ଼ାଇବା ମହଙ୍ଗା ପଡ଼ିଛି। ଲୋକମାନେ ଦୁଇ ଜଣଙ୍କୁ କାବୁ କରିବା ସହ ନିସ୍ତୁକ ମାଡ଼ ମାରିଛନ୍ତି। ଆୟୁର୍ବେଦିକ ଡାକ୍ତରଖାନା ନିକଟରେ ଘଟିଥିବା ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କେଦାରପଲ୍ଲୀ ନୂଆ ସାହିର ଆକାଶ ନାୟକ ଓରଫ୍ ପିନୁ (୨୩) ଓ ବସନ୍ତ ନାୟକ ଓରଫ୍ ସୁଶେଇ (୨୮)।

ପୁଲିସ ସୂଚନାନୁସାରେ, ବୁଧବାର ଅପରାହ୍ଣରେ ଟୁନି ପ୍ରଧାନ ଆୟୁର୍ବେଦ ହସ୍ପିଟାଲ ରାସ୍ତାରେ ଯାଉଥିବା ବେଳେ ପିନୁ ଓ ସୁଶେଇ ହଠାତ୍ ଆସି ତାଙ୍କ ସୁନା କାନଫୁଲ ଛଡ଼ାଇ ନେଇଥିଲେ। ଟୁନିଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ପିଛା କରିବା ସହ ପିନୁ ଓ ସୁଶେଇକୁ କାବୁ କରି ନିସ୍ତୁକ ପିଟିଥିଲେ। ଅଭିଯୁକ୍ତମାନେ ଭୟଭୀତ ହୋଇ ଛଡ଼ାଇ ନେଇଥିବା ସୁନା ଅଳଙ୍କାରକୁ ଫିଙ୍ଗି ଦେଇଥିଲେ। ଅନେକ ସମୟ ଖୋଜାଖୋଜି କରିଥିଲେ ମଧ୍ୟ ଚୋରି ହୋଇଥିବା ସୁନା କାନଫୁଲ ଉଦ୍ଧାର ହୋଇପାରିନଥିଲା। ପରେ ଲୋକମାନେ ଉଭୟ ଅଭିଯୁକ୍ତଙ୍କୁ ପୁଲିସ ଜିମାରେ ଦେଇଥିଲେ। ଟୁନିଙ୍କ ଅଭିଯୋଗ ଆଧାରରେ ବଡ଼ଗଡ଼ ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି। ପୂର୍ବରୁ ପିନୁ ନାମରେ ଗୋଟିଏ ଓ ସୁଶେଇ ନାମରେ ଦୁଇଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## 'ରମାଦେବୀ'ରେ ଅଧ୍ୟକ୍ଷ ସମ୍ମିଳନୀ

ଭୁବନେଶ୍ୱର, ୭।୫(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅଧ୍ୟକ୍ଷ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁବନ୍ଧିତ ସମସ୍ତ ୪୮ଟି କଲେଜର ଅଧ୍ୟକ୍ଷ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ ଯୋଗଦେଇ ଛାତ୍ରୀଙ୍କ ଦକ୍ଷତା ବିକାଶ ସହିତ ଇଣ୍ଟର୍ନଶିପ୍ ସୁଯୋଗ ସୃଷ୍ଟି କରିବା, ଜାତୀୟ ଶିକ୍ଷାନୀତିର କାର୍ଯ୍ୟାନ୍ୱୟନ କରି ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ କରିବା ଏବଂ ପରସ୍ପର ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶିକା ଡ. ସରୋଜ ଲକ୍ଷ୍ମୀ ସିଂହ ଓ କୁଳସଚିବ ମନସ୍ୱିନୀ ସାହୁ ପ୍ରମୁଖ ଛାତ୍ରୀଙ୍କ ସଶକ୍ତିକରଣ ସହିତ ଶିକ୍ଷାଗତ ଉତ୍କର୍ଷ ଏବଂ ଅନୁଷ୍ଠାନିକ ବିକାଶରେ ଅଧ୍ୟକ୍ଷମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଛନ୍ତି। ପରୀକ୍ଷା ନିୟନ୍ତ୍ରକ ଡ. ଅନୀତା ମେକାପ ପରୀକ୍ଷା ସମ୍ପର୍କରେ ଆଲୋଚନା କରିଥିବାବେଳେ କ୍ରୀଡ଼ା ପରିଷଦ ନିର୍ଦ୍ଦେଶିକା ଡ. ଇତିଶ୍ରୀ ଷଡ଼ଙ୍ଗୀ କ୍ରୀଡ଼ା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ସଫଳତା ସମ୍ପର୍କରେ ଅବଗତ କରିଛନ୍ତି। ଶେଷରେ ମହାବିଦ୍ୟାଳୟ ବିକାଶ ପରିଷଦ ନିର୍ଦ୍ଦେଶିକା ପ୍ରଫେସର ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଛନ୍ତି।

## ଇନ୍‌ଷ୍ଟାଗ୍ରାମକୁ ଢାଲ କରି ଠକେଇ; ବାପ ପୁଅ ଗିରଫ

ଭୁବନେଶ୍ୱର, ୭।୫(ସମିସ): ସୋସିଆଲ୍ ମିଡ଼ିଆ ସାଇଟ୍ ଇନ୍‌ଷ୍ଟାଗ୍ରାମ୍‌କୁ ଢାଲ କରି ଠକେଇ କରୁଥିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୁଲିସ ବାପ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲ୍ଲା ରାମଚଣ୍ଡୀ ଥାନା ବଡ଼ବାଙ୍ଗରା ଗ୍ରାମର ଅମିତ୍ କୁମାର ଓଝା ଓ ତାଙ୍କ ବାପା ଅଶୋକ କୁମାର ଓଝା। ସେମାନେ ଭୁବନେଶ୍ୱର ଲିଙ୍ଗରାଜ ଥାନା ମହାବୀର ନଗର ଅଞ୍ଚଳରେ ଦୀର୍ଘ ଦିନ ହେବ ରହୁଥିଲେ। ଅଭିଯୁକ୍ତମାନଙ୍କ ଠାରୁ ୭ଟି ମୋବାଇଲ ଫୋନ୍, ଗୋଟିଏ ଲାପ୍‌ଟପ୍, ୨ମୋଟର ସାଇକେଲ୍ ଏବଂ ୨ବ୍ୟାଙ୍କ୍ ପାସ୍‌ବୁକ୍ ଜବତ ହୋଇଛି।

ପୁଲିସ ସୂଚନା ମୁତାବକ ଅମିତ ନାମରେ ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ରହିଛି। ଏଥିରେ ସେ କେତେବେଳେ ପୁଲିସ ପରିଚୟ ଦେଉଥିଲା ପୁଣି କେତେବେଳେ ଆଉ କେତେବେଳେ ଅନ୍ୟ କୌଣସି ସରକାରୀ ଦପ୍ତରରେ କାର୍ଯ୍ୟ କରୁଛି ବୋଲି ପରିଚୟ ଦେଉଥିଲା। ନିଜର ବହୁ ବଡ଼ ଲୋକଙ୍କ ସହ ଯୋଗାଯୋଗ ରହିଛି ବୋଲି କହି ଜଣେ ଯୁବତୀଙ୍କୁ ବାରବାଟି କ୍ରିକେଟ୍ ମ୍ୟାଚ୍ ଟିକଟ ଦେବ ବୋଲି ପ୍ରତିଶ୍ରୁତି ଦେଇ ୫୨ହଜାର ଟଙ୍କା ଠକି ନେଇଥିଲେ। ବାପା ବି କମ୍ କଳାକାର ନଥିଲେ। ଏହି ଅପରାଧରେ ସେ ବି ସାମିଲ ଥିଲେ। ଲୋକଙ୍କୁ ଟଙ୍କା ଦୁଇଗୁଣ କରିବାକୁ ପ୍ରତିଶ୍ରୁତି ଦେଇ ବ୍ୟାଙ୍କ୍ ଆକାଉଣ୍ଟରେ ବହୁ ଟଙ୍କା ଠକେଇ କରିଥିଲେ।

## ବିଏମ୍‌ସିର ୱାଟର କିଓସ୍କ ଉଦ୍‌ଘାଟିତ

ଭୁବନେଶ୍ୱର, ୭।୫(ସମିସ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଓଡ଼ିଶା ଅକ୍ଷୟ ଶକ୍ତି ବିଭାଗର ମିଳିତ ସହଯୋଗରେ ପଟିଆ ଛକ ହନୁମାନ ମନ୍ଦିରଠାରେ ଏକ ସୋଲାର ୱାଟର କିଓସ୍କକୁ ଭୁବନେଶ୍ୱର ଲୋକସଭାର ସାଂସଦ ଅପରାଜିତା ଷଡଙ୍ଗୀ ଉଦଘାଟନ କରିଛନ୍ତି। ଏଥିରେ ଉପସ୍ଥିତ ଥିଲେ ଭୁବନେଶ୍ୱର ଉତ୍ତରର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱରର ମେୟର ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର୍ ଲକ୍ଷ୍ମୀପ୍ରିୟା ପରିଡ଼ା, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ଡେପୁଟି କମିଶନର ଏନ ଗଣେଶ ବାବୁ ଉପସ୍ଥିତ ଥିଲେ।

# ଗୁଳୁଗୁଳି ପାଇଁ ବିଏସ୍‌ଏବିଟି ଭରସା

ଭୁବନେଶ୍ୱର, ୭।୫(ସମିସ)

ଗରମ ଓ ଗୁଳୁଗୁଳିରୁ ରକ୍ଷା ପାଇବାକୁ ଏବେ ଲୋକମାନେ ବିକଳ୍ପ ବ୍ୟବସ୍ଥା ଆପଣାଉଛନ୍ତି। କିଏ ବଡ଼ ବଡ଼ ସପିଂ ମଲ୍, ସିନେମା ହଲ ଉପରେ ନିର୍ଭରଶୀଳ ହେଲେଣି ତ ଆଉ କିଏ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଉପରେ ଭରସା କରି ଦିନ ବିତାଉଛନ୍ତି।

ରାଜଧାନୀରେ ଏବେ ଦିନରେ ଗରମ ସହିତ ଗୁଳୁଗୁଳି ଅସହ୍ୟ ହୋଇପଡୁଛି। ହେଲେ ସନ୍ଧ୍ୟାରେ କାଳବୈଶାଖୀ ମାଡ଼ି ଆସୁଛି। ଦିନବେଳା ଏହି ଗରମ ଗୁଳୁଗୁଳିରୁ ରକ୍ଷା ପାଇବାକୁ ଯୁବପିଢ଼ିଙ୍କ ସମେତ ଲୋକମାନେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଉପରେ ନିର୍ଭର କରୁଛନ୍ତି। ବିଏସ୍‌ଏବିଟିରେ ୫ ଟଙ୍କାରେ ଭାତ, ଡ଼ାଲମା, ଆଚାର ଖାଇବାକୁ ମିଳିବା ସହ ପାଣି, ଶୌଚାଳୟ, ବିଭିନ୍ନ ଦୋକାନ, ଛୋଟ ଛୁଆ ଖେଳିବା ପାଇଁ ସୁବିଧା ଆଦି ରହିବା ସହ ଏସି ସୁବିଧା ଥିବାରୁ ଅନେକ ସାଧାରଣ ଲୋକଙ୍କୁ ଏହା ବେଶ୍ ସୁହାଉଛି।

**୫ ଟଙ୍କାରେ ଖାଇବା; ଏସି ରୁମ୍‌ରେ ଶୋଇବା**



ସକାଳ ୧୧ଟା ପାଖାପାଖିରୁ ବିଏସ୍‌ଏବିଟିକୁ ଆସି ପ୍ରଥମେ ଆହାର ପାଇଁ ଅପେକ୍ଷା କରୁଛନ୍ତି। ୫ ଟଙ୍କାରେ ଆହାର ଖାଇସାରିବା ପରେ କିଏ ସାଙ୍ଗରେ ଆଣିଥିବା ବହି ପଢୁଛନ୍ତି। ଆଉ କିଏ ସେମାନଙ୍କ ପିଲାଙ୍କୁ ଖେଳାଖେଳି କରିବାରେ ବ୍ୟସ୍ତ ରହିଥାନ୍ତି। ଏଥିସହିତ ମଧ୍ୟ ଅନେକ ଯାତ୍ରୀ ବସ୍ ବାହାରିବାର ସମୟ ଆଗରୁ ବିଏସ୍‌ଏବିଟିକୁ ଆସିଯାଉଛନ୍ତି। ଏହିପରି ମଧ୍ୟ ପ୍ରତିଯୋଗୀତା ମୂଳକ ପରିକ୍ଷା ପାଇଁ ପ୍ରସ୍ତୁତ କରୁଥିବା କିଛି ପିଲାମାନେ ମଧ୍ୟ ସାରାଦିନ ବିଏସ୍‌ଏବିଟିରେ କାଟୁଛନ୍ତି। ରାତି ହେଲେ ବି ରାତିର ୫ ଟଙ୍କା ଆହାର ଖାଇ ଭଡ଼ାଘର ହେଉଅବା, ହଷ୍ଟେଲକୁ ଫେରୁଛନ୍ତି।

ଏନେଇ ଯାଜପୁରୁ ବିଏସ୍‌ଏବିଟି ପାଖରେ ରହୁଥିବା ପ୍ରବିଣ ମହାପାତ୍ର କୁହନ୍ତି ଭଡ଼ା ଘରେ ଫ୍ୟାନ୍ ଚଳେଇଲେ ବିଦ୍ୟୁତ୍ ବିଲ୍ ବି ଦବାକୁ ପଡ଼ିବ। ଏଣୁ ଏଠାକୁ ଆସିଲେ ପାଠକୁ ପାଠ ପଢ଼ିବା ସହିତ ଖାଇବାର ବି ସୁବିଧା ରହୁଛି। ଏବଂ ବିଦ୍ୟୁତ୍ ବିଲ୍ ମଧ୍ୟ ବହୁତ କମ ଦବାକୁ ପଡ଼ିବ ଏଣୁ ସେ ସକାଳୁ ଏଠାକୁ ଆସି ରାତିକୁ ଫେରନ୍ତି ବୋଲି ସେ କହିଛନ୍ତି।

ଏହିପରି ସ୍ୱର୍ଣ୍ଣଲତା ନାମକ ଜଣେ ମହିଳା କୁହନ୍ତି ତାଙ୍କ ପରିବାର ଅର୍ଥ ଅଭାବରୁ ଆଜ୍‌ବେଷ୍ଟ ଘରକୁ ଭଡ଼ାରେ ନେଇ ରହୁଛନ୍ତି। ବାରମ୍ବାର ବିଦ୍ୟୁତ୍ କାଟ ହେବା ସହିତ ଏ ଖରାରେ ଆଜ୍‌ବେଷ୍ଟ ଘରେ ରହିବା କଷ୍ଟକର ହୋଇପଡୁଛି। ଏଣୁ ଅଧିକ ଗରମ ହେଉଥିବାରୁ ତାଙ୍କ ଛୁଆକୁ ନେଇ ଏଠାକୁ ଚାଲି ଆସନ୍ତି ବୋଲି ସେ କହିଛନ୍ତି।


ପୂର୍ବ ଶତ୍ରୁତାକୁ ନେଇ ଅପହରଣ

# କାର୍ ଜବତ, ୩ ଯୁବକ କୋର୍ଟଚାଲାଣ

କାମାକ୍ଷାନଗର, ୭ ।୫ (ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ରହୁଥିବା ପୁରୀ ଜିଲ୍ଲା ବ୍ରହ୍ମଗିରି ଧରଣୀକୁଦ ଗ୍ରାମର ସଂଗ୍ରାମ ଜେନାଙ୍କୁ ସେହି ଅଞ୍ଚଳର ତିନି ଯୁବକ କାର ଯୋଗେ ଅପହରଣ କରି ନେଉଥିବା ବେଳେ ପୁଲିସ ତାଙ୍କୁ ଉଦ୍ଧାର କରିଛି। ଅପହରଣରେ ବ୍ୟବହୃତ କାର୍‌କୁ ପୁଲିସ ଜବତ କରିଥିବା ବେଳେ ତିନି ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅରୁଗୋବିନ୍ଦପୁର ଗ୍ରାମର ଦୀନେଶ ପୃଷ୍ଟି (୨୩), କାଠୁଆରେଡ଼ି ଗ୍ରାମର ରାହୁଲ ବଡ଼ଜେନା (୨୪) ଓ ପୁରୀ ସଦର ଥାନା ଜଗନ୍ନାଥପୁର ଗ୍ରାମର ବାବୁନା ଓରଫ ବବୁ ପ୍ରଧାନ (୨୪)।

ଅଭିଯୋଗ ଅନୁଯାୟୀ, ୨୦୨୩ରେ ସଂଗ୍ରାମ ବ୍ରହ୍ମଗିରି ଥାନା ହଳଦୀକୁଦ ଗ୍ରାମର ରବି ପରିଡ଼ାଙ୍କ ଝିଅ ବର୍ଷାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଏହି ବିବାହରେ ହଳଦୀକୁଦ ଗ୍ରାମର ରବି ପରିଡ଼ା ମଧ୍ୟସ୍ଥି ଥିଲେ। ପରବର୍ତ୍ତୀ ସମୟରେ ସଂଗ୍ରାମ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ରବିଙ୍କୁ ସମାଧାନ ପାଇଁ କହିବାରୁ ସଂଗ୍ରାମ ଓ ରବିଙ୍କ ମଧ୍ୟରେ ଖଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳର ସମାଧାନ କରିବା ପାଇଁ ପଣସପଦା ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦୀର୍ଘଦିନ ଧରି ସମାଧାନ ହୋଇପାରି ନ ଥିଲା। ଏ ସମ୍ପର୍କରେ ସରପଞ୍ଚଙ୍କୁ ପଚାରିବାରୁ ସେ ଗାଳିଗୁଲଜ କରିଥିଲେ। ତେଣୁ ସଂଗ୍ରାମ ଉପାୟଶୂନ୍ୟ ହୋଇ କାମାକ୍ଷାନଗର ପଳାଇ ଆସି ଜିରିଡ଼ାମାଳିରେ ଏକ ୱେଲଡିଂ ଦୋକାନରେ କାମ କରୁଥିଲେ। ୪ ଦିନ ତଳେ ସେ ସରପଞ୍ଚଙ୍କୁ ମୋବାଇଲରେ ସମାଧାନ କଥା ପଚାରିବାରୁ ସରପଞ୍ଚ ସଂଗ୍ରାମଙ୍କୁ ପୁଣି ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ। ତେବେ ବୁଧବାର ସଂଗ୍ରାମ ଦୋକାନରେ କାମ କରୁଥିବା ବେଳେ ଦୀନେଶ ପୃଷ୍ଟି, ରାହୁଲ ବଡ଼ଜେନା ଓ ବାବୁନା ଏକ କାରରେ ଆସି ତାଙ୍କୁ ଅପହରଣ କରି ନେଇଥିଲେ। କୌଣସି ସୂତ୍ରରୁ ଖବର ପାଇ କାମାକ୍ଷାନଗର ଥାନା ପୁଲିସ ସେମାନଙ୍କ ପିଛାକରି ଢେଙ୍କାନାଳଠାରୁ ସଂଗ୍ରାମଙ୍କୁ ଉଦ୍ଧାର କରିଥିଲା। ଏ ସମ୍ପର୍କରେ ସଂଗ୍ରାମଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା ରୁଜୁକରି ପୁଲିସ ଅପହର୍ତ୍ତାଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ୍ ପଠାଇ ଦିଆଯାଇଛି।

## ଚନ୍ଦନ ଯାତ୍ରାରେ ମଦନ ମୋହନଙ୍କ ବିଭିନ୍ନ ବେଶ



ଢେଙ୍କାନାଳ, ୭ ।୫ (ସମିସ): ସ୍ଥାନୀୟ ଭାଗିରଥି ସାଗର କୂଳରେ ଏକୋଇଶି ଦିନ ଧରି ଚନ୍ଦନ ଯାତ୍ରା ଚାଲୁଥିବା ବେଳେ ଶେଷ ପାଞ୍ଚ ଦିନ ମଦନ ମୋହନଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହେଉଛି। ପ୍ରଥମ ଦିନରେ ଚନ୍ଦନ ବେଦୀରେ ଗରୁଡ ଗୋବିନ୍ଦ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପୂଜକ ଶ୍ରୀବତ୍ସ ମିଶ୍ର, ମଳୟକର, ପାଳିଆ ସେବକ ବାବାଜୀ ମହାପାତ୍ର, କହାଳିଆ ଟିକନ ବେହେରା ଏବଂ ଜୀମାଦାର ଶ୍ୟାମସୁନ୍ଦର ପାଣଗ୍ରାହୀଙ୍କ ଉପସ୍ଥିତି ଏହି ବେଶ ଅନୁଷ୍ଠିତ ହୋଇଥଲା।

## ଚଳନ୍ତା ଟ୍ରକରେ ଲାଗିଗଲା ନିଆଁ



କାମାକ୍ଷାନଗର, ୭ ।୫ (ସମିସ): ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା ବଡ଼ସୁଆଁଳ ନିକଟରେ ଏକ ଚଳନ୍ତା ଟ୍ରକରେ ଲାଗିଗଲା ନିଆଁ। ଟ୍ରକଟି ହୁତୁହୁତୁ ହୋଇ ଜଳୁଥିବା ବେଳେ କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଏହି ଦଶଚକିଆ ଟ୍ରକ ଯାଜପୁର ଅଞ୍ଚଳରୁ କୋଇଲା ଖାଲି କରି ତାଳଚେର ଯାଉଥିବା ବେଳେ ବଡ଼ସୁଆଁଳ ନିକଟରେ ହଠାତ ଏହାର ପଛ ଚକରେ ନିଆଁ ଲାଗିଯାଇଥିଲା। ଫଳରେ ଟ୍ରକ ଜଳିବାକୁ ଆରମ୍ଭ କରିଥିଲା। ଏହା ଦେଖି ଡ୍ରାଇଭର ଟ୍ରକକୁ ରାସ୍ତା ମଝିରେ ଅଟକାଇ ତୁରନ୍ତ କାମାକ୍ଷାନଗର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ତୁରନ୍ତ ନିଆଁକୁ ଆୟତ୍ତ କରିଥିବା ବେଳେ ଏକ ବଡ଼ ବିପଦରୁ ଡ୍ରାଇଭର ଓ ଗାଡ଼ି ଅଳ୍ପକେ ବର୍ତ୍ତିଯାଇଛି। ତେବେ କେଉଁ କାରଣରୁ ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ। ଅତ୍ୟଧିକ ଖରା ଯୋଗୁଁ ଚକରେ ନିଆଁ ଲାଗିଯାଇ ଥାଇପାରେ ବୋଲି ଅନୁମାନ କରାଯାଉଛି।

## ଡାଳସିଂହା ମାର୍ଥାପୁର ସତ୍ୟନାରାୟଣ ପାଲା ମହୋତ୍ସବ



ଗଁଦିଆ, ୭ ।୫ (ସମିସ): ଡାଳସିଂହା ମାର୍ଥାପୁରରେ ପଞ୍ଚମ ବାର୍ଷିକ ପାଲା ମହୋତ୍ସବ ଅନୁଷ୍ଠିତ ହୋଇଛି। ଗାୟକ କୈବଲ୍ୟ ମୁରଲୀଧର ବେହେରା ଗାୟକ ଶେଖର ଜଗନ୍ନାଥ ବେହେରା, ଗାୟକରତ୍ନ ହରି ନାଥଙ୍କ ସହ ଗାୟକ ଶିରୋମଣି ନିରଞ୍ଜନ କର ପାଲା ପରିବେଷଣ କରିଥିଲେ। ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ଢେଙ୍କାନାଳ ଜିଲ୍ଲାର ଆଶୁ କବି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁଙ୍କ ଉପସ୍ଥିତିରେ ପାଲା ପରିବେଷଣ ହୋଇଥିଲା। ଗ୍ରାମ କମିଟି ସଭାପତି ଶ୍ରୀବତ୍ସ କୁମାର ପରିଡ଼ା, ସମ୍ପାଦକ ପ୍ରମୋଦ କୁମାର ରାଉତରାୟ, ସମାଜସେବୀ ସୁଶାନ୍ତ କୁମାର ବେହେରା, ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ କୋଷାଧ୍ୟକ୍ଷ ତଥା ଡାଳସିଂହା ମାର୍ଥାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁ କମିଟି ସଭାପତି ଶ୍ୟାମସୁନ୍ଦର ସ୍ୱାଇଁଙ୍କ ସହିତ ପାଲା ମହୋତ୍ସବ କମିଟି କର୍ମକର୍ତ୍ତା ଓ ପଡ଼ୋଶୀ ଗ୍ରାମର ସହସ୍ରାଧିକ ପାଲାପ୍ରେମୀଙ୍କ ଉପସ୍ଥିତ ଥିଲେ।

## ମାଙ୍କଡ଼ା ପଥର ଚାଲାଣର ହଟସ୍ପଟ୍ ପାଲଟିଛି ମହିମା ସେତୁ

ଭୁବନ, ୭ ।୫ (ସମିସ): ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚାଲାଣ ହେଉଛି ମାଙ୍କଡ଼ା ପଥର। ସନ୍ଧ୍ୟା ହେଲେ ଶହଶହ ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଭୁବନ ବ୍ଲକର ଜିରାଳ



ଅଞ୍ଚଳ ଦେଇ ଜାତୀୟ ରାଜପଥ ୫୩କୁ ଉଠି ଯାଜପୁର ଜିଲ୍ଲା ସୁକିନ୍ଦା, ଦାନଗଦି, କୋରେଇ, କାଳିଆପାଣି ଖଣି ଅଞ୍ଚଳ, କଳିଙ୍ଗନଗର ଶିଳ୍ପାଞ୍ଚଳ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର, ଘସିପୁରା ଅଞ୍ଚଳକୁ ଚାଲାଣ ହେଉଛି। ଗାଁ ରାସ୍ତାରେ ଗାଡ଼ିଗୁଡ଼ିକ ଦ୍ରୁତ ଗତିରେ ଯାତାୟାତ ବେଳେ ଦୁର୍ଘଟଣାର ଘଟି ଧନଜୀବନ ନଷ୍ଟ ହେଉଛି। ସଦର ଥାନା ଇନ୍ଦିପୁର, ହିନ୍ଦୋଳ ବ୍ଲକ ଅଞ୍ଚଳରୁ ଟ୍ରକରେ ମାଙ୍କଡ଼ା ପଥର ଚାଲାଣ ହେଉଥିବା ବେଳେ ଭୁବନ ବନ ବିଭାଗ, ତହସିଲ, ପୁଲିସ ନିରବଦ୍ରଷ୍ଟା ସାଜିଛନ୍ତି। କାଲୁରିଆ ଗୋରଡ଼ିଆ ଗ୍ରାମ ମହିମା ସେତୁ ଦେଇ ଶହଶହ ମାଙ୍କଡ଼ା ପଥର ବୋଝେଇ ଟ୍ରକ ଜିରାଳ ମାର୍ଥାପୁର ଦେଇ ଭୁବନ ଅଞ୍ଚଳକୁ ଆସୁଥିବାବେଳେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଭୁବନର ଅଁଳାଝରି ପଥର କଟାଳିଙ୍କ ରୋଜଗାରର ପେଣ୍ଠସ୍ଥଳ ପାଲଟିଥିଲା। ଗତ ସରକାରରେ ବନାଞ୍ଚଳ ଅଧିକାରୀ ଅନିତା ସେଠୀ ଏହାକୁ ବନ୍ଦ କରାଇଥିଲେ। ଏବେ ପୁଣି ଆରମ୍ଭ ହେଲାଣି। ଗାଡ଼ିଗୁଡ଼ିକ ଦ୍ରୁତଗତିରେ ଯାଉଥିବା ବେଳେ ଗାଡ଼ି ଉପରେ ବସୁଥିବା ଶ୍ରମିକଙ୍କ ଜୀବନ ପ୍ରତି ବିପଦ ରହୁଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## 'ପ୍ରୋଜେକ୍ଟ ଦୃଷ୍ଟି' ଯୋଗୁ ଦୃଷ୍ଟିଶକ୍ତି ଫେରିପାଇଲେ ସୁଷମା



ଢେଙ୍କାନାଳ, ୭ ।୫ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ନୂଆଗାଁ ପଞ୍ଚାୟତର ୭୦ ବର୍ଷୀୟା ସୁଷମା ସାହୁଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିଛି ଟାଟାଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍)ର ପ୍ରୋଜେକ୍ଟ ଦୃଷ୍ଟି। ସୁଷମାଙ୍କ ଦୁଇଟି ଯାକ ଆଖିରେ ମୋତିଆବିନ୍ଦୁ ଓ ମାଂସପେଶୀ ଅତ୍ୟଧିକ ବୃଦ୍ଧି ପାଇଥିଲା। ଏଭଳି ସ୍ଥିତିରେ ସେ ପ୍ରାୟତଃ ନିଜ ଦୃଷ୍ଟିଶକ୍ତି ହରାଇ ବସିଥିଲେ। ନିଜେ ନିଜ କାମ କରିବା ସମ୍ଭବ ହେଉ ନ ଥିଲା। ସେ ସମ୍ପୂର୍ଣ୍ଣ ଭାବେ ନିଜ ପରିବାର ଲୋକଙ୍କ ଉପରେ ନିର୍ଭରଶୀଳ ହୋଇପଡ଼ିଥିଲେ। ହେଲେ ତାଙ୍କ ଜୀବନର ଏହି ଅନ୍ଧକାର ଦୂର କରିବାକୁ ସହଯୋଗର ହାତ ବଢାଇଥିଲା ଟିଏସ୍‌ଏଫ୍। 'ପ୍ରୋଜେକ୍ଟ ଦୃଷ୍ଟି' ଅଧୀନରେ ଆୟୋଜିତ ଏକ ସ୍କ୍ରିନିଂ କ୍ୟାମ୍ପରେ ସୁଷମାଙ୍କ ଚକ୍ଷୁସମସ୍ୟା ଚିହ୍ନଟ ହୋଇଥିଲା। ଅସ୍ତ୍ରୋପଚାର ପ୍ରତି ତାଙ୍କ ମନରେ ଭୟ ଥିବାରୁ ପ୍ରୋଜେକ୍ଟ ଦୃଷ୍ଟିର ଫିଲ୍ଡ ଟିମ ତାଙ୍କୁ ଏବଂ ତାଙ୍କ ପରିବାରକୁ କାଉନସେଲିଂ କରିଥିଲେ। ତାଙ୍କ ଆର୍ôଥକ ସ୍ଥିତି ଭଲ ନ ଥିବାରୁ ଟିଏସ୍‌ଏଫ୍ ପକ୍ଷରୁ ସହଯୋଗୀ ଡାକ୍ତରଖାନା ସହ ସମନ୍ୱୟ ରକ୍ଷା କରାଯାଇ ମାଗଣାରେ ଅସ୍ତ୍ରୋପଚାର କରାଯାଇଥିଲା। ପ୍ରୋଜେକ୍ଟ ଦୃଷ୍ଟି ଟିମ ପକ୍ଷରୁ ଯାତାୟାତ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ମଧ୍ୟ କରାଯାଇଥିଲା।

## ଫାଶୀ ଲଗାଇ ଯୁବକଙ୍କ ଆତ୍ମହତ୍ୟା

ପାଲଲହଡ଼ା, ୭ ।୫ (ସମିସ): ପାଲଲହଡ଼ା ଥାନା ରଞ୍ଜନା ଗ୍ରାମର ସ୍ୱର୍ଗତ ଜେନାମଣି ମୁଣ୍ଡାଙ୍କ ପୁଅ ସହଦେବ ମୁଣ୍ଡା (୧୯) ନିଜ ଘର ଭିତରେ ଶାଢ଼ି ସାହାଯ୍ୟରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସହଦେବଙ୍କ ସ୍ତ୍ରୀ ଘର ଛାଡ଼ି ଚାଲିଯାଇଥିବାରୁ ସେ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ଗୁରୁବାର ଏ ନେଇ ସହଦେବଙ୍କ ବଡ଼ଭାଇ ରଞ୍ଜନ ମୁଣ୍ଡା (୨୬) ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସକାଳେ ଘର ଭିତରେ ସହଦେବ ଝୁଲିଥିବା ପରିବାର ଲୋକେ ଝରକା ବାଟେ ଦେଖିବାକୁ ପାଇଥିଲେ। ଘର ଭିତର ପଟୁ ବନ୍ଦ ଥିବାରୁ ସେମାନେ କବାଟ ଭାଙ୍ଗି ଭିତରକୁ ପଶି ମୃତଦେହ ବାହାରକୁ ଆଣିଥିଲେ। କିଛି ଦିନ ପୂର୍ବରୁ ସହଦେବଙ୍କ ସ୍ତ୍ରୀ ଘର ଛାଡ଼ି ଚାଲିଯାଇଥିବାରୁ ସେ ଏକାକୀ ଥିଲେ ଏବଂ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଏହି କାରଣରୁ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ରଞ୍ଜନ ଅଭିଯୋଗରେ ଦର୍ଶାଇଛନ୍ତି। ପୁଲିସ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ କହିଛନ୍ତି।

## ବରଯାତ୍ରୀ ଗାଡ଼ି-ଟ୍ରାକ୍ଟର ଧକ୍କା, ୨ ଗୁରୁତର

ଅନୁଗୋଳ, ୭ ।୫ (ସମିସ): କିଆକଟା ଛକ ନିକଟରେ ବିଳମ୍ବିତ ରାତିରେ ବରଯାତ୍ରୀ ଗାଡ଼ି ଓ ଟ୍ରାକ୍ଟର ଧକ୍କା ହେବାରୁ ଦୁଇଜଣ ଗୁରୁତର ହୋଇଥିବା ବେଳେ ଅନ୍ୟ ତିନିଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, କଦଳୀଗଡ଼ ଗାଁରୁ ବରଯାତ୍ରୀ ଗାଡ଼ି (ବୋଲେରୋ) ରାମଗଡ଼ ଯାଇ ବିବାହ ସାରି ଫେରୁଥିବା ବେଳେ ରେଢ଼ାଖୋଲ-ବୌଦ୍ଧ ୧୫୩ନଂ ଜାତୀୟ ରାଜପଥର କିଆକଟା ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଏଥିରେ ବୋଲେରୋ ଡ୍ରାଇଭର ସମେତ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ପଛରେ ଆସୁଥିବା ଅନ୍ୟ ବରଯାତ୍ରୀ ଗାଡ଼ିର ଲୋକେ ଆହତଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲରେ ଭର୍ତ୍ତି କରିଥିଲେ। ଗୁରୁତର ଥିବା ଡ୍ରାଇଭର ଓ ଅନ୍ୟ ଜଣଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୁଲିସ ତଦନ୍ତ ଆରମ୍ଭ କରିଛି।

ନାଲକୋ ପାରିପାର୍ଶ୍ୱିକ ଗ୍ରାମରେ ଉନ୍ନୟନ ପ୍ରକଳ୍ପ ଲୋକାର୍ପିତ

## ୧୪ ଗ୍ରାମକୁ ୫୪ ଟ୍ୟାଙ୍କରରେ ଜଳଯୋଗାଣ

ନାଲକୋ ନଗର, ୭ ।୫ (ସମିସ): ସାମାଜିକ ଦାୟିତ୍ୱବୋଧରେ ନାଲକୋ ଏସ୍ ଆଣ୍ଡ ପି କମ୍ପ୍ଲେକ୍ସ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ



ଜନହିତକର ବିଭିନ୍ନ ପ୍ରକଳ୍ପକୁ ଲୋକାର୍ପିତ କରାଯାଇଛି। ନାଲକୋ କର୍ପୋରେଟ ନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକ ଉଦଘାଟନ କରିଥିଲେ। ଗ୍ରୀଷ୍ମକାଳୀନ ପ୍ରବାହ ସମୟରେ ପାନୀୟ ଜଳ ସମସ୍ୟା ଦୂର ପାଇଁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଟ୍ୟାଙ୍କର ଜଳ ଯୋଗାଣ ସେବାର ଶୁଭାରମ୍ଭ ହୋଇଛି। ବଅଁରପାଳ ବ୍ଲକର ୧୪ଟି ଜଳକ୍ଲିଷ୍ଟ ଗ୍ରାମକୁ ପ୍ରତ୍ୟେକ ଦିନ ୫୪ ଟ୍ୟାଙ୍କର ଜରିଆରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମକୁ ଅତିଥିମାନେ ସବୁଜ ସଙ୍କେତ ଦେଇ ଶୁଭାରମ୍ଭ କରିଥିଲେ। ନାଲକୋ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ପିଙ୍ଗୁଆ ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନବନିର୍ମିତ ଶ୍ରେଣୀଗୃହର ଉନ୍ନତୀକରଣ ଏବଂ ବିଦ୍ୟାଳୟ ପାଚେରି ନିର୍ମାଣ କାର୍ଯ୍ୟକୁ ଉଦଘାଟନ କରାଯାଇଛି। ସେହିପରି ବଳରାମପ୍ରସାଦ ପଞ୍ଚାୟତରେ ନବୀକରଣ ହୋଇଥିବା ବରିଷ୍ଠ ନାଗରିକ ବୈଠକ ଘର

- ବଳରାମ ପ୍ରସାଦରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ବୈଠକ ଗୃହ ଏବଂ ପୁସ୍ତକାଗାର
- ପିଙ୍ଗୁଆ ପ୍ରାଥମିକ ବିଦ୍ୟାଳୟରେ ନୂତନ ଶ୍ରେଣୀଗୃହର ଉନ୍ନତୀକରଣ

ଏବଂ ଲାଇବ୍ରେରୀର ଉଦଘାଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ନାଲକୋ ନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା, ମାନବ ସମ୍ବଳ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ହିମାଂଶୁ ଶେଖର ପ୍ରଧାନ, ସିପିପିର ମୁଖ୍ୟ ମହାପ୍ରବନ୍ଧକ ଶୁଭେନ୍ଦୁ ଘୋଷ, ସିଏସଆର ମହା ପ୍ରବନ୍ଧକ ରାଜାରାମ ମିଶ୍ର, ସ୍ଥାନୀୟ ଲୋକ ପ୍ରତିନିଧି, ସ୍ୱୀକୃତିପ୍ରାପ୍ତ ଶ୍ରମିକ ୟୁନିୟନ କର୍ମକର୍ତ୍ତା, ବରିଷ୍ଠ ନାଗରିକ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରାଜନୈତିକ ଆକ୍ରୋସରୁ ଯୁବକଙ୍କୁ ଆକ୍ରମଣ

ହିନ୍ଦୋଳ, ୭ ।୫ (ସମିସ): ରାଜନୈତିକ ଆକ୍ରୋସରୁ ଜଣେ ଦଳିତ ଯୁବକଙ୍କୁ ସରପଞ୍ଚ ଓ ତାଙ୍କ ୪ ସହଯୋଗୀଙ୍କ ଜାତିଆଣ ଆକ୍ଷେପ ସହ ଆକ୍ରମଣ କରିଥିବା ହିନ୍ଦୋଳ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହିନ୍ଦୋଳ ଥାନା ବାଉଁଶପୋଖରୀ ପଞ୍ଚାୟତ ନୂଆକୋଟ ଗ୍ରାମର ଗୋପୀନାଥ ବେହେରା ଗତ ୫ ତାରିଖ କୌଣସି କାର୍ଯ୍ୟରେ ଯାଉଥିବା ବେଳେ ସେହି ଗ୍ରାମର ଦୁର୍ଯ୍ୟୋଧନ ମାଝୀ ଓ ନରେଶ



ବେହେରା କୌଣସି କାରଣ ନ ଥାଇ ତାଙ୍କ ସହ ବଚସା କରିଥିଲେ। କ'ଣ ପାଇଁ ତୁ ନିର୍ବାଚନରେ ଆମ ବିରୋଧରେ ପ୍ରଚାର କରୁଥିଲୁ କହି ମାଡ଼ ମାରିଥିଲେ। ଗୋପୀନାଥ ଦୌଡ଼ି ପଳାଇ ଯାଉଥିବା ବେଳେ ବାଉଁଶପୋଖରୀ ସରପଞ୍ଚ ରଣଜିତ ପ୍ରଧାନଙ୍କ ସହ କିଛି ଯୁବକ ତାଙ୍କୁ ମାଡ଼ ମାରି ମୁଣ୍ଡ ଫଟାଇ ଦେଇଥିଲେ। ଗୋପୀନାଥ ହିନ୍ଦୋଳ ଚିକିତ୍ସାଳୟରେ ଚିକିତ୍ସା ହେବାପରେ ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଇତିମଧ୍ୟରେ ତିନିଦିନ ବିତିଥିଲେ ମଧ୍ୟ ଆକ୍ରମଣକାରୀମାନେ ଏବେ ଖୋଲାରେ ବୁଲୁଥିବା ଗୋପୀନାଥ ଅଭିଯୋଗ କରିଛନ୍ତି। ଏ ନେଇ ହିନ୍ଦୋଳ ଥାନାଧିକାରିଣୀ ମମତା ସାମନ୍ତରାୟଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି,

ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, ଅଭିଯୋଗ ପାଇଛୁ। ଏ ନେଇ ତଦନ୍ତ ଚାଲିଛି। ଖୁବ ଶୀଘ୍ର ସତ୍ୟାସତ୍ୟ ବାହାର କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ପର୍ବତାରୋହୀ ବିଭାରାଣୀ ଜାତୀୟ ଯୁବ ସମ୍ମାନ ପାଇଁ ମନୋନୀତ



ଢେଙ୍କାନାଳ, ୭ ।୫ (ସମିସ): ପ୍ରୋଜେକ୍ଟ ପଏଣ୍ଟ ଏବଂ ମାଇଁ ଭାରତ ଦ୍ୱାରା ଆୟୋଜିତ ଜାତୀୟ ଯୁବ ନେତୃତ୍ୱ ସମ୍ମିଳନୀ ଓ ସମ୍ମାନ ଦିଲ୍ଲୀସ୍ଥିତ ବିଶ୍ୱ ଯୁବକେନ୍ଦ୍ରରେ ମେ ୧୧ରେ ଅନୁଷ୍ଠିତ ହେବ। ଏଥିରେ ୫ଟି ଦେଶ, ୨୩ଟି ରାଜ୍ୟରୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୪୦ ପ୍ରତିଭାଙ୍କୁ ଜାତୀୟ ଯୁବ ସମ୍ମାନ ପ୍ରଦାନ କରାଯିବ। ଏଥିପାଇଁ ଅନ୍ତର୍ଜାତୀୟ ମହିଳା ପର୍ବତାରୋହୀ ବିଭାରାଣୀ ପାତ୍ରଙ୍କୁ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀଲଙ୍କା କମିଶନର ମହସିନୀ କଲୋନୋ, କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ, ବିଶ୍ୱ ଯୁବକେନ୍ଦ୍ରର ମୁଖ୍ୟ ଉଦୟ ଶଙ୍କର ସିଂଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ସରପଞ୍ଚଙ୍କ ଦ୍ୱାରା ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ

ଗଁଦିଆ, ୭ ।୫ (ସମିସ): ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଁଦିଆ ପଞ୍ଚାୟତ ସମିତିର ଦୁଇ ପଞ୍ଚାୟତ ଓ ଗ୍ରାମକୁ ନେଇ ୨୦୨୫ ଡିସେମ୍ବର ୨୫ରେ ଗଁଦିଆକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ପରେ ମାର୍ଚ୍ଚ ୩୧ ତାରିଖରୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡ଼ିଛି। ଏହି ସମୟରେ ରୋଚକ ମୋଡ଼ ନେଇଛି ପୋରୁହଖୋଜ ସରପଞ୍ଚଙ୍କ ଦଳୀୟ କାର୍ଯ୍ୟାଳୟ ଉଦଘାଟନ। ସର୍ବସାଧାରଣଙ୍କ ସେବାପାଇଁ ନିର୍ବାଚିତ ସରପଞ୍ଚ ରତିକାନ୍ତ ସାହୁ ଜନଶୁଣାଣି ପାଇଁ ଗଁଦିଆ ଥାନା ଓ ବ୍ଲକ ସମ୍ମୁଖରେ କାର୍ଯ୍ୟାଳୟର ପୂଜାର୍ଚ୍ଚନା କରିଛନ୍ତି। ବିଜେପିର ଏହି ଲଢୁଆ ନେତାଙ୍କ ଦ୍ୱାରା ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲିବାକୁ ଲୋକେ କେଉଁ ବିଚାରରେ ନେବେ ତାହା



ଦେଖିବାକୁ ବାକି ରହିଲା। ଜିଲ୍ଲାର ପ୍ରଭାବଶାଳୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଏକାନ୍ତ ଅନୁଗତ ରତିକାନ୍ତ ଦଳୀୟ ସଂଗଠନକୁ ମଜବୁତ କରିବା କିମ୍ବା ନିଜ ସଂଗଠନକୁ ଆଗକୁ ନେବେ ତାହା ଚର୍ଚ୍ଚାର ବିଷୟ ହୋଇଛି।

# କମୁଛି ଭୂତଳ ଜଳସ୍ତର, ବଢୁଛି ପାନୀୟ ଜଳ ସମସ୍ୟା

ତାଳଚେର, ୬ ।୫ (ସମିସ): କିଛିବର୍ଷ ହେବ ଏହି ଅଞ୍ଚଳରେ ଭୂତଳ ଜଳସ୍ତର କମୁଥିବା ବେଳେ ପାନୀୟଜଳ ସମସ୍ୟା ବୃଦ୍ଧି ପାଇଛି। ଏନେଇ ବ୍ଲକର ଲୋକଙ୍କ ମଧ୍ୟରେ ପାଣି ଟୋପେ ପାଇଁ ଡହଳବିକଳ ହେଉଛନ୍ତି। ନଳକୂଅ ହ୍ୟାଣ୍ଡେଲ ମାରିମାରି ଥକିଗଲେ ମଧ୍ୟ ପାଣି ବାଲଟିଏ ମିଳିପାରୁନାହିଁ। ପୁଣି ଯେଉଁ ପାଣି ଆସୁଛି ତାହା ବ୍ୟବହାର ଉପଯୋଗୀ ମଧ୍ୟ ହେଉନାହିଁ। ଭୂତଳ ଜଳସ୍ତର ଖସିବା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ପାନୀୟ ଜଳ ଓ ପଞ୍ଚାୟତିରାଜ ବିଭାଗ ଦ୍ୱାରା ନଳକୂପ ଖନନ, ପାନୀୟଜଳ ଯୋଗାଣ କରାଯାଉଥିଲେ ମଧ୍ୟ ତାହାର ସଠିକ୍ ରୂପାୟନ ହୋଇପାରୁ ନାହିଁ। ଭୂତଳ ଜଳସ୍ତର ବଢ଼ାଇବା ପାଇଁ ପୋଖରୀ ଖନନ, ପ୍ରଚୁର ବୃକ୍ଷରୋପଣ, ଆଡ଼ିବନ୍ଧ ନିର୍ମାଣ ଆଦି ଦୀର୍ଘମିଆଦି ଯୋଜନା କାର୍ଯ୍ୟକାରୀ ହେଉନାହିଁ। ଓଲଟି ବର୍ଷାଜଳ ସଞ୍ଚୟ ପରିବର୍ତ୍ତେ ପୋଖରୀ ଓ ଖାଲ ଜମି ପୋତାଯାଇ ଗୃହ ନିର୍ମାଣ କରାଯାଇଛି। ଫଳରେ ବର୍ଷାଜଳ ଭୂଗର୍ଭକୁ ନ ଭେଦି





ବୋହିଯାଉଛି। ସରକାରୀ ସ୍ତରରେ ପୋଖରୀ ଖନନ ଓ ଜଳାଶୟ ଉଦ୍ଧାର ଆଦି ପାଇଁ ଯୋଜନା ଓ ଅନୁଦାନ ଥିଲେ ମଧ୍ୟ ତାହା ଧର୍ମକୁ ଆଖିଠାର ପରି କାର୍ଯ୍ୟ କରାଯାଇଛି। ରକ୍ଷଣାବେକ୍ଷଣା ଅଭାବରୁ ଜଳାଶୟଗୁଡ଼ିକ ପୋତିହୋଇ ପଡୁଥିବା ବେଳେ ଜଳସ୍ତର ବଢ଼ାଇବା ପାଇଁ ବର୍ଷଜଳ ହିଁ ନିତାନ୍ତ ଆବଶ୍ୟକ। ବର୍ଷାଜଳକୁ ଠିକ୍ ସମୟରେ ସଦୁପଯୋଗ କରାଯାଇ ପାରୁ ନ ଥିବାରୁ ଭୂତଳ ଜଳ ପୂର୍ଣ୍ଣ ହୋଇ ନ ପାରି ବୋହି ଯାଉଛି।

ଆହୁରି ମଧ୍ୟ ପୂର୍ବରୁ ଖରାଦିନେ ନଦୀଗୁଡ଼ିକରେ ପାଣି ରହୁଥିଲା। ଲୋକମାନେ ପାନୀୟଜଳ ରୂପେ ଏହାକୁ ବ୍ୟବହାର କରିବା ସହ ଗାଧୁଆ ପାଧୁଆ ଓ ଚାଷବାସ କରୁଥିଲେ। ଗୋରୁଗାଈମାନଙ୍କୁ ଗାଧୋଉଥିଲେ। କିନ୍ତୁ ଏବେ ନଦୀଗୁଡ଼ିକ ପୋତିହୋଇ ପଡ଼ିବା ସହ ସେଥିରେ ବିଶେଷ ପାଣି ରହୁନାହିଁ। ଭୂତଳ ଜଳକୁ କମ୍ପାନୀ ଓ ଶିଳ୍ପ କଳକାରଖାନାଗୁଡ଼ିକ ଶୋଷି ନେଉଥିବାରୁ ଜଳସ୍ତର ମଧ୍ୟ କମିବାରେ ଲାଗିଛି ବୋଲି କୁହାଯାଉଛି। ଫଳରେ ଭୂତଳ ଜଳ ଦିନକୁ ଦିନ କମୁଥିବା ବେଳେ ପାନୀୟଜଳ ସମସ୍ୟା ବୃଦ୍ଧି ପାଉଛି। ବର୍ତ୍ତମାନ ଭୂତଳ ଜଳବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ କୌଣସି ଯୋଜନା କାର୍ଯ୍ୟକ୍ଷମ ହେଉ ନ ଥିବା ଅଭିଯୋଗ ହେଉଛି। ପୋଖରୀ ପାଣି ବୃଦ୍ଧି ହେଲେ ନଳକୂପ ସହ ସଂଯୋଗ କରାଯାଇଥିବା ସୁଡ଼ଙ୍ଗ ବାଟଦେଇ ପାଣି ଭୂତଳକୁ ପ୍ରବେଶ କରିବ। ସେହିପରି ସରକାରଙ୍କ ପକ୍ଷରୁ ବିଗତ ବର୍ଷାଦିନଗୁଡ଼ିକରେ ଘର ଛାତରେ ଜଳ ସଂଗ୍ରହ କରିବା ପାଇଁ ଯୋଜନା ହୋଇଥିବା ବେଳେ ତାହାର କାର୍ଯ୍ୟକାରିତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକୃତରେ ଯୋଜନାଗୁଡ଼ିକ ଯଦି ଠିକଭାବେ କାଯର୍‌ୟକାରୀ କରାଯାଏ ତେବେ ଭୂତଳ ଜଳସ୍ତର ବୃଦ୍ଧି ପାଇବ ବୋଲି ପରିବେଶବିତ ମତପ୍ରକାଶ କରିଛନ୍ତି।



# ଭିଡ଼ରେ କଲବଲ ରାଜଧାନୀବାସୀ

ଭୁବନେଶ୍ୱର, ୭।୫(ସମିସ)



**ସକାଳ-ସଞ୍ଜରେ ଅବସ୍ଥା ଅସମ୍ଭାଳ**

ଦିନକୁ ଦିନ ସହରରେ ଲୋକସଂଖ୍ୟା ବୃଦ୍ଧି ପାଇବା ସହ ଯାନବାହନ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ବିଶେଷ କରି ଘରେ ଘରେ ଚାରିଚକିଆ ଯାନ ଥିବା ବେଳେ କେତେକଙ୍କ ଘରେ ୨ରୁ ଊର୍ଦ୍ଧ୍ୱ ବଡ଼ବଡ଼ ଗାଡ଼ି ରହିଛି। ଫଳରେ ସକାଳ ଓ ସନ୍ଧ୍ୟାରେ ରାଜଧାନୀରେ ଏବେ ଅନ୍ୟ ମେଟ୍ରୋ ସିଟି ଭଳି ଭିଡ଼ ଦେଖିବାକୁ ମିଳୁଛି। ଗୋଟିଏ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ପ୍ରାୟ ଅଧଘଣ୍ଟା ସମୟ ଲାଗିଯାଉଛି। ଅନେକ ସମୟରେ ଭିଡ଼ରେ ଆମ୍ବୁଲାନ୍ସ ଫସି ରହିଥିବା ମଧ୍ୟ ଦେଖିବାକୁ ମିଳୁଛି। ତେବେ ରାଜଧାନୀରେ ନିୟମିତ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି ହାଇଟେକ ଛକରୁ ପଳାଶୁଣିକୁ ସଂଯୋଗ କରୁଥିବା ରାସ୍ତା ସମେତ କଳ୍ପନା, ଲୁଇସ୍‌ରୋଡ ଆଦି ପ୍ରମୁଖ ସ୍ଥାନରେ।

ବର୍ତ୍ତମାନ ରାଜଧାନରେ ଫ୍ଲାଏଓଭର ଦେଇ ଯଦିଓ ଅନେକ ଗାଡ଼ି ଯିବାଆସିବା କରୁଛି, କିନ୍ତୁ ସହର ମଧ୍ୟରେ ଭିଡ଼ ନିୟନ୍ତ୍ରଣ ଏବେ ଚିନ୍ତାର ବିଷୟ ପାଲଟିଛି। ଯାହାର ଉଦାହରଣ ପ୍ରତିଦିନ ସକାଳ ସାଢ଼େ ୯ଟାରୁ ସାଢ଼େ ୧୦ଟା ଏବଂ ସନ୍ଧ୍ୟା ୫ଟାରୁ ୭ଟା ଯାଏ କଟକରୋଡ୍ ଓ ଲୁଇସ୍‌ରୋଡ୍‌ରେ ଅସମ୍ଭାଳ ଭିଡ଼ ଜମୁଛି। ବିଶେଷକରି ବିଜେବି କଲେଜ, କୋର୍ଟ ଓ ରାଜ୍ୟ ସଂଗ୍ରହାଳୟ ରହିଥିବାରୁ ଲୁଇସରୋଡରେ ଅଧିକ ବେଶି ଭିଡ ଜମୁଛି। ତା ସହିତ ଶହଶହ ଲୋକେ ରାସ୍ତା ପାର୍ ହେଉଥିବା ମଧ ଭିଡ଼ ଜମିବାର ଅନ୍ୟ କାରଣ। ଏହାଦ୍ୱାରା ଭିଡ଼ ଜମିବା ସାଙ୍ଗକୁ ରାସ୍ତା ପାରହେବା ସମୟରେ ଦୁର୍ଘଟଣା ମଧ ଘଟୁଛି। ତେଣୁ ଏହି ସ୍ଥାନରେ ଏକ ଫୁଟ୍‌ଓଭରବ୍ରିଜ୍ ନିର୍ମାଣ କରାଯିବା ନିହାତି ଆବଶ୍ୟକ ବୋଲି ଯାତ୍ରୀମାନେ ମତ ଦେଇଛନ୍ତି। ତେବେ ଏଥିପାଇଁ ଅନେକ ଦିନ ହେଲା ଦାବି ହୋଇଆସୁଥିଲେ ବି ସରକାରୀ ଉଦାସୀନତା କାରଣରୁ ଲୋକଙ୍କ ଦାବିକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ସେହିପରି କୋର୍ଟ ପାଖ ଭଞ୍ଜ କଳାମଣ୍ଡପ ସମ୍ମୁଖରେ, ରାଜ୍ୟ ସଂଗ୍ରହାଳୟ ସମ୍ମୁଖରେ ଓ ବିଜେବି କଲେଜ୍ ଗେଟ୍ ସମ୍ମୁଖରେ ପ୍ରତିଦିନ ଶହଶହ ଯୁବକ, ଛାତ୍ର ଓ ବୟସ୍କ ଲୋକମାନେ ରାସ୍ତା ପାର ହେଉଥିବା ଦୃଶ୍ୟ ଦେଖିବାକୁ ମିଳେ। ଫୁଟ୍ ଓଭର ବ୍ରିଜ୍ ନଥିବାରୁ ମଝିରେ ମେଡିଆନ୍ ଡେଇଁ ୪ଲେନ୍ ବିଶିଷ୍ଟ ରାସ୍ତାକୁ ଲୋକେ ବିପଜ୍ଜନକଭାବେ ପାର ହୁଅନ୍ତି। ସେହିଭଳି ବିଜେଇଏମ୍ ସ୍କୁଲ୍‌ର ଅଭିଭାବକମାନେ ଛୋଟଛୋଟ ପିଲାଙ୍କୁ ଧରି କୋର୍ଟ ସମ୍ମୁଖରେ ହିଁ ରାସ୍ତା ପାର୍ ହେଉଛନ୍ତି। ଫଳରେ ଏହି ରାସ୍ତା ଦେଇ ଆସୁଥିବା ଗାଡ଼ି ଅଟକୁଥିବା ବେଳେ ନିକଟରେ ରହିଥିବା ଏକ ବଡ଼ ସପିଂ ମଲ୍‌କୁ ଯିବାକୁ ସିଧାସଳଖ ରାସ୍ତା ପାର ହେବା ମଧ୍ୟ ଭିଡ଼ର ଅନ୍ୟ କାରଣ ବୋଲି ସ୍ଥାନୀୟ ବ୍ୟବସାୟୀ କହିଛନ୍ତି। ତେଣୁ ପ୍ରତି ମୁହୂର୍ତ୍ତରେ ଏଠାରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜ୍ୟ ସଂଗ୍ରହାଳୟ ସମ୍ମୁଖରେ ରହିଥିବା ଟ୍ରାଫିକ୍ ପୋଷ୍ଟ ଅଧିକାଂଶ ସମୟ ଖାଲି ପଡ଼ିଥିବାରୁ ଚାଳକମାନେ ମନଇଚ୍ଛା ଏଣେତେଣେ ଯାଉଥିବା ମଧ୍ୟ ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ବାରମ୍ବାର ଅଭିଯୋଗ ପରେ ଏଠାରେ ଟ୍ରାଫିକ୍ ୱାର୍ଡେନ୍ ନିୟୋଜିତ ହୋଇଥିଲେ। କିନ୍ତୁ କିଛିଦିନ ହେବ ଖାଲି ପଡ଼ିଛି। ତେବେ ଏହି ସ୍ଥାନରେ କିଛି ଦିନ ପୂର୍ବରୁ କୋର୍ଟ ସମ୍ମୁଖରେ ରାସ୍ତା ପାର୍ ହେଉଥିବା ଜଣେ ମହିଳା ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତେଣୁ ଏହି ସ୍ଥାନରେ ପ୍ରବଳ ଭିଡ଼ ହେଉଥିବାରୁ ଏଠାରେ ଏକ ଫୁଟ ଓଭରବ୍ରିଜ୍ ନିହାତି ଆବଶ୍ୟକ ବୋଲି ସାଧାରଣରେ ଦାବୀ ହୋଇଛି। ସେହିପରି କଟକରୁ ଭୁବେନଶ୍ୱର ଆସୁଥିବା ମୁଖ୍ୟ ରାସ୍ତାରେ ହାଇଟେକ ଛକରୁ ପଳାଶୁଣି ଯାଏ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ଏହିରାସ୍ତାକୁ ୪ଥାକିଆ କରାଯିବା ସହ ଏଠାରେ ତୁରନ୍ତ ଫ୍ଲାଏଓଭର କରାଯିବା ଆବଶ୍ୟକ ବୋଲି ଯାତ୍ରୀମାନେ ମତ ଦେଇଛନ୍ତି। କଟକ, ହଂସପାଳ, ପାହଳ କିମ୍ବା ସତ୍ୟବିହାରରୁ ରସୁଲଗଡ଼ ଆଡ଼କୁ ଯିବାକୁ ହେଲେ ସକାଳ ୯ଟାରୁ ୧୧ଟା ଏବଂ ସନ୍ଧ୍ୟା ୫ଟାରୁ ୭ଟା ଯାଏ ଲୋକଙ୍କୁ ନାକେଦମ୍ ହେବାକୁ ପଡ଼ୁଛି।

## ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପଣ୍ଡିତ ଭୁବନେଶ୍ୱରଙ୍କ ପୂଣ୍ୟତିଥି




ଭୁବନେଶର, ୭।୫(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ପୂର୍ଣ୍ୟତିଥି ରାଜଧାନୀରେ ଅବସ୍ଥିତ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ଠାରେ ତାଙ୍କ ପୂର୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁପମା ବେହେରା, ରାକେଶ କୁମାର ମହାନ୍ତି, ସୁରଜ କୁମାର ପୃଷ୍ଟି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସୁନିଲ ଭାଇ ବେହେରା, ପି ଗୁଲସନ୍ କୁମାର, ମନୋରଞ୍ଜନ ମହାନ୍ତି, ବୈଶାଖୀ ଦାସ, ବିଜୟ ସାହୁ, ସାବିତ୍ରୀ ରାଉତ, ଶୁଭଶ୍ରୀ ସ୍ୱାଇଁ, ସୁଶ୍ରୀ ସଙ୍ଗୀତା ପାତ୍ର, ପ୍ରୀତି ଛନ୍ଦା ସାସମଲ, ସୁଦତ୍ତା ଦାସ, ଶାରଦା ପ୍ରସନ୍ନ ବାରିକ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଇସ୍ପାତ ଓ ଖଣି ବିଭାଗର ବାର୍ଷିକୋତ୍ସବ



ଭୁବନେଶ୍ୱର, ୭।୫(ସମିସ): ଇସ୍ପାତ ଓ ଖଣି ବିଭାଗ, ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ବିଭାଗର ବାର୍ଷିକୋତ୍ସବ ପାଳନର ୩୯ତମ ସଂସ୍କରଣ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ବାର୍ଷିକୋତ୍ସବ ପାଳନ ଅବସରରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଶାସନ ସଚିବ ଗୌତମ ଚୌଧୁରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବରେ ଅତିରିକ୍ତ ଶାସନ ସଚିବ ଦୌଲତ ଚନ୍ଦ୍ରାକର ଓ ରାମଚନ୍ଦ୍ର କିସ୍କୁ ଯୋଗଦାନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବାର୍ଷିକୋତ୍ସବ ପାଳନ ଅବସରରେ ବିଭାଗର ମୁଖପତ୍ର ରତ୍ନଗର୍ଭା ୨୦୨୫-୨୬ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭା କାର୍ଯ୍ୟ ଶେଷରେ ବିଭାଗର କର୍ମଚାରୀମାନଙ୍କ ଦ୍ୱାରା ନାଟକ 'ଏମିତି ଜୀବନ ଶେଷ କୋଉଠି' ପରିବେଷଣ ହୋଇଥିଲା। ସୀତାକାନ୍ତ ମହାନ୍ତି ନାଟକକୁ ନିର୍ଦ୍ଦେଶନା ଦେଇଥିବା ବେଳେ ସହ ନିର୍ଦ୍ଦେଶନାରେ ଯୁଗଳକିଶୋର ମହାନ୍ତି ଓ ସୁବାସ ପଣ୍ଡା, ସଙ୍ଗୀତରେ ବିନୟ ଏବଂ ନୃତ୍ୟ ନିର୍ଦ୍ଦେଶନାରେ କୁମାର ବୁଲୁ ସହଯୋଗ କରିଥିଲେ। ବାର୍ଷିକୋତ୍ସବକୁ ସୁରେଶ ନାଗ, ପାଇଲଟ ସାହୁ, ସୁସ୍ମିତା ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ନୂତନ ମଦ ଦୋକାନ ଖୋଲିବାକୁ ବିରୋଧ

ଭୁବନେଶ୍ୱର, ୭।୫(ସମିସ): ବର୍ତ୍ତମାନ ସରକାର ମଦ ନିଶାକୁ ପ୍ରଚାର ପ୍ରସାର କରିବାରେ ଲାଗିଛନ୍ତି। ଆଗାମୀ ଦିନରେ ସରକାର ୫୦ ଗୋଟିଏ ନୂତନ ମଦ ଦୋକାନ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଖୋଲିବେ। ଏହାର ପ୍ରତିବାଦରେ ସେବା ପ୍ରତିନିଧି ଓ ମିଳିତ ନିଶା ନିବାରଣ ଅଭିଯାନ, ଭୁବନେଶ୍ୱରର ସଭାପତି ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥ ଲିଙ୍ଗରାଜ ପାସେଞ୍ଜର ହଲ୍ଟ ଠାରେ ଶାନ୍ତି ପୂର୍ଣ୍ଣ ଧାରଣା ଅନୁଷ୍ଠିତ ହୋଇଯାଇଛି। ବିହାରରେ ମଦ, ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସମୟରେ ବନ୍ଦ ଥିବା ବେଳେ ୧୯୪୭ ମସିହା ଠାରୁ ମୋରାରଜୀ ଦେଶାଇ ସମୟରୁ ଗୁଜରାଟରେ ମଦ ବନ୍ଦ ହୋଇ ଯାଇଛି। ମହାରାଷ୍ଟ୍ରରେ ଆନ୍ନା ହଜାରେଙ୍କ ଦ୍ୱାରା କେତେକ ଜିଲ୍ଲାରେ ମଦ ଦୋକାନ ବନ୍ଦ ହୋଇ ଯାଇଛି। କେରଳରେ ୟୁନାଇଟେଡ ଡେମୋକ୍ରାଟିକ ଫ୍ରଣ୍ଟ ବନ୍ଦ ହୋଇ ଯାଇଛି। ମାଡ୍ରାଜରେ ଜୟଲଳିତା ମୁଖ୍ୟମନ୍ତ୍ରୀ ଥିବା ବେଳେ ବର୍ଷକୁ ୫୦୦ ମଦ ଦୋକାନ ବନ୍ଦ କରୁଥିବା ବେଳେ ଓଡ଼ିଶାରେ ମଦ ବ୍ୟାଧି ବୃଦ୍ଧି ପାଇଛି। ପ୍ରତିବାଦରେ ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ସଭା ନିଷ୍ପତ୍ତି ନେଇଛି ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ଏହି ଧାରଣାରେ ରାମ ପ୍ରସାଦ ରଥ, ଉଲ୍ଲାସ ଚନ୍ଦ୍ର ମହାପାତ୍ର, ଅଶୋକ କୁମାର ମହାରଣା ପ୍ରମୁଖ ଭାଗ ନେଇଥିଲେ।




## ‘ଦେଶ ବିଦେଶ’ର ସ୍ୱନକ୍ଷତ୍ର ଦିବସ




ଭୁବନେଶ୍ୱର, ୭।୫(ସମିସ): ସାପ୍ତାହିକ ଖବର କାଗଜ ଦେଶ ବିଦେଶର ୧୨ତମ ବାର୍ଷିକ ଉତ୍ସବ ଗୀତଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଉଦ୍‌ଘାଟକ ଭାବରେ ରାଜନେତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ, ମୁଖ୍ୟ ଅତିଥି ଭାବରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟବକ୍ତା ଭାବେ ବିଧାୟକ ପ୍ରଶାନ୍ତ ଜଗଦେବ, ସମ୍ମାନିତ ଅତିଥି ଭାବେ ପ୍ରସନ୍ନ କୁମାର ପାଟଶାଣୀ, ଓୟୁଡବ୍ଲୁଜେ ସଭାପତି ସାମ୍ବାଦିକ ଭାଗବତ ତ୍ରିପାଠୀ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ସଭାକୁ ସାମ୍ବାଦିକ ସନତ ମିଶ୍ର ସଭାପତିତ୍ୱ କରିଥିବା ବେଳେ ସାମ୍ବାଦିକ ଭାଗବତ ତ୍ରିପାଠୀ ଅଭିଭାଷଣ ରଖିଥିଲେ। ଉଦଘାଟକ ପୂର୍ବତନ ମନ୍ତ୍ରୀ ଶ୍ରୀ ଘଡାଇ କହିଥିଲେ ଯେ, ସମ୍ବାଦପତ୍ର ସାମ୍ବାଦିକ ସମାଜର ହିତସାଧ ଖବର ପରିବେଷଣ ସହିତ ବ୍ୟବସ୍ଥାକୁ ସଠିକ୍ ପ୍ରଶ୍ନ ପଚାରିବା ଉଚିତ। ମୁଖ୍ୟ ଅତିଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଖବରକାଗଜ ଓ ସାମ୍ବାଦିକତାକୁ ନେଇ ନିଜର ଅନୁଭୂତି ବଖାଣିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସଭା ଶେଷରେ ସାପ୍ତାହିକ ଖବରକାଗଜ 'ଦେଶ ବିଦେଶ'ର ପ୍ରତିଷ୍ଠାତା କିଶୋର ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟ୍ରିକ ପାସ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୭।୫(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ବଡଗଡ଼ରେ ୨୦୨୬ ମସିହା ମାଟ୍ରିକ ପରୀକ୍ଷାରେ ଏ ୧ ଏବଂ ଏ୨ ଗ୍ରେଡରେ ପାସ କରିଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୁରାତନ ଛାତ୍ରସଂସଦର ସମ୍ପାଦକ ତଥା ବିଦ୍ୟାଳୟର ମେଣ୍ଟର ପ୍ରତାପ କୁମାର ଜେନା କୃତୀ ପରୀକ୍ଷାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଆଗାମୀ ଦିନମାନଙ୍କରେ ଏହି ସଫଳତା ବଜାୟ ରଖିବା ନିମନ୍ତେ ପିଲାମାନଙ୍କୁ ଅନୁପ୍ରେରିତ କରିଥିଲେ ଏବଂ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୪୪ ନମ୍ବର ୱାର୍ଡର କର୍ପୋରେଟର ତଥା ପ୍ରାକ୍ତନ ଛାତ୍ର ଅଜିତ କୁମାର ବେହେରା, ଛାତ୍ରସଂସଦର ବରିଷ୍ଠ ସଦସ୍ୟ ଯତୀନ୍ଦ୍ର ମୋହନ ଛୋଟରାୟ, ପ୍ରଧାନ ଶିକ୍ଷକ ଭକ୍ତଚରଣ ପାଇକରାୟ, ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରାକ୍ତନ ଛାତ୍ରସଂସଦର ଅନ୍ୟ ସଦସ୍ୟବୃନ୍ଦ ତଥା କୃତୀ ପରୀକ୍ଷାର୍ଥୀମାନଙ୍କ ଅଭିଭାବକ ମାନଙ୍କର ଉପସ୍ଥିତି କାର୍ଯ୍ୟକ୍ରମକୁ ଅର୍ଥପୂର୍ଣ୍ଣ କରିଥିଲା।

**● ଅଲ୍ ନିଉଜ୍ ପେପର ସପ୍ଲାର୍ୟସ୍ ସୋସିଆଲ ୱେଲ୍‌ଫେୟାର ଆସୋସିଏସନ୍‌ର ନିର୍ବାଚନ**

## ପ୍ରହ୍ଲାଦ ଜେନା ସଭାପତି

ଭୁବନେଶ୍ୱର, ୭।୫(ସମିସ): ଅଲ୍ ନିଉଜ୍ ପେପର ସପ୍ଲାୟରର୍ସ ସୋସିଆଲ ୱେଲଫେୟାର ଆସୋସିଏସେନର ସଭାପତି ଅଭୟ କୁମାର ଯୋଗାଣିଆଁ ସମ୍ପାଦକ ଗୋବର୍ଦ୍ଧନ ପାଲଙ୍କ ପଦବୀରୁ ଅବ୍ୟାହତ ନେବାପରେ ଆସୋସିଏସନର ଉପଦେଷ୍ଟା ଓ ମୁଖ୍ୟ କାର୍ଯ୍ୟକାରୀ ସଦସ୍ୟ ତଥା ଆସୋସିଏସନର ସମସ୍ତ ଜୋନରୁ ମୁଖ୍ୟଙ୍କ ଉପସ୍ଥିତିରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଉକ୍ତ ନିର୍ବାଚନରେ ଆସୋସିଏସନର ସଭାପତି ପ୍ରହ୍ଲାଦ କୁମାର ଜେନା ସମ୍ପାଦକ ସୁଶାନ୍ତ କୁମାର ନାୟକ ଉପସଭାପତି ନିମାଇଁ ଚରଣ ତ୍ରିପାଠୀ ସହ ସମ୍ପାଦକ କୃଷ୍ଣ ଚନ୍ଦ୍ର ବେହେରା କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା ଉପଦେଷ୍ଟା ନିମାଇଁ ଚରଣ ବିହାରୀ ଆଗାମୀ ଦୁଇ ବର୍ଷପାଇଁ ନିର୍ବାଚିତ ହୋଇଛନ୍ତି। ନିର୍ବାଚିତ ପ୍ରତିନିଧିମାନେ ଆସୋସିଏସନର ସମସ୍ତ ବିତରକଭାଇମାନେ କିଭଳି ଅଧିକ ଉର୍ନତି କରିପାରିବେ ସେଥିପାଇଁ କାମକରିବା ସହିତ ସମସ୍ତ ପ୍ରେସ୍ ଓ ଏଜେଣ୍ଟ ମାନଙ୍କ ସହିତ ସୁସମ୍ପର୍କ ରଖି ଆସୋସିଏସନ୍‌ର ସମସ୍ତ କାର୍ଯ୍ୟକୁ ସୁଚାର ରୂପେ ତୁଲାଇବାପାଇଁ ନିର୍ବାଚିତ ସଦସ୍ୟ ଚୁକ୍ତିବଦ୍ଧ ବୋଲି ନିଜ ନିଜର ମତ ରଖିଛନ୍ତି।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ସମାଜସେବୀ


ଭୁବନେଶ୍ୱର, ୭।୫(ସମିସ): ତୁଷାର ଚାରିଟେବୁଲ ଟ୍ରଷ୍ଟ ଓ ମା' ସୁନାଦେଈ ୱାକର୍ସ୍ କ୍ଲବର ସମ୍ପାଦକ ବିବେକାନନ୍ଦ ବାରିକ ଚଳିତବର୍ଷ ସତ୍ୟନଗରସ୍ଥିତ ସୁନ୍ଦରୀ ଗୋଶାଳାରେ ନିଜର ଜନ୍ମଦିନ ପାଳନ କରି ଗାଈଗୋରୁଙ୍କୁ ଖାଇବାକୁ ଦେଇ ତାଙ୍କ ସହିତ କିଛି ସମୟ ବିତାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କର୍ପୋରେଟର ପଦ୍ମନାଭ ଦାଶ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନାରାମ ସିଂହ, ସଂଗ୍ରାମ ଜେନା, ବିକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ପର୍ବତାରୋହୀ ବିଭାରାଣୀ ଜାତୀୟ ଯୁବ ସମ୍ମାନ ପାଇଁ ମନୋନୀତ



ଭୁବନେଶ୍ୱର, ୭।୫(ସମିସ): ପ୍ରୋଜେକ୍ଟ ପଏଣ୍ଟ ଏବଂ ମାଇଁ ଭାରତ ଦ୍ୱାରା ଆୟୋଜିତ ଜାତୀୟ ଯୁବ ନେତୃତ୍ୱ ସମ୍ମିଳନୀ ଓ ସମ୍ମାନ ୨୦୨୬ ଦିଲ୍ଲୀ ସ୍ଥିତ ବିଶ୍ୱ ଯୁବକ କେନ୍ଦ୍ରରେ ଆସନ୍ତା ମେ ୧୧ରେ ଅନୁଷ୍ଠିତ ହେବ। ଏହିଥିରେ ୫ଟି ଦେଶ, ୨୩ଟି ରାଜ୍ୟରୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୪୦ଟି ପ୍ରତିଭାଙ୍କୁ ଜାତୀୟ ଯୁବ ସମ୍ମାନ ପ୍ରଦାନ କରାଯିବ। ଏଥିପାଇଁ ଆନ୍ତର୍ଜାତୀୟ ମହିଳା ପର୍ବତରୋହୀ ବିଭାରାଣୀ ପାତ୍ରଙ୍କୁ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀଲଙ୍କା କମିଶନର ମହସିନୀ କଲୋନୋ, କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ, ବିଶ୍ୱ ଯୁବକ କେନ୍ଦ୍ରର ମୁଖ୍ୟ ଉଦୟ ଶଙ୍କର ସିଂ, ସମେତ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତି ବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଶନିବାର ‘ସରଳ ଭାଷାରେ ଆତ୍ମଜ୍ଞାନ’ ଆଧ୍ୟାତ୍ମିକ ଆଲୋଚନାଚକ୍ର



ଭୁବନେଶ୍ୱର, ୭।୫(ସମିସ): ସମ୍ବିତ ସାଗର ଟ୍ରଷ୍ଟ ଆନୁକୂଲ୍ୟରେ ଚଳିତ ମାସ ୯ ତାରିଖ (ଶନିବାର) ବୁଦ୍ଧ ମନ୍ଦିରଠାରେ 'ସରଳ ଭାଷାରେ ଆତ୍ମଜ୍ଞାନ' ଶୀର୍ଷକ ଆଧ୍ୟାତ୍ମିକ ଆଲୋଚନାଚକ୍ର ସନ୍ଧ୍ୟା ୬.୩୦ ସମୟରେ ଅନୁଷ୍ଠିତ ହେବ। ସ୍ୱାମୀ ଶୁଦ୍ଧାନନ୍ଦ ଜୀ (ଚେନ୍ନାଇ) ଏହି ଆଲୋଚନାରେ ଯୋଗଦେଇ ଆଧ୍ୟାତ୍ମିକ ଜିଜ୍ଞାସୁ ମାନଙ୍କର ମାର୍ଗଦର୍ଶନ କରିବେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ସ୍ୱାମୀ ଅଦ୍ୱୈତାନନ୍ଦ ଜୀ ଓ ସାଥିମାନଙ୍କ ଦ୍ୱାରା ତାତ୍ତ୍ୱିକ ଭଜନ ପରିବେଷଣ କରାଯିବ। କାର୍ଯ୍ୟକ୍ରମ ଶେଷରେ ସ୍ୱାମୀ ଶୁଦ୍ଧାନନ୍ଦ ଜିଜ୍ଞାସୁ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ଜିଜ୍ଞାସୁମାନେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି।

# ଦିନେ ଧରିଥିଲେ ହତିଆର; ଆଜି ଫୁଲତୋଡ଼ା

ଭୁବନେଶ୍ୱର, ୭।୫(ସମିସ)

**■ ନୂତନ ସ୍ୱପ୍ନ ଦେଖାଇଲା 'ପରିବର୍ତ୍ତନ କେନ୍ଦ୍ର'**
**■ ଅନ୍ତେବାସୀଙ୍କ ମାଟ୍ରିକ ପରୀକ୍ଷାରେ ସଫଳତା**



ଦିନେ ଯେଉଁ ହାତ ହତିଆର ଧରିଥିଲା ଆଜି ସେଇ ହାତରେ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଉଛନ୍ତି ସାଙ୍ଗସାଥୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ। ପାଠ ଠାରୁ ଅନେକ ଦୂରରେ ରହି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥିବା ଜଣେ ପିଲାକୁ ମୁଖ୍ୟସ୍ରୋତରେ ସାମିଲ କରିବାରେ ସଫଳ ହୋଇଛି ନାବାଳକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଅନୁଷ୍ଠାନ କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର 'ପରିବର୍ତ୍ତନ'। ଓଡ଼ିଶାର ବହୁ ପୁରାତନ ନିଶାସେବନକାରୀ ଏହି କେନ୍ଦ୍ରରେ ରହୁଥିବା ମୟୂରଭଞ୍ଜ ଜିଲ୍ଲାର ଶିବମ ବେହେରା ଚଳିତ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯିଏକି ଏହି କେନ୍ଦ୍ରର ପ୍ରଥମ ଓ ଏକମାତ୍ର ମାଟ୍ରିକ ପରୀକ୍ଷାର୍ଥୀ ଥିଲେ। ତାଙ୍କର ସଫଳତା ପାଇଁ ଅନ୍ତେବାସୀଙ୍କ ମଧ୍ୟରେ ଖୁସିର ମାହୋଲ ସୃଷ୍ଟି ହୋଇଛି ଏବଂ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

ସୂଚନା ଅନୁସାରେ, ଶିବମ୍ ଅଧାରୁ ପାଠପଢ଼ା ଛାଡ଼ି ଘରେ ଥିବା ସମୟରେ ଅତ୍ୟଧିକ ନିଶା ସେବନ କରିବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଜଡ଼ିତ ରହିଥିଲା। କଥା କଥାରେ ମାରଣାସ୍ତ୍ର ବ୍ୟବହାର କରୁଥିଲେ। ତାର ଏଭଳି ଲକ୍ଷଣ ଦେଖି ପରିବାର ଲୋକ ଚିନ୍ତାରେ ପଡ଼ିଥିଲେ। ଯେତେ ଚେଷ୍ଟା କରିଥିଲେ ମଧ ତାକୁ ଭଲ ବାଟକୁ ଆଣିପାରିନଥିଲେ। ଶେଷରେ ଶିବମ୍‌କୁ ପରିବର୍ତ୍ତନ କେନ୍ଦ୍ରରେ ଛଡ଼ାଯାଇଥିଲା। କେନ୍ଦ୍ରର ସେବକ କର୍ମଚାରୀ ମାନେ ମଧ ନାବାଳକ ଶିବମ୍ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇଥିଲେ। ଧିରେ ଧିରେ ସେ ନିଜର ଖରାପ ଅଭ୍ୟାସକୁ ବଦଳାଇ ପାଠପଢ଼ାରେ ଧ୍ୟାନ ଦେଇଥିଲା। ତେବେ ଶିବମ୍‌ର ସୋସିଆଲ ମିଡ଼ିଆ ଏଡିଟ୍‌ରେ ବହୁତ ଆଗ୍ରହ ଥିଲା। ସେ ଇଂଲିସ ମିଡିୟମ୍ ସ୍କୁଲରେ ପଢ଼ିବାକୁ ଚାହୁଁବାରୁ ତାର ଇଚ୍ଛା ଅନୁସାରେ ସ୍ଥାନୀୟ କଳିଙ୍ଗ ପବ୍ଲିକ ହାଇସ୍କୁଲ ବିଦ୍ୟାଳୟରେ ନବମ ଶ୍ରେଣୀରେ ନାମ ଲେଖାଇଲେ। ଚଳିତ ମାଟ୍ରିକ୍ ପରୀକ୍ଷାରେ ସେ ତୃତୀୟ ସ୍ଥାନରେ ପାସ୍ କରିଥିବା ବେଳେ ଇଞ୍ଜିନିଅରିଙ୍ଗ କ୍ଷେତ୍ରରେ ଶିକ୍ଷାଗ୍ରହଣ କରି ଭବିଷ୍ୟତରେ ଦକ୍ଷ ଏଡିଟର ହେବାକୁ ଆଶା ରଖିଛନ୍ତି। ତାଙ୍କର ଏହି ସଫଳତାରେ ଅନୁଷ୍ଠାନର ଅଧକ୍ଷ ନରୋତ୍ତମ ଦାସ, ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧିକାରୀ ପ୍ରିୟଙ୍କା ଦାସ, ମୁଖ୍ୟ ସେବକ ସୁବ୍ରତ ଖଟୁଆ, ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସହଯୋଗୀ ସୁକାନ୍ତ କୁମାର ମହାନ୍ତି, କଟକ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧକ୍ଷା ତଥା ଉପଦେଷ୍ଟା ମନ୍ଦାକିନୀ ଜେନା ପ୍ରମୁଖ ଶିବମ୍‌ର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ତେବେ ଶିବମଙ୍କୁ ଅବଟାରୁ ଆଣି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା 'ପରିବର୍ତ୍ତନ' କେନ୍ଦ୍ରର ସମସ୍ତ କର୍ମକର୍ତ୍ତାଙ୍କୁ ଶିବମଙ୍କ ପରିବାର ସମେତ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।

### ପ୍ଲଟ୍ ବ୍ୟବସାୟୀ ହତ୍ୟା ମାମଲାରେ ପତ୍ନୀଙ୍କ ବଡ଼ ବୟାନ

# ନିବେଦିତାଙ୍କ ମାଆ ଓ ମାମୁ ହିଁ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ

ବ୍ରହ୍ମପୁର,୭।୫(ସମିସ): ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ଘଟଣାକୁ ନେଇ ପୁଲିସର ତଦନ୍ତ ଜାରି ରହିଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଥିବା ବେଳେ ଏଥିରେ ନିବେଦିତା ଓ ତୁଷାରଙ୍କ ମା ଓ ମାମୁଁଙ୍କ ସମ୍ପୃକ୍ତିକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ତେବେ ଏନେଇ ମୃତ ସୁଧୀରଙ୍କ ବିଧବା ପତ୍ନୀ ରଶ୍ମିତା ପ୍ରଥମ ଥର ପାଇଁ ଗଣମାଧ୍ୟମ ଆଗରେ ମୁହଁ ଖୋଲି ସବୁକିଛି ସ୍ପଷ୍ଟ ବୟାନ ଦେଇଛନ୍ତି। ସେ ସିଧାସଳଖ ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ଭାବେ ସୁଧୀରଙ୍କ ବଡ ଭାଇ ସ୍ୱର୍ଗତ ମନୋଜ ପାତ୍ରଙ୍କ ପତ୍ନୀ ବସୁନ୍ଧରା ଓ ତାଙ୍କ ଭାଇ ତଥା ନିବେଦିତାଙ୍କ ମାମୁଁଙ୍କ ହାତ ଥିବା ଅଭିଯୋଗ କରିଛନ୍ତି। ରଶ୍ମିତାଙ୍କ ଏଭଳି ସିଧାସଳଖ ଅଭିଯୋଗ ପରେ ସୁଧୀର ହତ୍ୟାକାଣ୍ଡ ଘଟଣାକୁ ନେଇ ଚାଲିଥିବା ବିଭିନ୍ନ ଆଲୋଚନାରେ ଏକ ରକମର ପୂର୍ଣ୍ଣଛେଦ ପଡିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ସୁଧିରଙ୍କ ଭାଇ ମନୋଜ ଅଢ଼େଇ କୋଟି ଟଙ୍କା ସେୟାର ମାର୍କେଟରେ ନିବେଶ କରିଥିଲେ। ତାହା ବୁଡିଯିବା ପରେ ସେ ମାନସିକ ଚିନ୍ତାରେ ବୁଡି ରହିଥିଲେ। ମାନସିକ ଚିନ୍ତା ହିଁ ମନୋଜଙ୍କ ହୃଦଘାତର କାରଣ। କିନ୍ତୁ ମନୋଜଙ୍କ ମୃତ୍ୟୁ ପଛରେ ସୁଧିରଙ୍କ ହାତ ଥିବା ସନ୍ଦେହ କରିଛନ୍ତି ନିବେଦିତାଙ୍କ ମା ତଥା ମନୋଜଙ୍କ ବିଧବା ପତ୍ନୀ ବସୁନ୍ଧରା। ସେପଟେ ବିଗତ ୧୭ବର୍ଷ ପୂର୍ବେ ସୁଧିର ରଶ୍ମିତାଙ୍କୁ ବିବାହ କରିଥିବା ବେଳେ ସ୍ୱଳ୍ପ କାଳ ମଧ୍ୟରେ ସୁଧିରଙ୍କ ବ୍ୟବସାୟରେ ବ୍ୟାପକ ଲାଭ ହୋଇଥିଲା। ସୁଧୀରଙ୍କ ସଫଳତାକୁ ସହ୍ୟ କରିପାରିନଥିଲେ ବସୁନ୍ଧରା। ଗୋଟିଏ ପଟେ ମନୋଜଙ୍କ ଠାରୁ ସୁଧିରଙ୍କ ଅଧିକ ସମ୍ପତ୍ତି ଓ ଅନ୍ୟପଟେ ମନୋଜଙ୍କ ମୃତ୍ୟୁକୁ ନେଇ ସୁଧିରଙ୍କୁ ଦାୟୀ କରିଥିଲେ ବସୁନ୍ଧରା। ଉଭୟ ପ୍ରସଙ୍ଗକୁ ନେଇ ବସୁନ୍ଧାର ଏକପ୍ରକାର

> **ସେୟାର ମାର୍କେଟ୍‌ରେ କ୍ଷତି ସହିଥିଲେ ମନୋଜ, ସୁଧୀରଙ୍କ ସଫଳତାରେ ଈର୍ଷାନ୍ୱିତ ହୋଇ ରଚିଥିଲେ ବ୍ଲୁ-ପ୍ରିଣ୍ଟ**

ଈର୍ଷାନ୍ୱିତ ହୋଇପଡ଼ିଥିଲେ। ଯାହାଫଳରେ ମନୋଜଙ୍କ ମରଶରୀର ଘରକୁ ଆସିବା ଦିନରୁ ହିଁ ରଶ୍ମିତାଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି 'ତୋତେ ଶାନ୍ତିରେ ରଖାଇ ଦେବି ନାହିଁ' ବୋଲି କୁଆଡେ ବସୁନ୍ଧରା କହିଥିଲେ। ତେଣୁ ସୁଧିରଙ୍କ ଅପହରଣ ଓ ହତ୍ୟା ଘଟଣାରେ ବସୁନ୍ଧରାଙ୍କ ହାତ ଥିବା ଅଭିଯୋଗ କରିଛନ୍ତି ରଶ୍ମିତା।

ସୁଧିରଙ୍କ ହତ୍ୟା ଘଟଣାରେ ଝିଆରୀ ନିବେଦିତା ଓ ପୁତୁରା ତୁଷାରଙ୍କ ହାତ ଥିବାବେଳେ ବସୁନ୍ଧରା ଓ ତାଙ୍କ ଭାଇ ପ୍ରକୃତ ଷଡ଼ଯନ୍ତ୍ରକାରୀ ବୋଲି ସିଧାସଳଖ ଅଭିଯୋଗ କରିଛନ୍ତି ରଶ୍ମିତା। ନିବେଦିତା ଓ ତୁଷାରଙ୍କୁ ସୁଧିର ନିଜ ଝିଅ ଏବଂ ପୁଅ ଭଳି ଭଲ ପାଉଥିଲେ। କିନ୍ତୁ ବସୁନ୍ଧରା ସେମାନଙ୍କ ମନରେ ସୁଧିରଙ୍କ ପ୍ରତି ବିଦ୍ୱେଷ ଭାବନା ଜାତ କରିଥିଲେ। ନିଜ ସ୍ୱାମୀଙ୍କୁ ହରାଇଥିବା ବସୁନ୍ଧରା ଏକ ପ୍ରକାରର ପ୍ରତିଶୋଧ ପରାୟଣ ହୋଇ ନିବେଦିତା ଓ ତୁଷାରଙ୍କ ଜରିଆରେ ଦିଅର ସୁଧିରଙ୍କୁ ହତ୍ୟା କରିଛନ୍ତି। ତେଣୁ ସୁଧୀରଙ୍କ ହତ୍ୟା ମାମଲାରେ ତୁରନ୍ତ ନିବେଦିତାଙ୍କ ମା ବସୁନ୍ଧରା ଓ ମାମୁଁଙ୍କୁ ଗିରଫ କରାଯାଉ ବୋଲି ଦାବି କରିଛନ୍ତି ରଶ୍ମିତା। କେବଳ ଏତିକି ନୁହେଁ ସେମାନେ ଉନ୍ମୁକ୍ତ ହୋଇ ବୁଲିଲେ ସୁଧୀରଙ୍କ ପୁଅ ଓ ଝିଅଙ୍କ ସହିତ ତାଙ୍କର ଜୀବନ ବିପଦରେ ଥିବା ଆଶଙ୍କା କହିଛନ୍ତି ରଶ୍ମିତା। ଉଭୟ ମନୋଜ ଓ ସୁଧିର ରାମଲକ୍ଷ୍ମଣ ଭଳି ଏକାଠି ଚଳି ଆସୁଥିବା ବେଳେ ବସୁନ୍ଧରା ଓ ତାଙ୍କ ଭାଇ ସୁନାର ସଂସାରକୁ ନଷ୍ଟ କରିଦେଲେ। ତେଣୁ ପୋଲିସ ଉଭୟ ବସୁନ୍ଧରା ଓ ତାଙ୍କ ଭାଇକୁ ଗିରଫ କରିବାକୁ ଦାବି କରିଛନ୍ତି ମୃତ ସୁଧିରଙ୍କ ମା' ସୁକାନ୍ତି ପାତ୍ର। ତେବେ ବଳା ହତ୍ୟାରେ ସୁକାନ୍ତି ନାତୁଣି ନିବେଦିତା ଓ ନାତି ତୁଷାରଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି ସେ।

■ ବର୍ଷାଦିନ ପୂର୍ବରୁ ବିଇଏମ୍‌ସିର ଆଗୁଆ ପ୍ରସ୍ତୁତି

## ୱାର୍ଡୱାରୀ ସମୀକ୍ଷା ବୈଠକର ପ୍ରଥମ ଦିନରେ ୭ଟି ୱାର୍ଡ ସାମିଲ



ବ୍ରହ୍ମପୁର,୭।୫(ସମିସ): ଆଗାମୀ ବର୍ଷା ଦିନକୁ ଦୃଷ୍ଟିରେ ରଖି ବିଇଏମସି ପକ୍ଷରୁ ଆରମ୍ଭ ହୋଇଯାଇଛି ୱାର୍ଡୱାରୀ ସମୀକ୍ଷା ବୈଠକ। ପ୍ରଥମ ଦିନର ସମୀକ୍ଷା ବୈଠକ ପୂର୍ବତନ କର୍ପୋରେଟରଙ୍କ ଦେହାନ୍ତ ଯୋଗୁଁ ବାଧାପ୍ରାପ୍ତ ହୋଇଥିବା ବେଳେ ଗୁରୁବାର ଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନରେ ସହରର ୫,୬,୧୧,୧୨,୧୪, ୨୩ ଓ ୨୭ ଭଳି ୭ଟି ୱାର୍ଡର ବିଭିନ୍ନ ସମସ୍ୟା, ଉନ୍ନୟନ ମୂଳକ କାର୍ଯ୍ୟ ଓ ତାହାର ସ୍ଥିତି ସମ୍ପର୍କିତ ବିସ୍ତୃତ ଆଲୋଚନା କରାଯାଇଛି। ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କମିସନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀ, ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳା, ସମସ୍ତ ୭ଟି ୱାର୍ଡର କର୍ପୋରରେଟର ଯଥା ସୂର୍ଯ୍ୟକାନ୍ତ ସୁବୁଦ୍ଧି, ଶ୍ୱେତାରେଖା ତ୍ରିପାଠୀ ଓ ଗୀତାରାଣୀ ପଣ୍ଡାଙ୍କ ସମେତ ଇଂଜିନିୟରିଂ ବିଭାଗର ସମସ୍ତ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ। ୬ନମ୍ବର ୱାର୍ଡରେ ପୋଖରୀ ଓ ଶ୍ମଶାନ ଉନ୍ନତିକରଣ ଉପରେ ଗୁରୁତ୍ୱ, ୧୨ନମ୍ବରରେ ଅଙ୍ଗନୱାଡି କେନ୍ଦ୍ର ନଥିବାରୁ ଅସନ୍ତୋଷ, ୧୪ନମ୍ବର ୱାର୍ଡରେ ନୀଳକଣ୍ଠେଶ୍ୱର ଶ୍ମଶାନକୁ ଗୁରୁତ୍ୱ ଦେବାକୁ କର୍ପୋରେଟରଙ୍କ ଅନୁରୋଧ। ପର୍ଯ୍ୟାୟ କ୍ରମେ ନିଗମର ସମସ୍ତ ୪୨ଟି ୱାର୍ଡର ସ୍ଥିତି ସମୀକ୍ଷା ସହିତ ରାଜୀବ ଆବାସ ଯୋଜନା ଓ ପରିମଳ ସମ୍ପର୍କିତ ବିଷୟ ଉପରେ ଆଲୋଚନା କରାଯିବ। ବିଭିନ୍ନ କାରଣରୁ ଅଧିରେ ଅଟକିଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୯ ତାରିଖ ଶୁକ୍ରବାର ଦିନ ୭, ୮, ୧୩, ୨୯, ୩୭, ୪୧ ଏବଂ ରାଜୀବ ଆବାସ ଯୋଜନା ସମ୍ପର୍କିତ ଆଲୋଚନା କରାଯିବାକୁ ସ୍ଥିର କରାଯାଇଛି।

## ୧୧ରୁ ଗଞ୍ଜାମ ଜିଲ୍ଲା କ୍ରିକେଟ୍ ସଂଘ ପକ୍ଷରୁ ଖେଳାଳି ଚୟନ

ବ୍ରହ୍ମପୁର,୭।୫(ସମିସ): ଆଗାମୀ ଦିନରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ୧୯ବର୍ଷରୁ କମ୍ ଅନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଏଥି ପାଇଁ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଗଞ୍ଜାମ ଜିଲ୍ଲାର ୧୯ ବର୍ଷରୁ କମ୍ ବର୍ଗରେ (ପୁରୁଷ) କ୍ରିକେଟ ଖେଳାଳି ଚୟନ କରାଯିବ। ଚଳିତ ମାସ ୧୧ ଓ ୧୨ ତାରିଖରେ ଏହି ଚୟନ ଶିବିର ଅନୁଷ୍ଠିତ ହେବ। ଉକ୍ତ ଦିନ ସମସ୍ତ ପଞ୍ଜିକୃତ ଖେଳାଳିମାନେ ଷ୍ଟାଡିୟମରେ ଉପସ୍ଥିତ ହୋଇ ଆବଶ୍ୟକ ପ୍ରମାଣପତ୍ର ସହିତ ଅସ୍ଥାୟୀ କମିଟି ସଦସ୍ୟ ସିଦ୍ଧାନ୍ତ ଗଙ୍ଗଦେବ ଓ ତପନ ପଟ୍ଟନାୟକଙ୍କ ନିକଟରେ ରିପୋର୍ଟ କରିବାକୁ ଓସିଏ ପକ୍ଷରୁ ସୂଚନା ଦିଆଯାଇଛି।

## ଡେପୁଟି ମେୟରଙ୍କ ୱାର୍ଡ ବୁଲିଲେ ବିଇଏମ୍‌ସି କମିସନର

ବ୍ରହ୍ମପୁର,୭।୫(ସମିସ): ଦୈନିକ ବିଭିନ୍ନ ୱାର୍ଡ ଗସ୍ତ କ୍ରମରେ ବିଇଏମସି କମିସନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀ ଗୁରୁବାର ଡେପୁଟି ମେୟର ଇ. ବିବେକ ରେଡ୍ଡୀଙ୍କ ୱାର୍ଡ ପରିଦର୍ଶନ କରିଛନ୍ତି। ଗସ୍ତ କାଳରେ ସେ ୱାର୍ଡର ଅଙ୍ଗନୱାଡି ପରିଦର୍ଶନ କରି ସେଠାରେ ପିଲାଙ୍କୁ ମିଳୁଥିବା ଶୁଖିଲା ତଥା ପୁଷ୍ଟିକର ଖାଦ୍ୟ ସମ୍ପର୍କିତ ଯାଞ୍ଚ କରିଥିଲେ। ଆମ୍ବପୁଆରେ ମୋଟ ୩ଟି ଅଙ୍ଗନୱାଡି ମଧ୍ୟରୁ ୨ଟି ଭଡାରେ ଚାଲିଥିବା ବେଳେ ଗୋଟିଏ ନିଜସ୍ୱ କୋଠାରେ ଚାଲିଛି। ନିର୍ମାଣାଧିନ ନୂତନ କୋଠା ପରିଦର୍ଶନ କରି ଯୁଦ୍ଧକାଳୀନ ଭିତିରେ ତୁରନ୍ତ କାମ ସାରି ଜୁନ ପହିଲାରେ କେନ୍ଦ୍ରର ଶୁଭାରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତବିଭାଗ ଓ ବିଇଏମସି ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ବୀମା ନଗରରେ ଡ୍ରେନ ସମସ୍ୟା ଜଟିଳ ହୋଇଥିବା ଜାଣିବାକୁ ପାଇଥିଲେ। ଏହାର ସ୍ଥାୟୀ ପ୍ରତିକାର ପାଇଁ ସେ ପୂର୍ତ୍ତବିଭାଗକୁ ଚିଠି ଜାରି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ରାସ୍ତାକଡରେ ଡମ୍ପିଂ ହେଉଥିବା ଅଳିଆକୁ ସ୍ଥାନାନ୍ତର କରିବା ଓ ପୃଥକୀକରଣ କରିବା ପାଇଁ ଏକ ପ୍ଲାଣ୍ଟର ଆବଶ୍ୟକତା ଥିବା ସେ ହୃଦବୋଧ କରି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। କମିସନରଙ୍କ ଗସ୍ତ ସମୟରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀଙ୍କ ସମେତ ଇଂଜିନିୟରିଂ ବିଭାଗର ନିର୍ବାହୀଯନ୍ତ୍ରୀ ଜୟନ୍ତ ପରିଡା, ସହକାରୀ ନିର୍ବାହୀଯନ୍ତ୍ରୀ ଜୟ ଜଗଦିଶ ପାଢୀ, କନିଷ୍ଠ ଯନ୍ତ୍ରୀ ସୁଚିସ୍ମିତା ପୁହାଣ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



## କାର୍ଯ୍ୟରେ ଅବହେଳା ଯୋଗୁଁ ବିଇଏମ୍‌ସିର ଅସ୍ଥାୟୀ କର୍ମଚାରୀ ବହିଷ୍କୃତ

ବ୍ରହ୍ମପୁର,୭।୫(ସମିସ): କାର୍ଯ୍ୟରେ ଅବହେଳା ଓ ବିଶୃଙ୍ଖଳା ଆଚରଣ ଯୋଗୁଁ ବିଇଏମସିର ଜଣୈକ ଅସ୍ଥାୟୀ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ସହକାରୀ କମିସନର ରୋନିତ କୁମାରଙ୍କ ନିକଟରେ ନିୟୋଜିତ ଅସ୍ଥାୟୀ କର୍ମଚାରୀ ରାଜୁ ବେହେରାଙ୍କୁ ଉପରୋକ୍ତ ଅଭିଯୋଗ ଆଧାରରେ ନିଗମ କମିସନର କାର୍ଯ୍ୟରୁ ବହିଷ୍କୃତ କରିଛନ୍ତି। ପୂର୍ବରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ନିଗମର ନିର୍ବାହୀଯନ୍ତ୍ରୀ ସୁଶାନ୍ତ ଡୁଙ୍ଗଡୁଙ୍ଗଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି। ଦାୟିତ୍ୱରେ ଅବହେଳାକୁ ଆଦୌ ପ୍ରଶୟ ନଦେବାକୁ ଯାଇ ନିଗମ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡିଛି। ଏଭଳି କାର୍ଯ୍ୟାନୁଷ୍ଠାନ ପରେ ନିଗମରେ କର୍ମଚାରୀଙ୍କ ମଧ୍ୟରେ ଏକ ରକମର କୋକୁଆ ଭୟ ସୃଷ୍ଟି ହୋଇଛି।

### ଶିଶୁ ସାମ୍ନାରେ ମା'କୁ ବୀଭତ୍ସ ହତ୍ୟା ଘଟଣାକୁ ନିନ୍ଦା; ଆଇନଶୃଙ୍ଖଳାକୁ ନେଇ ପ୍ରଶ୍ନବାଚୀ

# ମା' ଛେଉଣ୍ଡ ଶିଶୁର ଭବିଷ୍ୟତ ପାଇଁ ୧ଲକ୍ଷ ଟଙ୍କା ଦେଲେ ନବୀନ

ବ୍ରହ୍ମପୁର/ହିଞ୍ଜିଳି ୭।୫ (ସମିସ): ପୁଣି ମାନବିକତା ଦେଖାଇଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ହିଞ୍ଜିଳି ଥାନା ଅନ୍ତର୍ଗତ କେ. ଖରିଡା ଗାଁରେ ପ୍ରେମିକ ଘର ଦାଣ୍ଡରେ ନ୍ୟାୟ ଦାବିରେ କୁନି ଝିଅ ସହିତ ଧାରଣାରତ ପ୍ରେମିକାକୁ କରାଯାଇଥିଲା ବିଭତ୍ସ ହତ୍ୟା। ଘଟଣାରେ ନବୀନ ପଟ୍ଟନାୟକ କେବଳ ଆଇନଶୃଙ୍ଖଳାକୁ ନେଇ ସ୍ୱର ଉଠାଇ ନାହାନ୍ତି ବରଂ ମାଁ ଛେଉଣ୍ଡ ତଥା ନିଷ୍ପାପ ଶିଶୁ ପାଇଁ ଏକ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଦଳୀୟ ସୁପ୍ରିମୋଙ୍କ ଦ୍ୱାରା ଘୋଷିତ ତଥା ପ୍ରଦତ୍ତ ଆର୍ଥିକ ସହାୟତା ରାଶିକୁ ନେଇ ଗଞ୍ଜାମ ବିଜେଡିର ନେତୃମଣ୍ଡଳୀ ଉତ୍କଳ ବାଳାଶ୍ରମକୁ ଯାଇ ଅନ୍ତେବାସିନୀ ଶିଶୁକୁ ଭେଟିଛନ୍ତି। ବଳାଶ୍ରମ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା ପରେ ଉକ୍ତ ଅର୍ଥକୁ ବ୍ୟାଙ୍କରେ ସ୍ଥାୟୀ ଜମା ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବରିଷ୍ଠ ନେତା ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ପୂର୍ବତନ ବିଧାୟକ ସୁବାଷ ବେହେରା, ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକଙ୍କ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ସଭାପତି ତଥା ରାଜ୍ୟ ବିଜେଡି ସମ୍ପାଦକ ଆର. ମୂରଲି ମୋହନ, ମୁକୁନ୍ଦ ଗୌଡ, ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାଷ ମହାରଣା, ଯୁବନେତା ଅଜୟ ମହାରଣା, କର୍ପୋରେଟର ସୋନାଲି ଗନ୍ତାୟତ, ମମତା ବିଶୋୟୀ, ପୂର୍ବତନ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷ୍ମଣା ଗୀତାଞ୍ଜଳୀ ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ, ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବିଜେଡି ସଭାପତି ଅଜିତ ଦାଶ, କର୍ପୋରେଟର ଦୁର୍ଗା ପ୍ରସାଦ ଲାୟକ, ସୂର୍ଯ୍ୟନାରାୟଣ ସୁବୁଦ୍ଧି ଓ ସୁରତ କୁମାର ପଣ୍ଡା ପ୍ରମୁଖ ଉତ୍କଳ ବାଳାଶ୍ରମ ଗସ୍ତ କରି ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

> **ଉତ୍କଳ ବାଳାଶ୍ରମରେ କ୍ଷତିଗ୍ରସ୍ତ ନାବାଳିକାକୁ ଭେଟିଲେ ଜିଲ୍ଲାର ବିଜେଡି ନେତୃବୃନ୍ଦ**



ପ୍ରକାଶ ଯୋଗ୍ୟ ଯେ' ପୂଜା ସ୍ୱାଇଁ ନାମ୍ନୀ ଜଣେ ମହିଳା ୩ବର୍ଷର ଝିଅକୁ ଧରି ନିଜ ଅଧିକାର ପାଇବା ପାଇଁ ପ୍ରେମିକ ଚିଣ୍ଟୁ ଗୌଡଙ୍କ ଘର ସମ୍ମୁଖରେ ଧାରଣା ଦେଇଥିଲେ। ସମାଜରେ ଲୋକଲଜ୍ଜା ସହ୍ୟ କରିନପାରି ପ୍ରେମିକର ଭାଇ ରାଗ ଜର୍ଜରିତ ହୋଇ ଧାରଣାରତ ପ୍ରେମିକାକୁ ଟାଙ୍ଗିଆରେ ହତ୍ୟା କରିଥିଲା। ଘଟଣା ସ୍ଥଳରେ ନିଷ୍ପାପ ଛୁଆଟି ମାଆର ମରଶରୀର ନିକଟରେ ବସି ମା'...ମା'...ଡାକି କାନ୍ଦୁଥିବାର ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଥିଲା। ଉଭୟ ଚିଣ୍ଟୁ ଓ ପୂଜାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ନିବିଡ ହେବାପରେ ସେମାନେ ଫେରାର ହୋଇ ଦିର୍ଘ ୬ମାସ ଧରି ପୁରୀରେ ରହିଥିଲେ। ଚିଣ୍ଟୁ ନିଜ ମାଙ୍କୁ ଦେଖାକରିବାକୁ କହି ଗର୍ଭବତୀ ପୂଜାଙ୍କୁ ନେଇ ଗାଁକୁ ଫେରୁଥିବା ବେଳେ ବ୍ରହ୍ମପୁର ଷ୍ଟେସନରେ ପୂଜାଙ୍କୁ ବସାଇ ଶୌଚାଳୟ ଯିବା ବାହାନାରେ ଖସି ପଳାଇ ଯାଇଥିଲେ। ରେଳଷ୍ଟେସନରେ ପୂଜା ରାତିସାରା ଖୋଜାଖୋଜି କରିଥିଲେ ହେଁ ଚିଣ୍ଟୁ ଆଉ ଫେରି ନଥିଲେ। ଏନେଇ ପୂଜା ହିଞ୍ଜିଳି ଥାନାରେ ଏତଲା ଦେବାପରେ ସ୍ୱାମୀ-ସ୍ତ୍ରୀ ଏକାଠି ରୁହନ୍ତୁ ନେଇ ପୋଲିସ କହିଥିଲା। ପରେ ପୂଜା ୩ବର୍ଷର ଝିଅକୁ ଧରି ପ୍ରେମିକର ଘର ସମ୍ମୁଖରେ ଧାରଣା ଦେଇଥିଲେ। ଦିଅରର ଟାଙ୍ଗିଆ ଆକ୍ରମଣରେ ଶିକାର ପୂଜା ଛଟପଟ ହୋଇ ଚଟାଣରେ ହିଁ ଆଖି ବୁଜିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି।

## ରେଳଧାରଣାରୁ ଆଇଟିଆଇ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର,୭।୫(ସମିସ): ବ୍ରହ୍ମପୁର ଜିଆରପି ଥାନା ଅନ୍ତର୍ଗତ ଆମ୍ବପୁଆ ନିକଟ ଲେବକ୍ରସିଂ ନିକଟର ରେଳଧାରଣା କଡରୁ ଜଣେ ଆଇଟିଆଇ ଛାତ୍ରୀଙ୍କ ମୃତଦେହ ଜବତ ହୋଇଛି। ମୃତକ ଜଣଙ୍କ ହେଲେ ଶେରଗଡ ଥାନା ଅନ୍ତର୍ଗତ ମାଛକୋଟର ଅର୍ଚ୍ଚିତା ଗୌଡ(୧୭)। ସେ ବ୍ରହ୍ମପୁରରେ ରହି ଆଇଟିଆଇରେ ପଢୁଥିଲେ। ଆଇଟିଆଇର ହଷ୍ଟେଲରେ ରହୁଥିଲେ। ଗତ ୨ ଦିନ ହେବ ଛତ୍ରପୁର ନିକଟରେ ଥିବା ଜଣେ ସହପାଠୀଙ୍କ ଘରକୁ ଯାଇ ରହିଥିଲେ। ହେଲେ ଆଜି ସକାଳ ୧୦ଟା ବେଳେ ଆମ୍ବପୁଆ ଲେବେଲ କ୍ରସିଂ ନିକଟରୁ ତାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ମିଳିଥିଲା। ଅମୃତ ଭାରତ ଏକ୍ସପ୍ରେସ ଧକ୍କାରେ ଏହି ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ତେବେ ସେ ରେଳ ଧାରଣାକୁ କାହିଁକି ଯାଇଥିଲେ ତାହା ତଦନ୍ତ ପରେ ଜଣାପଡିବ। ଆଜି ସକାଳ ସାଢେ ୯ଟା ବେଳେ ଏହି ରେଳଧାରଣାରେ ଜଣେ ଯୁବତୀଙ୍କ ମୃତଦେହ ପଡିଥିବା ଖବର ମିଳିବା ପରେ ଜିଆରପି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପୁଲିସ ଅର୍ଚ୍ଚିତାଙ୍କ ଶବ ନିକଟରୁ ତାଙ୍କ ବିଭିନ୍ନ ସାର୍ଟିଫିକେଟ ଜବତ କରିଥିଲା। ସେହିକ୍ରମରେ ପରିବାର ଲୋକଙ୍କୁ ଖବର ଦେଇଥିଲା। ମାଜିଷ୍ଟ୍ରେଟ ଉପସ୍ଥିତିରେ ଶବର ପଞ୍ଚନାମା କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏନେଇ ଜିଆରପି ଥାନାରେ ଏକ ଅପମୃତ୍ୟୁ ମାମଲା ୩୨/୨୬ ରୁଜୁ ହୋଇଛି।

### ନିଯୁକ୍ତିରେ ଅନିୟମିତତା

# ବିଦାୟୀ କୁଳପତିଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ

ବ୍ରହ୍ମପୁର,୭।୫(ସମିସ): ଅବସରକାଳୀନ ବିଦାୟର ୨୪ଘଣ୍ଟା ନପୁରୁଣୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଗିତାଞ୍ଜଳି ଦାଶଙ୍କ ବିରୁଦ୍ଧରେ ଆସିଛି ସଙ୍ଗୀନ ଅଭିଯୋଗ। ପ୍ରଫେସର ଦାଶଙ୍କ ସହିତ ଜଣୈକ ସହକାରୀ ପ୍ରାଧ୍ୟାପକଙ୍କ ସମ୍ପୃକ୍ତି ନେଇ ମଧ୍ୟ ହୋଇଛି ସିଧାସଳଖ ଅଭିଯୋଗ। ଏଭଳି ଅଭିଯୋଗ ଆଣିଛନ୍ତି ବିଶ୍ୱବିଦ୍ୟାଳୟ ଅଧିନରେ ଥିବା 'ସ୍କୁଲ ଅଫ ଏଜୁକେସନ'ର ପୂର୍ବତନ ଶିକ୍ଷକ କର୍ମଚାରୀ ବିଭୁକଲ୍ୟାଣ ସାମନ୍ତ। ସ୍କୁଲ ଅଫ ଏଜୁକେସନରେ ସହକାରୀ ପ୍ରାଧ୍ୟାପକ ନିଯୁକ୍ତିରେ ଉଭୟ କୁଳପତି ପ୍ରଫେସର ଦାଶ ଓ ରସାୟନ ବିଜ୍ଞାନ ବିଭାଗ ସହକାରୀ ପ୍ରାଧ୍ୟାପକ ଡଃ ଲକ୍ଷ୍ମୀଧର ରାଉତ ବ୍ୟାପକ ଅନିୟମିତତା, ଦୁର୍ନିତି ଓ ପାତରଅନ୍ତର କରିଥିବା ଅଭିଯୋଗ ଆଣିଛନ୍ତି। ଏଭଳି ଅଭିଯୋଗ କରି ନିଯୁକ୍ତିରୁ ବଞ୍ଚିତ ତଥା ନିରାଶ ହୋଇଥିବା ଆଶାୟୀ ପ୍ରାର୍ଥୀ ତଥା ପୂର୍ବତନ କର୍ମଚାରୀ ଘଟଣାର ତଦନ୍ତ କରିବାକୁ କୁଳାଧିପତି, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିର ଏକକିତା ନକଲ ସମସ୍ତ ଗଣମାଧ୍ୟମ ସଂସ୍ଥାକୁ ମଧ୍ୟ ପ୍ରେରଣ କରିଛନ୍ତି। ସୂଚନା ଯୋଗ୍ୟ ଯେ' ଅଭିଯୋଗକାରୀ ବିଭୂକଲ୍ୟାଣ ସାମନ୍ତ ନିଜେ ସ୍କୁଲ ଅଫ ଏଜୁକେସନର ଜଣେ ପୂର୍ବତନ ସହକାରୀ ପ୍ରାଧ୍ୟାପକ। ସେ ବିଭାଗରେ ସହକାରୀ ପ୍ରାଧ୍ୟାପକ ନିଯୁକ୍ତିରେ ହୋଇଥିବା ଅନିୟମିତାକୁ ନେଇ ସିଧାସଳଖ ପ୍ରଶ୍ନ ଉଠାଇଛନ୍ତି। ନିଜର ଆବଶ୍ୟକ ଯୋଗ୍ୟତା ନଥିବା ସତ୍ତ୍ୱେ ଚୟନ କମିଟି ଦ୍ୱାରା ଚୟନ ହୋଇଥିଲେ। ୩ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା ଦୃଷ୍ଟିରୁ ତାଙ୍କୁ ଚୟନ କରାଯିବା ପରେ ତାଙ୍କୁ ଏଥିପାଇଁ କମିଟିରେ ଥିବା ଜଣୈକ ସହକାରୀ ପ୍ରାଧ୍ୟାପକ ନିୟମିତ କରିବା ପାଇଁ ୪ଲକ୍ଷ ଟଙ୍କା କୁଳପତିଙ୍କ ନାମରେ ଲାଞ୍ଚ ଦାବି କରିଥିବା ଅଭିଯୋଗ କରିଛନ୍ତି। ତେବେ ଦାବି ଅର୍ଥ ନଦେବାରୁ କୁଳପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଇସ୍ତଫା ଦେବାକୁ କୁଆଡେ ବାଧ କରାଯାଇଥିଲା। ଯହାକୁ ନେଇ ସେ ମାନସିକ ସ୍ତରରେ ନିର୍ଯାତନାର ଶୀକାର ହୋଇଥିଲେ।




ଏହା ପରେ ସେ ପୁଣି ପ୍ରଶ୍ନ କରିଛନ୍ତି ଯଦି ବିଭୁକଲ୍ୟାଣଙ୍କ ଯଦି ଯୋଗ୍ୟତା ନଥିଲା ତେବେ ଉକ୍ତ ବିଭାଗରେ ପ୍ରଦ୍ୟୁମ୍ନ କୁମାର ରାଉତ ଏବଂ ଉଷାରାଣୀ ଦାଶ କିଭଳି ଯୋଗ୍ୟ ବିବେଚିତ ହୋଇପାରିଲେ। ଯାହାଙ୍କର ଯୋଗ୍ୟତା ଯଥାକ୍ରମେ (ଏମଏ ବିଇଡି) ଏବଂ କେବଳ (ଏମଏ) ରହିଛି। ଅଭିଯୋଗ ପ୍ରକାରେ ଉଷାରାଣୀ ଦାଶ ପୂର୍ବତନ କୁଳପତିଙ୍କର ଏବଂ ପ୍ରଦ୍ୟୁମ୍ନ ରାଉତ ହେଉଛନ୍ତି ସହକାରୀ ପ୍ରାଧ୍ୟାପକ ଲକ୍ଷ୍ମୀଧର ରାଉତଙ୍କ ନିକଟତମ ସମ୍ପର୍କୀୟ। 'ସ୍କୁଲ ଅଫ ଏଜୁକେସନ'ରେ ସହକାରୀ ପ୍ରାଧ୍ୟାପକ ପଦବୀ ପାଇଁ ଜଣେ ପ୍ରାର୍ଥୀଙ୍କର ଯୋଗ୍ୟତା ଅନ୍ୟୁନ ବିଇଡି, ସ୍ନାତକୋତ୍ତର ଡିଗ୍ରୀ, ନେଟ ବା ପିଏଚଡି ସହିତ ଏମଇଡି ରହିବା ଜରୁରୀ। ତେବେ କେଉଁଭଳି ପରିସ୍ଥିତିରେ ଉଭୟ ପ୍ରାର୍ଥୀଙ୍କ ଯୋଗ୍ୟତାକୁ ନଜର ଆନ୍ଦାଜ କରାଯାଇ ସେମାନଙ୍କୁ ଚୟନ କରାଯାଇ ନିଯୁକ୍ତି ଦିଆଗଲା ତାହାର ଉଚ୍ଚସ୍ତରୀୟ ତଥା ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

> ● **ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି**
>
> ● **ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର 'ସ୍କୁଲ ଅଫ୍ ଏଜୁକେସନ'ର ଦ୍ୱାରସ୍ଥ ହେଲେ ନିଯୁକ୍ତିରୁ ବଞ୍ଚିତ ଆଶାୟୀ**

ଏଥି ସହିତ ସ୍କୁଲ ଅଫ ଏଜୁକେସନରେ ନିୟମିତ ପାଠପଢା ହେଉନାହିଁ କି ସେଠାରେ କାର୍ଯ୍ୟରତ ଅଥବା ନିୟୋଜିତ ଅନେକ କର୍ମଚାରୀଙ୍କ ଯୋଗ୍ୟତା ଓ ଅଭିଜ୍ଞତା ନଥିବା ସେ ଅଭିଯୋଗ କରିଛନ୍ତି। କେବଳ ଏତିକି ନୁହେଁ ବରଂ ପୂର୍ବତନ କୁଳପତିଙ୍କ କାର୍ଯ୍ୟକାଳ ସମୟରେ ଜଣେ ଉଚ୍ଚଶିକ୍ଷିତ ହୋଇ ଡିଜିଟାଲ ଆରେଷ୍ଟ ହୋଇ ୧୪ଲକ୍ଷ ଟଙ୍କା ହରାଇଥିବା ଭଳି ଘଟଣାରେ ପ୍ରଫେସର ଦାଶ ଚର୍ଚ୍ଚାକୁ ଆସିଥିଲେ। ଏଥି ସହିତ ବିଶ୍ୱବିଦ୍ୟାଳୟରେ ପରୀକ୍ଷା ନିୟନ୍ତ୍ରକ ବା କଣ୍ଟ୍ରୋଲର ଅଫ ଏକ୍‌ଜାମଙ୍କ କ୍ଷମତାକୁ ଗୌଣ କରି ଜଣେ ଡେପୁଟି ନିୟନ୍ତ୍ରକଙ୍କୁ ନିଯୁକ୍ତି ଦେଇ ତାଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଉଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ ଆସିଥିଲା। ପ୍ରଫେସର ଗୀତାଞ୍ଜଳୀ ଦାଶଙ୍କ କାର୍ଯ୍ୟକାଳ ସମୟରେ କିଛି ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲେ ହେଁ ତାଙ୍କର ବିଦାୟ ପରେ ଆସିଥିବା ବିଭିନ୍ନ ଅଭିଯୋଗର ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ସେପଟେ ତାଙ୍କ କାର୍ଯ୍ୟକାଳ ସମୟରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ଅଧିକାରୀକୁ କ୍ଷୁର୍ଣ୍ଣ କରାଯାଇଥିବା ଅଭିଯୋଗ କରି ଛାତ୍ର ସଙ୍ଗଠନ ପକ୍ଷରୁ ଆତସବାଜୀ କରି ଖୁସି ମନାଇଥିବା ପରିଲକ୍ଷିତ ହୋଇଥିଲା।

୭/୫/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୫୩,୧୦୫/- ସୁନା:୦୦.୦୫୦ ଗ୍ରାମ୍ ରୁପା: ୦୫.୦୦୦ ଗ୍ରାମ୍



# ଗାଡ଼ି ଧକ୍କାରେ ୩ ହରିଣ ଛୁଆ ମୃତ

**ପୁରୀ,୭।୫(ସମିସ)**



● ଫଟୋ ଉଠାଇବାକୁ ବାରଣକଲେ ବନ କର୍ମଚାରୀ!

● ଉଦ୍‌ବେଗ ପ୍ରକାଶ କଲେ ପ୍ରକୃତିପ୍ରେମୀ

ଗୋଟିଏ ପଟେ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ବା ଇକୋ-ସେନସିଟିଭ୍ ଜୋନ୍ (ଇସିଜେଡ୍) ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବା ବେଳେ ସେପଟେ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ ରାସ୍ତାରେ ପୁଣି ବନ୍ୟଜନ୍ତୁଙ୍କ ଜୀବନ ଯାଇଛି। ବ୍ଲୁ ସ୍ଲାଶ ୱାଟର ପାର୍କ ନିକଟରେ ଅଜଣା ଗାଡ଼ି ଧକ୍କାରେ ୩ଟି ହରିଣ ଛୁଆଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଘଟଣା ପ୍ରକୃତିପ୍ରେମୀ ମହଲରେ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି।

ସୂଚନା ଅନୁସାରେ, ବ୍ଲୁ ସ୍ଲାଶ ୱାଟର ପାର୍କ ନିକଟ ରାସ୍ତାରେ ୩ଟି ହରିଣ ଛୁଆ ମୃତ ଅବସ୍ଥାରେ ପଡିଥିଲେ। ଦ୍ରୁତଗାମୀ ଗାଡ଼ି ଧକ୍କାରେ ସେମାନଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣା ଦେଖି ଜଣେ ପଥଚାରୀ ମୃତ ହରିଣଙ୍କ ଫଟୋ ଉଠାଇବା ପାଇଁ ମୋବାଇଲ କାଢିବା ବେଳେ ସେଠାରେ ଉପସ୍ଥିତ ବନ କର୍ମଚାରୀ ତାଙ୍କୁ ବାରଣ କରିଥିଲେ। ଏହାକୁ ନେଇ ବନ୍ୟପ୍ରାଣୀ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଘଟଣାକୁ ଲୁଚାଇବା ପାଇଁ କ'ଣ ଫଟୋ ଉଠାଇବାକୁ ବାରଣ କରାଯାଉଛି? ବୋଲି ଅନେକ ପ୍ରଶ୍ନ କରିଛନ୍ତି।

ପୁରୀ-କୋଣାର୍କ ରାସ୍ତାରେ ଦୁର୍ଘଟଣାରେ ହରିଣଙ୍କ ମୃତ୍ୟୁ ନୂଆ କଥା ନୁହେଁ। ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ବାଲୁଖଣ୍ଡ ଅଭୟାରଣ୍ୟ ଭିତରେ ଖାଦ୍ୟ ଓ ପାନୀୟ ଜଳର ଅଭାବ ଦେଖାଦେଇଛି। ବିଶେଷକରି ଗ୍ରୀଷ୍ମ ଋତୁରେ ପାଣି ଖୋଜି ହରିଣମାନେ ଜନବସତି ଆଡ଼କୁ ଚାଲି ଆସୁଛନ୍ତି। ରାସ୍ତା ପାର୍ ହେବା ବେଳେ ଦ୍ରୁତଗାମୀ ଗାଡ଼ି ଧକ୍କାରେ ସେମାନେ ମୃତାହତ ହେଉଛନ୍ତି। ରାସ୍ତାରେ ସ୍ପିଡ୍ ବ୍ରେକର, ସତର୍କ ସୂଚନା ଫଳକ ଓ ରାତିରେ ଆଲୋକ ବ୍ୟବସ୍ଥା ନ ଥିବାରୁ ଦୁର୍ଘଟଣା ବଢ଼ୁଛି। ଏମିତି ବି କୋଣାର୍କ-ବାଲୁଖଣ୍ଡ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ବା ଇକୋ-ସେନସିଟିଭ୍ ଜୋନ୍‌ରେ ନିର୍ମାଣ ଯୋଗୁ ହରିଣଙ୍କ ଚଳପ୍ରଚଳରେ ବାଧା ଉପୁଜୁଛି, ଯାହାକି ଦୁର୍ଘଟଣାର ଅନ୍ୟ ଏକ କାରଣ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଗୁରୁବାର ପୁରୀରେ ଇସିଜେଡ୍ କମିଟି ବୈଠକ ବେଳେ ଦୁର୍ଘଟଣାରେ ୩ଟି ହରିଣ ଛୁଆଙ୍କ ମୃତ୍ୟୁ ଘଟିବା ବାସ୍ତବିକ ଦୁଃଖଦାୟକ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସତ୍ୟାସତ୍ୟ ଜାଣିବା ପାଇଁ ବାଲୁଖଣ୍ଡ ରେଞ୍ଜ ଅଧିକାରୀ ଓ ଫରେଷ୍ଟରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଫୋନ୍ ଉଠାଇ ନ ଥିଲେ। ଫଳରେ ବନ ବିଭାଗର ପ୍ରତିକ୍ରିୟା ମିଳିପାରି ନାହିଁ।

ଅନ୍ୟପକ୍ଷରେ ଅଭୟାରଣ୍ୟ ଭିତରେ ହରିଣଙ୍କ ପାଇଁ କୃତ୍ରିମ ଜଳାଶୟ ଓ ଖାଦ୍ୟ ବ୍ୟବସ୍ଥା କରିବାକୁ ପ୍ରକୃତିପ୍ରେମୀ ବାରମ୍ବାର ଦାବି କରୁଛନ୍ତି। ପ୍ରକୃତିପ୍ରେମୀଙ୍କ ଦାବି ମଧ୍ୟରେ ମୃତ ହରିଣଙ୍କର ବ୍ୟବଚ୍ଛେଦ କରି ମୃତ୍ୟୁର ପ୍ରକୃତ କାରଣ ସାର୍ବଜନୀନ କରାଯାଉ। ପୁରୀ-କୋଣାର୍କ ରାସ୍ତାର ସମ୍ବେଦନଶୀଳ ସ୍ଥାନରେ ସ୍ପିଡ୍ ବ୍ରେକର, ରମ୍ବଲ ଷ୍ଟ୍ରିପ୍ ଓ ବନ୍ୟଜନ୍ତୁ ପାର୍ ହେଉଛନ୍ତି ଫଳକ ଲଗାଯାଉ। ରାତ୍ରିକାଳୀନ ପାଟ୍ରୋଲିଂ ଓ ଗାଡ଼ିର ବେଗ ନିୟନ୍ତ୍ରଣ, ଅଭୟାରଣ୍ୟ ଭିତରେ ହରିଣଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ଓ ପାଣିର ବ୍ୟବସ୍ଥା ଏବଂ ଘଟଣାକୁ ଲୁଚାଇବା ପରିବର୍ତ୍ତେ ବନ ବିଭାଗ ସ୍ୱଚ୍ଛତାର ସହ କାର୍ଯ୍ୟ କରୁ ବୋଲି ଦାବି କରିଛନ୍ତି। ଇସିଜେଡ୍ ବୈଠକ ଚାଲିଥିବା ବେଳେ ହିଁ ବନ୍ୟଜନ୍ତୁଙ୍କ ମୃତ୍ୟୁ ଘଟଣା ପରିବେଶ ସୁରକ୍ଷା ପ୍ରତି ଆମର ଆନ୍ତରିକତା ଉପରେ ପ୍ରଶ୍ନଚିହ୍ନ ଲଗାଉଛି। ବନ ବିଭାଗ ଏହାକୁ ଗୁରୁତର ସହ ନେଇ ତୁରନ୍ତ ପଦକ୍ଷେପ ନେବାକୁ ପ୍ରକୃତିପ୍ରେମୀ ଦାବି କରିଛନ୍ତି।


# ନାରାୟଣୀ ବନ୍ତରେ ବିଶ୍ୱକଲ୍ୟାଣ ମହାଯଜ୍ଞ



**ପୁରୀ,୭।୫(ସମିସ):** ତିନିଦିନ ଧରି ଶ୍ରୀନାରାୟଣୀ ବନ୍ତରେ ବିଶ୍ୱ କଲ୍ୟାଣ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନଅ ମୌଜା ୩୬ ପଡାର ବାସିନ୍ଦା ନୂଆନଇଠାରୁ କଳସ ଯାତ୍ରା କରି ବନ୍ତରେ ପହଞ୍ଚିଥିଲେ। ମହିଳାମାନେ ତିନିଦିନ ଧରି ବନ୍ତରେ ଅବସ୍ଥାନ କରି ହବିଷାନ୍ନରେ ରହିଥିଲେ। ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ସନାତନ ପରମ୍ପରା ବିଧି ବିଧାନ ଅନୁଯାୟୀ ଦେବୀ ନାରାୟଣୀଙ୍କ ସମ୍ମୁଖ ଭାଗରେ ନିର୍ମିତ ଭବ୍ୟ ଯଜ୍ଞ ମଣ୍ଡପରେ ଯଜ୍ଞ କରାଯାଇଛି। ତିନିଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶ୍ରୀନାରାୟଣୀ ଟ୍ରଷ୍ଟ ବୋର୍ଡର ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ। ସ୍ମରଣଯୋଗ୍ୟ ଯେ, ଏହି ପୀଠକୁ ଦିନେ କଳା ପାହାଡ ଧ୍ୱଂସ କରିଦେଇଥିଲା। ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ସୁରକ୍ଷା ପାଇଁ ୯ ମୌଜାର ଗଡୁଆ ପାଇକମାନେ ଦେବୀ ନାରାୟଣୀଙ୍କ ପୀଠରେ ଜଙ୍ଗଲ ମଧ୍ୟରେ ଦିନ ରାତି ଗୁପ୍ତରେ ପ୍ରହରା ଦେଉଥିଲେ। କଳାପାହାଡ ମନ୍ଦିରକୁ ଧ୍ୱଂସ କରିବା ପରେ କୋଠ ସୁଆଁସିଆ ସେବକ ଲକ୍ଷ୍ମୀଧର ଗୋଛାୟତଙ୍କ ସଂଯୋଜନାରେ ଯୁବକମାନେ ନୂଆ ମନ୍ଦିର ନିର୍ମାଣ କରାଇଛନ୍ତି। ଟ୍ରଷ୍ଟବୋର୍ଡ ସଭାପତି ଛବିନ୍ଦ୍ର ପ୍ରଧାନ, ପ୍ରଦେଶ ମାଳ, ନିରଞ୍ଜନ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ବାସୁଦେବ ସ୍ୱାଇଁଙ୍କ ଉଦ୍ୟମରେ ଯଜ୍ଞ ସୁପରିଚାଳିତ ହୋଇଥିଲା।

# ପଞ୍ଚସଖା ଶିକ୍ଷା ସେତୁ ବୈଠକ

**ସାକ୍ଷୀଗୋପାଳ,୭।୫(ସମିସ):** ପଞ୍ଚସଖା ଶିକ୍ଷା ସେତୁ ଯୋଜନାର ସଫଳ ରୂପାୟନ ଓ ଶିକ୍ଷାର ଗୁଣାତ୍ମକ ଉନ୍ନତିକୁ ଲକ୍ଷ୍ୟ କରି ବ୍ରାହ୍ମଣପଡ଼ା ପୂଜା ମଣ୍ଡପରେ ଏକ ସଚେତନତାମୂଳକ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ, ଅଭିଭାବକ ଓ ପ୍ରାକ୍ତନ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣ ମହାନ୍ତି ଆବାହକ ଭାବେ ଯୋଗଦେଇ ପଞ୍ଚସଖା ଶିକ୍ଷା ସେତୁ ଯୋଜନାର ଉଦ୍ଦେଶ୍ୟ, ପ୍ରାସଙ୍ଗିକତା ଓ ପ୍ରୟୋଜନୀୟତା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ ଅଭିଭାବକମାନଙ୍କ ସକ୍ରିୟ ଭୂମିକା ଓ ସହଯୋଗ କାମନା କରିଥିଲେ। ଏହି ଅବସରରେ ବିଶ୍ୱନାଥପୁର ସରପଞ୍ଚ ସର୍ବେଶ ଷଡ଼ଙ୍ଗୀ ଗ୍ରାମୀଣ ଅଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କ ସାମୁହିକ ପ୍ରୟାସ ଅତ୍ୟାବଶ୍ୟକ ଏବଂ ଏହି ଯୋଜନାକୁ ସଫଳତା ନିମନ୍ତେ ସହଯୋଗ ଆହ୍ୱାନ କରିଥିଲେ। ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ରବି ନାରାୟଣ ମହାପାତ୍ର ଅଧ୍ୟକ୍ଷତା କରି ସମସ୍ତଙ୍କୁ ଏହି ଯୋଜନାର ସଫଳ ରୂପାୟଣ ପାଇଁ ସକ୍ରିୟ ଭାବେ ଆଗକୁ ଆସିବାକୁ ଅନୁରୋଧ କରିଥିଲେ।"ସଭାରେ ପ୍ରାକ୍ତନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




'ଅପରେସନ୍ ସିନ୍ଦୂର'ର ବର୍ଷପୂର୍ତ୍ତି ଅବସରରେ ସମୁଦ୍ର ବେଳାଭୂମିରେ ବାଲୁକା କଳା

# 'ପୁରୀ ଚନ୍ଦନ' ପୁସ୍ତିକା ଲୋକାର୍ପିତ



**ପୁରୀ,୭।୫(ସମିସ):** ପୁରୀ ନିବାସୀ ବୈଦ୍ୟରତ୍ନ କବିରାଜ ପୂର୍ଣ୍ଣଚନ୍ଦ୍ର ରଥଙ୍କ ଦ୍ୱାରା ୧୯୩୪ ମସିହାରେ ଦୀର୍ଘ କବିତାକୁ ନେଇ ପ୍ରକାଶିତ 'ପୁରୀ ଚନ୍ଦନ' ପୁସ୍ତକର ଦ୍ୱିତୀୟ ସଂସ୍କରଣ ୯୨ବର୍ଷ ପରେ ଗୁରୁବାର ଅପରାହ୍ଣରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଲୋକାର୍ପିତ ହୋଇଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ସାହିତ୍ୟିକ ଡ. ସିଦ୍ଧେଶ୍ୱର ମହାପାତ୍ର, ସୁଲେଖା ସମ୍ପାଦକ ସଦାଶିବ ମିଶ୍ର, ବଦ୍ରି ମିଶ୍ର, ପ୍ରଭାତ ରଥ, ଡ. ପ୍ରମୋଦ ରଥ ଓ ପ୍ରାର୍ଥନାର ପ୍ରାକ୍ତନ ମୁଖ୍ୟ ଶ୍ୟାମାପ୍ରସାଦ ମିଶ୍ର ପ୍ରମୁଖ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ସନ୍ଦୀପ ଚାଟାର୍ଜୀ, ସୁରେଶ ଚନ୍ଦ୍ର ପଣ୍ଡା, କୃଷ୍ଣ ଚନ୍ଦ୍ର ରଥ, ଦେବୀପ୍ରସନ ନନ୍ଦ, ସେବାୟତ ଶଙ୍ଖ ମିତ୍ର ସିଂହାରି, ସୁଦର୍ଶନ ଦାସ ମହାପାତ୍ର, ଅଭିନନ୍ଦନିକା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ସାମ୍ବାଦିକ ମଧୁସୂଦନ ମିଶ୍ର, କବି ଉମାକାନ୍ତ ମହାପାତ୍ର, ଅଜୟ ପ୍ରଧାନ, ଦର୍ପେନ୍ଦ୍ର ଦାସ ଓ କବିଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଗ୍ରନ୍ଥରେ ପୁରୀ ଚନ୍ଦନ ଯାତ୍ରା ସମ୍ପର୍କରେ କବି ସବିଶେଷ ବିବରଣୀ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। ଓଡ଼ିଆ ସାହିତ୍ୟର ଏହା ଏକ ଅମୂଲ୍ୟ ଗ୍ରନ୍ଥ। ଅଗ୍ରଲେଖାରେ ଡ. ସିଦ୍ଧେଶ୍ୱର ମହାପାତ୍ର, ଡ. ପୂର୍ଣ୍ଣ ଚନ୍ଦ୍ର ମିଶ୍ର ଓ ସଦାଶିବ ମିଶ୍ର ପୁସ୍ତକର ମହିମା ବର୍ଣ୍ଣନା କରିଛନ୍ତି। ନ୍ୟାଶନାଲ ମିଡ଼ିଆ ଫାଉଣ୍ଡେଶନର ରାଜ୍ୟ ମୁଖପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ନିର୍ମାଣ**

# ୨୦ରେ ଏନ୍‌ଜିଟିରେ ହେବ ଶୁଣାଣି

**ପୁରୀ,୭।୫(ସମିସ):** ପୁରୀ ବାଲୁଖଣ୍ଡ ଅଭୟାରଣ୍ୟ ଓ ଏହାର ଇକୋ ସେନ୍‌ସିଟିଭ ଅଞ୍ଚଳ(ଇସିଜେଡ୍)ରେ ବେଆଇନ କୋଠା, ଫାର୍ମ ହାଉସ୍, ରାସ୍ତା, ହୋଟେଲ, ରେସ୍ତୋରାଁ ପ୍ରଭୃତି ନିର୍ମାଣ ହୋଇଛି। ପୁରୀ ସଦର ଓ ଗୋପ ତହସିଲ ଅଞ୍ଚଳରେ ଏହି ବେଆଇନ କଂକ୍ରିଟ ନିର୍ମାଣ ଓ ଜଙ୍ଗଲ ନଷ୍ଟ ସମ୍ପର୍କରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଥିଲେ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସଭାପତି ସଞ୍ଜୀବ କୁମାର ମହାନ୍ତି ଏବଂ ସାମାଜିକ କର୍ମୀ ସନ୍ତୋଷ କୁମାର ମହାନ୍ତି। ଏ ସବୁକୁ ବେଆଇନ ଭାବେ ତିଆରି କରିଥିବା ବ୍ୟକ୍ତିବିଶେଷ ଏବଂ ଏକାଧିକ ଅନୁଷ୍ଠାନ ବିରୋଧରେ ଦୁହେଁ ଅଭିଯୋଗ ଫାଇଲ୍ କରିଥିଲେ। ଏନ୍‌ଜିଟିଙ୍କ ଖଣ୍ଡପୀଠ ବିଚାର କରି ଉତ୍ତର ରଖିବା ପାଇଁ ବେଆଇନ ନିର୍ମାଣକାରୀଙ୍କ ବେଆଇନ ନିର୍ମାଣକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ଜଣାଇବାକୁ ଜିଲ୍ଲାପାଳ, ଡିଏଫ୍‌ଓ ପ୍ରମୁଖଙ୍କ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୨୦ ତାରିଖରେ ଏନ୍‌ଜିଟିରେ ଏହାର ଶୁଣାଣି ରହିଥିବା ବେଳେ ଗୁରୁବାର ପୁରୀରେ ଅନୁଷ୍ଠିତ ହୋଇଥିଲା ଇସିଜେଡ୍ କମିଟି ବୈଠକ। ତେବେ ଏଥିରେ କ'ଣ ନିଷ୍ପତ୍ତି ନିଆଯାଇଛି ସେ ନେଇ କୌଣସି ଅଧିକାରୀ ମୁହଁ ଖୋଲି ନ ଥିବାବେଳେ କିଛି ଅନୁଷ୍ଠାନକୁ ନିର୍ମାଣ ପାଇଁ ଅନୁମତି ଦିଆଯାଇଥିବା ଶୁଣିବାକୁ ମିଳୁଛି। ତେବେ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଆବେଦନକାରୀ ସଞ୍ଜୀବ। ଆସନ୍ତା ୨୦ ତାରିଖରେ ଶୁଣାଣୀ ଥିବାବେଳେ ଇସିଜେଡ୍ କମିଟି ବୈଠକରେ ୩ଟି ସଂସ୍ଥାକୁ ନିର୍ମାଣ ପାଇଁ ଅନୁମତି ଦିଆଯାଇଥିବା ଯାହା ଶୁଣିବାକୁ ମିଳୁଛି ତାହା ଦୁର୍ଭାଗ୍ୟଜନକ। ଏଭଳି ହୋଇଥିଲେ ଆମର ଲଢେଇ ଆହୁରି ଜୋର୍‌ଦାର ହେବ ବୋଲି ସେ କହିଛନ୍ତି।

# ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ

**ପୁରୀ,୭।୫(ସମିସ):** ଗ୍ରୀଷ୍ମ ପ୍ରବାହ ଭିତରେ ପୁରୀ ସହରବାସୀ ବାରମ୍ବାର ଓ ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛି ଦିନ ଧରି ସହରର ବିଭିନ୍ନ ଅଞ୍ଚଳରେ ଦିନକୁ ଏକାଧିକଥର ବିଦ୍ୟୁତ୍ ବିଚ୍ଛିନ୍ନ ହେଉଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ସ୍ଥାନୀୟ ବାସିନ୍ଦାଙ୍କ ଅନୁସାରେ, ତାଳବଣିଆ, ରେଡକ୍ରସ୍ ରୋଡ୍, ଭିଆଇପି ରୋଡ୍ ସମେତ ଅନେକ ଅଞ୍ଚଳରେ ଏଭଳି ବିଦ୍ୟୁତ୍ କାଟ୍ ହେଉଛି। କେତେବେଳେ କିଛି ମିନିଟ୍ ତ ଆଉ କେତେବେଳେ ଅଧିକ ସମୟ କାଟ୍ ହେଉଛି। ପୂର୍ବ ସୂଚନା ନ ଥିବାରୁ ଲୋକେ ପ୍ରସ୍ତୁତ ରହିପାରୁନାହାନ୍ତି। ଏଥିଯୋଗୁଁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଛୋଟ ଦୋକାନୀ, କମ୍ପ୍ୟୁଟର ସେଣ୍ଟର, ଜେରକ୍ସ ଦୋକାନ ଓ ୱାର୍କ ଫ୍ରମ୍ ହୋମ୍ କରୁଥିବା ଲୋକେ କ୍ଷତି ସହୁଛନ୍ତି। ତେବେ ଏଭଳି ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ସହରର କିଛି ମହଲରେ ଗମ୍ଭୀର ଅଭିଯୋଗ ଚର୍ଚ୍ଚା ହେଉଛି। କିଛି ଅସାଧୁ ଟିପିସିଓଡିଏଲ କର୍ମଚାରୀ ଇନଭର୍ଟର୍ ବ୍ୟବସାୟୀଙ୍କ ସହ ମିଶି ଜାଣିଶୁଣି ବିଦ୍ୟୁତ୍ କାଟ୍ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଏହାଦ୍ୱାରା ଇନଭର୍ଟର୍ ବିକ୍ରି ବଢ଼ିବା ସହ ସେମାନେ ବ୍ୟବସାୟୀଙ୍କଠାରୁ 'ଗିଫ୍ଟ' ଆକାରରେ ଲାଭ ପାଉଥିବା ସନ୍ଦେହ କରାଯାଉଛି। ତେବେ ଏହି ଅଭିଯୋଗର ଏ ପର୍ଯ୍ୟନ୍ତ କୌଣସି ଠୋସ୍ ପ୍ରମାଣ ମିଳିନାହିଁ କିମ୍ବା ଟିପିସିଓଡିଏଲ ପକ୍ଷରୁ ଏ ନେଇ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। ତଥାପି ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ଲୋକଙ୍କ ମନରେ ସନ୍ଦେହ ଓ କ୍ଷୋଭ ବଢ଼ିବାରେ ଲାଗିଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ଉପଭୋକ୍ତା। ସେମାନଙ୍କ ମତରେ, ଯଦି ସତରେ କିଛି କର୍ମଚାରୀ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଲୋକଙ୍କୁ ହଇରାଣ କରୁଛନ୍ତି, ତେବେ ଏହା ଏକ ଗୁରୁତର ପ୍ରଶାସନିକ ଅବହେଳା ଓ ଦୁର୍ନୀତି। ଦୋଷୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ଏଥିସହ ବିଦ୍ୟୁତ୍ କାଟ୍ ପୂର୍ବରୁ ଲୋକଙ୍କୁ ଏସ୍‌ଏମଏସ ବା ଅନ୍ୟ ମାଧ୍ୟମରେ ସୂଚନା ଦେବା, ପୁରୁଣା ଟ୍ରାନ୍ସଫର୍ମର ଓ ତାର ବଦଳାଇବା ଏବଂ ଓଭରଲୋଡିଂ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଦାବି ହେଉଛି। ଜିଲ୍ଲା ପ୍ରଶାସନ ଓ ଟିପିସିଓଡିଏଲ କର୍ତ୍ତୃପକ୍ଷ ତୁରନ୍ତ ଏହି ସମସ୍ୟା ଉପରେ ଦୃଷ୍ଟି ଦେଇ ଲୋକଙ୍କ ଅସୁବିଧା ଦୂର କରିବାକୁ ସହରବାସୀ ନିବେଦନ କରିଛନ୍ତି।

**ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରତି ଅବହେଳା**

# ମେଘନାଦ ପାଚେରି କଡ଼ରେ ଅଳିଆ ଗଦା

**ପୁରୀ,୭।୫(ସମିସ)**





ଶ୍ରୀମନ୍ଦିରର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ସହ ଭକ୍ତଙ୍କୁ ମୌଳିକ ସୁବିଧା ପ୍ରଦାନ କରିବା ଲାଗି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ହେଲେ ପରିକ୍ରମା ମାର୍ଗ ପ୍ରତି ସରକାର ଓ ପ୍ରଶାସନ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ପରିସରରେ କରାଯାଇଥିବା ବିଭିନ୍ନ ଭିତ୍ତିଭୂମିର ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି।

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭିତରେ ମଧ୍ୟ ପରିକ୍ରମା ମାର୍ଗରେ ଭକ୍ତଙ୍କୁ ପାନୀୟ ଜଳ ଠିକ୍ ଭାବେ ମିଳୁନାହିଁ। ଅନେକ ପାଣି ପଏଣ୍ଟ ଅଚଳ ହୋଇପଡ଼ିଛି। ପରିକ୍ରମା ମାର୍ଗ ପରିସର ନିୟମିତ ଓ ଭଲ ଭାବେ ସଫେଇ ହେଉନାହିଁ। ଗୁରୁବାର ଦିନ ଉତ୍ତର ଦ୍ୱାର ପାର୍ଶ୍ୱରେ ମେଘନାଦ ପାଚେରୀକୁ ଲାଗି ଅଳିଆ ଆବର୍ଜନା ଗଦା ହୋଇଥିବା ଦେଖିବାକୁ ମିଳିଥିଲା। ମେଘନାଦ ପାଚେରୀକୁ ଲାଗି ରହିଥିବା ଉଦ୍ୟାନ ଭିତରେ ଖାଲି ପାଣି ବୋତଲ, ଜୁସ୍ ଖୋଳ, ପଲିଥିନ ଇତ୍ୟାଦି ପଡିଥିଲା। ପବିତ୍ର ଶ୍ରୀକ୍ଷେତ୍ରରେ ଏଭଳି ଦୃଶ୍ୟ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି। ଏହି ଅବ୍ୟବସ୍ଥାକୁ ନେଇ ଶ୍ରଦ୍ଧାଳୁ କ୍ଷୋଭ ପ୍ରକାଶ କରିଛନ୍ତି। ଜଣେ ଭକ୍ତ ସୁରେନ୍ଦ୍ର ପ୍ରଧାନ କହିଛନ୍ତି, 'ଏତେ ଟଙ୍କା ଖର୍ଚ୍ଚ କରି ପରିକ୍ରମା ମାର୍ଗ ହେଲା, କିନ୍ତୁ ରକ୍ଷଣାବେକ୍ଷଣ ନାହିଁ। ଠାକୁରଙ୍କ ପାଚେରୀ କଡ଼ରେ ଅଳିଆ ପଡ଼ିଛି, ଏହା କ'ଣ ଆମ ସଂସ୍କୃତି? ସେହିପରି ଏହି ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ପୁରୀ ଜିଲ୍ଲା ଆମ୍ ଆଦମୀ ପାର୍ଟି। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି ପ୍ରଶ୍ନ କରିଛନ୍ତି, 'ପରିକ୍ରମା ମାର୍ଗ ସଫେଇ ପାଇଁ ଟେଣ୍ଡର ପାଇଥିବା ସଂସ୍ଥା କରୁଛି କ'ଣ? ଲକ୍ଷ ଲକ୍ଷ ଟଙ୍କା ନେଉଛି କିନ୍ତୁ କାମ କରୁନାହିଁ। ଶ୍ରୀମନ୍ଦିର ପ୍ରଶାସନ ସମ୍ପୃକ୍ତ ସଂସ୍ଥାକୁ ଉତ୍ତର ଦ୍ୱାର ପାଖ ମେଘନାଦ ପାଚେରୀ କଡ଼ କେତେଦିନ ହେଲା ସଫା ହୋଇନାହିଁ ବୋଲି ତୁରନ୍ତ ପଚାରନ୍ତୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଶ୍ରଦ୍ଧାଳୁମାନେ ପରିକ୍ରମା ମାର୍ଗର ସମସ୍ତ ଭିତ୍ତିଭୂମିର ତୁରନ୍ତ ଯାଞ୍ଚ ଓ ମରାମତି କରିବାକୁ ଦାବି କରିଛନ୍ତି। ସଫେଇ ସଂସ୍ଥାର କାର୍ଯ୍ୟ ଉପରେ ଦୈନିକ ନିରୀକ୍ଷଣ ବ୍ୟବସ୍ଥା, ପାନୀୟ ଜଳ ପଏଣ୍ଟଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ, ଦାୟିତ୍ୱରେ ଅବହେଳା କରୁଥିବା ସଂସ୍ଥା ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କହିଛନ୍ତି ପୁରୀର ବୁଦ୍ଧିଜୀବି ମହେଶ୍ୱର ବେହେରା। ଶ୍ରୀମନ୍ଦିର କେବଳ ଏକ ମନ୍ଦିର ନୁହେଁ, ଏହା କୋଟି କୋଟି ଭକ୍ତଙ୍କ ଆସ୍ଥାର କେନ୍ଦ୍ର। ପରିକ୍ରମା ମାର୍ଗ ଭଳି ଏକ ପବିତ୍ର ସ୍ଥାନର ରକ୍ଷଣାବେକ୍ଷଣରେ ଅବହେଳା ସମଗ୍ର ଓଡ଼ିଆ ଜାତିର ଭାବେଗକୁ ଆଘାତ ଦେଉଛି ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ମଧୁବନ ଖେଳ ପଡ଼ିଆ ପାଲଟିଛି ନିଶାସକ୍ତଙ୍କ ଆଡ୍ଡାସ୍ଥଳ

ପାରାଦୀପ,୭।୫(ସମିସ): ପାରାଦୀପ ଅଞ୍ଚଳର ସବୁଠାରୁ ବଡ଼ ଖେଳ ପଡ଼ିଆ କହିଲେ ମଧୁବନସ୍ଥିତ ଖେଳ ପଡ଼ିଆକୁ ବୁଝାଏ। ଯେଉଁଠାରେ ପିସିଏଲ ଭଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରତ୍ୟେକ ବର୍ଷ ଆୟୋଜନ ହୋଇ ଆସୁଛି। ତା' ସହିତ ବର୍ଷ ତମାମ କିଛି ନା କିଛି ଖେଳ ଯୁବ ଖେଳାଳିମାନଙ୍କ ପକ୍ଷରୁ ଆୟୋଜିତ ହୋଇଥାଏ। ତା' ସହିତ ସନ୍ଧ୍ୟା ସକାଳେ ଅନ୍ତେବାସୀ ମହିଳା ଓ ପୁରୁଷମାନେ ପଡିଆ ଚାରି ପାଖରେ ପାଦରେ ଚାଲିଥାନ୍ତି। ଏତେସବୁ ବ୍ୟବସ୍ଥା ଏଠାରେ କରାଯାଉଥିବା ବେଳେ ବଡ ଦୁଃଖ ଓ ପରିତାପର ବିଷୟ ଏହି ଖେଳ ପଡିଆ ଏବେ ନିଶାଡ଼ିଙ୍କ ଆଡ୍ଡାସ୍ଥଳ ପାଲଟିଛି। ସନ୍ଧ୍ୟା ହେଲେ ଗ୍ରାଉଣ୍ଡ ମଧ୍ୟରେ ଅସାମାଜିକଙ୍କ ଭିଡ଼ ଜମୁଛି।ମଦ ବୋତଲ ଧରି ବସିଯାଉଛନ୍ତି, ମଦ୍ୟପାନ ପରେ ସେହି ସ୍ଥାନରେ ହିଁ ସେ ସବୁ ବୋତଲ ଓ ଖାଦ୍ୟ ସାମଗ୍ରୀର କୁ ଫୋପଡା ଫିଙ୍ଗା କରି ଚାଲି ଯାଉଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ମଧ ସେଠାରେ ଏହି ଅସାମାଜିକ ମାନେ ମଦ୍ୟ ପାନ କରୁଥିବା ସ୍ଥାନୀୟ ଲୋକଙ୍କ ନଜରକୁ ଆସିଛି। ଯାହା ପ୍ରାତଃ ଭ୍ରମଣ ବେଳେ ଲୋକଙ୍କ ନଜରକୁ ଆସୁଛି। ଏ ଘଟଣା ଆଜି ନୁହେଁ ବାରମ୍ବାର ଘଟୁଥିବା ବେଳେ ଗଣମାଧମ ରେ ମଧ ପ୍ରକାଶ ପାଉଛି, ହେଲେ କେହି ବି ଏଭଳି ସମ୍ବେଦନଶୀଳ ଘଟଣା ଉପରେ ନଜର ପକାଉ ନାହାନ୍ତି। ନା ପୌର ପ୍ରଶାସନ, ନା ବନ୍ଦର ପ୍ରଶାସନ ନା ପୁଲିସ ପ୍ରଶାସନ କେହି ବି ଏହି ଅଭିଯୋଗ ଉପରେ ନଜର ଦେଉନାହାନ୍ତି। ମଧୁବନ ଅଞ୍ଚଳରେ ମଧ ବହୁ ରାଜନେତା, ପ୍ରଭାବଶାଳୀ ବ୍ୟକ୍ତି ରହୁଥିବା ବେଳେ କେହି ଏଭଳି ଘଟଣାକୁ ବିରୋଧ କରୁ ନାହାନ୍ତି। ଆଗକୁ ଏଭଳି ଘଟଣା ଲାଗି ରହିଲେ ହୁଏତ ସେ ଖେଳ ପଡ଼ିଆକୁ ଆଉ ପ୍ରାତଃ କିମ୍ବା ସନ୍ଧ୍ୟା ଭ୍ରମଣ ରେ ଲୋକେ ଜୀବକୁ ସୁରକ୍ଷିତ ମଣିବେ ନାହିଁ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ସନ୍ଧ୍ୟାରେ ସେହି ସ୍ଥାନରେ ପେଟ୍ରୋଲିଂ ବ୍ୟବସ୍ଥା କୁ କଡାକଡି କରିବାକୁ ସାଧାରଣ ରେ ଦାବୀ ହେଉଛି।



# ସ୍କୁଟି ସହ ୧୮୧ ବୋତଲ ମଦ ଜବତ; ଜଣେ ଗିରଫ

ଜଗତସିଂହପୁର,୭।୫(ସମିସ): ଜଗତସିଂହପୁର ସଦର ଥାନା ପୁଲିସ ସମଙ୍ଗ ନିକଟରୁ ଏକ ସ୍କୁଟି ସହିତ ୧୮୧ ବୋତଲ ଦେଶୀ ଏବଂ ବିଦେଶୀ ମଦ ଜବତ କରିଛି। ସ୍କୁଟିରେ ମଦ ନେଇ ଯାଉଥିବା ରଘୁନାଥପୁର ଥାନା କୁଆମଙ୍ଗ ଗ୍ରାମର ଜ୍ୟୋତିର୍ମୟ ବେହେରାକୁ ଗିରଫ କରିବା ସହିତ ତା' ନିକଟରୁ ନଗଦ ୧୪ ହଜାର ୭୩୦ ଟଙ୍କା ଜବତ କରିଛି। ଆଜି ସନ୍ଧ୍ୟାରେ ଜଗତସିଂହପୁର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଡ଼ିଏସପି ରଶ୍ମୀ ରଞ୍ଜନ ଦାସ। ଶ୍ରୀ ଦାସଙ୍କ ସୂଚନା ଅନୁସାରେ ଗତ ୬ ତାରିଖ ସନ୍ଧ୍ୟାରେ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଜଣେ ଯୁବକ ରଘୁନାଥପୁରରୁ ସ୍କୁଟିରେ ମଦ ଆଣି ଜଗତସିଂହପୁର ଆସୁଥିବା ଖବର ପାଇଥିଲା। ପୁଲିସ ଟିମ ତୁରନ୍ତ ଉକ୍ତ ରାସ୍ତାରେ ରଘୁନାଥପୁର ଆଡ଼କୁ ଯିବାବେଳେ ସମଙ୍ଗ ନିକଟରେ ଜ୍ୟୋତିର୍ମୟଙ୍କ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଉପରୋକ୍ତ ମଦ ଏବଂ ଟଙ୍କା ଜବତ ହୋଇଥିଲା। ପରେ ଜ୍ୟୋତିର୍ମୟକୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିବା ଡିଏସପି ଶ୍ରୀ ଦାସ ସୂଚନା ଦେଇଛନ୍ତି। ସେହିପରି ଜ୍ୟୋତିର୍ମୟ ନାମରେ ପୂର୍ବରୁ ଏକାଧିକ ଅପରାଧମୂଳକ ମାମଲା ରହିଥିବା ସଦର ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଥିଲେ।



# ବ୍ଲକ୍ ସଭାପତିଙ୍କ ମିଛ ଅଭିଯୋଗ ଧରାପଡ଼ିଲା

**ଭାଗ୍ୟଧର ଜେନାଙ୍କ ସମେତ ଅନ୍ୟ ୨ଜଣଙ୍କ ଉପରୁ ନିଲମ୍ବନ ଉଠିଲା**

ବିରିଡ଼ି,୭।୫(ବିରିଡି): ବ୍ଲକ କଂଗ୍ରେସ ସଂଗଠକ ଭାଗ୍ୟଧର ଜେନା, ଯୁବ ସଂଗଠକ ସମୀର ଖୁଣ୍ଟିଆ ଓ ଶ୍ରୀକାନ୍ତ ପଣ୍ଡାଙ୍କ ଉପରେ ମିଛ ଅଭିଯୋଗ ଅଣାଯାଇ ତାଙ୍କୁ ଦଳରୁ ଗତ ମାସରେ ନିଲମ୍ବନ କରାଯାଇଥିଲା। ଏହାକୁ ବିରୋଧ କରି ଶ୍ରୀଜେନାଙ୍କ ସମେତ ଜିଲ୍ଲାର ପୁରୁଖା ନେତା ନଟବର ବାରିକ ଓ ଅନ୍ୟମାନେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ଭେଟି ଥିଲେ। ତାଙ୍କୁ କରାଯାଇଥିବା ନିଲମ୍ବନ ବେଆଇନ ବୋଲି ଦର୍ଶାଇଥିଲେ। ତେବେ ଏହାର କିଛିଦିନ ପରେ ଲାଗିଥିବା ନିଲମ୍ବନକୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକ ଉଠାଇ ଦେଇଥିବା ସୂଚନା ମିଳିଛି। ଏବେ ଦଳର ଶୁଭଚିନ୍ତକ ଭାଗ୍ୟଧର ଜେନା, ସମୀର ଖୁଣ୍ଟିଆ ଓ ଶ୍ରୀକାନ୍ତ ପଣ୍ଡାଙ୍କ ଉପରେ ଲଗାଇଥିବା ମିଛ ଅଭିଯୋଗ ଧରାପଡ଼ିଯାଇଛି। ପ୍ରକୃତରେ ଦୀର୍ଘ ୪୦ବର୍ଷହେବ ଦଳପାଇଁ କାର୍ଯ୍ୟ କରିଆସୁଥିବା ଭାଗ୍ୟଧର ଜେନା ଓ ଅନ୍ୟମାନଙ୍କ ନିଲମ୍ବନକୁ ଦୃଢ଼ ବିରୋଧ କରାଯାଇଥିଲା। ତେବେ ଜିଲ୍ଲା ସଭାପତିଙ୍କ ଦ୍ୱାରା ନିଲମ୍ବନ ପ୍ରତ୍ୟାହାର କରାଯାଇଥିବାରୁ ଭାଗ୍ୟଧର ଜେନା, ସମୀର ଖୁଣ୍ଟିଆ, ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ସଭାପତି ଶ୍ରୀ ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କୁ ମଧ୍ୟ କୃତଜ୍ଞତା ଜଣାଯାଇଛି।

**ବଢୁଛି ନିଶାଡ଼ିଙ୍କ ଦୌରାତ୍ମ୍ୟ**

# ମହିଳାଙ୍କ ସୁରକ୍ଷା ନେଇ ଚିନ୍ତା

ପାରାଦୀପ,୭।୫ (ସମିସ) : ପାରାଦୀପରେ ଦିନକୁ ଦିନ ନିଶାସକ୍ତ ଯୁବକମାନଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଏହି ନିଶାସକ୍ତ ଯୁବକଙ୍କୁ ଦେଖି ସାଧାରଣ ଲୋକମାନଙ୍କ ମଧ୍ୟରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହେଉଛି।ସକାଳ ଠୁ ରାତି ପର୍ଯ୍ୟନ୍ତ କେବଳ ନିଶା ସେବନ କରିବା ସେମାନଙ୍କର କାମ।ନିଶା ସେବନ କରି ରାସ୍ତା ଘାଟରେ ନିଛାଟିଆ ଦେଖି ଲୁଟପାଟ କରିବା ସେମାନଙ୍କ ନଜର।ଏଇ କିଛି ଦିନ ମଧ୍ୟରେ ପାରାଦୀପ ଅଞ୍ଚଳରେ ବାରମ୍ବାର ଏଭଳି ଘଟଣା ସାମ୍ନାକୁ ଆସିଛି। ବିଶେଷକରି ଝିଅ ଓ ମହିଳାମାନେ ବାଟରେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି।କେଉଁଠି ବେକରୁ ସୁନା ଚେନ ତ କେଉଁଠି ହାତରୁ ଭ୍ୟାନିଟି ଛଡ଼ାଇ ନେଇ ପଳାଉଛନ୍ତି। ଗତ ଦୁଇଦିନ ତଳେ ଘଟିଥିବା ଏକ ଘଟଣା ପାରାଦୀପର ଜନମାନସକୁ ଆନ୍ଦୋଳିତ କରିଛି। ଯେବି କଲୋନୀର ଜଣେ ପ୍ରାୟ ୭୦ ବର୍ଷୀୟା ବୃଦ୍ଧା ମହିଳା ସନ୍ଧ୍ୟା ସମୟରେ ଭ୍ରମଣ କରୁଥିବା ବେଳେ, ମଧୁବନ ଅଫିସର୍ସ କ୍ଲବ୍ ନିକଟରେ ଜଣେ ନିଶାସକ୍ତ ଯୁବକ ତାଙ୍କୁ ବଳ ପୂର୍ବକ ଟଣା ଓଟରା କରିଥିବା ଓ ପରେ ବୃଦ୍ଧା ମହିଳାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଯୁବକଟିକୁ ଧରି ଉତ୍ତମ ମଧ୍ୟମ ଦେବା ସହ ପୁଲିସ ଜିମା ଦେଇଥିଲେ। ପୁଣି କିଛି ଯୁବକ ସମୁଦ୍ରକୂଳ ଝାଉଁ ଜଙ୍ଗଲ ଭିତରେ ବ୍ରାଉନସୁଗର ବେପାର କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସେହିପରି ବନ୍ଦର କ୍ୱାର୍ଟର୍ସକୁ କେହି ନଥିବାର ଟାର୍ଗେଟ କରି ରାତିରେ ଲୁଟପାଟ କରୁଛନ୍ତି। ଦିନରେ ବନ୍ଦରାଞ୍ଚଳ କ୍ୱାର୍ଟର୍ସ ବୁଲି ଟାର୍ଗେଟ କରି ରାତିରେ କବାଟ ଝରକା ଭାଙ୍ଗି ପଶୁଛନ୍ତି। ବ୍ୟାଙ୍କରୁ ଟଙ୍କା ଉଠାଇ ନେଇ ଗଲାବେଳେ ଟାର୍ଗେଟ କରୁଛନ୍ତି।କେବଳ ନିଶା ସେବନ ପାଇଁ ହିଁ ଏଭଳି କରାଯାଉଥିବା ଜଣାପଡିଛି।ଏହା ସହିତ ବ୍ରାଉନ ସୁଗାର ବେପାର ବଢିବା ସହିତ ସନ୍ଧ୍ୟା ହେଲେ ପ୍ରତ୍ୟକ ବସ୍ତି ଓ ଛକ ମାନଙ୍କରେ ଯୁବକ ମାନେ ମୁଣ୍ଡ ତଳକୁ କରି ବସି ରହୁଥିବା ଦେଖିବାକୁ ମିଳୁଛି।ଏହି ଘଟଣା ପରେ ସବୁଠୁ ବଡ଼ ପ୍ରଶ୍ନ ଉଠୁଛି ପାରାଦୀପରେ ଏହି ଉଗ୍ର ନିଶା କିପରି ପ୍ରବେଶ କରୁଛି? ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଏହି ପ୍ରଶ୍ନ ଏବେ ଉଙ୍କି ମାରୁଛି। ସାଧାରଣ ଜୀବନ ଓ ମହିଳାଙ୍କ ସୁରକ୍ଷା କେତେଦୂର ସୁନିଶ୍ଚିତ, ପ୍ରଶାସନ ଏହାକୁ ଗୁରୁତ୍ୱ ସହ ନେଇ ଶୀଘ୍ର କଡା ପଦକ୍ଷେପ ନେବା ଆବଶ୍ୟକ ବୋଲି ଜନସାଧାରଣ ଦାବି କରୁଛନ୍ତି। ବର୍ତ୍ତମାନ ପାରାଦୀପ ଥାନାରେ ଜଣେ ମହିଳା ଥାନା ଅଧିକାରୀ ଓ ଆଡ଼ିସିନାଲ ଏସ୍ପି ଭାବେ ଜଣେ ଆଇପିଏସ ଅଧିକାରୀ ନିଯୁକ୍ତ ଥିବାରୁ, ଆଇନ-ଶୃଙ୍ଖଳା ସୁଦୃଢ଼ ହେବ ବୋଲି ଲୋକମାନଙ୍କ ଆଶା ଓ ବିଶ୍ୱାସ ବଢ଼ିଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ନିଶା ସେବନକୁ ବିରୋଧ କରି ବିଭିନ୍ନ ସଚେତନତା ମୂଳକ ପଦକ୍ଷେପ ମଧ ନିଆଯାଉଛି। ସମାଜର ସୁରକ୍ଷା ପାଇଁ ପୁଲିସ ପ୍ରଶାସନ, ସ୍ଥାନୀୟ ସଂଗଠନ ଓ ସାଧାରଣ ନାଗରିକଙ୍କ ପ୍ରୟାସ ହିଁ ପରିବର୍ତ୍ତନ ଆଣିଦେବ।ହେଲେ ପାରାଦୀପ କୁ ଏଭଳି ନିଶାସକ୍ତଙ୍କ କବଳରୁ କେବେ ମୁକ୍ତ ହେବ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

# ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ଅମରେନ୍ଦ୍ର ଦାସ

ଜଗତସିଂହପୁର,୭।୫(ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ଜଗତସିଂହପୁର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଆଜି ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି କ୍ଷ ଏହି ଅବସରରେ ବିଧାୟକ ଶ୍ରୀ ଦାସ ଝଙ୍କଡ଼ ସ୍ଥିତ ମା ଶାରଳାଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା କରିବା ପରେ ଚାରିପୋଲିଆ ଛକ ଠାରୁ ସହସ୍ରାଧିକ ମଟର ସାଇକେଲ , ସୁସଜ୍ଜିତ ଟ୍ରାକ୍ଟର ଏବଂ ହଜାର ହଜାର ସଂଖ୍ୟାରେ ବିଜେପି କର୍ମୀ ଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପହଁଚିଥିଲେ କ୍ଷ ପରେ ଜୀଲ୍ଲା ଜରୁରୀ ବିଭାଗ କାର୍ଯ୍ୟାଳୟର ଉପର ମହଲାରେ ଥିବା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିଲେ। ସେଠାରେ ଉପସ୍ଥିତ ଥିବା ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର, ଏବିଡିଓ ସୁନୀଲ ରାଉତରାୟ, ଜିଲ୍ଲା ଓକିଲ ସଙ୍ଘ ସଭାପତି ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇ ଥିଲେ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରଭାବ ସତ୍ତ୍ୱେ ଛକ ଛକରେ ବିଧାୟକଙ୍କୁ ମା' ଭଉଣୀମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଶୋଭାଯାତ୍ରାରେ ପୂର୍ବତନ ଜିଲ୍ଲାପରିଷଦ ସଭାପତି ଦେବୀଦତ୍ତ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ଉପାଧ୍ୟକ୍ଷ ତଥା ଜିଲ୍ଲା ବିଜେପି ଉପସଭାପତି ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିଧାୟକଙ୍କ ନଗର ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ବରିଷ୍ଠ ନେତା ଜଗନ୍ନାଥ ଦାସ, ବରିଷ୍ଠ ନେତା ପ୍ରଦୀପ୍ତ ସ୍ୱାଇଁ, ଶ୍ରୀକାନ୍ତ ଚୌଧୁରୀ, ଦେବୀ ପ୍ରସାଦ ସାହାଣୀ, ସୁଶାନ୍ତ ମଲ୍ଲିକ, ବିଦୁର ନାୟକ, ତାପସ ଦାସ, ପାରିଷଦ ଗୋଲାମ ଅଲ୍ଲୀ ଖାଁ, ଦେବାଶିଷ ସ୍ୱାଇଁ, ବିଜେପି ସମର୍ଥିତ ସରପଞ୍ଚ, ସମିତିସଭ୍ୟ, ମଣ୍ଡଳ ସଂଯୋଜକ, ପଞ୍ଚାୟତ ସଭାପତି ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ।



# ଜିଲ୍ଲା ଯାଦବ ମହାସଭା ଲଉଡ଼ି ନୃତ୍ୟ ପରିଷଦ ଗଠିତ

ଜଗତସିଂହପୁର/ବାଲିକୁଦା, ୭।୫(ସମିସ)

ଉତ୍କଳ ଯାଦବ ମହାସଭା ସାଂସ୍କୃତିକ ବିଭାଗ ଦ୍ୱାରା ପରିଚାଳିତ ଜଗତସିଂହପୁର ଜିଲ୍ଲା ଯାଦବ ମହାସଭା ଲଉଡ଼ି ନୃତ୍ୟ ପରିଷଦ ଗଠନ କରାଯାଇ ଏହାର କର୍ମକର୍ତ୍ତା ଚୟନ କରାଯାଇଛି। ବାଲିକୁଦା ବ୍ଲକ୍ ଅନ୍ତର୍ଗତ ବୋରିକିନା ଠାରେ ପରିଷଦର ସାଙ୍ଗଠନିକ ବୈଠକ ଓ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍କଳ ଯାଦବ ମହାସଭାର ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ତୀର୍ଥବାସୀ ବେହେରା, ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ୍ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଗୋପାଳ ଜାତିର ପାରମ୍ପରିକ କଳା, ସଂସ୍କୃତି, ଓଡ଼ିଶାର ପ୍ରାଚୀନ ଆଧ୍ୟାତ୍ମିକ ଲୋକକଳା, ଲଉଡ଼ି ଖେଳ, ଓଗାଳ, ଲଉଡ଼ି ବାଡ଼ି କିଭଳି ଭାବରେ ଆଗାମୀ ଦିନରେ ବଞ୍ଚି ରହିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜଗତସିଂହପୁର ଜିଲ୍ଲାରେ ଦୁଇଶହରୁ ଊର୍ଦ୍ଧ୍ୱ କାଠି ଲଉଡ଼ି ଦଳ ଓ ବାଲିକୁଦା ବ୍ଲକ୍‌ରେ ଥିବା କୋଡ଼ିଏରୁ ଊର୍ଦ୍ଧ୍ୱ ଲଉଡ଼ି ନୃତ୍ୟ ଦଳକୁ କଳା ପରିବେଷଣର ସୁଯୋଗ ପ୍ରଦାନ କରାଯିବା ସହିତ ସମସ୍ତ ଯାଦବ ଭାଇମାନେ ଏକାଠି ହୋଇ ଯାଦବ କୁଳର ଐତିହ୍ୟ ପରମ୍ପରା ଓ ଲଉଡ଼ି ନୃତ୍ୟକୁ ବଞ୍ଚାଇ ରଖିବା ପାଇଁ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ବାଲିକୁଦା ବ୍ଲକ୍‌ର ସମସ୍ତ କାଠି ଲଉଡ଼ି ଦଳକୁ ନେଇ ଜଗତସିଂହପୁର ଜିଲ୍ଲା ଯାଦବ ମହାସଭା ଲଉଡ଼ି ନୃତ୍ୟ ପରିଷଦର କର୍ମକର୍ତ୍ତା ଚୟନ କରାଯାଇଥିଲା। ପରିଷଦର ସଭାପତି ବିଶ୍ୱନାଥ ପରିଡ଼ା, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ଦାସ, ସମ୍ପାଦକ ସୌମେନ୍ଦ୍ର କୁମାର ଦାସ, ସଂଗଠନ ସମ୍ପାଦକ ହେମନ୍ତ କୁମାର ଦାସ, ନିତ୍ୟାନନ୍ଦ ବେହେରା, ଯୁଗ୍ମ ସମ୍ପାଦକ ସତ୍ୟ ପ୍ରକାଶ ଦାସ, କୋଷାଧ୍ୟକ୍ଷ ସ୍ମୃତି ରଞ୍ଜନ ଦାସ, ଉପସଭାପତି ଦୋଳ ଗୋବିନ୍ଦ ପରିଡ଼ା, ଶଙ୍କର ବହିରା, ଅର୍ଜୁନ ଚରଣ ମାଳତୀ, ମନୋଜ ମାହର, ହରି ଦାସ, ଅମରେଶ୍ୱର ଦାସ, ସୁବାସ ଦାସ, ସହ ସମ୍ପାଦକ ଶୈଳେନ୍ଦ୍ର କୁମାର ଦାସ, ଆଶୁତୋଷ ଦାସ, ବବୁଲ ଦାସ, କାଳନ୍ଦୀ ଦାସ, ଜିତେନ୍ଦ୍ର ଦାସ ପ୍ରମୁଖ ରହିଥିବା ବେଳେ, କାର୍ଯ୍ୟ ନିର୍ବାହୀ ସଭ୍ୟ ଭାବେ ପତିତପାବନ ଦାସ, ବିପିନ କୁମାର ଦାସ, ବିକାଶ କୁମାର ପରିଡ଼ା, ଅମର ଦାସ, ସିବୁନା ଦାସ, କାବୁଲା ପରିଡ଼ା, ଜ୍ୟୋତି ରଞ୍ଜନ ଦାସ, ମନୋଜ କୁମାର ଦାସଙ୍କୁ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ଜଗତସିଂହପୁର ଜିଲାରେ ପ୍ରତିଟି ବ୍ଲକରେ ରହିଥିବା କାଠି ଲଉଡ଼ି ଦଳ ମାନଙ୍କୁ ନେଇ ଜିଲା ସ୍ତରରେ ସମସ୍ତଙ୍କୁ ଏକଜୁଟ କରି ଗୋପାଳ ଜାତିର ଓଡ଼ିଶାର ପ୍ରାଚୀନ ଓ ଆଧ୍ୟାତ୍ମିକ ଲୋକକଳା, ଲଉଡ଼ି ଖେଳ, ଓଗାଳ ଓ ଲଉଡ଼ି ବାଡ଼ି ଖେଳକୁ କିଭଳି ଭାବରେ ଲୋକନୃତ୍ୟ କଳାର ମାନ୍ୟତା ପାଇବ, ସେଥି ପାଇଁ ସମସ୍ତ ଯାଦବ ଭାଇ ମାନଙ୍କର ଉଦ୍ୟମ ଓ ପ୍ରୟାସ ଜାରି ରହିବା ପାଇଁ ସାଙ୍ଗଠନିକ ପ୍ରକ୍ରିୟାକୁ ସୁଦୃଢ଼ କରାଯିବ ବୋଲି ଏହି ବୈଠକରେ ମତପ୍ରକାଶ ପାଇଥିଲା। ଆଗାମୀ ଦିନରେ ଜଗତସିଂହପୁର ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଜଗତସିଂହପୁର ଜିଲ୍ଲା ଯାଦବ ମହାସଭା ଲଉଡ଼ି ନୃତ୍ୟ ପରିଷଦ ତରଫରୁ 'ଲଉଡ଼ି ନୃତ୍ୟ ମହୋତ୍ସବ' ଉତ୍କଳ ଯାଦବ ମହାସଭା ସହଯୋଗରେ କରାଯିବା ପାଇଁ ଏହି ବୈଠକରେ ସ୍ଥିର କରାଗଲା। ସେହିପରି 'ଆମ ପର୍ବ, ଆମ ଗର୍ବ, ଲଉଡ଼ି ଖେଳ, ଗୋପାଳଙ୍କ ବଳ' ଲଉଡ଼ି ନୃତ୍ୟ ପରିଷଦ ତରଫରୁ ଏହି ଆହ୍ୱାନ ଦିଆ ଯାଇଥିଲା।




# ମା' କରୁଣାମୟୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

ଜଗତସିଂହପୁର, ୭।୫(ସମିସ): ଜଗତସିଂହପୁର ଜିଲ୍ଲାର ପଲ୍ଲୀ ପଞ୍ଚାୟତରେ ଗ୍ରାମଦେବୀ ମା' କରୁଣାମୟୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଭକ୍ତିମୟ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି। ପ୍ରାୟ ତିନି ପିଢି ଧରି ବରଗଛ ମୂଳରେ ମା' କରୁଣାମୟୀଙ୍କୁ ଗ୍ରାମବାସୀ ଅପାର ଭକ୍ତି ଓ ଶ୍ରଦ୍ଧାର ସହ ପୂଜାର୍ଚ୍ଚନା କରିଆସୁଥିଲେ। ଚଳିତ ବର୍ଷ ମେ ମାସ ୩ ତାରିଖରେ ଭବ୍ୟ କଳସ ଯାତ୍ରା ଆୟୋଜିତ ହୋଇଥିବାବେଳେ ୪ ତାରିଖରେ ଶାସ୍ତ୍ର ବିଧିରେ ମା'ଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏ ଅବସରରେ ମହାଯଜ୍ଞ ସହ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଆୟୋଜିତ ହୋଇଥିଲା। ଗ୍ରାମର ସମସ୍ତ ଭକ୍ତବୃନ୍ଦ ଏକତ୍ରିତ ହୋଇ ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ। ଏହି ପବିତ୍ର କାର୍ଯ୍ୟରେ ଗ୍ରାମର ଭକ୍ତ ହେମନ୍ତ କୁମାର ପରିଡା ଓ ନିରୂପମା ପରିଡା କର୍ତ୍ତାକର୍ତ୍ତୀ ଭାବେ ଯୋଗଦେଇ ଗ୍ରାମର ସର୍ବାଙ୍ଗୀନ ଉନ୍ନତି, ସୁଖଶାନ୍ତି ଓ ସମୃଦ୍ଧି କାମନା କରି ମା' କରୁଣାମୟୀଙ୍କ ନିକଟରେ ପ୍ରାର୍ଥନା ଜଣାଇଥିଲେ। ଏହି ଧାର୍ମିକ ଆୟୋଜନକୁ ନେଇ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବାବେଳେ ଗ୍ରାମବାସୀଙ୍କ ମଧ୍ୟରେ ଅପାର ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିଥିଲା।



# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଆୟୁଷ୍ମାନ

ଜଗତସିଂହପୁର,୭।୫(ସମିସ): ବୟସ ମାତ୍ର ୨ ବର୍ଷ ୯ ମାସ। ହେଲେ ଅବିଶ୍ୱସନୀୟ ସ୍ମରଣ ଶକ୍ତି ଏବଂ ଅଦମ୍ୟ ପ୍ରତିଭା ପାଇଁ ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ନିଜ ନାମକୁ ସାମିଲ କରିବାରେ ସଫଳ ହୋଇଛନ୍ତି ବିସ୍ମୟ ବାଳକ ଆୟୁଷ୍ମାନ ପଣ୍ଡା। ଜଗତସିଂହପୁର ଜିଲ୍ଲା ବ୍ରାହ୍ମଣଖଣ୍ଡି ଗ୍ରାମର ଦେବାଶିଷ ପଣ୍ଡା ଏବଂ ଅରୁନ୍ଧତୀ ପଣ୍ଡାଙ୍କ ସୁପୁତ୍ର ଆୟୁଷମାନ ୧୦ ଟି ଡାଇନୋସର,୧୦ ଟି ଆକୃତି, ୧୦ ଟି ରଙ୍ଗ, ୩୦ ଟି ପଶୁ, ୧୦ ଟି ଫଳ, ୧୫ଟି ପକ୍ଷୀ, ୧୩ଟି ସାମୁଦ୍ରିକ ପ୍ରାଣୀ, ୧୨ ଟି ଗାଡି,୧୧ ଟି ଘରକରଣା ଜିନିଷ,୧୧ ଟି ପ୍ରାଣୀ ସାବକଙ୍କ ନାମ କହିବା ସହିତ ୨ ଟି ପଜଲ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରି ଏହି ବିରଳ ରେକର୍ଡର ଅଧିକାରୀ ହୋଇ ପାରିଛନ୍ତି। ଆୟୁଷ୍ମାନ ଏବେ ଯାଜପୁରସ୍ଥିତ ଏକ ପ୍ଲେ ସ୍କୁଲରେ ପଢୁଥିବା ବେଳେ ତାଙ୍କର ଏହି ସଫଳତା ପାଇଁ ଅଜା ବରିଷ୍ଠ ଆଇନଜୀବୀ ପିତାମ୍ବର ପଣ୍ଡା ଏବଂ ଅନ୍ୟମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।



ନୁଣୁକୁଆରେ ଜମିଲା ନାଟକ ମହୋତ୍ସବ

# ମଞ୍ଚସ୍ଥ ହେଲା 'ଦରିଆ କୂଳର ଦରଦୀ ବନ୍ଧୁ'



ପାରାଦୀପ,୭।୫(ସମିସ) : ପାରାଦୀପ ଲକ୍ ଥାନା ନୁଣୁକୁଆ ଗ୍ରାମରେ ହର ପାର୍ବତୀ ଡ୍ରାମାଟିକ୍ କ୍ଲବ ପକ୍ଷରୁ ତୃତୀୟ ଡ୍ରାମା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ନିଳାଦ୍ରୀ ବିହାରୀ ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦର ତରାଇ, ମୁଖ୍ୟ ବକ୍ତା ଭାବେ ଲିଟୁ ମହାନ୍ତି ଯୋଗଦେଇ ଯୁବପିଢ଼ିଙ୍କୁ ସଂସ୍କୃତି ଓ ନାଟ୍ୟକଳା ସହ ଯୋଡ଼ି ରହିବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ପ୍ରଦୀପ ବରାଳ, କ୍ଲବ୍‌ର ସଭାପତି ସମୀର ତରାଇ, ସମ୍ପାଦକ ପ୍ରକାଶ ରଞ୍ଜନ ତରାଇଙ୍କ ସହ ରାଜ କିଶୋର ତରାଇ, ଟୁଟୁ ତରାଇ, ପ୍ରଦୀପ ତରାଇ, ବିଳାସ ତରାଇ, ବିଜୟ ବେହେରା, ତ୍ରିନାଥ ନାୟକ, ରଞ୍ଜନ ତରାଇ, ସ୍ମୃତିରଞ୍ଜନ ତରାଇ, ରମେଶ ତରାଇ, ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଗ୍ରାମର ଯୁବକଙ୍କ ଅଭିନୟ ଦେଖିବା ପାଇଁ ସ୍ଥାନୀୟ ଗ୍ରାମ ଗୁଡ଼ିକର ଶହ ଶହ ଦର୍ଶକଙ୍କ ଭିଡ଼ ଜମିଥିଲା। 'ଦରିଆ କୂଳର ଦରଦୀ ବନ୍ଧୁ' ନାଟକଟି ଦର୍ଶକଙ୍କ ମନକୁ ଛୁଇଁପାରିଥିଲା।

# ସୁରେନ୍ଦ୍ରନାଥ ମହାପାତ୍ର ହେଲେ ବିଜେଡି ସାଧାରଣ ସମ୍ପାଦକ

ରଘୁନାଥପୁର,୭।୫(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ତଅଁରା ପଞ୍ଚାୟତର ସୁରେନ୍ଦ୍ରନାଥ ମହାପାତ୍ରଙ୍କୁ ଜଗତସିଂହପୁର ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଭରସା କରି ଏଭଳି ଗୁରୁ ଦାୟିତ୍ୱ ଦେଇଥିବାରୁ ଶ୍ରୀ ମହାପାତ୍ର ବିଜେଡି ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ମହାପାତ୍ର ପୂର୍ବରୁ ଓଡ଼ିଶା ମୋ ପରିବାରର ସାଧାରଣ ସମ୍ପାଦକ ଓ ପରେ ଉପଦେଷ୍ଟା ଥିଲେ। ଏହାସହ ସେ ପ୍ରବାସୀ ଓଡ଼ିଆ ସଂଗଠନର ସମ୍ପାଦକ ଭାବେ କାର୍ଯ୍ୟଭାର ତୁଲାଉଥିଲେ। ଶ୍ରୀ ମହାପାତ୍ରଙ୍କୁ ଏହି ଗୁରୁ ଦାୟିତ୍ୱ ଦିଆଯିବା ପରେ ରଘୁନାଥପୁର ବ୍ଲକ୍ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଶ୍ରୀ ମହାପାତ୍ର ତାଙ୍କର ଏହି ଦାୟିତ୍ୱ ସୂଚାରୁ ରୂପେ ପରିଚାଳନା କରିବେ ବୋଲି କହିଛନ୍ତି।



## ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ଭଦ୍ରକ, ୭।୫(ସମିସ): ଭଦ୍ରକ ସହର ୧୧ ନମ୍ବର ୱାର୍ଡ ନରୀପୁର(ଅସ୍ଥଳ) ସ୍ଥିତ କ୍ଷମାସାଗର ମଠ ପରିସରରେ ମହାଲକ୍ଷ୍ମୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ଏକ ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା, ପୁରୁଷ ସାଳନ୍ଦୀ ନଦୀରୁ କଳସ ଆଣି ମନ୍ଦିର ପରିସରକୁ ଆସିଥିଲେ। ପରେ ଘଟପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରବାର ଗୁରୁ, ଧରିତ୍ରୀ, ଧେନୁ, ସୂର୍ଯ୍ୟପୂଜା, ଶାଳା ପ୍ରବେଶ ଘଟମଣ୍ଡଳାଦି ପୂଜା ସମ୍ପନ୍ନ କରାଯାଇଥିଲା। ୮ ତାରିଖ ଠାକୁରାଣୀଙ୍କ ଉପଚାର ପୂଜା ଆରମ୍ଭ ହେବା ସହ ଚଣ୍ଡୀ ପୂଜା ହୋଇ ଶେଷରେ ପୂର୍ଣ୍ଣାହୁତି ହେବ। ଏହି ଅବସରରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତିଙ୍କ ଭଜନ ସମାରୋହ ଓ ସମବେତ ପ୍ରସାଦ ସେବନ ହେବାର କାର୍ଯ୍ୟକ୍ରମ ରହିଛି।

## ଚନ୍ଦ୍ରମଣି ପଲାଇଙ୍କ ପରଲୋକ



ଅସୁରାଳି, ୭।୫(ସମିସ): ଧାମନଗର ବ୍ଲକ ବମକୁରା ଗାଁର ଧର୍ମପରାୟଣା ମହିଳା ତଥା ବମକୁରା ସେବା ସମବାୟ ସମିତିର ପୂର୍ବତନ ସଭାପତି ଭାନୁପ୍ରକାଶ ପଲାଇଙ୍କ ମା', ସମିତିସଭ୍ୟା ବନଲତା ପଲାଇଙ୍କ ଶାଶୂ ଚନ୍ଦ୍ରମଣି ପଲାଇଙ୍କ ୭୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ବମକୁରା ପଞ୍ଚାୟତ ସମେତ ଧୂଷୁରୀ ଅଂଚଳରେ ଶୋକ ପ୍ରକାଶ ପାଇଛି। ଖବର ପାଇ ବହୁ ସମାଜସେବୀ, ରାଜନେତା ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ବାସଭବନରେ ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତା ପଲାଇଙ୍କ ପାର୍ଥିବ ଶରୀରକୁ ଗ୍ରାମ ପରିକ୍ରମା କରାଇବା ପରେ ନିକଟସ୍ଥ ସ୍ମଶାନରେ ଦାହ କରାଯାଇଥିଲା। ତାଙ୍କର କନିଷ୍ଠ ପୁତ୍ର ମୁଖାଗ୍ନି ଦେଇଥିବା ବେଳେ ପୁତ୍ର ଶାନ୍ତି ସ୍ୱରୂପ ପଲାଇ, ଭାନୁ ପ୍ରକାଶ ପଲାଇ, ବହୁବନ ଲତା ପଲାଇ, ସୁକାନ୍ତି ପଲାଇ, ଝିଅ ମିନାକ୍ଷୀ ନାୟକ, ସ୍ୱାଗତିକା ଦାସ ଏବଂ ବନ୍ଧୁ ପରିଜନ, ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦିନମଜୁରିଆଙ୍କ ଘର ଭାଙ୍ଗିଲା କାଳବୈଶାଖୀ



ସହିଦ ନଗର, ୭।୫(ସମିସ): ଧାମନଗର ବ୍ଲକ ଅସୁରାଳି ପଞ୍ଚାୟତର ମହାବୀର ନଗର ଆଦିବାସୀ ସାହିରେ ଆଜି ସନ୍ଧ୍ୟାରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ଝଡ଼ ଓ ପବନର ପ୍ରକୋପରେ ଏକ ବିରାଟକାୟ ଗଛ ଅଜୟ ମୁଣ୍ଡାଙ୍କ ଘର ଉପରେ ପଡିଯାଇଥିବାରୁ ଘରଟି କ୍ଷତିଗ୍ରସ୍ତ ହୋଇଛି। ଅଜୟ ମୁଣ୍ଡା ଜଣେ ସାଧାରଣ ଦିନମଜୁରିଆ ହୋଇଥିବା ବେଳେ ଦିନକୁ ଖଟିଲେ ପରିବାର ଚଳେ। ହଠାତ୍ ଏପରି ଦୁର୍ଘଟଣା ଘଟିବା ପରେ ପରିବାର ଏବେ ଚିନ୍ତାରେ। ଘର ଉପରେ ଏବେ ମଧ୍ୟ ବଡ଼ ଗଛଟି ପଡିରହିଥିବାରୁ ପରିବାର ଲୋକଙ୍କ ମନରେ ଭୟର ପରିବେଶ ସୃଷ୍ଟି ହୋଇଛି। ଖବର ପାଇ ସଙ୍ଗେ ସଙ୍ଗେ ଅସୁରାଳି ସରପଞ୍ଚଙ୍କ ପ୍ରତିନିଧି ସୂରଜ ସାହୁ ଓ ଅସୁରାଳି ଆରଆଇ ଦେବୀପ୍ରସନ୍ନ ବରିକ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। କିପରି ଜଣେ ସାଧାରଣ ଲୋକ ସରକାରୀ ସହାୟତା ପାଇପାରିବେ, ଘର ଉପରେ ପଡିଥିବା ଗଛକୁ ଶୀଘ୍ର କଟାଯାଇପାରିବ ଏବଂ କ୍ଷତିଗ୍ରସ୍ତ ପରିବାରକୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ସେନେଇ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକମାନେ ପ୍ରଶାସନକୁ ଶୀଘ୍ର ସହାୟତା ଓ କ୍ଷତିପୂରଣ ଯୋଗାଇଦେବାକୁ ଦାବି କରିଛନ୍ତି।

## ସୋଧ ବାଦୀ ପାଲା ମଞ୍ଚରେ ସଂସ୍କୃତି ମନ୍ତ୍ରୀ



ଦୋବଲ, ୭।୫(ସମିସ): ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଗାଁର ମା' ସୁବର୍ଣ୍ଣମୁଖୀ ପାଲା ମଣ୍ଡପଠାରେ ଚାଲିଥିବା ରାଜ୍ୟସ୍ତରୀୟ ବାଦୀ ପାଲା ମହୋତ୍ସବର ୨ୟ ରଜନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଛନ୍ତି। ପାରମ୍ପରିକ ଲୋକକଳାର ସଂରକ୍ଷଣ ଓ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଉଭୟ ଶ୍ରୋତା ଓ କଳାକାରମାନଙ୍କୁ ସମ୍ବୋଧିତ କରିଥିଲେ। ଗତ ମଇ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ସୌନ୍ଦର୍ଯ୍ୟମୟ ପାଲା କାର୍ଯ୍ୟକ୍ରମର ଦ୍ୱିତୀୟ ରଜନୀରେ ଦୁଇ ପ୍ରତିଷ୍ଠିତ ଗାୟିକାଙ୍କ ମଧ୍ୟରେ କଳାତ୍ମକ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ବିଶିଷ୍ଟ ପାଲା ଗାୟିକା ସୁର ତରଙ୍ଗିଣୀ ସସ୍ମିତା ରାଉତ ଏବଂ ଜ୍ଞାନଶ୍ରୀ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ମଧ୍ୟରେ ଚାଲିଥିବା ବାଦୀ ପାଲା ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମନ୍ତ୍ରୀ କହିଥିଲେ ଯେ ପାଲା ହେଉଛି ଓଡ଼ିଆ ସଂସ୍କୃତି ଓ ଅସ୍ମିତାର ପ୍ରତୀକ। ସୋଧ ପରି ଏକ ଆଧ୍ୟାତ୍ମିକ ପରିବେଶରେ ପାଲାର ଆୟୋଜନ ସାମାଜିକ ଏକତାକୁ ସୁଦୃଢ଼ କରିଥାଏ। ସଂସ୍କୃତି ବିଭାଗ ପକ୍ଷରୁ କଳାକାରମାନଙ୍କର ହିତ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ସେ ସୂଚନା ଦେଇଥିଲେ। ମା' ସୁବର୍ଣ୍ଣମୁଖୀ ପାଲା କମିଟି ପକ୍ଷରୁ ଆୟୋଜିତ ଏହି ୫ ଦିନିଆ କାର୍ଯ୍ୟକ୍ରମ ଆସନ୍ତା ୯ ତାରିଖରେ ଉଦ୍‌ଯାପିତ ହେବ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ସରପଞ୍ଚ ଅଶୋକ କୁମାର ପଣ୍ଡା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସହସ୍ରାଧିକ ପାଲାପ୍ରେମୀ ଯୋଗ ଦେଇଥିଲେ।

# ମା' ଓ ମାଟି ସୃଷ୍ଟି, ଜୀବନ, ପାଳନ ଓ ସୃଜନ ଶକ୍ତିର ଆଧାର

## ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବର ୫ମ ସନ୍ଧ୍ୟା

ଭଦ୍ରକ,୭।୫(ସମିସ)




ମା' ଓ ମାଟିଠାରେ ରହିଛି ସୃଜନୀ ଶକ୍ତି। ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରପୁରୁଷ ଓ ମହୀୟସୀ ମହିଳାଙ୍କୁ ଜନ୍ମ ଦେଇଛି ଓ ପାଳନ ବି କରିଛି। ମା' ଏବଂ ମାଟି ଦେଇଛି ଜୀବନ, ବଂଚିବାର ଉପାଦାନ, ଭାଷା ଓ ପରିଚୟ। ପୁରୁଷ ସହ କାନ୍ଧ ଓ ପାଦ ମିଳାଇ ରାଷ୍ଟ୍ରର ସର୍ବବିଧ ବିକାଶରେ ନାରୀର ରହିଛି ସୁଦୃଢ଼ ଓ ସଫଳ ହାତ। ଏଣୁ ନାରୀଶକ୍ତି ବିନା ରାଷ୍ଟ୍ରର ନିର୍ମାଣ ଓ ବିକାଶ ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ଓ ଭୂମି କନ୍ୟା ମହିଳା ସଙ୍ଗଠନ ଆନୁକୂଲ୍ୟରେ ଭଦ୍ରକ ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ-୨୦୨୬ ୫ମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆବାହକ ଅଧ୍ୟାପକ ନୀହାର ରଞ୍ଜନ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସନ୍ଧ୍ୟାରେ ଡେପୁଟି କଲେକ୍ଟର କାର୍ତିକନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କବୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ ମୁଖ୍ୟବକ୍ତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତଥା କବୟିତ୍ରୀ ଗୀତାରାଣୀ ଆଇଚ, ଓଡ଼ିଶୀ ନୃତ୍ୟ ବିଶାରଦା ମିନତି ନନ୍ଦ, ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ସଭାନେତ୍ରୀ କଳ୍ପନା ଜେନା, ଭୂମିକନ୍ୟା ମହିଳା ସଙ୍ଗଠନ ସଭାନେତ୍ରୀ ସଂଯୁକ୍ତାବଳ ନାୟକ, ଉପସଭାନେତ୍ରୀ ମମତା ବଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭଦ୍ରକର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁଭଦ୍ରା ମହତାବ ସ୍ମୃତିରେ ୫ମ ସନ୍ଧ୍ୟା ମଞ୍ଚକୁ ଉତ୍ସର୍ଗ କରାଯାଇଥିଲା। 'ରାଷ୍ଟ୍ର ନିର୍ମାଣରେ ନାରୀର ଭୂମିକା' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମା' ଓ ମାଟି ମହୋତ୍ସବ କମିଟି ସଭାପତି ଇଂ ଅଭୟ ସୂତାର ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା, ସମ୍ପାଦକ ରବିନାରାୟଣ ଖିଲାର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବ ଉପସଭାନେତ୍ରୀ ମନୋରମା ରାୟ ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ସମ୍ପାଦିକା ଅଞ୍ଜନା ମିଶ୍ର, ସହସମ୍ପାଦିକା ଚୈତାଳି ଖିଲାର, ଶିକ୍ଷୟିତ୍ରୀ ସାବିତ୍ରୀ ସେଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ ପ୍ରମୁଖ ମଞ୍ଚ ଓ ମହୋତ୍ସବ ପରିଚାଳନା କରିଥିଲେ। ଭଦ୍ରକ ଆରଡିଏସ୍ ଡ୍ୟାନ୍ସ ଗ୍ରୁପ୍ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଛଟେଇ ପ୍ରତ୍ୟାହାର ଦାବି

## କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘର ଧାରଣା ଓ ବିକ୍ଷୋଭ



ଧାମନଗର, ୭।୫(ସମିସ): ଧାମନଗର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଏକ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଟାଟା ପାୱାର ଅଧୀନରେ କାର୍ଯ୍ୟରତ କେତେକ କର୍ମଚାରୀଙ୍କୁ ମନମୁଖୀ ଭାବେ ହଠାତ୍ ଛଟେଇ କରାଯାଇଥିବା ପ୍ରତିବାଦରେ ଏହି ଧାରଣା ଦିଆଯାଇଛି। ଗୁରୁବାର କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘର ଡାକରାରେ ଆୟୋଜିତ ଏହି ଧାରଣାରେ ବହୁ ସଂଖ୍ୟକ କର୍ମଚାରୀ ସାମିଲ ହୋଇ ଛଟେଇ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା ସହ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃନିଯୁକ୍ତ କରିବାକୁ ଦାବି କରିଥିଲେ। ଧାରଣାରେ ସାମିଲ କର୍ମଚାରୀମାନେ କହିଥିଲେ ଯେ ସେମାନେ ଦୀର୍ଘ ବର୍ଷ ବର୍ଷ ଧରି ବିଭିନ୍ନ ଫ୍ରାଞ୍ଚାଇଜ୍ ମାଧ୍ୟମରେ ଷ୍ଟ୍ରକଚର, ଆର୍‌ସି-ଡିସି ଓ କଷ୍ଟମର କେୟାର ଭଳି ଗୁରୁତ୍ୱପୂର୍ଣ୍ଣ ସେବାରେ ନିୟୋଜିତ ରହିଆସୁଥିଲେ। ଧାମନଗର ସେକ୍ସନ ଅଧୀନରେ ୧୦ ଜଣ କର୍ମଚାରୀଙ୍କୁ ଟର୍ମିନେସନ୍ ଲେଟର ଦିଆଯାଇଥିବା ବେଳେ ଆସନ୍ତା ମାସ ୧ରୁ ସେମାନଙ୍କ ଚାକିରି ସମାପ୍ତ ହେବ ବୋଲି ଜଣାଯାଇଛି। ସେହିପରି ଜିଲ୍ଲାର ସାଉଥ ଓ ନର୍ଥ ଡିଭିଜନରେ ୨୩ଟି ସେକ୍ସନରେ ୨୫୦୦ରୁ ଅଧିକ କର୍ମଚାରୀଙ୍କୁ ଛଟେଇ ପାଇଁ ଟର୍ମିନେସନ୍ ଲେଟର ଦିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ଅନେକ ପରିବାର ଜୀବିକା ସଙ୍କଟରେ ପଡ଼ିଥିବାବେଳେ କର୍ମଚାରୀମାନଙ୍କ ଭବିଷ୍ୟତ ମଧ୍ୟ ଅନିଶ୍ଚିତ ହୋଇପଡ଼ିଛି। ସରକାର ଓ ଟାଟା ପାୱାର ପକ୍ଷରୁ କୌଣସି ସମାଧାନ ନ କରାଗଲେ ଆଗାମୀ ଦିନରେ ଜିଲ୍ଲା ସମସ୍ତ ଛଟେଇ କର୍ମଚାରୀ ଏକତ୍ରିତ ହୋଇ ରାଜପଥ ଅବରୋଧ ସହ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ସତର୍କ କରାଯାଇଛି। ଧାରଣାରେ ସେକ୍ସନ ଅର୍ଗାନାଇଜର ଏକଲବ୍ୟ ଦେହୁରୀ, ପ୍ରତାପ ରଞ୍ଜନ ଦାସ, ନିରଞ୍ଜନ ମହାପାତ୍ର, ଲାଇନମ୍ୟାନ ତାପସ ବାରିକ, ପ୍ରଦୀପ ଦାସ, ରତିକାନ୍ତ ଜେନା, ଅଶୋକ ସାହୁ, ଇସ୍ରାଏଲ ଅହମ୍ମଦ, ପ୍ରଭାତ ମହାନ୍ତି, ଅନୁରୋଧ ସାହୁ, ସୌମ୍ୟରଞ୍ଜନ ନାୟକ, ଜଗନ୍ନାଥ ବେହେରା, ନିଶାକର ହାଜରା, ଅଭିନାଶ ରାଉତ, ସୂର୍ଯ୍ୟକାନ୍ତ ସାହୁ, ରାକେଶ ପରିଡ଼ା, ସତ୍ରୁଜିତ ମଲ୍ଲିକ, ବିକ୍ରମ ବେହେରା, ମନୋଜ ଜେନା ସମେତ ବହୁ କର୍ମଚାରୀ ସାମିଲ ହୋଇଥିଲେ। ଯଦି ଆମକଥା ନ ଶୁଣନ୍ତି ତାହାହେଲେ ଆଗାମୀଦିନରେ ରାଜରାସ୍ତାକୁ ଅବରୋଧ କରିବା ପାଇଁ କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆହାର କେନ୍ଦ୍ର ଦାବି



ଭଦ୍ରକ, ୭।୫(ସମିସ): ନୂତନ ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗେଲପୁରକୁ ସ୍ଥାନାନ୍ତରିତ ହୋଇଛି। ବଜାର ଓ ଜନବସତିଠାରୁ ଏହା ଅନେକ ଦୂରରେ ଥିବାରୁ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନେ ବିଭିନ୍ନ ସମସ୍ୟା ବିଶେଷତଃ ଖାଇବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ଆହର କେନ୍ଦ୍ର ସ୍ଥାପନ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏନେଇ ଏକ ଦାବିପତ୍ର ପୂର୍ବତନ ଭଦ୍ରକ ବିଧାୟକ ନରେନ୍ ପଲେଇ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିଛନ୍ତି। ଶ୍ରୀ ପଲେଇ କହିଛନ୍ତି, ସହର ବାହାରେ ଏହି ମୁଖ୍ୟ ଚିକିତ୍ସାଳୟ ପ୍ରତିଷ୍ଠା ହୋଇଥିବାରୁ ଏଠାରେ ଲୋକଙ୍କ ଖାଇବା ପାଇଁ କୌଣସି ହୋଟେଲ ସୁବିଧା ନାହିଁ। ଯେଉଁ ଲୋକମାନେ ରୋଗୀଙ୍କୁ ନେଇ ମେଡ଼ିକାଲ ଆସୁଛନ୍ତି। ସେମାନେ ଖାଇବାକୁ ନପାଇ ବହୁ କଷ୍ଟରେ ସହର ଭିତରକୁ ଆସୁଛନ୍ତି। ଖାଇବା ପାଇଁ ଆସିବାକୁ ହେଲେ ଲୋକଙ୍କୁ ୧୦୦ରୁ ୧୫୦ ଟଙ୍କାର ଅଟୋ ଭଡା ଦେବାକୁ ପଡୁଛି। ଗାଁ ଗହଳିରୁ ରୋଗୀ ନେଇ ଆସୁଥିବା ଗରିବ ଲୋକଙ୍କ ପାଇଁ ଏହା ବୋଝ ଉପରେ ନଳିତା ବିଡା ଭଳି ହେଉଛି। ଶ୍ରୀ ପଲେଇ ଏକ ମାସ ପୂର୍ବରୁ ଭଦ୍ରକ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହା ମଧ୍ୟରେ ଏକ ମାସ ବିତିଯାଇଛି, କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଣୁ ଆଜି ଦ୍ୱିତୀୟ ଥର ପାଇଁ ଶତାଧିକ ସମର୍ଥକଙ୍କ ଗହଣରେ ଆସି ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କ ଦାବିପତ୍ର ପ୍ରଦାନ କରିଛନ୍ତି। ଲୋକଙ୍କ ପାଇଁ ସେ ଉଠାଇଥିବା ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

■ 'ସକାଳ' ପ୍ରଭାବ

## ଟଳିଲା ମୁଣ୍ଡଳୀ ପ୍ରାଥମିକ ବିଦ୍ୟାଳୟର ବନ୍ଦ ଆଶଙ୍କା

ବନ୍ତ/ଆଗରପଡ଼ା, ୭।୫(ସମିସ): ଗତ ଡ଼ିସେମ୍ବର ୩୦ ତାରିଖରେ 'ସକାଳ'ରେ ଏକ ଖବର ପ୍ରକାଶ ପାଇବା ପରେ ବିଦ୍ୟାଳୟରେ ଆବଶ୍ୟକ ପିଲା ସଂଖ୍ୟା ପୂରଣ ହୋଇଥିବା ଜଣାପଡ଼ିଛି। ଫଳରେ ଉକ୍ତ ବିଦ୍ୟାଳୟଟି ବନ୍ଦ ହେବା ଆଶଙ୍କା ଟଳି ଯାଇଛି। ବନ୍ତ ବ୍ଲକ ତୋଫାବିବି କ୍ଲଷ୍ଟର ଅଧୀନସ୍ଥ ପୁରୁଷଣ୍ଡ ପଞ୍ଚାୟତ ମୁଣ୍ଡଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ୨୦୦୪ରେ ପ୍ରତିଷ୍ଠିତ ହୋଇଥିଲା। ୨୦ ଜଣରୁ କମ୍ ପିଲା ହେଲେ ସ୍କୁଲ ଉଠିଯିବା କଥା। ସେପରି ସ୍ଥଳେ ଏହାର ପିଲା ସଂଖ୍ୟା ମାତ୍ର ୯। ଏହି ୯ ଜଣଙ୍କୁ ପଠାଉଛନ୍ତି ଦୁଇ ଜଣ ଶିକ୍ଷକ। ଜିଲ୍ଲାପାଳ ଏହାର ତଦନ୍ତ କରି ବିହିତ ପଦକ୍ଷେପ ନେବା ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଏହାର ତଦନ୍ତ କରିଥିଲେ। ୨୦୨୬-୨୭ ଶିକ୍ଷା ବର୍ଷରେ ସରକାରଙ୍କ ନିୟମାନୁସାରେ ଆବଶ୍ୟକ ପିଲା ନାମ ନଲେଖାଇଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବାର ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଏହିପରି ନିର୍ଦ୍ଦେଶନାମା ଜାରି ହେବା ପରେ ଗ୍ରାମବାସୀ ଓ ଅଭିଭାବକ ସେମାନଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ସହିତ ଅନୁଷ୍ଠାନଟିକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ ଜାରି ରଖିଥିଲେ। ସମସ୍ତଙ୍କ ସହଯୋଗ ଓ ପ୍ରଚେଷ୍ଟା ଯୋଗୁଁ ବନ୍ଦ ହେବାକୁ ବସିଥିବା ଉକ୍ତ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ଗୁରବାର ସୁଦ୍ଧା ଆବଶ୍ୟକ ୨୦ ଜଣ ପିଲା ନାମ ଲେଖାଇଥିବା ଜଣାପଡ଼ିଛି। ଯଦ୍ୱାରା ବିଦ୍ୟାଳୟଟି ବନ୍ଦ ହେବାରୁ ବଞ୍ଚିତ ହୋଇଛି।

## ପକ୍ଷୀରାଣୀଙ୍କ ନିଆରା ପ୍ରୟାସ




ବାରିକପୁର, ୭।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ପକ୍ଷୀରାଣୀ ଭାବେ ପରିଚିତ ମାମାଲି ପଣ୍ଡାଙ୍କ ଆଉ ଏକ ନିଆରା ପ୍ରୟାସ ଦେଖିବାକୁ ମିଳିଛି। ପ୍ରଥମେ ସେ ଗ୍ରୀଷ୍ମ ବାଧିତ ତୃଷାର୍ତ୍ତ ପଶୁପକ୍ଷୀଙ୍କୁ ପାଣି ଯୋଗାଇ ଚର୍ଚ୍ଚାକୁ ଆସିଥିଲେ। ପରେ ପରେ ବହୁ ସାମାଜିକ କାର୍ଯ୍ୟରେ ସେ ନିଜକୁ ସାମିଲ କରିଛନ୍ତି। ଏବେ ସେ ଆଉ ପାଦେ ଆଗକୁ ଯାଇଛନ୍ତି। ସୂଚନା ମୁତାବକ, ୩ ନମ୍ବର ହାଇଲେବୁଲ କେନାଲ ରାସ୍ତାର ସରପଦା ନିକଟସ୍ଥ ସ୍ଥାନଟି ଏକ ଦୁର୍ଘଟଣା ପ୍ରବଣ ସ୍ଥାନ ଭାବେ ପରିଗଣିତ ହୋଇଛି। ରାସ୍ତା ଦୁଇ ପାର୍ଶ୍ୱରେ ଦୁଇଟି ବିରାଟକାୟ ବୃକ୍ଷ ଏଭଳି ରହିଛି ଯେ ଟିକିଏ ଅସାବଧାନତା ହେଲେ ଲୋକେ ଦୁର୍ଦ୍ଦଶାର ଶିକାର ହେଉଛନ୍ତି। ଅନେକ ସମୟରେ ଏଠାରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏପରିକି କେତେଜଣ ବାଇକ ଚାଳକଙ୍କ ଦୁର୍ଘଟଣା ଘଟି ମୃତ୍ୟୁ ମଧ୍ୟ ହୋଇଛି। ତେଣୁ ଜନହିତକର ଉଦ୍ଦେଶ୍ୟରେ ମାମାଲି ଏବେ ଏଠାରେ ଏକ ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ ସମ୍ପର୍କିତ ବୋର୍ଡ ଲଗାଇ ପଥଚାରୀଙ୍କୁ ସଚେତନ କରିଛନ୍ତି। ପକ୍ଷୀ ରାଣୀଙ୍କ ଏଭଳି କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରାଯାଇଛି।

## କ୍ରୀଡ଼ାବିତ୍ ହାଜି କାସିମ ଖାନଙ୍କ ଦେହାନ୍ତ



ଭଦ୍ରକ, ୭।୫(ସମିସ): ଭଦ୍ରକର ବିଶିଷ୍ଟ କ୍ରୀଡ଼ାବିତ ତଥା ସାମ୍ପ୍ରଦାୟିକ ସଦଭାବନାର ରକ୍ଷକ ହାଜି ଅବୁଲ କାଶିମ ଖାନଙ୍କ ୮୧ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଭଦ୍ରକ ସରକାର ନଗରସ୍ଥିତ ତାଙ୍କ ବାସଭବନରେ ସକାଳ ୯ଟାରେ ତାଙ୍କ ମୃତଶରୀର ପହଞ୍ଚିଲା ପରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରବଳ ଭିଡ଼ ଜମିଥିଲା। ତାଙ୍କ ମୃତ୍ୟୁରେ ଭଦ୍ରକ ଜଣେ ମୁରବି ଓ ଦକ୍ଷ କ୍ରୀଡ଼ାବିତ୍‌ଙ୍କୁ ହରାଇଛି। ଗତ ୯ ନଭେମ୍ବର ୧୯୪୫ ରେ ଭଦ୍ରକ କାଜି ମହଲ୍ଲା ଗାଁରେ ଜନ୍ମ ଗ୍ରହଣ କରିଥିଲେ। ଶାନ୍ତ, ସରଳ ସ୍ୱଭାବର ମଣିଷ ଥିଲେ ଓ କାଶିମ ଖାନ ଜଣେ ଦକ୍ଷ ଫୁଟବଲ ଖେଳାଳି ଭାବେ ପରିଚିତ ହୋଇ ଭଦ୍ରକ କଲେଜରେ ଲେବୋରୋଟିଆନ ଭାବେ ଚାକିରି କରିଥିଲେ। ଅବସର ପରେ ହନିଫ ସ୍ମୃତି କମିଟି, ମଧୁସୂଦନ ଜେନା ସ୍ମୃତି କମିଟି, ନାରାୟଣ ଚନ୍ଦ୍ର ହାଇସ୍କୁଲର ପୁରାତନ ଛାତ୍ର ସଂସଦ ସଭାପତି, ମହାତ୍ମାଗାନ୍ଧୀ ବିଚାର ମଞ୍ଚର ଉପଦେଷ୍ଟା ଭାବେ, ରୋଭର୍ସ କ୍ଲବର ସଭାପତି, ଜାମା ମସଜିଦ କମିଟିର ସଭାପତି ଓ ଭଦ୍ରକ ମୁସଲିମ ଜମାତର ପରାମର୍ଶଦାତା ଭାବେ କାର୍ଯ୍ୟକରୁଥିଲେ। ଏଥିସହ ସାଂସ୍କୃତିକ, ସାମାଜିକ ଓ ପୂଜ୍ୟପୂଜା ଅନୁଷ୍ଠାନ ସହ ସାମ୍ପ୍ରଦାୟିକ ସଦଭାବନାର ରକ୍ଷକ ଭାବେ କାର୍ଯ୍ୟ କରି ବହୁତ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ହିଦାତୁନ ନିଶା ଫରହଦ, ୩ ପୁଅ ଇନ୍ତେଖାବ ଆଲାମ, ଇମତିଆଜ ଆଲାମ, ଇଫ୍‌ତେଖାର ଆଲାମ ଓ ଗୋଟିଏ ଝିଅ ମରିୟମ ପାକିଜା ସମେତ ସମସ୍ତ ପରିବାର ବର୍ଗ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଦ୍ୟାଧର ସାହୁ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ, ନାରାୟଣ ଚନ୍ଦ୍ର ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଶୁକ୍ରୁତି କର, ରୋଭର୍ସ କ୍ଲବ ସମ୍ପାଦକ ହରୀ ନନ୍ଦୀ, ସମାଜସେବୀ ଏସ.ଏମ. ଫାରୁକ, ସୁଧାକର ରାଉତ, ମୁସଲିମ ଜମାତ ଉପସଭାପତି ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜୀ ଏନାମ ମହମ୍ମଦ, ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ, ହାଜି ଅନୱର ହୋସେନ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଲଲାଟେନ୍ଦୁ ମହାନ୍ତି, ଗାନ୍ଧୀବାଳାଶ୍ରମ ସମ୍ପାଦକ ଅଶୋକ କୁମାର ଦାସ, ଯୁବନେତା ଜାହୀଦ ହବିବ, ମୁସଲିମ ଜମାତ ମିଡ଼ିଆ ସେଲ ମୁଖ୍ୟ ସାମ୍ବାଦିକ ଶେଖ ଅନୱର, ଜମିଲ ଅଖତର ଖାନ, ଇଂ ରେଜାଏ ରସୁଲ, କବି ମୁସ୍ତାକ ଗୌହରଙ୍କ ସହ ମୁସଲିମ ଜମାତର ସମସ୍ତ ସକ୍ରିୟ ସଭ୍ୟ, ଜାମା ମସଜିଦ କମିଟିର ସମସ୍ତ ସଭ୍ୟ ଓ ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କ ବାସଭବନରେ ପହଂଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ କାଶିମ ଖାନଙ୍କ ମରଶରୀର ନେଇ ଭଦ୍ରକ ମଦିନା ମଇଦାନଠାରେ ଶୁକ୍ରବାର ଜନାଜା ନମାଜ (ଅନ୍ତିମ କ୍ରିୟା) ଦିନ ୨ଟାରେ କରି କବର ଦିଆଯିବ।

## ମୌଲାନା ଅବଦୁଲ ମାସଔଇରଙ୍କୁ ଶ୍ରଦ୍ଧାଞ୍ଜଳି



ଧାମନଗର, ୭।୫(ସମିସ): ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ତଥା ଧାମନଗର ମଦ୍ରାସା ଗୌସିଆ-ଗୌଫିଆର ଅଧ୍ୟକ୍ଷ ମୌଲାନା ଅବଦୁଲ ମାସଔଇରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଜଲସା ଓ ତକ୍ରିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉକ୍ତ ମଦ୍ରାସାର ପୁରାତନ ଛାତ୍ରଙ୍କ ପ୍ରଚେଷ୍ଟାରେ ଓ ସହଯୋଗରେ ଆୟୋଜିତ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଏବେର ଅଧ୍ୟକ୍ଷ ସୟଦ ଫାରୁକ ରଜା ହବିବିଙ୍କ ଅଧ୍ୟକ୍ଷତା କରିଥିଲେ। ମୌଲାନା ସେକ କଲିମୁଦ୍ଦିନ ସଭା ପରିଚାଳନା କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ପୁରାତନ ଛାତ୍ର କବି ଓ ସାଏର ଅବଦୁଲ ଲତିଫ ଯୋଗ ଦେଇ ନାତ ପରିବେଷଣ କରିଥିଲେ। ମୁଖ୍ୟବକ୍ତା ଭାବରେ ମୌଲାନା ସେକ ସଖାଓତ ହୋସେନ ବରକାତି ଯୋଗ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରଙ୍କ ପକ୍ଷରୁ ମଦ୍ରାସାରେ ଶିକ୍ଷା ଦାନ କରି ଅବସରପ୍ରାପ୍ତ ଗ୍ରହଣ କରିଥିବା ଶିକ୍ଷକ ମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସେକ ମନୋଓର ଅହେମ୍ମଦ, ସେକ ଅବଦୁଲ ହାକିମ, ସେକ୍ ଆଲାଉଦ୍ଦିନ୍, ସେକ ମୋହିଉଦ୍ଦିନ, ଏମଡି ଅହେସାନୁଲ ହୋଦା, ଏମଡି ଇବ୍ରାହିମ, ମଦ୍ରସା ପରିଚାଳନା କମିଟିର ସଭ୍ୟ ତଥା ସାମ୍ବାଦିକ ଗୋଲାମ ଜିଲାନି ହବିବି, ସେକ୍ ଜାଫର ଅଲ୍ଲୀ, ବରିଷ୍ଠ ସଭ୍ୟ ମହମ୍ମଦ ଫଜଲେ ବାରି, ସେକ୍ ତାର ବାବୁ ଏମଡି ତାଜୁଦ୍ଦିନ, ସେକ ମକଦୁମ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବହୁ ପୁରାତନ ଛାତ୍ର ଯୋଗ ଦେଇଥିବା ବେଳେ ମୌଲାନା ସେକ ଅବଦୁଲ ହାକିମ, ସେକ ମୋଜାଫର ଅହେମ୍ମଦ, ସେକ ଶମୀମ, ସେକ ନବା ଅଲ୍ଲୀ, ସେକ ରିଜାଉଦ୍ଦିନ, ଏମଡି ଆଜମତ, ଅବଦୁଲ୍ଲା ପ୍ରମୁଖ ସହଯୋଗ କରିଥିଲେ। ମୌଲାନା ସେକ ଇସାକ ଧନ୍ୟବାଦ ଅର୍ପଣ କରିଥିଲେ।